# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅକ୍ଟୋବର ୩/୨୦୧୮ (୧୬ ପୃଷ୍ଠା+ ସାହିତ୍ୟାୟନ) Sambalpur, Wednesday, October 3/ 2018 ★★

୧୪ଶ ଭାଗ ୨୮୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ଆଲର୍ଜି (Allergy) ନିରୂପଣ ପରୀକ୍ଷା ବଲାଙ୍ଗୀର, ସୋନପୁର, ସୋହେଲା, ଝାରସୁଗୁଡ଼ା, ମୋଦିପଡ଼ା, ରାଉରକେଲା, ସମ୍ବଲପୁର, ବୁର୍ଲା, ଦେବଗଡ଼, ସୁନ୍ଦରଗଡ଼ଠାରେ 5 ଓ 6 ଅକ୍ଟୋବର ଦିନ ଅଧାରୁ ବି କମ୍ ଦରରେ କରାନ୍ତୁ

NABL ACCREDITED

MC-2666
Jerath Path Labs & Allergy Testing Centre, Jalandhar

## ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ

## ଶୀଘ୍ର ଚିହ୍ନଟ ଦ୍ୱାରା ଚିକିତ୍ସା ସମ୍ଭବ

ଜେରଥ ପାଥ୍ ଲାବ୍ ଆଣ୍ଡ ଆଲର୍ଜି ଟେଷ୍ଟିଂ ସେଣ୍ଟରର କଲେକ୍ସନ୍ ସେଣ୍ଟର ବଲାଙ୍ଗୀର, ସୋନପୁର, ସୋହେଲା, ଝାରସୁଗୁଡ଼ା, ମୋଦିପଡ଼ା, ସମ୍ବଲପୁର, ବୁର୍ଲା, ଦେବଗଡ଼, ସୁନ୍ଦରଗଡ଼, ରାଉରକେଲାରେ 5 ଓ 6 ଅକ୍ଟୋବର ଦିନ ସକାଳ ୨ରୁ 5 ଘଟିକା ପର୍ଯ୍ୟନ୍ତ **(complete Allergy Test - Food, Skin, Inhalant)** ଆଲର୍ଜି ପରୀକ୍ଷା ଅଧାରୁ କମ୍ ରେଟ୍‌ରେ କରାଯିବ। ଆଲର୍ଜି ଏକ ଏପରି ରୋଗ, ଯାହାକୁ ଶୀଘ୍ର ଚିହ୍ନଟ କରାଗଲେ ତାହାର ଚିକିତ୍ସା ସମ୍ଭବ ହୋଇଥାଏ।

ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୪ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି । ସେ ସୂଚନା ଦେଇଛନ୍ତି ଯେ ଏହି ଟେଷ୍ଟ୍ ଏକ ବିଶେଷ ଧରଣର ମେଶିନ୍ ଦ୍ୱାରା ହୋଇଥାଏ ଯାହାକି ତାଙ୍କ ଲ୍ୟାବ୍‌ରେ ସ୍ଥାପିତ ଅଟେ ।

**ଡା.ହରପ୍ରୀତ ଥିଣ୍ଡ (ଏମ୍.ଡି.)** – ଆଲର୍ଜି ରୋଗ ହିଁ ଏମିତି, ଯାହା ରୋଗ ଭଳି ଲାଗେନାହିଁ, କିନ୍ତୁ ଥରେ ଲାଗିଗଲେ ହଇରାଣ କରିଦେଇଥାଏ । ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରର ନିଜସ୍ୱ କ୍ଷମତା ରହିଥାଏ ଏବଂ ସେହି ଅନୁଯାୟୀ ସେ ବାହ୍ୟ ବସ୍ତୁଗୁଡ଼ିକ ପ୍ରତି ତାଳମେଳ ରକ୍ଷା କରିପାରିଥାଏ, କିନ୍ତୁ ଏପରି କେତେକ ତତ୍ତ୍ୱ ଅଛି ଯାହା ସହିତ ଶରୀର ତାଳମେଳ ରକ୍ଷା କରିପାରି ନ ଥାଏ । ଏପରି ତତ୍ତ୍ୱଗୁଡ଼ିକୁ ଆଲର୍ଜେଟ୍ କୁହନ୍ତି, ଯାହା ଆଲର୍ଜିର କାରଣରେ ପରିଣତ ହୋଇଥାଏ । ଯଦି ଆପଣଙ୍କୁ ସୁଗନ୍ଧ ପସନ୍ଦ ନୁହେଁ ତେବେ ଆପଣଙ୍କୁ ଫୁଲରୁ ମଧ୍ୟ ଆଲର୍ଜି ହୋଇପାରେ । ଧୂଳିମାଟି ପସନ୍ଦ ନାହିଁ ତ ଧୂଳିମାଟି ବି ଆପଣଙ୍କ ଆଲର୍ଜିର କାରଣ ହୋଇଯାଇପାରେ। ଏପରିକି ଆପଣଙ୍କ ପୋଷାଜନ୍ତୁ ମଧ୍ୟ ଆପଣଙ୍କୁ ଆଲର୍ଜିର କଷ୍ଟ ଦେଇପାରେ । କିନ୍ତୁ ଠିକ୍ ସମୟରେ ଏହା ଚିହ୍ନଟ ହୋଇଗଲେ ଆପଣ ଏଥିରୁ ଉପଶମ ପାଇପାରିବେ।



ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୪ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି ।

**ଡା.ଅନୁପ କୁମାର ମହାଲିକ (ଏମ୍.ଡି.)** – ଆଲର୍ଜି ଚିହ୍ନଟ ଠିକ୍ ସମୟରେ ହୋଇଗଲେ ଏହାର ଚିକିତ୍ସା ସମ୍ଭବ। ସେ କୁହନ୍ତି ଯେ ଏବେ ତ ଏହାକୁ ଚିହ୍ନଟ କରିବା ବହୁତ ସରଳ ହୋଇଯାଇଛି । କେବଳ ଏକ ବ୍ଲଡ୍ ଟେଷ୍ଟରୁ ଜଣାପଡ଼ିଯାଏ ଯେ ଆଲର୍ଜିରେ ପୀଡ଼ିତ ବ୍ୟକ୍ତିଙ୍କୁ କେଉଁ କାରଣରୁ ଆଲର୍ଜି ରହିଛି । ଏହା ଜଣାପଡ଼ିବା ପରେ ଚିକିତ୍ସା ବହୁତ ସହଜ ହୋଇଯାଇଥାଏ । ଏହି ଚିକିତ୍ସା ଅଧୀନରେ ପୀଡ଼ିତ ବ୍ୟକ୍ତିଙ୍କୁ କିଛି ସମୟ ପାଇଁ ଔଷଧ ଖାଇବାକୁ ପଡ଼ିଥାଏ, ଯାହାଦ୍ୱାରା ତାଙ୍କ ଶରୀରର ରୋଗ ପ୍ରତିରୋଧକ କ୍ଷମତା ସୁଦୃଢ଼ ହୁଏ ଏବଂ ରୋଗୀଙ୍କ ଆଲର୍ଜି ସମସ୍ୟା ମଧ୍ୟ ଠିକ୍ ହୋଇଯାଏ ।

**ଡା.ରାମଚନ୍ଦ୍ର ଅଗ୍ରୱାଲ (ଏମ୍.ଡି.)** – ଆଲର୍ଜି ରୋଗୀ ଆଦୌ ଖାମଖିଆଲ ମନୋଭାବ ପ୍ରଦର୍ଶନ କରିବା ଉଚିତ ନୁହେଁ । ଏହା ଅତିରିକ୍ତ ହେୟାର୍ ଡାଏରୁ ମଧ୍ୟ ଆଲର୍ଜି ହୋଇଥାଏ । ଋତୁକାଳୀନ ଆଲର୍ଜି ମଧ୍ୟ ଅନେକ ବ୍ୟକ୍ତିଙ୍କୁ କୌଣସି ନିର୍ଦ୍ଦିଷ୍ଟ ଋତୁରେ ହଇରାଣ କରିପାରେ । ସେ କହିଛନ୍ତି କି ଯଦି ଆପଣଙ୍କୁ କୌଣସି ଆଲର୍ଜି ରହିଛି ତେବେ ତାହାର କାରଣ ଜାଣିବାର ଚେଷ୍ଟା ନିଶ୍ଚୟ କରନ୍ତୁ ତଥା ଯଥାଶୀଘ୍ର ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ ଯାହାଦ୍ୱାରା ଚିକିତ୍ସା କରାଯାଇ ଏଥିରୁ ମୁକ୍ତିଲାଭ କରାଯାଇପାରିବ।

### ଆଲର୍ଜି କ'ଣ ଆସନ୍ତୁ ଜାଣିବା

ପ୍ରତ୍ୟେକ ମନୁଷ୍ୟଙ୍କ ମଧ୍ୟରେ ସେ ମହିଳା ହୁଅନ୍ତୁ କି ପୁରୁଷ, ପ୍ରକୃତିର ବାହ୍ୟ ତତ୍ତ୍ୱଗୁଡ଼ିକୁ ସହନ କରିବାର ବିଶେଷ କ୍ଷମତା ରହିଥାଏ । ତଥାପି ଅନେକ ଥର ଯେବେ ମନୁଷ୍ୟ ଶରୀର ଉପରେ ଦୁଷ୍ପ୍ରଭାବ ପକାଉଥିବା ଏପରି ତତ୍ତ୍ୱଗୁଡ଼ିକ ଶରୀର ମଧ୍ୟକୁ ପହଞ୍ଚିବା ପାଇଁ ଚେଷ୍ଟା କରନ୍ତି, ସେତେବେଳେ ଶରୀରର ଆଭ୍ୟନ୍ତରୀଣ ତତ୍ତ୍ୱ ଚଳଚଞ୍ଚଳ ହୋଇ ସେହି ପ୍ରତିକୂଳ ତତ୍ତ୍ୱଗୁଡ଼ିକର ଶରୀର ଉପରେ ପ୍ରଭାବ ପକାଇବାର ଚେଷ୍ଟାକୁ ପ୍ରତିରୋଧ କରିଥାନ୍ତି । ଏହି ପ୍ରକ୍ରିୟା ଆଲର୍ଜି ଉତ୍ପତ୍ତିର କାରଣ ହୋଇଥାଏ।

### ଆଲର୍ଜିର ଲକ୍ଷଣ

*ଶରୀରରେ କୁଣ୍ଡିଆ *ଚର୍ମ ନାଲି ପଡ଼ିବା *ନାଲି ଦାନା ଦେଖାଦେବା
*ଶରୀରର ଦାନା ଥିବା ଜାଗା ଫୁଲିଯିବା।
*ଆଲର୍ଜି ହେବା କାରଣରୁ 'ଏକ୍‌ଜିମା' ନାମକ ରୋଗ ମଧ୍ୟ ହୋଇଯାଇଥାଏ, ଯାହା କାରଣରୁ ଜୋର୍‌ରେ କୁଣ୍ଡେଇ ହେବା ତଥା ସେହି ଜାଗାରୁ ପାଣି ବାହାରିବା ସମସ୍ୟା ଦେଖାଦେଇଥାଏ।
*ଆଲର୍ଜି କାରଣରୁ କେତେକ ବ୍ୟକ୍ତିଙ୍କୁ ଆଜ୍‌ମା ନାମକ ରୋଗ ହୋଇଯାଏ । ଏହି ସ୍ଥିତିରେ ରୋଗୀଙ୍କୁ ଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଇଥାଏ, ଫୁସ୍‌ଫୁସ୍ ଫୁଲିଯାଏ ଓ ଜ୍ୱଳନ ହୋଇଥାଏ । *ଛିଙ୍କ ଆସିବା, ନାକ ବନ୍ଦ ହେବା, ଥଣ୍ଡା ଲାଗି ରହିବା ।
*ଗଳାରେ ପ୍ରବଳ ଜ୍ୱଳନ ଏବଂ ପୀଡ଼ା ହେବା *ପେଟ ଯନ୍ତ୍ରଣା ହେବା
*ଚେହେରା, ଓଠ ଓ ଆଖି ଫୁଲିବା। *ବାନ୍ତି ଲାଗିବା ଏବଂ ଡାଇରିଆ
*ଖାଇବା ସମୟରେ କଷ୍ଟ ହେବା



### ଆଲର୍ଜି ହେବାର କାରଣଗୁଡ଼ିକ କ'ଣ

ଆଲର୍ଜି ଆମର ଦୈନିକ ଜୀବନରେ ଭ୍ରମଣ କରିବା ସମୟରେ ଆମର ପାରିପାର୍ଶ୍ୱିକ ପରିବେଶ/ପର୍ଯ୍ୟାବରଣର ଅନେକ କାରଣରୁ ହୋଇପାରେ ଯେପରିକି ଉଦ୍ଭିଦ, ବୃକ୍ଷ, ଧୂଳି, ମାଟି, ପୋଷାଜନ୍ତୁ, ଔଷଧ ଏବଂ ଖାଇବା ପିଇବା ସାମଗ୍ରୀ ଇତ୍ୟାଦି।

1. ଗୋଟିଏ ପରିବାରର ବିଭିନ୍ନ ସଦସ୍ୟ, ମହିଳା, ପୁରୁଷ, ଶିଶୁ କିମ୍ବା ବୃଦ୍ଧଙ୍କୁ ବିଭିନ୍ନ ବସ୍ତୁ କାରଣରୁ ଆଲର୍ଜି ହୋଇପାରେ ।
2. କେତେକ ବ୍ୟକ୍ତି ଫୁଲ ସଂସ୍ପର୍ଶରେ ଆସିଲେ ଆଲର୍ଜିରେ ପୀଡ଼ିତ ହୋଇପାରନ୍ତି।
3. କ୍ଷୀର, ଦହି, ମାଂସ, ମାଛ ସେବନ କଲେ ମଧ୍ୟ ଆଲର୍ଜି ହୋଇପାରେ।
4. ପଲିଥିନ ଏବଂ ନାଇଲନ୍ ସହିତ ମଧ୍ୟ ଆଲର୍ଜି ହୋଇପାରେ ।
5. ସୌନ୍ଦର୍ଯ୍ୟ ପ୍ରସାଧନ ପ୍ରୟୋଗ ଦ୍ୱାରା ମଧ୍ୟ ଆଲର୍ଜି ହୋଇପାରେ।

ଅନେକ ପ୍ରକାରର ଆଲର୍ଜିର ଚିକିତ୍ସା ଔଷଧରୁ ହୋଇପାରେ । ରକ୍ତ ପରୀକ୍ଷା କରିବା ଦ୍ୱାରା ଆଲର୍ଜି କେଉଁ ଧରଣର ଅଟେ, ଏହା ଜଣାପଡ଼ିଯାଏ ଏବଂ ସେହି ଅନୁରୂପ ଔଷଧ ଦିଆଯାଇ ଆଲର୍ଜିର ଚିକିତ୍ସା ସମ୍ଭବ ହୁଏ।

### ରକ୍ତ ପରୀକ୍ଷାରୁ ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ

ଆଲର୍ଜି ଏପରି ଏକ ରୋଗ ଯାହାର କାରଣ ସାଧାରଣତଃ ବୁଝାପଡ଼େ ନାହିଁ କିନ୍ତୁ ଏପରି କେତେକ ଲକ୍ଷଣ ରହିଥାଏ ଯାହା ଏହା ସୂଚାଇଦିଏ କି ଆପଣ ଆଲର୍ଜିଗ୍ରସ୍ତ ଅଟନ୍ତି। କେବଳ ଗୋଟିଏ ରକ୍ତପରୀକ୍ଷା ଆପଣଙ୍କ ସମସ୍ୟାର ସମାଧାନ କରିପାରିବ।

### ଆସନ୍ତୁ ଜାଣିବା କିପରି ପାଇବେ ଆଲର୍ଜିରୁ ଉପଶମ

ଉଦାହରଣସ୍ୱରୂପ, କୌଣସି କର୍ମଜୀବୀ ବ୍ୟକ୍ତି ନିଜ ଘରେ ସମ୍ପୂର୍ଣ୍ଣ ଠିକ୍ ରହିଥାନ୍ତି କିନ୍ତୁ ପ୍ରତିଦିନ ସେ ଯେବେ ନିଜ କାର୍ଯ୍ୟାଳୟରେ ପହଞ୍ଚନ୍ତି ତା'ପରେ ହଠାତ୍ ତାଙ୍କୁ ଛିଙ୍କ ଆରମ୍ଭ ହୋଇଯାଇଥାଏ, ଏପରି ସ୍ଥିତିରେ ସମ୍ପୃକ୍ତ ବ୍ୟକ୍ତି ତ ହଇରାଣ ହୁଅନ୍ତି ହିଁ, କିନ୍ତୁ ଏହି କାରଣରୁ ତାଙ୍କ ସହକର୍ମୀମାନେ ପ୍ରଭାବିତ ହୋଇଥାନ୍ତି । ଏପରି ସ୍ଥିତି ସେହି ବ୍ୟକ୍ତିଙ୍କଠାରେ ହୀନମନ୍ୟତା ସୃଷ୍ଟି କରିଥାଏ । ନିଜର ଏହି ରୋଗକୁ ନେଇ ସେ ଅସହାୟ ଅନୁଭବ କରନ୍ତି, ତା' ସହିତ ସହକର୍ମୀମାନଙ୍କୁ ତାଙ୍କୁ ତାଚ୍ଛଲ୍ୟ କରିବାର ବାହାନା ମଧ୍ୟ ମିଳିଯାଇଥାଏ । ଏପରି ବ୍ୟକ୍ତିଙ୍କୁ ଉକ୍ତ ସ୍ଥିତିରୁ ରକ୍ଷା ପାଇବା ପାଇଁ ଯଥାଶୀଘ୍ର ନିଜର ରକ୍ତ ଯାଞ୍ଚ କରାଇନେବା ଉଚିତ ଯାହାଦ୍ୱାରା ତାଙ୍କ ଆଲର୍ଜିର କାରଣ ଜଣାପଡ଼ିଯିବ ଏବଂ ତାଙ୍କର ଚିକିତ୍ସା ସମ୍ଭବ ହୋଇପାରିବ।

ସେହିଭଳି ଏପରି କୌଣସି ବ୍ୟକ୍ତି ଯିଏ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି ଏବଂ ଅଳ୍ପଟିକେ ଚଲାବୁଲା କଲେ ଅଣନିଃଶ୍ୱାସୀ ହୋଇପଡ଼ନ୍ତି ତେବେ ତାଙ୍କୁ ଅନ୍ୟାନ୍ୟ ପରୀକ୍ଷା ସହିତ ନିଜର ଆଲର୍ଜି ମଧ୍ୟ ଟେଷ୍ଟ କରାଇନେବା ଆବଶ୍ୟକ, ଯାହାକି ନିପୁଣ ଡାକ୍ତରଙ୍କ ଦ୍ୱାରା କେବଳ ଗୋଟିଏ ରକ୍ତପରୀକ୍ଷା ପରେ ହିଁ ସହଜରେ ଜଣାପଡ଼ିଯାଇଥାଏ । କାରଣ ଜଣାପଡ଼ିଗଲେ କେତେକ ଔଷଧ ସହାୟତାରେ ସ୍ୱାସ୍ଥ୍ୟରେ ସୁଧାର ଅଣାଯାଇପାରିବ।



ସ୍ୱାସ୍ଥ୍ୟ ଯତ୍ନରେ ଅଗ୍ରଣୀ ପୁରସ୍କାର ଦ୍ୱାରା ଡା. ପ୍ରଶାନ୍ତ ଜେରଥଙ୍କୁ ସମ୍ମାନିତ କରିବା ଅବସରରେ
**ଶ୍ରୀ ଜେ.ପି. ନଡ୍ଡା**
(କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ)

**EUROBlotOne**



ବିଶ୍ୱପ୍ରସିଦ୍ଧ ଆଧୁନିକ ମେଶିନ୍ (EUROBlotOne) ଦ୍ୱାରା ପରୀକ୍ଷା କରାଯାଇଥାଏ

Jerath Path Labs & Allergy Testing Centre

**HEAD OFFICE : MUMBAI - Akruti Trade Center, A Wing, 5th Floor, MIDC, Andheri East.**

**CORPORATE OFFICE : JALANDHAR - 14, Link Road, Adj. State Bank of India, Jalandhar**

### ପରୀକ୍ଷା କରାଇବା ପାଇଁ ଯୋଗାଯୋଗ କରନ୍ତୁ

| | | |
|---|---|---|
| SAMBALPUR | 98610-06911 | Patho Lab, Bada Bazar Chowk Opp. Durga Mandir |
| SAMBALPUR | 70084-87942 | DAPS Diagnostics, Pani Tanki Chowk Near H.Q Hospital Road |
| JHARSUGUDA | 70084-87942 | DAPS Diagnostic, M.B Road Opp. Andhara Bank |
| JHARSUGUDA | 70770-15150<br>91784-42192 | Global Diagnostics, Opp. King Palace Adj. Shiva Multiplex |
| BALANGIR | 98539-17241 | Sanatan Patho Clinic, Hospital Chowk |
| BALANGIR | 78097-15417 | Hanuman Pathology, Radha Rani Pada, Near, Govt Hospital |
| ROURKELA | 77900-50550<br>96584-85510 | Sai Poly Clinic, Koelnagar, C/318, Rourkela |
| SONEPUR | 94386-06671 | Padhan Patho Lab & Prem Med. Opp. HDFC Bank |
| SOHELA | 98611-97313 | J.k Pathology, Po. Sohela, Bargah |
| BURLA | 99379-64978 | DTS Diagnostics, Dhipapara, Dindayal Nagar, PO. Burla |
| DEOGARH | 94373-45922 | New Life Dignostic Centre, Hospital Road Deogarh |
| SUNDARGARH | 91784-42192<br>70770-15150 | Global Diagnostics Tushar Market Complex |
| ROURKELA | 98612-26613<br>79782-60207 | Tarini Poly Clinic S. T. I Chowk Opp. Rourkela Govt Hospital (R.G.H) J.B. Market |

**HELPLINE NO. : 62831-99635, 62831-94640, 94656-08041**



ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ

ପ୍ରେମ ପରବର୍ତ୍ତୀ ଶାରୀରିକ ସମ୍ପର୍କ

## ଲିଭ୍-ଇନ୍-ରିଲେସନଶିପ୍ ମାମଲା ଅନ୍ତର୍ଗତ ହେବ ବିଚାର

**ଜବଲପୁର,୨।୧୦:** ପ୍ରେମ ପରବର୍ତ୍ତୀ ଶାରୀରିକ ସମ୍ପର୍କ ମାମଲାର ବିଚାର ଲିଭ୍-ଇନ୍ ରିଲେସନ୍ଶିପ୍ ଅର୍ନ୍ତଗତ କରାଯିବ। ଏନେଇ ମଧ୍ୟପ୍ରଦେଶ ହାଇକୋର୍ଟ ଏକ ରାୟ ଦେଇଛନ୍ତି। ପରସ୍ପର ମଧ୍ୟରେ ସହମତିରେ ବୟସ୍କଙ୍କ କ୍ଷେତ୍ରରେ ହେଉଥିବା ପ୍ରେମ ପରବର୍ତ୍ତୀ ସମ୍ପର୍କ ମାମଲାରେ ଅଭିଯୁକ୍ତଙ୍କ ଜାମିନ୍ ବିଚାର ଲିଭ୍-ଇନ୍-ରିଲେସନଶିପ୍ ମାମଲା ଅନୁସାରେ ହେବ ବୋଲି ବିଚାରପତି ଜେ.ପି.ଗୁପ୍ତାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ରାୟ ଦେଇଛନ୍ତି। ସେସନ୍ କୋର୍ଟ ମାଲି ଜୟଶୱାଲ ନାମକ ଜଣେ ଅଭିଯୁକ୍ତଙ୍କୁ ପ୍ରେମରେ ବିବାହ ପ୍ରତିଶ୍ରୁତି ଦେଇ ଜନୈକା ଯୁବତୀଙ୍କୁ ବଳାତ୍କାର କରିବା ମାମଲାର ଶୁଣାଣି କରି ୧୦ ବର୍ଷ କାରାଦଣ୍ଡାଦେଶ କରିଥିଲେ। ତେବେ ଏହା ଧୋକା ନୁହେଁ ବୋଲି ହାଇକୋର୍ଟ ସୂଚିତ କରିଛନ୍ତି। ଏହି ମାମଲାରେ ଅଭିଯୁକ୍ତ ପୀଡ଼ିତାଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ପୂର୍ଣ୍ଣ ସହମତିରେ ହୋଇଛି। ତେଣୁ ଏହାକୁ ଠକାମି କୁହାଯିବ ନାହିଁ ବୋଲି ଅଦାଲତ ସୂଚିତ କରିଛନ୍ତି। ଏହି ମାମଲାରେ ହାଇକୋର୍ଟ ମାଲିଙ୍କ ଜାମିନ ଆବେଦନ ମଞ୍ଜୁର କରିଛନ୍ତି।

■ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ

# ସ୍ୱାଭାବିକ ହେଉଛି ବ୍ୟବସ୍ଥା

**ପୁରୀ ଅଫିସ, ୨।୧୦**

- ■ ଶୋଷଣ ମୁକ୍ତ ହେବେ ଭକ୍ତ, ପ୍ରଭାବିତ ହେବେ ଧୂଳିଆ
- ■ ସ୍ଥାନୀୟ ବାସିନ୍ଦା ଓ ବିଶିଷ୍ଟ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି
- ■ ପୁରୀବାସୀଙ୍କ ପାଇଁ ପରିଚୟପତ୍ର ବାଧତାମୂଳକ
- ■ ଧାଡ଼ିଦର୍ଶନକୁ ବିରୋଧ କରି ଆଜି ପୁରୀ ବନ୍ଦ
- ■ ବ୍ୟବସ୍ଥାକୁ ନେଇ ରାଜସ୍ୱ ମନ୍ତ୍ରୀଙ୍କ ଅସନ୍ତୋଷ

ଶ୍ରୀମନ୍ଦିରରେ ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିବା ଧାଡ଼ିଦର୍ଶନ ବ୍ୟବସ୍ଥାକୁ ଆହୁରି ଶୃଙ୍ଖଳିତ ଏବଂ ସୁବ୍ୟବସ୍ଥିତ କରିବା ଲାଗି ପଦକ୍ଷେପ ନେଇଛି ଶ୍ରୀମନ୍ଦିର ପ୍ରଶାସନ। ସ୍ଥାନୀୟ ବାସିନ୍ଦା ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ପାଇଁ ମଙ୍ଗଳବାରଠାରୁ ସ୍ୱତନ୍ତ୍ର ଧାଡ଼ି ଆରମ୍ଭ କରାଯାଇଛି। ଏହି ସ୍ୱତନ୍ତ୍ର ଧାଡ଼ିରେ ଯିବାକୁ ହେଲେ ପୁରୀବାସୀଙ୍କୁ ପରିଚୟପତ୍ର ଦେଖାଇବାକୁ କୁହାଯାଇଛି। ଅନ୍ୟପକ୍ଷରେ ଧାଡ଼ି ଦର୍ଶନ ସମେତ ୮ ଦଫା ଦାବି ନେଇ ବୁଧବାର ପୁରୀ ବନ୍ଦ ଡାକରା ଦେଇଛି ଶ୍ରୀଜଗନ୍ନାଥ ସେନା। ଭକ୍ତଙ୍କ ସ୍ୱଚ୍ଛନ୍ଦ ଦର୍ଶନ ଲାଗି ଆରମ୍ଭ ହୋଇଥିବା ଧାଡ଼ିଦର୍ଶନ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି। ସ୍ଥାନୀୟ ବାସିନ୍ଦାଙ୍କୁ ଶ୍ରୀମନ୍ଦିରର ସବୁ ଦ୍ୱାରରେ ପ୍ରବେଶ ଓ ପ୍ରସ୍ଥାନର ଅନୁମତି ଦେବାକୁ ମନ୍ତ୍ରୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ବ୍ୟବସ୍ଥାର ଦ୍ୱିତୀୟ ଦିନରେ ଭକ୍ତ ସୁବିଧାରେ ଦର୍ଶନ କରିବା ସହ ସନ୍ତୋଷ ପ୍ରକାଶ କରିଛନ୍ତି। କିନ୍ତୁ ଏହି ବ୍ୟବସ୍ଥା ଦ୍ୱାରା ଭକ୍ତ ଶୋଷଣରୁ ରକ୍ଷା ପାଇବେ ଏବଂ ଧୂଳିଆ ପ୍ରଭାବିତ ହେବେ ବୋଲି କୁହାଯାଉଛି।

ଶ୍ରୀମନ୍ଦିରରେ ସୋମବାର ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଛି। ପ୍ରଥମ ଦିନରେ ହାତଗଣତି କେତେଜଣ ଭକ୍ତ ବ୍ୟାରିକେଡ ଭାଙ୍ଗି ବିଭ୍ରାଟ ସୃଷ୍ଟି କରିଥିଲେ। ପରେ ଏହା ସ୍ୱାଭାବିକ ହୋଇଥିଲା। ସୋମବାର ଦିନତମାମ୍ ସୁରୁଖୁରରେ ଦର୍ଶନ ହୋଇଥିବାରୁ ମଙ୍ଗଳବାର ଏହି ବ୍ୟବସ୍ଥା ଜାରି ରହିଛି। ଏହି ବ୍ୟବସ୍ଥା ଆରମ୍ଭ ପରେ ସ୍ଥାନୀୟ ଲୋକଙ୍କର କିଛି ସମସ୍ୟା ହେଉଛି ବୋଲି ଶ୍ରୀମନ୍ଦିର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେଣୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣିବା ପରେ ପ୍ରଶାସନ ଏଥିରେ କିଛିଟା ସୁଧାର ଆଣିବା ଲାଗି ପଦକ୍ଷେପ ନେଇଛି। ମଙ୍ଗଳବାର ପୁରୀ ସହରବାସୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଧାଡି କରାଯାଇଛି। ଏହି ଧାଡିରେ ଯିବାକୁ ହେଲେ ସେମାନଙ୍କୁ ପୁରୀବାସୀ ବୋଲି ପରିଚୟପତ୍ର ଦେବାକୁ ପଡିବ। କିନ୍ତୁ ଏହି ପରିଚୟପତ୍ର ବ୍ୟବସ୍ଥାରେ କେତେକ ସମସ୍ୟା ଉପୁଜିବାର ସମ୍ଭାବନା ରହିଛି। ପୁରୀରେ ବିଭିନ୍ନ ଅଞ୍ଚଳରୁ ଆସି ଭଡ଼ାରେ ରହୁଥିବା, ଏଠାରେ ଚାକିରି କରିଥିବା ଏବଂ ପୁରୀବାସିନ୍ଦାଙ୍କ ଘରକୁ ଅତିଥି ଆସିଲେ ସେମାନଙ୍କ ଦର୍ଶନକୁ ନେଇ ସମସ୍ୟା ଉପୁଜିବାର ଆଶଙ୍କା ରହିଛି। ମହାପ୍ରସାଦ ଆଣିବାକୁ ଚାହୁଁଥିବା ବ୍ୟକ୍ତି ଉତ୍ତର ଦ୍ୱାର ଦେଇ ଯିବାକୁ ବ୍ୟବସ୍ଥା ହୋଇଛି।

ଦ୍ୱିତୀୟ ଦିନର ଧାଡ଼ିଦର୍ଶନ ବ୍ୟବସ୍ଥାକୁ ବାହାରୁ ଆସିଥିବା ଦର୍ଶନାର୍ଥୀ ପସନ୍ଦ କରିଛନ୍ତି। ଜଣେ ଭକ୍ତ ପହଞ୍ଚିବା ପରେ ସିଂହଦ୍ୱାରରୁ ଦର୍ଶନ କରାଇଦେବାକୁ କହି କେତେଜଣ ଧୂଳିଆ ଭକ୍ତଙ୍କୁ ଟାଣି ନେଉଥିଲେ। ଏହି ବ୍ୟବସ୍ଥା ଫଳରେ ସେଥିରୁ ଭକ୍ତ ନିସ୍ତାର ପାଉଛନ୍ତି। ସିଧାସଳଖ ଧାଡ଼ିରେ ଯାଇ ପ୍ରଥମେ ମହାପ୍ରଭୁଙ୍କୁ ଦର୍ଶନ କରିସାରିବା ପରେ ନିଜ ଇଚ୍ଛା ଅନୁସାରେ ବେଢା ପରିକ୍ରମା କରୁଛନ୍ତି। ଏହି ବ୍ୟବସ୍ଥାକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ବୁଧବାର ପୁରୀ ବନ୍ଦ ଡାକରା ଦେଇଛି। ବନ୍ଦ ପରେ ଯଦି ଧାଡ଼ି ଦର୍ଶନ ବ୍ୟବସ୍ଥା ବନ୍ଦ ନ ହୁଏ ତେବେ ଆଗାମୀ ଦିନରେ ଓଡ଼ିଶା ବନ୍ଦ ହେବ ବୋଲି ଜଗନ୍ନାଥ ସେନା ଚେତାବନୀ ଦେଇଛି। ଅପରପକ୍ଷରେ ଧାଡ଼ିଦର୍ଶନ ନେଇ ରାଜସ୍ୱ ମନ୍ତ୍ରୀ ମଙ୍ଗଳବାର ମୁହଁ ଖୋଲିଛନ୍ତି। ଏହାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ ଗଣମାଧ୍ୟମକୁ କହିଛନ୍ତି ଯେ, ଧାଡ଼ିଦର୍ଶନ ବ୍ୟବସ୍ଥାରେ ପରିବର୍ତ୍ତନ ଆବଶ୍ୟକ। ସ୍ଥାନୀୟ ଲୋକେ ମଙ୍ଗଳ ଆଳତି ଏବଂ ବଡ଼ସିଂହାର ବେଶ ଦେଖିବା ପାଇଁ ପ୍ରତ୍ୟହ ଯାଇଥାନ୍ତି। ଗୋଟିଏ ଦ୍ୱାରରେ ପ୍ରବେଶ ଫଳରେ ସେମାନେ ହଇରାଣ ହେବେ। ମହାପ୍ରସାଦ ଆଣିବା ପାଇଁ ମଧ୍ୟ ସମସ୍ୟାରେ ପଡିବେ। ତେବେ ରାଜ୍ୟ ସରକାର ସଂସ୍କାର ବ୍ୟବସ୍ଥା ଆରମ୍ଭ କରୁଥିବା ବେଳେ ବରିଷ୍ଠ ମନ୍ତ୍ରୀ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବାକୁ ନେଇ ଭିନ୍ନ ଚର୍ଚ୍ଚା ଧରିଛି। ଏହି ବ୍ୟବସ୍ଥା ପୂର୍ବରୁ ସ୍ଥାନୀୟ ବିଧାୟକ ଭାବେ ସେ ସବୁ ପକ୍ଷଙ୍କ ସହ ଆଲୋଚନା କରି ସୁବ୍ୟବସ୍ଥିତ କଲେ ନାହିଁ କାହିଁକି ବୋଲି ପ୍ରଶ୍ନ ଉଠୁଛି।






ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ଅକ୍ଟୋବର ୩/୨୦୧୮ | Sambalpur, Wednesday, October 3/ 2018 | ପୃଷ୍ଠା-୧



## ମହିଳାଙ୍କୁ ସେମାନଙ୍କ ଜୀବନସାଥୀ ସମ୍ମାନ ଦିଅନ୍ତୁ

ମହିଳାଙ୍କୁ ସେମାନଙ୍କ ଜୀବନସାଥୀ ସମ୍ମାନ ଦେବା ସହିତ ପ୍ରତିଟି କାର୍ଯ୍ୟରେ ତାଙ୍କ ସହିତ ସାମିଲ ହୁଅନ୍ତୁ ବୋଲି କହିଛନ୍ତି ବିଶିଷ୍ଟ ଅଭିନେତ୍ରୀ ଶାବ୍ନା ଆଜ୍ମୀ ।

୦୭

୧୩

## ଜାତୀୟ ପତାକା ଧରିବେ ଥାଙ୍ଗାଭେଲୁ

ପାରା ଏସିଆନ୍ ଗେମ୍ସ ଉଦ୍‌ଘାଟନୀ ଉତ୍ସବରେ ଥାଙ୍ଗାଭେଲୁ ମାରିୟାପ୍ପାନ ଭାରତୀୟ ଜାତୀୟ ପତାକା ଧରିବେ।






## ଆଜି ଶପଥ ନେବେ ଜଷ୍ଟିସ ଗୋଗୋଇ



ଜଷ୍ଟିସ୍ ରଞ୍ଜନ ଗୋଗୋଇ

ନୂଆଦିଲ୍ଲୀ,୨ ।୧୦

ଭାରତର ୪୬ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ବୁଧବାର ଶପଥ ଗ୍ରହଣ କରିବେ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ରଞ୍ଜନ ଗୋଗୋଇ। ସିଜେଆଇ ଜଷ୍ଟିସ ଦୀପକ ମିଶ୍ରଙ୍କ କାର୍ଯ୍ୟକାଳ ମଙ୍ଗଳବାର ଶେଷ ହୋଇଥିବାବେଳେ ତାଙ୍କ ସ୍ଥାନରେ ନିଯୁକ୍ତି ପାଇଛନ୍ତି ଜଷ୍ଟିସ ଗୋଗୋଇ। ୨୦୧୯ ନଭେମ୍ବର ୧୭ ଯାଏ ସେ ଏହି ପଦରେ ରହିବେ। ଆସାମରେ ଜନ୍ମିତ ଜଷ୍ଟିସ ଗୋଗୋଇ ଉତ୍ତର ପୂର୍ବାଞ୍ଚଳରୁ ପ୍ରଥମ ବ୍ୟକ୍ତି ଭାବେ ନ୍ୟାୟପାଳିକାର ସର୍ବୋଚ୍ଚ ପଦାସୀନ ହେବାକୁ ଯାଉଛନ୍ତି।

# 'ଗରିବଙ୍କ କଥା ରଖିପାରିଛି'

- ଆରମ୍ଭ ହେଲା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା
- ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ
- ୩ରୁ ୧୦ ମଧ୍ୟରେ ବ୍ଲକରେ ବଣ୍ଟାହେବ ରାଶନ କାର୍ଡ

ଭୁବନେଶ୍ୱର,୨ ।୧୦(ବ୍ୟୁରୋ)

୨୦୧୪ ନିର୍ବାଚନ ବେଳେ ଆମେ ରାଜ୍ୟର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଥିଲୁ। ଆଜି ଆମେ ସେହି କଥାକୁ ରଖିପାରିଛୁ। ରାଜ୍ୟରେ ବର୍ତ୍ତମାନ ୨୫ ଲକ୍ଷ ଗରିବ ଲୋକ ଏହି ଯୋଜନାର ସୁବିଧା ପାଇବେ। ୧ ଟଙ୍କାରେ ଚାଉଳ ଦିଆଯିବ। ଖାଦ୍ୟ ସୁରକ୍ଷା ଆପଣଙ୍କ ଅଧିକାର। ଆମ ସରକାର ସବୁ ଗରିବ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇ ଦେବେ। ମଙ୍ଗଳବାର ଅପରାହ୍ନରେ ସଚିବାଳୟଠାରେ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍‌ଏଫ୍‌ଏସ୍‌ଏସ୍) ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କଥା କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି



ଯେ, ୨୦୧୪ରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫଏସଏ) କାର୍ଯ୍ୟକାରୀ ହେଲା। କିନ୍ତୁ ବହୁ ଲୋକ ଏହି ସୁବିଧା ପାଇ ପାରୁ ନ ଥିଲେ। ଏଥିପାଇଁ ବହୁବାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ମୁଁ ଯେତେବେଳେ ସାଧାରଣ ଲୋକଙ୍କୁ ଭେଟିଛି ସେତେବେଳେ ବହୁ ଲୋକ ଏହି ସୁବିଧା ପାଇଁ ମୋତେ ଅନୁରୋଧ କରୁଥିଲେ। ଆଜି ସେହି ଗରିବ ଲୋକଙ୍କ କଥା ମୁଁ ରଖି ପାରିଛି। ପୃଷ୍ଠା-୭

ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

ଆଜିର ସମ୍ପାଦକୀୟ

ଦଣ୍ଡ ନୁହେଁ, ଦମ୍ଭ

■ ଅପ୍‌ଟିକାଲ୍ ଲେଜର୍ ଉଦ୍ଭାବନ

## ୩ ଜଣଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ

ଷ୍ଟକ୍‌ହୋମ୍,୨ ।୧୦(ପି.ଟି.)



ଆର୍ଥୁର୍ ଆଶ୍‌କିନ୍ | ଜେରାର୍ଡ ମୌରୁ | ଡୋନା ଷ୍ଟ୍ରିକ୍‌ଲାଣ୍ଡ

ଚକ୍ଷୁ ଚିକିତ୍ସା ଦିଗରେ ଉଲ୍ଲେଖନୀୟ ଉଦ୍ଭାବନ ପାଇଁ ତିନି ବୈଜ୍ଞାନିକ ୨୦୧୮ ପାଇଁ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପାଇବେ। ସ୍ୱତନ୍ତ୍ର ଅପ୍‌ଟିକାଲ୍ ଲେଜର୍ ଉଦ୍ଭାବନ ପାଇଁ ଆମେରିକୀୟ ପଦାର୍ଥ ବିଜ୍ଞାନୀ ଆର୍ଥୁର୍ ଆଶ୍‌କିନ୍, ଫ୍ରାନ୍ସର ଜେରାର୍ଡ ମୌରୁ ଏବଂ କାନାଡାର ଡୋନା ଷ୍ଟ୍ରିକ୍‌ଲାଣ୍ଡ ମିଳିତ ଭାବେ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଅପ୍‌ଟିକାଲ୍ ଲେଜର୍ ଦୃଷ୍ଟିଶକ୍ତି ଫେରାଇବା ପାଇଁ ହେଉଥିବା ଚକ୍ଷୁ ଅସ୍ତ୍ରୋପଚାର (କରେକ୍ଟିଭ୍ ଆଏ ସର୍ଜରୀ) ପାଇଁ ଆବଶ୍ୟକ ଆଡ୍‌ଭାନ୍ସ ପ୍ରିସିସନ୍ ଇନ୍‌ଷ୍ଟ୍ରୁମେଣ୍ଟ (ସ୍ୱଷ୍ଟତା ପାଇଁ ବ୍ୟବହୃତ ଉପକରଣ) ଉଦ୍ଭାବନ କରିବାରେ ସହାୟକ ହୋଇଛି।

୫୫ ବର୍ଷ ପରେ ପ୍ରଥମକରି ଜଣେ ମହିଳା ଭାବେ ଷ୍ଟ୍ରିକ୍‌ଲାଣ୍ଡ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାକୁ ଯାଉଛନ୍ତି। ୧୯୦୧ରୁ ଏପର୍ଯ୍ୟନ୍ତ ପଦାର୍ଥ ବିଜ୍ଞାନରେ କେବଳ ୩ ଜଣ ମହିଳା ନୋବେଲ ପୁରସ୍କାର ହାସଲ କରିଛନ୍ତି। ସେହିପରି ୯୬ ବର୍ଷୀୟ ଆଶ୍‌କିନ୍ ହେବେ ନୋବେଲ ପୁରସ୍କାର ଗ୍ରହଣ କରିବାରେ ସବୁଠାରୁ ବୟସ୍କ ବ୍ୟକ୍ତି। ଆମେରିକୀୟ ଅର୍ଥନୀତିଜ୍ଞ ଲିଓନିଡ୍ ହୁର୍‌ୱିଚ୍‌ଙ୍କ ରେକର୍ଡକୁ ସେ ଭାଙ୍ଗିଛନ୍ତି। ୨୦୦୭ରେ ୯୦ ବର୍ଷ ବୟସରେ ଲିଓନିଡ୍ ଅର୍ଥନୀତିରେ ନୋବେଲ ପୁରସ୍କାର ପାଇଥିଲେ। ପୃଷ୍ଠା-୭

■ ଛାତ୍ର ସଂସଦ ନିର୍ବାଚନ

## ଆଜି ନାମାଙ୍କନପତ୍ର ଦାଖଲ, ଯାଞ୍ଚ

ଭୁବନେଶ୍ୱର, ୨।୧୦(ବ୍ୟୁରୋ)

ଛାତ୍ର ସଂସଦ ନିର୍ବାଚନ ଲାଗି ବୁଧବାର ବିଭିନ୍ନ କଲେଜ ଏବଂ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ରହିଛି। ଆଶାୟୀ ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକମାନଙ୍କ ସହିତ ଶୋଭାଯାତ୍ରାରେ ଆସି ନାମାଙ୍କନପତ୍ର ଦାଖଲ କରିବେ। ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହେବ। ପରେ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ପୃଷ୍ଠା-୭

### ଆଜିର ମନ୍ତବ୍ୟ

"ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ବିଶ୍ୱ ସମୁଦାୟ ଏକାଠି ହେବା ଜରୁରୀ ।

– ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

### କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ଜାତୀୟ ଜଳପଥ-୧ରେ ୫.୫ ନିୟୁତ ଟନ୍ ମାଲ୍ ପରିବହନ ହୋଇଛି।

–ଜାହାଜ ଚଳାଚଳ ମନ୍ତ୍ରଣାଳୟ

# ପଲିଥିନ ନିଷେଧ: ମାନୁନାହାନ୍ତି ଗ୍ରାହକ

### ସଚେତନତା ଜରୁରୀ

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ରାଜ୍ୟ ସରକାର ୫ ମହାନଗର ନିଗମ ସମେତ ପୁରୀ ସହରରେ ପଲିଥିନ ବ୍ୟବହାରକୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ନିଷେଧ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ସମେତ କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଏବଂ ପୁରୀ ସହରରେ ଏହି କଟକଣା ଲାଗୁ କରାଯାଇଛି। ଆସନ୍ତା ୨ ବର୍ଷ ମଧ୍ୟରେ ସମଗ୍ର ରାଜ୍ୟରେ ପଲିଥିନ ଉପରେ କଟକଣା ଲଗାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ସହରାଞ୍ଚଳରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଗ୍ରାମାଞ୍ଚଳରେ ପଞ୍ଚାୟତିରାଜ ବିଭାଗ ପଲିଥିନ କଟକଣା କାର୍ଯ୍ୟକାରୀ କରିବେ।

ମଙ୍ଗଳବାରଠାରୁ ପଲିଥିନ ନିଷେଧ କରାଯାଇଥିଲେ ମଧ୍ୟ ଏନେଇ ସେତେଟା ଧରପଗଡ ଜୋରଦାର କରାଯାଇ ନାହିଁ । ମାସକ ମଧ୍ୟରେ ପଲିଥିନକୁ ହଟାଇବା ପାଇଁ ବ୍ୟବସାୟୀ ଏବଂ ଉତ୍ପାଦନକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ନଭେମ୍ବର ପହିଲାରୁ ଚଢାଉ ଅଭିଯାନ ଜୋରଦାର କରିବା ପାଇଁ ନଗର ଉନ୍ନୟନ ବିଭାଗକୁ କୁହାଯାଇଛି ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ନିର୍ଦ୍ଦେଶକ ଏମ. ମୁରୁଗୁସେନ କହିଛନ୍ତି। ତେବେ ପଲିଥିନ କଟକଣା ଯୋଗୁ ଖୁଚୁରା ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ଜରିମାନା ଭୟରେ ଖୁଚୁରା ବ୍ୟବସାୟୀମାନେ ପଲିଥିନ ଆଣିବା ବନ୍ଦ କରିଛନ୍ତି। ଯାହା ଗଚ୍ଛିତ ଅଛି ସେଗୁଡିକୁ ଶେଷ କରିବା ପାଇଁ ଜୋରେସୋର ଉଦ୍ୟମ ଚଳାଇଛନ୍ତି। ପରିବା ବ୍ୟବସାୟୀ ନରେନ୍ଦ୍ର ନାୟକ କହିଛନ୍ତି ସରକାର କଟକଣା ଲଗାଇଥିବାରୁ ଆମେ ଆଉ ପଲିଥିନ ଆଣୁ ନାହୁଁ। ଗରାଖମାନେ ଘରୁ ବ୍ୟାଗ ନେଇ ଆସିଲେ କୌଣସି ଅସୁବିଧା ହେବ ନାହିଁ। ପଲିଥିନ ନ ଥିବାରୁ ବ୍ୟବସାୟ ଟିକେ ମାନ୍ଦା ହୋଇଛି। ଅଧିକ ମୋଟାର ପଲିବ୍ୟାଗ କିଣିଲେ ଆମକୁ ଖର୍ଚ୍ଚାନ୍ତ ହେବାକୁ ପଡିବ। ତେବେ ସରକାରଙ୍କର ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି ସେ କହିଛନ୍ତି। ତେବେ ଗ୍ରାହକମାନେ ପଲିଥିନରେ ବ୍ୟବହାର୍ଯ୍ୟ ସାମଗ୍ରୀ ନେଉଥିବା ଦେଖାଯାଉଛି। ଗ୍ରାହକ ସୁଧାଂଶୁ ସାହୁ କହିଛନ୍ତି ପଲିଥିନରେ ଜିନିଷ ନେବା ଅଭ୍ୟାସରେ ପୃଷ୍ଠା-୭

NECC NATIONAL EGG CO-ORDINATION COMMITTEE — 02.10.2018 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 60 | 106 | 116 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers





ଛତିଶଗଡ଼ ବିଳାସପୁର ଅନ୍ତର୍ଗତ ତଖତପୁର ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କ ଅଶ୍ଳୀଳ ଭିଡ଼ିଓ ତିଆରି କରି ଜଣେ ଯୁବକ ତାଙ୍କୁ ବ୍ଲାକ୍‌ମେଲ କରି ବଳାତ୍କାର କରୁଥିଲେ। କୋଲଡ୍ରିଙ୍କ୍‌ସ୍‌ରେ ନିଶା ମିଶାଇ ମହିଳାଙ୍କ ଅଶ୍ଳୀଳ ଭିଡ଼ିଓ କରିବା ପରେ ଯୁବକ ଜଣକ ଏଭଳି କରୁଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଶୀ
ପରିବାରବର୍ଗ


ସ୍ୱରୂପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଧରିତ୍ରୀ MATRIMONIAL

### BRIDE WANTED

Wanted Brahmin bride, 29, 5'7", SBI Clerk, early marriage. 6371071123.D-63851

Bride wanted for marriage, living togather with 45 yrs groom having business and also staying with Father and Mother. 7656937540.D-64187

ଧୋବାଜାତି ଇଞ୍ଜିନିୟର ଭୁବନେଶ୍ୱରରେ କମ୍ପାନି ଚାକିରି ପୁଅପାଇଁ ପାତ୍ରୀ ଆବଶ୍ୟକ। 8280036743, 9337065883. D-58699

Wanted service holder bride for Khandayat groom 29+ B.Tech Software Engg. at Bangalore. Early marriage. Contact No.: 7008606797, 9861117487. D-8597

Teli boy 1985, 5'5" BA serving Bhubaneswar. Monthly 50,000/- 'Sunasansar'. 9937512659.D-8644

### GROOM WANTED

Divorcee bride Lecturer 34, Teacher 40 (caste-no-bar). Contact: 7873374269. D-65007

ସୁନ୍ଦର ଅବିବାହିତା ବ୍ରାହ୍ମଣ ୩୮ବର୍ଷ ପାତ୍ରୀଙ୍କ ପାଇଁ ଯେକୌଣସି ଜାତିର ପାତ୍ର ଦରକାର। ଯୋଗାଯୋଗ: 7381460017. D-60817

**Groom required for 29 years M.Sc. Microbilogy, Pre PHD in Utkal University, continuing JRF, Teli Girl, Jagamara, Bhubaneswar. Mob: 9439621642.** D-8650

Now Matrimonial ads. only on Wednesday & Sunday Book 1 Get 1 FREE

## classified

automobile

### SALE

Bolero Plus, Bolero SLE, Innova 2016, TATA ACE, Magic. 9853020992.D-63381

real estate

### SALE

Morningsun Residency simplex near Hanspal-28,00,000/- (Handover within 1month) 8908015464, 9853347909. D-64331

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

4355 sqft. (66X66) ଘରବାଡି ପ୍ଲଟ୍ immediate sale. At-Padmabati Vihar near Damana Chhaka. 9937645829. D-8676

2000 sqft. gharabari plot with boundary, electric pole at Pitapalli, Khurdha, near Viswass College. 9437587142, 8339067811. D-8698

ଝାରପଡା ମହାଦେବନଗରରେ yellowzone ଘରବାରି plot patta ସହିତ ମିଳୁଛି। Contact: 9178031478. D-64610

ପଳାଶୁଣି ଛକରେ 200 mtr ଦୁରରେ yellowzone ଘରବାରି boundary corner plot ବିକ୍ରିହେବ। 9178031478.D-64611

Duplex sale in GGP COlony Srustivilla କେମୁରାରେ ଘରବାରି plot ପଟା ସହିତ ମିଳୁଛି। 9178031478. D-64612

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

to-let

**Prime commercial RCC building space of 700 sqft. on the main road near Bharat Petroleum Petrol Pump at Rasulgarh, Bhubaneswar for corporate office, godown etc. Contact: 9437042688, 9861092096.** D-8584

Nayapalli single room attached bath, kitchen Rs. 5000/- for single emplyee. Contact: 8455886887.D-8594

healthcare

All type of massage and good therapy full body massage Sai herbal spa. 7609005923. D-64205

Opening newly ayurvedic full body massage ladies, gents. 7438851534, 7609923705. D-38535

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



**ସ୍ୱର୍ଗତା ପ୍ରେମଲତା ମିଶ୍ର**
ତିରୋଧାନ : ୨୦୦୩
A148, ଶହୀଦ ନଗର, ଭୁବନେଶ୍ୱର
ଆଜିର ପଞ୍ଚଦଶ ବାର୍ଷିକୀ ଶ୍ରାଦ୍ଧ ଦିବସରେ ତୁମର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି । ଯେଉଁଠାରେ ଅଛ ଭଲରେ ଥାଅ। ତୁମର ସ୍ନେହ ଓ ଆଶୀର୍ବାଦ ସର୍ବଦା ପରିବାର ପ୍ରତି ଥାଉ।
ସ୍ୱାମୀ ପ୍ରଫେସର ହରିହର ମିଶ୍ର
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ ଆତ୍ମୀୟ ସ୍ୱଜନବୃନ୍ଦ।
ଧ-୬୪୫୦୯

### ତୃତୀୟ ଶ୍ରାଦ୍ଧବାର୍ଷିକ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**√କିରଣବାଳା ବେହେରା**
ତିରୋଧାନ : ୦୩.୧୦.୨୦୧୫
R.C. Behera Mansion
By-Pass, Bhadrak - 756100, Odisha
ମାମା' ଆମ ପାଇଁ ସବୁକିଛି କରି ଦେଇ, ବାପାଙ୍କୁ ଆମର ଦାୟିତ୍ୱ ଦେଇ ସୁଖ ସମୟ ଆରମ୍ଭରୁ ଚାଲିଗଲ। ଏ ଜୀବଦଶାରେ ଆମର ଓ ବାପାଙ୍କର ଲୁହର ଧାର ଶୁଖିବ ନାହିଁ। ତୁମର ଆତ୍ମା ଶାନ୍ତି ପାଉ ଓ ଆମକୁ ଆଶିଷ ଦେଉଥାଅ। ଏହାହିଁ ଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।
ହତଭାଗା :
ସୁମନ (ବାବୁନୁ), ଦିପିକା (ମାମା)
ଧ-୬୪୩୧୪

### ଏକାଦଶାହ ଉପଲକ୍ଷେ



**√ ରୂପଶ୍ରୀ ମଲିକ୍**
ସ୍ୱାମୀ - ଶ୍ରୀ ମହେନ୍ଦ୍ର କୁମାର ମଲିକ୍
(ଟାଙ୍କୁଣୀ, ତୁନିଦା, ଭଦ୍ରକ)
ଆର୍ବିଭାବ : ୧୩.୦୪.୧୯୮୭
ତିରୋଧାନ : ୨୩.୦୯.୨୦୧୮
ତୁମେ ଆମକୁ ଅବେଳାରେ ଛାଡ଼ି ଆରପାରିକୁ ଚାଲିଗଲ । ଆଜି ତୁମର ଏକାଦଶାହ ପାଳନ ଅବସରରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଯେ ତୁମର ଆତ୍ମା ଚୀରଶାନ୍ତି ଓ ଅମର ରହୁ।
ଶୋକସନ୍ତପ୍ତ ପରିବାରବର୍ଗ :
ସ୍ୱାମୀ-ମୁନା, ଭାଇ-ଷ୍ଟାନିଲ୍, ଅନିଲ୍, ସୁନିଲ୍, ମାମୁଁ ଓ ଦେଇ।
ଧ-୮୬୯୫

### ସପ୍ତମ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ବିରଞ୍ଚିନାରାୟଣ ଦାସ**
ପ୍ଲଟ ନଂ- ୧୨୭୦, ଜୟଦୁର୍ଗା ନଗର, ବମିଖାଲ, ଭୁବନେଶ୍ୱର
(୧୯୫୫-୨୦୧୧)
ଏ ଭିତରେ ସାତବର୍ଷ ବିତିଯାଇଛି ସବୁକିଛି ବଦଳିଛି, ଆଜି କିନ୍ତୁ ତୁମେ ନାହିଁ ମୁଁ ଅଛି। ଏକା କରି ଚାଲିଗଲ ସଂସାର ଜଞ୍ଜାଳର ବୋଝ ଦେଇ, କିପରି ବୁଝିବି ମୁଁ ଜାଣେନା ପାରିବି କି ନାହିଁ। ଇତି ତୁମର ହତଭାଗିନୀ ପତ୍ନୀ, କନ୍ୟା, ବନ୍ଧୁ ଓ ପରିବାରବର୍ଗ। ଧ-୬୪୬୧୩

## AFFIDAVIT

By an affidavit before The Notary Public, Jharsuguda I Suneel Kumar Prasad, S/o- Shiv Balak Prasad, at present, R/o- H Block, Room-8, Aditya Aluminium Township, Lapanga, Dist.- Sambalpur declare that my name has been mentioned as Sunil Kumar Prasad, S/o- Sevbalak Prasad in SSC Certificate and Sunil Kumar Prasad, S/o- Sev Balak Prasad mentioned in my passport. Where as the actual name is Suneel Kumar Prasad, S/o- Sev Balak Prasad. That above both the names are relates to one and same person. D-37353

### ତୃତୀୟ ଜନ୍ମବାର୍ଷିକ ଶୁଭେଚ୍ଛା



(ଆଶୀ)
**ଅନ୍‌ଭିଷା ପଣ୍ଡା**
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ବାପା, ମାଆ, ଜେଜେମାଆ, ଜେଜେବାପା, ଅଜା, ଆଈ, ମାମୁ, ମାଇଁ, କକା, ଖୁଡୀ, ପିଇସା, ପିଇସୀନାନୀ, ସବୁ ଭାଇଭଉଣୀ ଓ ବନ୍ଧୁପରିବାରବର୍ଗ। ଧ-୮୬୭୫

### ଜନ୍ମଦିନ ଶୁଭେଚ୍ଛା



**ମାନି**
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମେ ଦୀର୍ଘାୟୁ, ଯଶସ୍ୱୀ ହୁଅ ଏବଂ ତୁମ ଚଲାପଥ କୁସୁମିତ ହେଉ ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ବାପା, ମାଆ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୮୬୪୫

### Important Notice

To whome so it may concern this is to inform to the general public that plots No- Hall-4511, Sabak- 1727 at Mouza Gadakan and the plots No. 1580, 1581, 1565 of Mouza Mancheswar are under dispute and as per High Court order W.P. (C) No. 1620/2012 date of order 9.2.2012 and M.C. No. 1352/2012 the property is under status quo. No transaction may be done from Baby Pattnaik/ Om Sai Saran Estcon (P) Ltd, by any public. If so doing it at his or her own risk. S.K. Motwani.
D-62127

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



(କୁନ୍‌ମୁନ୍)
**ଶ୍ରଦ୍ଧା ଦାସ**
**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**
ଶୁଭ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା। ଜଗତରନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମର ଆଗାମୀ ଦିନ ମଙ୍ଗଳମୟ ଓ ଦୀର୍ଘ ଜୀବନ ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ଜେଜେ, ମା, ବାପା, ବୋଉ, ଦାଦା, ବନ୍ଧୁ ଓ ପରିବାରବର୍ଗ। ଧ-୮୬୩୫

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



(ପ୍ରିନ୍ସି)
**ପ୍ରଭାସ୍ କୁମାର ଭୋଇ**
**ଶିଶୋ: କଟକ**
ଆଜି ତୋର ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମେ ଦୀର୍ଘାୟୁ ହୁଅ, ଯଶସ୍ୱୀ ହୁଅ, ତୁମ ଭବିଷ୍ୟତ ଚଲାପଥ କୁସୁମିତ ହେଉ ଏହାହିଁ କାମନା। ଶୁଭେଚ୍ଛା ସହ: ବାପା, ମା, ବଡବାପା, ବଡମାମା, ଜେଜେ, ମା, ଖୁସି, ପରିବାରବର୍ଗ। ଧ-୮୫୨୦

## ସେମିଷ୍ଟର ଫଳକୁ ନେଇ ଭଙ୍ଗାରୁଜା ଘଟଣା
## ୪ ଛାତ୍ରଙ୍କ ସମେତ ଅନ୍ୟ ଜଣେ କୋର୍ଟ ଚାଲାଣ

ଫୁଲବାଣୀ ଅଫିସ, ୨।୧୦-କନ୍ଧମାଳ ଜିଲା ଫୁଲବାଣୀ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷ ସେମିଷ୍ଟର ଫଳକୁ ନେଇ ସୋମବାର ହୋଇଥିବା ଭଙ୍ଗାରୁଜା ଘଟଣାରେ ଫୁଲବାଣୀ ଟାଉନ ଥାନା ପୋଲିସ ୪ ଛାତ୍ରଙ୍କ ସମେତ ଅନ୍ୟ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସୌମ୍ୟାକାନ୍ତ ଥାଟି, ବିକାଶ ନାୟକ, ରାକେଶ ଦିଗାଲ, ଇ.ଦେବାନନ୍ଦ ପାତ୍ର ଏବଂ ଅନ୍ୟଜଣେ ହେଲେ ଲକି ମହାନ୍ତି । ଛାତ୍ରମାନଙ୍କ କହିବା ଅନୁସାରେ, ସେମିଷ୍ଟର ଫଳକୁ ଜାଣିଶୁଣି ଖରାପ କରି ଦିଆଯାଇଛି । ଆମେ ଅଧକ୍ଷଙ୍କୁ ଜଣାଇବାରୁ ସେ କିଛି ଶୁଣିଲେ ନାହିଁ। ଫଳରେ ଏପରି ଘଟଣା ଘଟିଲା। ସୂଚନାଯୋଗ୍ୟ, ସେମିଷ୍ଟର ଫଳାଫଳକୁ ନେଇ ଛାତ୍ରମାନେ ସୋମବାର ଅଧକ୍ଷଙ୍କ ଅଫିସ ଏବଂ କମନରୁମ ଭଙ୍ଗାରୁଜା କରିଥିଲେ । ଥାନାରେ ଏନେଇ ନଂ.୧୭୧/୧୮ରେ ମାମଲା ରୁଜୁ ହୋଇଛି।

## ମହାଲକ୍ଷ୍ମୀ ପାଳିଲେ ଦ୍ୱିତୀୟା ଓଷା

**ପୁରୀ ଅଫିସ, ୨।୧୦:** ଶ୍ରୀମନ୍ଦିରରେ ମଙ୍ଗଳବାର ମହାଲକ୍ଷ୍ମୀ ପାଳନ କରିଛନ୍ତି ଦ୍ୱିତୀୟା ଓଷା। ସକାଳ ଧୂପ ସରିବା ପରେ ଆଜ୍ଞାମାଳ ପାଇ ମହାଲକ୍ଷ୍ମୀ ଠାକୁରାଣୀ ସାହତପାହଚ ତଳେ ଥିବା ପାଲିଙ୍କିରେ ବସି ଲକ୍ଷ୍ମୀ ମନ୍ଦିର ଖଟ ଉପରେ ବିଜେ କରିଥିଲେ। ଏଠାରେ ପାରମ୍ପରିକ ବିଧି ଅନୁଯାୟୀ ବ୍ରତ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ସେଠାରେ ମହାଲକ୍ଷ୍ମୀ ବ୍ରତ ପାଠ କରଯିବା ସହ ଭୋଗ ବନ୍ଦାପନା ହୋଇଥିଲା।

## ବନ୍ଧୁକ ଦେଖାଇ ଭ୍ୟାନ୍‌ରୁ ଲକ୍ଷାଧିକ ଟଙ୍କା ଲୁଟ

କପ୍ତିପଦା,୨।୧୦(ଡି.ଏନ.ଏ): ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ପେଡ଼ାଗଡ଼ି ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ଲୁଟେରାମାନେ ବନ୍ଧୁକ ଦେଖାଇ ଏକ ପିକ୍‌ଅପ୍ ଭ୍ୟାନରୁ ୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ବାଲେଶ୍ୱର ଜିଲା ଜାନୁଗଞ୍ଜ ଗ୍ରାମର ଦିଲ୍ଲୀପ୍ କୁମାର ସାହୁ ଓ ମନୋରଞ୍ଜନ ସାହୁ ଏହି ପିକ୍‌ଅପ୍ ଭ୍ୟାନ (ନଂ.ଓଆର୍‌୦୨ଏଡ଼ି୦୧୪୫) ରେ ଅଣ୍ଡା ବୋଝେଇ କରି ଉଦଳାର ଜନୈକ ବ୍ୟବସାୟୀଙ୍କୁ ଦେବାକୁ ଆସିଥିଲେ । ସେମାନେ ତାଙ୍କ ନିକଟରୁ ୧ଲକ୍ଷ ୧୫ହଜାର ଟଙ୍କା ଧରି ଘରକୁ ଫେରୁଥିଲେ। ପେଡ଼ାଗଡ଼ି ଛକଠାରୁ ଅନତି ଦୂରରେ ଅନ୍ୟ ଏକ କାର୍‌ରେ କେତେକ ଦୁର୍ବୃତ୍ତ ଆସି ଭ୍ୟାନକୁ ଅଟକାଇଥିଲେ । ସେମାନେ ବନ୍ଧୁକ ଦେଖାଇ ଭ୍ୟାନ ଚାଳକ ଓ ଗାଡିରେ ଥିବା ଏହାର ମାଲିକ ଦିଲ୍ଲୀପ୍ କୁମାର ସାହୁଙ୍କୁ ଭୟଭୀତ କରାଇ ସମସ୍ତ ଟଙ୍କା ଲୁଟି ନେଇ ଚମ୍ପଟ ମାରିଥିଲେ । କପ୍ତିପଦା ଥାନାରେ ଏନେଇ ଲିଖିତ ଅଭିଯୋଗ ହୋଇଛି।

## ଆଫଗାନିସ୍ତାନରେ ଆତ୍ମଘାତୀ ଆକ୍ରମଣ: ୧୩ ମୃତ, ୪୦ ଆହତ

**ଜଲାଲାବାଦ,୨।୧୦(ପି.ଟି.)**

ଆଫଗାନିସ୍ତାନରେ ଏକ ନିର୍ବାଚନୀ ରାଲିରେ ଆତ୍ମଘାତୀ ଆକ୍ରମଣ ଘଟିଛି । ଏଥିରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪୦ ଜଣ ଆହତ ହୋଇଛନ୍ତି। ମଙ୍ଗଳବାର ଆଫଗାନିସ୍ତାନର ପୂର୍ବାଞ୍ଚଳରେ ଥିବା ନଙ୍ଗରହାର ରାଜ୍ୟ କାମା ଜିଲାର ସ୍ଥାନୀୟ ନେତା ଅବଦୁଲ ନାସିର ମହମ୍ମଦ ଆଗାମୀ ୨୦ ତାରିଖରେ ହେବାକୁ ଯାଉଥିବା ସାଧାରଣ ନିର୍ବାଚନ ପାଇଁ ରାଲି କରୁଥିଲେ। ମୃତ୍ୟୁସଂଖ୍ୟା ଆହୁରି ବଢିପାରେ ବୋଲି କୁହାଯାଉଛି। ଏହି ନିର୍ବାଚନୀ ସଭାରେ ୨୫୦ ଜଣ ଯୋଗ ଦେଇଥିଲେ। ଘଟଣା ପାଇଁ କୌଣସି ଆତଙ୍କବାଦୀ ସଙ୍ଗଠନ ନିଜକୁ ଦାୟୀ କରିନାହାନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ମହାତ୍ମା ସେତୁ' ଉଦ୍‌ଘାଟନ କରୁଛନ୍ତି।

## ଉଦ୍‌ଘାଟିତ ହେଲା 'ମହାତ୍ମା ସେତୁ'

**ବାଲିଅନ୍ତା,୨।୧୦(ଡି.ଏନ୍.ଏ.)**

- ସେତୁର ଲମ୍ବ ୩୮୦ ମି., ଦୈର୍ଘ୍ୟ ୧୦.୫ ମି.
- ସେତୁସ୍ଥଳରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ
- ଗାନ୍ଧୀ ସଦ୍‌ଭାବନା ଜ୍ୟୋତିଯାତ୍ରାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିଲେ

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ପୁରୁଣା ଜଗନ୍ନାଥ ସଡ଼କର କୁଶଭଦ୍ରା ନଦୀ ଉପରେ ନବନିର୍ମିତ 'ମହାତ୍ମା ସେତୁ'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟା ୫୦ରେ ମୁଖ୍ୟମନ୍ତ୍ରୀ ପ୍ରଥମେ ବାଲିଅନ୍ତାସ୍ଥିତ ଗାନ୍ଧୀପୀଠରେ ପହଞ୍ଚି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସେଠାରେ ଆୟୋଜିତ 'ଗାନ୍ଧିଜୀ ଓ ଓଡ଼ିଶା' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ବୁଲି ଦେଖିଥିଲେ। ଏହାପରେ ସେତୁସ୍ଥଳକୁ ଯାଇ ଗାନ୍ଧିଜୀଙ୍କ ନବନିର୍ମିତ ପ୍ରତିମୂର୍ତ୍ତିକୁ ଲୋକାର୍ପଣ କରିଥିଲେ। ସେତୁର ଉଦ୍‌ଘାଟନୀ ଫଳକକୁ ଉନ୍ମୋଚନ କରିବା ପରେ ସେତୁ ଉଦ୍‌ଘାଟନ କରିଥିଲେ। ତେବେ ଉଦ୍‌ଘାଟନ କରିସାରିବା ପରେ ମୁଖ୍ୟମନ୍ତ୍ରୀ ସେତୁ ଉପରେ ଚାଲିଚାଲି ଯାଇ ନ ଥିଲେ କି ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ନ ଥିଲେ। କାର୍ଯ୍ୟକ୍ରମ ଅବସରରେ ଗାନ୍ଧୀ ସଦ୍‌ଭାବନା ଜ୍ୟୋତିଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ପୂର୍ତ୍ତ ବିଭାଗର ଭୁବନେଶ୍ୱର ଡିଭିଜନ-୨ ପକ୍ଷରୁ ୨୬.୭୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ମହାତ୍ମା ସେତୁ ୧୧ ସ୍ପାନ୍ ବିଶିଷ୍ଟ। ୨୦୧୪ରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ୩୮୦ମିଟର ଲମ୍ବ ଏବଂ ୧୦.୫ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ସେତୁ ମହାତ୍ମା ଗାନ୍ଧୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ ହୋଇଛି। ବାଲିଅନ୍ତାରୁ ଭୁବନ ଗ୍ରାମକୁ ସଂଯୋଗ କରୁଥିବା ପୁରୁଣା ଜଗନ୍ନାଥ ସଡ଼କ ଦେଇ ଗାନ୍ଧିଜୀ ୧୯୩୪ ମସିହାରେ ଉତ୍କଳ ପଦଯାତ୍ରା ସମୟରେ ବାଲିଅନ୍ତାକୁ ଆସିଥିଲେ। ଏଠାରେ ସେ ନିକୁଞ୍ଜ ବିହାରୀ ମନ୍ଦିରରେ ୩ଦିନ କାଳ ଅବସ୍ଥାନ କରିଥିଲେ। ସେହି ସ୍ମୃତିକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ସେତୁକୁ 'ମହାତ୍ମା ସେତୁ' ନାମରେ ନାମିତ କରାଯାଇଛି। ସେତୁ ଉଦ୍‌ଘାଟନୀ ଉତ୍ସବରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା, ଭୁବନେଶ୍ୱର ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ, ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେତୁ ନିର୍ମାଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ଭୁବନେଶ୍ୱର ଡିଭିଜନ-୨ର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ଦାସ, ସହକାରୀ ଯନ୍ତ୍ରୀ ବ୍ରଜକିଶୋର ମହାପାତ୍ର ଓ ଦିଲୀପ କୁମାର ପତି କାର୍ଯ୍ୟକ୍ରମ ପରିଚାଳନା ସହ ସହଯୋଗ କରିଥିଲେ। ଉତ୍ସବ ଅବସରରେ ସେତୁର ଉଭୟ ପାର୍ଶ୍ୱରେ ପାଖାପାଖି ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡ଼ନ୍ତୁ ଅବଶ୍ୟ ଟେନ୍‌ସନ କିଛି ମାତ୍ରାରେ କମିଯିବ। କର୍ମକ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦ ଦେଖା ଦେଇପାରେ। ସଭାସମିତି,ସଙ୍ଗଠନ,ରାଜନୀତି କ୍ଷେତ୍ରରେ ଉନ୍ନତ ମାନର ସୁଫଳ ପାଇବେ। କୃତ୍ତିକା ନକ୍ଷତ୍ର ବୃଥା ତର୍କ ନ କରି ଯୁକ୍ତି ବିବାଦଠାରୁ ଦୂରେଇ ରହିବା ଭଲ।

**ବୃଷ** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଉପକୃତ ହେବେ। ରୋହିଣୀ ନକ୍ଷତ୍ର ବନ୍ଧୁମାନଙ୍କ ସକାଶେ ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପାରିବାରିକ ସମସ୍ୟାରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବାର ଅପଚେଷ୍ଟା କରି ଧରା ପଡିଯାଇପାରନ୍ତି।

**ମିଥୁନ** କର୍ମକ୍ଷେତ୍ରର ପରିସ୍ଥିତିକୁ ଆଖି ଆଗରେ ରଖି ଯେସାକୁ ତେସା ନୀତିରେ କାମ କରିବେ। ମିଠାକଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। କଳା, ସାହିତ୍ୟରେ, ପ୍ରଶାସନିକ ସ୍ତରରେ ଏପରିକି ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଆରଦ୍ରା ନକ୍ଷତ୍ରର ସାମାନ୍ୟ କାରଣରୁ ମନ ଅଶାନ୍ତ ରହିବ।

**କର୍କଟ** ସ୍ୱଗୃହାଭିମୁଖୀ ଚନ୍ଦ୍ର ହେତୁ ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବ, କିନ୍ତୁ କର୍ମକ୍ଷେତ୍ର ସନ୍ତୋଷଜନକ ରହି ନ ପାରେ। ସ୍ୱାର୍ଥହାନି ଆଶଙ୍କାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଅଶ୍ଳେଷା ନକ୍ଷତ୍ର ଶୀଘ୍ର ଶୀଘ୍ର କାମଟିକୁ ସମ୍ପନ୍ନ କରିବା ସକାଶେ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ।

**ସିଂହ** ଆର୍ଥିକ ସ୍ୱଚ୍ଛଳତା ନ ରହିବା କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ । ପ୍ରତିବନ୍ଧକ କାରଣରୁ ଯାହା କଲେ ମଧ ସୁଫଳ ମିଳିବ ନାହିଁ ବରଂ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବ୍ୟବସାୟ ବହୁମୁଖୀ ଆକାର ଧାରଣ କରିବ, କିନ୍ତୁ ଲାଭର ମାତ୍ରା ବଢ଼ି ନ ପାରେ। ମଘା ନକ୍ଷତ୍ର ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ।

**କନ୍ୟା** ପାରିବାରିକ ଜୀବନରେ ଉଚିତ ବୁଝାମଣାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ଉପରିସ୍ଥ କର୍ମଚାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ, କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ଦୂରେଇ ରହିଯିବେ। ଆଇନ ଅଦାଲତରୁ ସୁଫଳ ପାଇ ସମସ୍ୟା ସମାଧାନ ହୋଇଯିବ। ଚିତ୍ରା ନକ୍ଷତ୍ରର ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ।

**ତୁଳା** କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। ଆନୁଷ୍ଠାନିକ କାମରେ କିମ୍ବା ସଭାସମିତିରେ ଯୋଗଦେଲେ ଲାଭବାନ୍ ହେବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ଯୋଗୁ ଖୁସୀ ହେବେ। ସ୍ୱାତୀ ନକ୍ଷତ୍ର ହଠାତ୍ ଗୁଡିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ବିଛା** ସରକାରୀ ସ୍ତରରେ ନିଜର ଅବହେଳାରୁ ହାତମୁଠାରୁ ସୁଯୋଗ ଖସିଯାଇପାରେ। ଶିଳ୍ପ ଓ ବାଣିଜ୍ୟ,ବ୍ୟବସାୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ ଏବଂ ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ଅନୁରାଧା ନକ୍ଷତ୍ର ସ୍ୱାସ୍ଥ୍ୟ ପ୍ରତି ଅବହେଳା କରନ୍ତୁ ନାହିଁ, ଯଦ୍ୱାରା ଦୁଶ୍ଚିନ୍ତା ବୃଦ୍ଧି ହେବ।

**ଧନୁ** ଆଜି ପାଖପଡ଼ୋଶୀଙ୍କ ସାହାଯ୍ୟ ନେଇ ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶକରି ସଫଳତା ପାଇପାରନ୍ତି। ହାତକୁ ନେଇଥିବା କାମ ପାଇଁ ଟେନ୍‌ସନ ବଢିବ। ଦେହ ଭଲ ରହିଲେ ମଧ ରକ୍ତଚାପ କିମ୍ବା ଡାଇବେଟିସ୍‌ରେ କଷ୍ଟ ପାଇପାରନ୍ତି। ମୂଳା ନକ୍ଷତ୍ରର ଦୂରଯାତ୍ରା ସଫଳ ହେବ।

**ମକର** ଆଜି ଅନ୍ୟମାନଙ୍କ ସାହାଯ୍ୟ ନେଇ ଯେତେ ସୁବିଧାରେ ଚଳିବା ପାଇଁ ଚେଷ୍ଟାକଲେ ପାରିବେନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିପାରନ୍ତି। ପରିବାରରେ ପୁତ୍ରକନ୍ୟା ହେତୁକ ସମସ୍ୟା ଲାଗି ରହିବ। ଶ୍ରବଣା ନକ୍ଷତ୍ର ମନୋରଞ୍ଜନ ସକାଶେ ମନ ବଳାଇବେ, କିନ୍ତୁ ଆର୍ଥିକ ଦୂରବସ୍ଥା ତାହା କରାଇଦେବ ନାହିଁ।

**କୁମ୍ଭ** ଯାହା କରନ୍ତୁନା କାହିଁକି ଆଂଶିକ ସଫଳତା ପାଇବେ ଯାହାକି ସନ୍ତୋଷଜନକ ନ ହୋଇପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ଅସୁବିଧାର କାରଣ ହୋଇପାରେ। ଶତଭିଷାର ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ** ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହୋଇ ଆତ୍ମପ୍ରସାଦ ଅନୁଭବ କରିପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିବ, କିନ୍ତୁ ଅର୍ଥାଭାବ ହେତୁ ପୂର୍ଣ୍ଣାଙ୍ଗ ନ ହୋଇପାରେ। ଜମିଜମା କାରବାର, ଆଲୋଚନା, ସଭାସମିତି, କଳା, ସାହିତ୍ୟାଦି କ୍ଷେତ୍ରରେ ସୁଫଳ ପାଇବେ। ରେବତୀ ନକ୍ଷତ୍ର ପାରିବାରିକ ସମସ୍ୟାକୁ ସୁଧାରିନେବାର ପ୍ରଯତ୍ନ କରିବେ।

ଆଜି ଆଶ୍ୱିନ କୃଷ୍ଣ ନବମୀ ବୁଧବାର, ଅକ୍ଟୋବର ୩ ତାରିଖ, ବିଶ୍ୱ ପ୍ରକୃତି ଦିବସ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, କର୍କଟ ରାଶିର ଘାତବାର, ନବମୀର ଶ୍ରାଦ୍ଧ। ଦିବା ଘ୮ ।୪୭ମି. ଗତେ ଘ୧୦ ।୨୦ମି. ମଧ୍ୟେ ଅମୃତବେଳା । ଦିବା ଘ୧୦ ।୨୦ମି. ଗତେ ଘ୧୧ ।୫୪ମି. ମଧ୍ୟେ, ଘ୨ ।୫୬ମି. ଗତେ ଘ୪ ।୩୨ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୧୧ ।୫୫ମି. ଗତେ ଘ୧ ।୦୪ମି. ମଧ୍ୟେ ରାହୁକାଳ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ। - ସନ୍ଥ କବୀର ଦାସ









■ରାଜ୍ୟ ସରକାରଙ୍କୁ ବିରୋଧୀଙ୍କ ସମାଲୋଚନା

# ଖାଦ୍ୟ ସୁରକ୍ଷା ନୁହେଁ, ଭୋଟ୍ ସୁରକ୍ଷା ଆଇନ

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସ୍ୱଚ୍ଛତା ନାହିଁ । ହିତାଧିକାରୀ ଚୟନ ପ୍ରକ୍ରିୟାରେ ବ୍ୟାପକ ମାତ୍ରାରେ ଦୁର୍ନୀତି କରାଯାଇଛି। ଏହାକୁ ଦଳୀୟ ଆଧାରରେ କରାଯାଇ ଓଡିଆ ଟିକସଦାତାଙ୍କ ଝାଳବୁହା ଅର୍ଥକୁ ନିଜ ରାଜନୈତିକ ସ୍ୱାର୍ଥ ପାଇଁ ବ୍ୟବହାର କରାଯାଇଛି ବୋଲି ଭାଜପା ଅଭିଯୋଗ କରିଛି।

ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଦେଶସାରା କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ଲାଗୁ କରାଯାଇଛି। ମାତ୍ର କୌଣସି ରାଜ୍ୟର ଗରିବଙ୍କ ସଂଖ୍ୟା ନେଇ ଆପତ୍ତି ଉଠି ନାହିଁ। ମାତ୍ର ୨୦୧୧ ପରେ ରାଜ୍ୟରେ ୩୪ ଲକ୍ଷ ନୂଆ ଗରିବ ଲୋକ ସୃଷ୍ଟି ହୋଇଥିବା ଓ ଏମାନଙ୍କୁ କେନ୍ଦ୍ରର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବା ପାଇଁ ରାଜ୍ୟ ସରକାର ଯୁକ୍ତି କରିଥିଲେ। ତାଙ୍କର ଏହି ଯୁକ୍ତି ବିଜେଡି ସରକାର ୧୯ ବର୍ଷ ଶାସନର ବିଫଳତାର ପ୍ରମାଣ । ସବୁ ସରକାର ନିଜ ରାଜ୍ୟରେ ଗରିବଙ୍କ ସଂଖ୍ୟା କମ୍ କରିବା ପାଇଁ ନିର୍ବାଚିତ ହୋଇଥାଆନ୍ତି। ମାତ୍ର ରାଜ୍ୟ ସରକାରଙ୍କ ୧୯ ବର୍ଷ ଶାସନରେ ଗରିବ ସଂଖ୍ୟା ୩୪ଲକ୍ଷ ବଢିଥିବା କଥା କହି ମୁଖ୍ୟମନ୍ତ୍ରୀ ନିଜ ବିଫଳତାର ପ୍ରମାଣ ଦେଇଛନ୍ତି । ଏହା କ'ଣ ବିଜେଡି ସରକାରର କଠିନ ପରିଶ୍ରମ ଓ ଶ୍ରେଷ୍ଠ ପ୍ରଶାସକର ଫଳ କି ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି । କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ତତ୍କାଳୀନ କଟକ ମେୟରଙ୍କ ଭଳି ଅଯୋଗ୍ୟ ନେତା ଓ କର୍ମୀଙ୍କୁ ସାମିଲ କରାଯାଇଥିଲା।




ଖବରଦାତା ସମ୍ମିଳନୀରେ ଗୋଲକ ମହାପାତ୍ର ଓ ସମୀର ମହନ୍ତି।

ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନାରେ ପ୍ରଥମେ ୩୪ଲକ୍ଷ ପରେ ୩୨ଲକ୍ଷ ତାହାପରେ ୨୫ ଲକ୍ଷ ଓ ପରେ ୨୨ଲକ୍ଷ ହିତାଧିକାରୀ ସାମିଲ ବିଷୟରେ ତଥ୍ୟ ଦେଇଛନ୍ତି । ଏବେ ଯେତିକି ହିତାଧିକାରୀ ଚୟନ କରାଯାଇଛି ତାହାର ତାଲିକା କାହିଁକି ୱେବସାଇଟ ମାଧ୍ୟମରେ ଜିଲା, ବ୍ଲକ, ପଞ୍ଚାୟତ ୱାରି ସ୍ପଷ୍ଟ କରାଯାଇନାହିଁ ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି । ୨୫ ଲକ୍ଷ ହିତାଧିକାରୀ ମାସକୁ ୫ କିଲୋ ଚାଉଳ ପାଇବେ । ଚାଉଳ କିଲୋ ୩୨ ଟଙ୍କା ହିସାବରେ ବାର୍ଷିକ ୪୮୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ଲାଭ ନେଉଥିବା ହିତାଧିକାରୀମାନେ କିଏ ଏହା ଜାଣିବା ରାଜ୍ୟବାସୀଙ୍କ ଅଧିକାର। ଏହା ଖାଦ୍ୟ ସୁରକ୍ଷା ନୁହେଁ, ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପାଇଁ ଓଡିଆ ଟିକସଦାତାଙ୍କ ଝାଳବୁହା ଅର୍ଥକୁ ରାଜନୈତିକ ସ୍ୱାର୍ଥ ପାଇଁ ଖର୍ଚ୍ଚ ହେଉଛି ବୋଲି ମହାନ୍ତି ଅଭିଯୋଗ କରିଛନ୍ତି ।

କଂଗ୍ରେସ ମଧ୍ୟ ଏନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି। ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଜୟଦେବ ଜେନା କହିଛନ୍ତି ଯେ, ଏହା ଖାଦ୍ୟ ସୁରକ୍ଷା ଆଇନ ନୁହେଁ ବରଂ ବିଜେଡିର ଭୋଟ୍ ସୁରକ୍ଷା ଆଇନ। ବିଜେଡି ନିଜର ଭୋଟ୍ ବ୍ୟାଙ୍କ ସୃଷ୍ଟି କରିବା ପାଇଁ ଦଳୀୟ କର୍ମୀଙ୍କୁ ହିତାଧିକାରୀ ଭାବେ ଚୟନ କରି ରାଜନୀତି କରୁଛି। ଉପା ସରକାର ପ୍ରଥମେ ଏହି ଯୋଜନା ଆରମ୍ଭ କରିଥିଲା ବୋଲି ସେ କହିଛନ୍ତି।

# ବିଚ୍ଛିନ୍ନାଞ୍ଚଳରେ ମାଓବାଦୀ ମେଳି

ମାଲକାନଗିରି,୨।୧୦(ଡି.ଏନ.ଏ.)

ମାଓବାଦୀ ସଙ୍ଗଠନର ଛାମୁଆ ସଙ୍ଗଠନ ଭାବେ ପରିଚିତ ଆଦିବାସୀ ବିପ୍ଳବୀ ଚାଷୀ ମୂଲିଆ ସଂଘ ପକ୍ଷରୁ ବେଜିଙ୍ଗି ଅଞ୍ଚଳରେ ଏକ ପ୍ରଜାମେଳି ଅନୁଷ୍ଠିତ ହୋଇଥିବା ଖବର ମିଳିଛି। ୨ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ ଗୁରୁପ୍ରିୟା ସେତୁକୁ ଉଦ୍‌ଘାଟନ କରି ବିଚ୍ଛିନ୍ନାଞ୍ଚଳକୁ ସ୍ୱାଭିମାନ ଅଞ୍ଚଳ ଭାବେ ଘୋଷଣା କରିଥିଲେ। ତେବେ ବିଚ୍ଛିନ୍ନାଞ୍ଚଳରେ ବସବାସ କରୁଥିବା କୌଣସି ଆଦିବାସୀ ଏଥିରେ ଉପକୃତ ହେବେ ନାହିଁ । ବର୍ତ୍ତମାନ ମଧ୍ୟ ଏହି ଅଞ୍ଚଳର ୬ଟି ପଞ୍ଚାୟତର ଲୋକେ ବିକାଶ କଣ ଜାଣିନାହାନ୍ତି । ଏହି ପଞ୍ଚାୟତବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନରୁ ଏବେ ବି ବଞ୍ଚିତ ହୋଇ ରହିଛନ୍ତି। ଆନ୍ଧ୍ର-ଓଡିଶା, ମାଲକାନଗିରି-କୋରାପୁଟ-ବିଶାଖାପାଟଣା ଜୋନାଲ କମିଟି ପକ୍ଷରୁ ଆୟୋଜିତ ଏହି ମେଳିରେ ରାଜ୍ୟ ସରକାର ବିଚ୍ଛିନ୍ନାଞ୍ଚଳରେ ଯେଉଁ ଗୁରୁପ୍ରିୟା ସେତୁ ନିର୍ମାଣ କରିଛନ୍ତି ତାହା ବିକାଶ ପାଇଁ ନୁହେଁ ବରଂ ବିନାଶ ପାଇଁ। ଏହି ଅଞ୍ଚଳର ଖଣି ଖାଦାନ ଏବଂ ବକ୍ସାଇଟ୍ ଲୁଟ୍ କରିବା ଉଦ୍ଦେଶ୍ୟରେ ସେତୁ ନିର୍ମାଣ କରାଯାଇଛି ବୋଲି ମାଓବାଦୀମାନେ ଅଭିଯୋଗ କରିଥିଲେ। ନିରୀହ ଆଦିବାସୀଙ୍କୁ ବିସ୍ଥାପିତ କରି ସେମାନଙ୍କ ଭିଟାମାଟି କମ୍ପାନୀ ହାତରେ ଟେକି ଦେବା ପାଇଁ ଆନ୍ଧ୍ର ଓ ଓଡିଶା ସରକାର ମସୁଧା କରିଥିବା ସେମାନେ ଅଭିଯୋଗ କରିଥିଲେ। ସେହିଭଳି ବିଚ୍ଛିନ୍ନାଞ୍ଚଳ ପଣସପୁଟ, ପାପରମେଟଲା, ଯୋଡାମ୍ବ, ଯନ୍ତ୍ରୀ, ଅଣ୍ଡ୍ରାପାଲି ଆଦି ପଞ୍ଚାୟତରେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ଚଳିତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥିରେ ଫସଲ ହାନୀ ମଧ୍ୟ ହୋଇଛି । ଜଳସ୍ତର ବୃଦ୍ଧି ପାଉଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ଜଳ ନିଷ୍କାସନ କରାଯାଉନାହିଁ। ଫଳରେ ଆଗାମୀ ଦିନରେ ବହୁ ଗ୍ରାମ ଜଳମଗ୍ନ ହେବା ସମ୍ଭାବନା ରହିଛି ବୋଲି ସେମାନେ ଆରୋପ କରିଥିଲେ। ସ୍ୱାଭିମାନ ଅଞ୍ଚଳର ଯୋଡାମ୍ବ, ଅଣ୍ଡ୍ରାପାଲ୍ଲି, ପଣସପୁଟ ପଞ୍ଚାୟତର ମହିଳାପୁରୁଷମାନେ ଯୋଗ ଦେଇଥିଲେ।

FEW SEATS LEFT
Hurry-Up !!
B.Ed, B.P.Ed, B.H.Ed.
10th, +2, +3 (UG, PG, All stream)
PGDCA, BCA, MCA, MSW, B.BA,
MBA, BLib,MLib, MEd., MPhil, Ph.D
Regular & Distance at lower rate
Approved by UGC, NCTE & Equivalent to Odisha Board & University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436







Accessories shown may not be part of the standard equipment. #Finance at the sole discretion of the financier. Schemes cannot be clubbed. +5 year Warranty without any additional charges. *For more details on the award, please visit https://india.jdpower.com/ . ^^ Paytm offer valid till 31st October 2018 for all models. Other terms & conditions apply.

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com **Authorised Main Dealers: SAMBALPUR**: Kishore TVS, Ph.: 9778371171. **BOLANGIR:** Rajlaxmi TVS, Ph.: 918260437538. **BARGARH:** Subhamm TVS, Ph.: 8860625628. **BHAWANIPATNA:** Barun TVS, Ph: 8260430746; **ROURKELA:** Gurugobind TVS, Ph: 8260566699; **JHARSUGUDA:** Gunnu TVS, Ph: 8586977624; **SONEPUR**: Minerva TVS, Ph : 6370700730, 6370700734. **Authorised Dealers:** Rengali, Kalinga Automobiles, Ph.: 9437052831; Deogarh, Saswati Motors, Ph: 9437392892; Charbahal, RB Motors, Ph.: 9853406294; Junagarh, Indian Automobiles, Ph.: 9437092284, 9437939586; Nuapara, G K Motors, Ph.: 9937653638; Raj Khariar, Classic Auto, 9439144433; Muniguda, Bhagabati Motors, Ph: 9583860028; Dharmagarh, Gayatri Enterprises, Ph: 9938883405; Belpahar, Sova Automobiles, Ph.: 9238581791; Binka, Chandralata Motors, Ph: 7894255589; Attabira, Swati Auto, Ph: 9853157276; Barpali, Shree Krishna Motors, Ph.: 9777703149; Patnagarh, Samleshwari Motors, Ph.: 9938621078; Dungripally, Pabnee Motors, Ph.: 9937926986; Sundergarh, S. B. Automobiles, Ph.: 06622-274361, 9437139011; Rajgangpur, Bramha Motors, Ph: 9861265188; San Balichuan, Gayatri Motors, Ph: 8658502167; Khariar Road, Nanesh Auto, Ph.: 9938098888; Sohela, Khamari Auto, Ph.: 9938739550; Thuvapali, Goyal Auto, Ph: 9937452169 ; Bhatli, Saraswati Motors, Ph: 9090140103; Titlagarh, Maruti, 9438096285; Boudh, M.D. Motors, Ph.: 9439238768; Kantabanji, Nownit Auto Agency, Ph: 9437210599; Gaisilat, Akankshya Motors, Ph: 9937408645; Jaipatna, Kaveri Motors, Ph: 9178280401; Padampur, Alisha Motors, Ph: 9938110070; Sambalpur, Shakti Motors, Ph: 9337016000; Bamra, Regent Motors, Ph: 9437535172; Kuchinda, Jay Maa Automobiles, Ph: 9437058129; Tarbha: Deosar Motors, Ph: 9439135679; Redhakhol : Palak Trading Company, Ph: 7978349822; Saintala : Balaji Motors, Ph: 9853781372; Gaisilat, Akankshya Motors, Ph: 7683848645, A Kantapali, Hariom Automobiles, Ph: 8342939695; Paikmal, Mangal Motors, Ph: 9938119999; Laikera, Ritesh Automobiles, Ph : 9938465363 Narla Road, Niladri Motors, Ph: 7326933067; Bheden, Mohit Automobiles, Ph : 7008024042.
McCann/Blr/Tvs/968/09/18

ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି– ତେବେ ମୁଁ ଜାଣେ ନା– ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି ? କାରଣ– ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ଇ ଭଲ ଭାବେ ଜଣା । –ଶ୍ରୀଅରବିନ୍ଦ



# ଦଣ୍ଡ ନୁହେଁ, ଦମ୍ଭ

ସମାଜରେ ବଳାତ୍କାର ପୀଡ଼ିତାଙ୍କ ଦୁଃଖ କହିଲେ ନ ସରେ। ଏଭଳି କୁତ୍ସିତ ଅତ୍ୟାଚାରର ଶିକାର ହୋଇଥିବା ପୀଡ଼ିତା ଜୀବନସାରା ଏହାକୁ ନେଇ ମନସ୍ତାପରେ ଥାଆନ୍ତି। ଏପରିକି ଅଭିଯୁକ୍ତଙ୍କ ବିରୋଧରେ ମାମଲା ଚାଲିଥିଲେ ମଧ୍ୟ ତାଙ୍କ ଉପରେ ଶାରୀରିକ ଓ ମାନସିକ ଚାପ ପଡ଼ିଚାଲିଥାଏ। ଅନେକ କ୍ଷେତ୍ରରେ ସମୟ ଏଭଳି ଆସେ, ଯେତେବେଳେ ଅଭିଯୁକ୍ତଙ୍କ ଧମକରୁ ବର୍ଞ୍ଚିବାକୁ ଯାଇ ପୀଡ଼ିତା ନିଜ ବୟାନରୁ ଓହରିଯିବାକୁ ବାଧ୍ୟ ହୋଇଥାଆନ୍ତି। କେବଳ ସେତିକି ନୁହେଁ, ପରିବାର, ସାଙ୍ଗସାଥୀ ଏବଂ ପଡ଼ୋଶୀ ମଧ୍ୟ ମାନସିକ ଚାପ ପକାଇବାରେ ପଛରେ ରହନ୍ତି ନାହିଁ। ଫଳରେ ପୀଡ଼ିତାଙ୍କ ସାମାଜିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ହୋଇପଡ଼େ। ମନେହୁଏ ଯେପରି ତାଙ୍କ ଦୁଃଖ ବୁଝିବା ପାଇଁ ପୃଥିବୀରେ କେହିନାହାନ୍ତି। ଏଭଳି ମାନସିକ ସ୍ଥିତି ବୁଝିବା ଅତ୍ୟନ୍ତ କଷ୍ଟକର। କହିଦେବା ସହଜ, ବର୍ଞ୍ଚିବା ଅସମ୍ଭବ ହୋଇପଡ଼େ।

ସେପ୍ଟେମ୍ବର ୨୯ରେ ଜଷ୍ଟିସ ରଞ୍ଜନ ଗୋଗୋଇ, ନବୀନ ସିହ୍ନା ଓ କେ.ଏମ୍. ଯୋଶେଫ୍‌ଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ଏକ ରାୟ ଦେଇ କହିଛନ୍ତି ଯେ, ଅଭିଯୁକ୍ତଙ୍କ ବିରୋଧରେ ପୀଡ଼ିତା ଦେଇଥିବା ବୟାନକୁ ଯଦି ନିଜେ ବଦଳାଇ ଦିଅନ୍ତି, ତେବେ ତାଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ କରାଯାଇପାରେ। ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ଏକ ଆପରାଧିକ ମାମଲାରେ ଅଭିଯୁକ୍ତଙ୍କୁ ମୁକ୍ତ କରିଦେବା ଏକ ଗମ୍ଭୀର ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏଭଳି ଅନୁମତି ଦିଆଗଲେ ସମ୍ପୂର୍ଣ୍ଣ ବିଚାର ବ୍ୟବସ୍ଥା ଓ ସମାଜ ପ୍ରତି ଉପହାସ ସଦୃଶ ହେବ ବୋଲି ସର୍ବୋଚ୍ଚ ଅଦାଲତ ଅନୁଭବ କରି ଏହି ରାୟ ଦେଇଛନ୍ତି । କିନ୍ତୁ କେଉଁଭଳି ପରିସ୍ଥିତିର ସାମ୍ନା କରି ପୀଡ଼ିତା ଏପରି ପଦକ୍ଷେପ ନେଉଛନ୍ତି ତାହା ବିଚାରଯୋଗ୍ୟ। ସମସ୍ତେ ଜାଣନ୍ତି ଯେ, ଜଣେ ଯୁବତୀ ବା ମହିଳା ବଳାତ୍କାର ଭଳି ଅତ୍ୟାଚାରର ସମ୍ମୁଖୀନ ହେଲେ ତାଙ୍କୁ ସ୍ଥାନୀୟ ଅଞ୍ଚଳରେ ବହୁ ଟାହିଟାପରାର ଶିକାର ହେବାକୁ ପଡ଼େ। ଅଭିଯୁକ୍ତ ଅର୍ଥ ଓ ବାହୁବଳ ଜରିଆରେ ପୀଡ଼ିତା କିମ୍ବା ତାଙ୍କ ପରିବାର ଉପରେ ଅତ୍ୟଧିକ ଚାପ ପ୍ରୟୋଗ କରିଥାଆନ୍ତି। ଏପରିକି ସାକ୍ଷୀମାନେ ମଧ୍ୟ ଭୟଭୀତ ହୋଇ ବୟାନ ବଦଳାଇ ଦେଇଥାଆନ୍ତି। କେତେକ କ୍ଷେତ୍ରରେ ପୀଡ଼ିତାଙ୍କୁ ବିବାହ କରିବାର ଲୋଭ ଦେଖାଇ ବା ଟଙ୍କାପଇସା ଦେଇ ମାମଲା ରଫାଦଫା କରିଦିଆଯାଇଥାଏ। ସୁପ୍ରିମକୋର୍ଟ ଯେଉଁ ମାମଲାକୁ ଭିତ୍ତି କରି ଉପରଲିଖିତ ରାୟ ଦେଇଛନ୍ତି, ତାହାର ପୃଷ୍ଠଭୂମି ଦେଖିଲେ ବଳାତ୍କାର ପୀଡ଼ିତାଙ୍କ ଉପରେ ଅତ୍ୟଧିକ ଚାପ ପଡ଼ିଥିବ ବୋଲି କୁହାଯାଇପାରେ। ଗୁଜରାଟରେ ୨୦୦୪ରେ ଜଣେ ୯ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ପୀଡ଼ିତାଙ୍କ ମା' ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ଅଭିଯୁକ୍ତ ଗିରଫ ହେବା ପରେ ତଳ କୋର୍ଟ ତାଙ୍କୁ ୧୦ ବର୍ଷ ଜେଲଦଣ୍ଡ ଦେଇଥିଲେ। ହେଲେ ଏହାର ୬ ମାସ ପରେ ପୀଡ଼ିତା ଓ ତାଙ୍କ ଭଉଣୀ, ଯେ କି ଘଟଣାର ମୁଖ୍ୟ ସାକ୍ଷୀ ଥିଲେ କୋର୍ଟରେ ବୟାନ ବଦଳାଇ ଦେଇଥିଲେ। ଫଳରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଯାଇଥିଲେ। କିନ୍ତୁ ଗୁଜରାଟ ହାଇକୋର୍ଟ ପୀଡ଼ିତାଙ୍କ ମେଡିକାଲ ରିପୋର୍ଟ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ସ୍ଥିତି ଦେଖି ତଳକୋର୍ଟ ରାୟକୁ ଖାରଜ କରି ଦେଇଥିଲେ। ଅଭିଯୁକ୍ତ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ସର୍ବୋଚ୍ଚ ଅଦାଲତ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ପୀଡ଼ିତା ବୟାନ ବଦଳାଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି କହିଲେ ମଧ୍ୟ ଡାକ୍ତରୀ ରିପୋର୍ଟ ସହ ଅନ୍ୟାନ୍ୟ ପ୍ରମାଣ ଭିତ୍ତିରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ। ଏଥିସହିତ ରାୟରେ ଦର୍ଶାଯାଇଛି, ଏଭଳି କ୍ଷେତ୍ରରେ ପୀଡ଼ିତାଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇପାରେ। କାରଣ ନ୍ୟାୟିକ ପ୍ରକ୍ରିୟାକୁ ବଦଳାଇବା ପାଇଁ ପୀଡ଼ିତା ତାଙ୍କ ବୟାନ ବଦଳାଇଲେ କୋର୍ଟ ନୀରବଦ୍ରଷ୍ଟା ସାଜିପାରିବ ନାହିଁ। ଦେଖିବାକୁ ଗଲେ ଅନେକ କ୍ଷେତ୍ରରେ ପୂର୍ବ ରାଗ ଓ ଶତ୍ରୁତା ଶୁଝାଇବା ପାଇଁ କେତେକ ମହିଳା ବଳାତ୍କାର ଭଳି ଅଭିଯୋଗ ମିଛରେ ଆଣିଥାଇପାରନ୍ତି। ମିଥ୍ୟା ମାମଲା ଆଣୁଥିବା ମହିଳାଙ୍କୁ ଏହି ରାୟ ବାଧକ ସାଜିପାରେ। ଏହା ମଧ୍ୟ ସତ୍ୟ ଯେ, ବଳାତ୍କୃତା ମାମଲା ରୁଜୁ କରିବାରୁ ପଛଘୁଞ୍ଚା ଦିଅନ୍ତି। ସମାଜରେ ଏକଘରକିଆ ହେବାର ଭୟ, ପାରିପାର୍ଶ୍ୱିକ ଚାପ ଏବଂ ଦୀର୍ଘସମୟ ମାମଲା ଚାଲିବାର ଆଶଙ୍କା ସେମାନଙ୍କୁ ନ୍ୟାୟ ପ୍ରକ୍ରିୟାରୁ ଦୂରେଇ ରଖେ। ପ୍ରକୃତ ପୀଡ଼ିତାଙ୍କ ପାଇଁ ଏଭଳି ରାୟ ଅଧିକ ଚାପ ସୃଷ୍ଟି କରିବ। କାରଣ ତାହା ସହିତ ଆବଶ୍ୟକ ସହଯୋଗ ଯଥା କାଉନ୍‌ସେଲିଂ ଓ ସାକ୍ଷୀଙ୍କୁ ସୁରକ୍ଷା ଅପୂରଣୀୟ ରହିଗଲା। ଭାରତବର୍ଷରେ ସାକ୍ଷୀଙ୍କୁ କେମିତି ଭୟଭୀତ କରାଯାଏ, ତାହାର ସଦ୍ୟ ପ୍ରମାଣ ପେହେଲୁ ଖାନ୍ ହତ୍ୟା ମାମଲାରେ ସାକ୍ଷୀ ଦେବାକୁ ଯାଉଥିବା ତାଙ୍କ ପୁଅ ଏବଂ ଓକିଲଙ୍କ ଉପରେ ଗୁଳିମାଡ଼ ଦର୍ଶାଇଛି। ଏଭଳି ସ୍ଥଳେ ଜଣେ ବଳାତ୍କାର ପୀଡ଼ିତା କିଭଳି ଦମ୍ଭ ପାଇବେ ସେ ଦିଗରେ ଅଧିକ ଦୃଷ୍ଟି ଦିଆଯିବାର ଆବଶ୍ୟକତା ରହିଛି।

# ମୋ ସୌନ୍ଦର୍ଯ୍ୟ ତୁମ ବୁଦ୍ଧିମତ୍ତା



ସରଳ କୁମାର ଦାସ

କୁହାଯାଏ ତିନି ତୁଣ୍ଡରେ ଛେଳି କୁକୁର। ଅର୍ଥାତ୍ ବହୁ ଲୋକଙ୍କ ମୁହଁରେ ମିଛ କଥାଟିକୁ ବାରମ୍ବାର କୁହାଗଲେ ତାହା ସତ ଭଳି ଜଣା ପଡିଥାଏ। ସତଟି ମିଛ ହୋଇଯାଏ। ଏହିଭଳି କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଜଣଙ୍କର ସମ୍ମାନହାନି ବା ଭାବମୂର୍ତ୍ତି କ୍ଷୁଣ୍ଣ କରିବାରେ ସକ୍ଷମ ହୋଇଥାନ୍ତି। ଏହିପରି ସାଧାରଣ ଲୋକଙ୍କୁ ବ୍ୟବହାର କରି ଜଣେ ବ୍ୟକ୍ତିଙ୍କୁ ମହିମାମଣ୍ଡିତ କରିବା ସଙ୍ଗେସଙ୍ଗେ ଜନସାଧାରଣଙ୍କ ସମ୍ମୁଖରେ ତା'ର ଏକ ଭିନ୍ନ ଛବି ପ୍ରସ୍ତୁତ କରିହୁଏ। ଅନେକ ପ୍ରବାଦ ପୁରୁଷଙ୍କ ସହ ଉପାଖ୍ୟାନମାନ ଯୋଡା ହେବା କେବଳ ସଂଯୋଗ ନୁହେଁ। ସ୍ଥଳ ବିଶେଷରେ ଉପାଖ୍ୟାନ ସହ ଜଡିତ ଘଟଣାଟି ସମ୍ପୂର୍ଣ୍ଣ ମିଛ ହୋଇଥିବା ବେଳେ ଅଧିକାଂଶ କ୍ଷେତ୍ରରେ ଘଟଣାଟି ବର୍ଣ୍ଣିତ ଢଙ୍ଗରେ ଘଟି ନ ଥାଏ। ସେଥିରେ ମସଲା ଦେଇ ତାକୁ ସାମାଜିକ ଓ ରାଜନୈତିକ ଭାବେ ପରିପୁଷ୍ଟ କରାଯାଏ।

ମଜାର କଥା, ଅନେକ ସମୟରେ ସମ୍ପୃକ୍ତ ବ୍ୟକ୍ତିବିଶେଷ ଉପାଖ୍ୟାନର ବର୍ଣ୍ଣନାରେ ଆମୋଦିତ ହୋଇଥାନ୍ତି ଓ ଏହାକୁ ଉପଭୋଗ କରିଥାନ୍ତି, ହେଲେ ତା'ର ପ୍ରତିବାଦ କରିବାକୁ ଚାହିଁ ନ ଥାନ୍ତି ବା କରିପାରି ନ ଥାନ୍ତି। ସେଥିପାଇଁ ଏଭଳି ପ୍ରବାଦ ପୁରୁଷଙ୍କ ମଧ୍ୟରୁ କେହି କେହି ନିଜ ଆତ୍ମଜୀବନୀ ଲେଖିବା ପାଇଁ କୁଣ୍ଠାବୋଧ କରିଥାନ୍ତି, କାରଣ ସେହି ମିଛଟିକୁ ଆଉ ଥରେ ସମର୍ଥନ କରି ବର୍ଣ୍ଣନା କରିବାକୁ ତାଙ୍କ ବିବେକ ବାଧା ଦିଏ। ପ୍ରଖ୍ୟାତ ଲେଖକ ଜର୍ଜ ବର୍ନାଡ ଶ'ଙ୍କୁ କେନ୍ଦ୍ର କରି ଗଢି ଉଠିଥିବା ସେ ଭଳି ଏକ ବହୁଚର୍ଚ୍ଚିତ ଉପାଖ୍ୟାନ ହେଉଛି 'ମୋ ସୌନ୍ଦର୍ଯ୍ୟ ଓ ତୁମ ବୁଦ୍ଧିମତ୍ତା', ଯାହାର ସତ୍ୟତା ଉଦ୍‌ଘାଟନ କରିବାକୁ ଭିନ୍ନ ଭିନ୍ନ ଭାବେ ପ୍ରଚେଷ୍ଟା ହୋଇଛି।

ବହୁଳଭାବେ ପ୍ରଚାରିତ ଉପାଖ୍ୟାନଟି ଏହିପରି– ଥରେ ଜଣେ ରୂପବତୀ ଯୁବତୀ ପ୍ରଖ୍ୟାତ ନାଟ୍ୟକାର ଶ'ଙ୍କୁ ପ୍ରସ୍ତାବ ଦେଲେ, ''କେତେ ଭଲ ହୁଅନ୍ତା ଯଦି ଆମେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇ ଏମିତି ଏକ ସନ୍ତାନକୁ ଜନ୍ମ ଦିଅନ୍ତେ ଯିଏ ମୋ ସୌନ୍ଦର୍ଯ୍ୟ ଓ ତୁମ ବୁଦ୍ଧିମତ୍ତାର ଅଧିକାରୀ ହୁଅନ୍ତା।'' ସେତେଟା ସୁଦର୍ଶନ ନ ଥିବା ପ୍ରତ୍ୟୁତ୍ପନ୍ନମତି ବର୍ନାଡ ଶ' ଉତ୍ତର ଦେଲେ, ''ସତରେ ତାହା ବିସ୍ମୟକର ହୁଅନ୍ତା। ହେଲେ ଯଦି ଆମ ସନ୍ତାନଟି ମୋ ସୌନ୍ଦର୍ଯ୍ୟ ଓ ତୁମ ବୁଦ୍ଧିମତ୍ତାର ଅଧିକାରୀ ହୁଏ ତେବେ ?''

ଯୁବତୀ ଜଣକ ସେ ସମୟର ପ୍ରସିଦ୍ଧ ନୃତ୍ୟାଙ୍ଗନା ଇସାଡୋରା ଡଙ୍କାନ ଥିଲେ ବୋଲି ବିଶ୍ୱାସ କରାଯାଏ। ଆମେରିକାରେ ଜନ୍ମିତ ଇସାଡୋରା ପଶ୍ଚିମ ୟୁରୋପ ଓ ରୁଷିଆକୁ ତାଙ୍କ କର୍ମକ୍ଷେତ୍ରରେ ପରିଣତ କରିଥିଲେ। ଗତ ଶତାବ୍ଦୀର ପ୍ରଥମ ତିନି ଦଶକରେ ସେ ତାଙ୍କ ନୃତ୍ୟ ଓ ନୃତ୍ୟଶୈଳୀ ଯୋଗୁ ସମଗ୍ର ୟୁରୋପରେ ଚହଳ ପକାଇଥିଲେ। ତାଙ୍କ ସୌନ୍ଦର୍ଯ୍ୟ କେବଳ ପତ୍ରପତ୍ରିକାର ଚର୍ଚ୍ଚା ଭିତରେ ସୀମିତ ନ ରହି ସେ ସମୟର ସମ୍ଭ୍ରାନ୍ତ ସମାଜରେ ଚର୍ଚ୍ଚିତ ହେବା ସହିତ କିଛି ସ୍ଥପତି, ଚିତ୍ରକର ଓ ଚିତ୍ରୋତ୍ତୋଳକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିଲା। ଦୁଇ ଦୁଇ ଥର ବିବାହ କରି ଦୁଇଟି କନ୍ୟା ସନ୍ତାନର ଜନନୀ ହୋଇଥିବା ଇସାଡୋରା ବ୍ୟକ୍ତିଗତ ଜୀବନରେ ତାଙ୍କ ଉନ୍ମୁକ୍ତ ଜୀବନଶୈଳୀ ପାଇଁ ଚର୍ଚ୍ଚିତ ଥିଲେ। କେତେକଙ୍କ ମତରେ ଇସାଡୋରା ବର୍ନାଡ ଶ'ଙ୍କୁ ପ୍ରସ୍ତାବଟି ସିଧାସଳଖ ନ ଦେଇ ପତ୍ର ମାଧ୍ୟମରେ ଦେଇଥିଲେ। ସେ ଯାହା ହେଉ ନା କାହିଁକି, ଇସାଡୋରା ଓ ବର୍ନାଡ ସ'ଙ୍କ ଉପାଖ୍ୟାନଟି ସେତେବେଳକୁ ସର୍ବତ୍ର ପ୍ରସାରିତ ହୋଇ ସାରିଥାଏ।

ଠିକ୍ ଏତିକି ବେଳେ ମାକ୍ସ ହାୟେକ ନାମକ ଜଣେ ଲେଖକଙ୍କର ଏପରି ଏକ ଗଳ୍ପ ପ୍ରକାଶିତ ହେଲା, ଯେଉଁଥିରେ ପୂର୍ବୋକ୍ତ ଉପାଖ୍ୟାନର ସାମଞ୍ଜସ୍ୟ ଥିଲା। ହାୟେକ ଏହାକୁ ବର୍ନାଡ ଶ'ଙ୍କ ଜୀବନରେ ଘଟିତ ଘଟଣାରୁ ଚୋରି କରିଛନ୍ତି ବୋଲି ଏକ ଇଟାଲୀୟ ପତ୍ରିକାରେ ପ୍ରକାଶ ପାଇବା ପରେ ବିବାଦ ଘନେଇଲା। ଉପାଖ୍ୟାନର ସତ୍ୟତା ସମ୍ପର୍କରେ ଏକ ଜର୍ମାନ ପତ୍ରିକାର ସମ୍ପାଦକ ବର୍ନାଡ ଶ'ଙ୍କୁ ସିଧାସଳଖ ପଚାରିଲେ। ବର୍ନାଡ ଶ' ୧୯୨୬ରେ ଏକ ପତ୍ର ମାଧ୍ୟମରେ ତାଙ୍କର ଇସାଡୋରାଙ୍କ ସହ ସମ୍ପର୍କ ଥିବା କଥାକୁ ଅସ୍ୱୀକାର କରିବା ସହିତ ଉଭୟଙ୍କ ମଧ୍ୟରେ ସେଭଳି କୌଣସି ବାର୍ତ୍ତାଳାପ ହୋଇ ନ ଥିଲା ବୋଲି କହିଥିଲେ। ସେ ଲେଖିଥିଲେ, ''ଇଟାଲୀୟ ସାମ୍ବାଦିକ ଜଣକ ହେଉଛନ୍ତି ନର୍ତ୍ତକୀ ଓ ତାଙ୍କ ପ୍ରସ୍ତାବର ଉଦ୍ଭାବକ। ମାକ୍ସ ହାୟେକ ଚତୁର ଉତ୍ତରକୁ ଚୋରି କଲେ, ଆଉ ମୋତେ ସେହି ଗପର ନାୟକ କରିଦେଲେ, କାରଣ ସମ୍ବାଦପତ୍ରଗୁଡ଼ିକ ମୋ ବାବଦରେ ଏହିଭଳି ଅନେକ ଗପ ଛାପିଥାନ୍ତି। ସେଥିରୁ ଅନେଶତ ଭାଗ ସମ୍ପୂର୍ଣ୍ଣ ମିଛ ହୋଇଥିବା ବେଳେ, ଅଧା ଅର୍ଦ୍ଧସତ୍ୟ। ବାକି ଅଧା ସତ ହେଲେ ମଧ୍ୟ ତା'ର ଉପସ୍ଥାପନା ନିମ୍ନମାନର।'' ଅବଶ୍ୟ ସେ ୧୯୩୧ରେ ନାଟ୍ୟକାର ସିଓଲେ ଷ୍ଟୋକ୍‌ସଙ୍କ ସହ ଏକ ସାକ୍ଷାତ୍‌କାରରେ ସ୍ୱୀକାର କରିଥିଲେ ଯେ ସେ ସେହି ଚତୁର ଉତ୍ତରଟି ଦେଇଥିଲେ ମଧ୍ୟ ତାହା ଅନ୍ୟ ଜଣେ ବିଦେଶୀ ଅଭିନେତ୍ରୀଙ୍କ ପ୍ରତି ଅଭିପ୍ରେତ ଥିଲା, ଇସାଡୋରାଙ୍କ ପ୍ରତି ନୁହେଁ।

ବର୍ନାଡ ଶ' ନୁହନ୍ତି, ବରଂ ବିଭିନ୍ନ ସମୟରେ 'ମୋ ସୌନ୍ଦର୍ଯ୍ୟ ଓ ତୁମ ବୁଦ୍ଧିମତ୍ତା' ଉପାଖ୍ୟାନ ସହ ଆହୁରି ଅନେକ ଚର୍ଚ୍ଚିତ ବ୍ୟକ୍ତିତ୍ୱଙ୍କ ନାମ ଶୁଣିବାକୁ ମିଳିଛି। ସେମାନଙ୍କ ମଧ୍ୟରେ ଥିଲେ ୧୯୨୧ର ନୋବେଲ ପୁରସ୍କାରପ୍ରାପ୍ତ ଫରାସୀ ସାହିତ୍ୟିକ ଆନାଟୋଲି ଫ୍ରାନ୍ସଙ୍କ ସହ ଇସାଡୋରା ଡଙ୍କାନ, ଆଲବର୍ଟ ଆଇନଷ୍ଟାଇନଙ୍କ ସହ ଜଣେ କୋରସ ଗାୟିକା ଏବଂ ନାଟ୍ୟକାର ଆର୍ଥର ମିଲରଙ୍କ ସହ ଅଭିନେତ୍ରୀ ମେରିଲିନ ମନ୍‌ରୋ। ତେବେ ବର୍ନାଡ ଶ' ଅସ୍ୱୀକାର କରିଥିବା ସତ୍ତ୍ୱେ ଆଜିଯାଏ ଏ ଉପାଖ୍ୟାନ କଥା ଚର୍ଚ୍ଚା ହେଲେ ତାଙ୍କ ନାମ ଆପଣା ଛାଏଁ ମନକୁ ଆସିଯାଏ।

ଏଣିକି ଆଜିକାଲିକାର ବ୍ୟକ୍ତି ବିଶେଷଙ୍କୁ ନେଇ ବେଶି ଉପାଖ୍ୟାନ ଶୁଣିବାକୁ ମିଳୁନାହିଁ। ଏକଥା ନୁହେଁ ଯେ ଆଜିକାଲି ବିଶାଳ ବ୍ୟକ୍ତିତ୍ୱଙ୍କ ଅଭାବ ଅଛି ବା ସେମାନଙ୍କୁ ମହିମାମଣ୍ଡିତ କରିବା ପ୍ରଚେଷ୍ଟାରେ ଲୋକେ ଅସତ୍ୟର ଆଶ୍ରୟ ନେଉ ନାହାନ୍ତି। ତେବେ ଇଣ୍ଟରନେଟ, ଦୃଶ୍ୟ–ଶ୍ରାବ୍ୟ ଆଦି ମାଧ୍ୟମର ବହୁଳ ପ୍ରସାର ଫଳରେ ମିଥ୍ୟା ପ୍ରସାର କରିବା ପାଇଁ କିଛି ଲୋକ ଯେପରି ବ୍ୟଗ୍ର, ସତ୍ୟ ଉଦ୍‌ଘାଟନ କରିବାକୁ ଆଉ କିଛି ଲୋକ ସେହିପରି ତତ୍ପର ଥିବା ଯୋଗୁ ମିଛ ଆଉ ଦୀର୍ଘ ସମୟ ତିଷ୍ଠି ନ ପାରି ଧରାଶାୟୀ ହେଉଛି ଓ ଏଭଳି ଅପଚେଷ୍ଟା କରୁଥିବା ଲୋକେ ନିନ୍ଦିତ ହେଉଛନ୍ତି। ତେଣୁ ସେହି ମିଥ୍ୟା ଆଉ ଉପାଖ୍ୟାନ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରୁନାହିଁ। ଅବଶ୍ୟ କେତେକ କ୍ଷେତ୍ରରେ ଉପାଖ୍ୟାନରେ ବର୍ଣ୍ଣିତ ବ୍ୟକ୍ତି ବା ଘଟଣାର ସତ୍ୟତା ଅପେକ୍ଷା ସେଥିରେ ସନ୍ନିବେଶିତ ମର୍ମଟି ଏତେ ଅର୍ଥପୂର୍ଣ୍ଣ ହୋଇଥାଏ ଯେ ତାହା କାଳଜୟୀ ହୋଇଯାଏ, ଯାହା ହୋଇଛି ଚର୍ଚ୍ଚିତ ଉପାଖ୍ୟାନ 'ମୋ ସୌନ୍ଦର୍ଯ୍ୟ ଓ ତୁମ ବୁଦ୍ଧିମତ୍ତା' କ୍ଷେତ୍ରରେ।

ମୋ– ୯୪୩୭୦୩୮୦୧୫,
saral_das@yahoo.co.in

# ସିଙ୍ଗାପୁର ଓ ଭାରତ: ସ୍ୱଚ୍ଛ ଭବିଷ୍ୟ ପାଇଁ ପରିକଳ୍ପନା



ଲି ହେନ୍ ଲୁଙ୍ଗ

ଆଜକୁ ଚାରିବର୍ଷ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୯ ପର୍ଯ୍ୟନ୍ତ 'ସ୍ୱଚ୍ଛ ଭାରତ'ର ପରିକଳ୍ପନାକୁ ସାକାର କରିବା ପାଇଁ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିଥିଲେ। ଏହା ବି ଏକ ସଂଯୋଗ ଯେ, ୨୦୧୯ ଅକ୍ଟୋବର ୨ ହେଉଛି ମହାତ୍ମା ଗାନ୍ଧୀଙ୍କର ୧୫୦ତମ ଜୟନ୍ତୀ, ଯିଏ ସ୍ୱଚ୍ଛତାକୁ ରାଷ୍ଟ୍ରୀୟ ପ୍ରାଥମିକତାର ସଂଜ୍ଞା ଦେଇଥିଲେ। ଗତ ଚାରିବର୍ଷରେ ଭାରତ ୮ କୋଟି ୮୦ ଲକ୍ଷ ଘରେ ଶୌଚାଳୟ ନିର୍ମାଣ କରି ଏବଂ ୪ ଲକ୍ଷ ୧୭ ହଜାର ଗାଁକୁ ଖୋଲାରେ ଶୌଚ ହେବାରୁ ମୁକ୍ତ ଘୋଷଣା କରି ଏ ଦିଗରେ ଯଥେଷ୍ଟ ଅଗ୍ରଗତି କରିଛି।

ସିଙ୍ଗାପୁର ମଧ୍ୟ ଆଗରୁ ଏହି ରାସ୍ତାରେ ଅଗ୍ରସର ହୋଇଛି। ସ୍ୱାଧୀନତା ପରଠାରୁ ହିଁ ଆମେ ଆମ ଲୋକଙ୍କ ପାଇଁ ଏକ ସ୍ୱଚ୍ଛ ଓ ସବୁଜ ବାତାବରଣ ଗଢ଼ିତୋଳିବା ଲାଗି କଠିନ ପରିଶ୍ରମ କରିଛୁ। ପ୍ରାରମ୍ଭରେ ଅନେକ ଘରେ ମଳ ନିଷ୍କାସନର ବ୍ୟବସ୍ଥା ନ ଥିଲା। ମଳକୁ ବାଲ୍‌ତିରେ କାଢ଼ି ସ୍ୱତନ୍ତ୍ର ଟ୍ରକ୍ ଯୋଗେ ମଳ ଶୋଧନ ସଂଯନ୍ତ୍ର ପର୍ଯ୍ୟନ୍ତ ନିଆଯାଉଥିଲା ଏବଂ ପ୍ରବଳ ଦୁର୍ଗନ୍ଧ ହେଉଥିଲା। ମାନବ ମଳକୁ ପ୍ରାୟତଃ ପାଖ ନାଳ ଓ ନଦୀରେ ପକାଇ ଦିଆଯାଉଥିଲା। ଏହାଦ୍ୱାରା ଜଳ ପ୍ରଦୂଷଣ ହେଉଥିଲା। ସ୍ୱଚ୍ଛତା ଅଭାବରୁ ଅନେକ ରୋଗ ବ୍ୟାପୁଥିଲା।

ଆମର ରାଷ୍ଟ୍ର ନିର୍ମାତାମାନେ ନିର୍ଣ୍ଣାୟକ ଢଙ୍ଗରେ କାମ କରିବାର ସଂକଳ୍ପ ନେଲେ। ସେମାନେ 'ସିଙ୍ଗାପୁରକୁ ସ୍ୱଚ୍ଛ ରଖିବା' ନାମରେ ଏକ ରାଷ୍ଟ୍ରୀୟ ଅଭିଯାନ ଆରମ୍ଭ କଲେ। ଆମେ ପ୍ରତ୍ୟେକ ଘରେ ମଳ ନିଷ୍କାସନର ବ୍ୟବସ୍ଥା କଲୁ। ନଦୀଗୁଡ଼ିକୁ ସଫା କଲୁ। ସିଙ୍ଗାପୁରକୁ ଏକ ସ୍ୱଚ୍ଛ ଓ ସବୁଜ ସହର ଭାବେ ଗଢ଼ି ତୋଳିଲୁ। ବିଶେଷ ପଦ୍ଧତିରେ ଆମେ ସିଙ୍ଗାପୁର ନଦୀକୁ ସଫା କଲୁ। ଏହି ପ୍ରକ୍ରିୟାରେ ଆମକୁ ହଜାର ହଜାର ଜବରଦଖଲକାରୀ, ଘର ଅଗଣାରେ ଚାଲୁଥିବା ଉଦ୍ୟୋଗ, ଘୁଷୁରି ପାଳନ କରୁଥିବା କାଞ୍ଜିଘର ଏବଂ ପ୍ରଦୂଷଣର କେତେକ ସ୍ରୋତକୁ ନଦୀ ତଟବର୍ତ୍ତୀ ଅଞ୍ଚଳରୁ ହଟାଇବାକୁ ପଡ଼ିଥିଲା। ଆଜି ଏକ ସ୍ୱଚ୍ଛ ସିଙ୍ଗାପୁର ନଦୀ ସହର ଦେଇ ପ୍ରବାହିତ ହୋଇ ମରିନା ଜଳାଶୟରେ ପତିତ ହୋଇଛି, ଯାହା ସହରକୁ ପାନୀୟ ଜଳ ଯୋଗାଣର ମୁଖ୍ୟ ଅବଲମ୍ବନ ହୋଇଛି।

ଆକାର ଦୃଷ୍ଟିରୁ ଭାରତ ସିଙ୍ଗାପୁରଠାରୁ କାହିଁ କେତେଗୁଣ ବଡ଼। ଗଙ୍ଗାନଦୀ ସିଙ୍ଗାପୁର ନଦୀଠାରୁ ହଜାରେ ଗୁଣ ବଡ଼। ତା' ସତ୍ତ୍ୱେ ସିଙ୍ଗାପୁର ଓ ଭାରତ ମଧ୍ୟରେ ସ୍ୱଚ୍ଛତା ଅଭିଯାନରେ ଅନେକ ସାଦୃଶ୍ୟ ରହିଛି। ପ୍ରଥମତଃ ଉଭୟ ଦେଶର ଅନୁଭବ ସଂକଳ୍ପ ଓ ନେତୃତ୍ୱର ମହତ୍ତ୍ୱ ଦର୍ଶାଉଛି। ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଲି କୁଆନ ୟୁ ଏବଂ ପ୍ରଧାନମନ୍ତ୍ରୀ ମୋଦି ଉଭୟେ ହିଁ ଦେଶକୁ ସ୍ୱଚ୍ଛ ଓ ସବୁଜ କରି ଗଢ଼ିତୋଳିବା ଉପରେ ପ୍ରାଥମିକତା ଦେଇଛନ୍ତି। ଉଭୟେ ହିଁ ଜନଜାଗରଣ ବଢ଼ାଇବା ଲାଗି ନେତୃତ୍ୱ ନେଇଛନ୍ତି। ଉଭୟ ନେତା ହାତରେ ଝାଡ଼ୁ ଧରି ରାସ୍ତା ସଫା କରିବା ପାଇଁ ଜନତାଙ୍କ ସହ ମିଶିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଲି ହେଉଛନ୍ତି ତାଙ୍କ ପାଇଁ ବ୍ୟକ୍ତିଗତ ପ୍ରେରଣା।

ଦ୍ୱିତୀୟତଃ ସଫଳତା ପାଇଁ ଏକ ଦୀର୍ଘକାଳୀନ ରାଷ୍ଟ୍ରୀୟ ପ୍ରତିବଦ୍ଧତାର ଆବଶ୍ୟକତା ରହିଛି। ସିଙ୍ଗାପୁରରେ ଆମେ ମଳ ନିଷ୍କାସନ ଓ ଜଳ ନିଷ୍କାସନ ପ୍ରଣାଳୀକୁ ଅଲଗା କରିବାର ଏକ ମାଷ୍ଟର ପ୍ଲାନ କରିଥିଲୁ। ଏହାର ଉଦ୍ଦେଶ୍ୟ ଥିଲା ବର୍ଷାଜଳକୁ ପ୍ରଦୂଷିତ ହେବାରୁ ବଞ୍ଚାଇବା, ଯାହା ଫଳରେ ତାକୁ ବ୍ୟବହାରକ୍ଷମ କରିହେବ। ଏଥିସହ ମଳ ଶୋଧନ ସଂଯନ୍ତ୍ରରୁ ବାହାରୁଥିବା ପାଣିକୁ ଆମେ ରିଭର୍ସ ଅସ୍ମୋସିସ୍ ପଦ୍ଧତିରେ ଶୋଧନ କରି ପୁନଃ ବ୍ୟବହାରଯୋଗ୍ୟ କରୁଛୁ। ଏହାଦ୍ୱାରା ଆମେ ଜଳ ଅଭାବଜନିତ ସମସ୍ୟାର ମୁକାବିଲା କରିପାରୁଛୁ।

ଭାରତରେ ସ୍ୱଚ୍ଛ ଭାରତ ଅଭିଯାନରେ ସାଧାରଣ ଲୋକ, ଶିଳ୍ପଜଗତ ଓ ବିଦ୍ୟାଳୟଗୁଡ଼ିକ ସମ୍ପୃକ୍ତ ହୋଇ କାମ କରିବାରେ ବହୁତ ସଫଳତା ମିଳିପାରିଛି। ବିଦ୍ୟାଳୟର ସ୍ୱଚ୍ଛତା ଓ ପାନୀୟ ଜଳ ସୁବିଧା ସମ୍ପର୍କିତ ୨୦୧୮ ମସିହା ପାଇଁ ୟୁନିସେଫ୍‌ର ବିଶ୍ୱ ରିପୋର୍ଟରେ ପ୍ରକାଶ ପାଇଛି ଯେ, ୨୦୦୬ ତୁଳନାରେ ଏହି ସମୟରେ ଭାରତର ପ୍ରାୟ ସବୁ ବିଦ୍ୟାଳୟରେ ସ୍ୱଚ୍ଛତାର ବିକାଶ ହୋଇପାରିଛି। ୨୦୦୬ରେ ଏହି ସୁବିଧା ୫୦ ପ୍ରତିଶତ ବିଦ୍ୟାଳୟରେ ଥିଲା।

ତୃତୀୟତଃ ସିଙ୍ଗାପୁର ଓ ଭାରତ ଉଭୟ ହିଁ ଅନ୍ତର୍ରାଷ୍ଟ୍ରୀୟ ସହଯୋଗକୁ ମହତ୍ତ୍ୱ ଦିଅନ୍ତି। ଏହା ଜରୁରୀ ନୁହେଁ ଯେ, ଅଲଗା ଅଲଗା ଦେଶରେ ଏକ ପ୍ରକାର ସମାଧାନ ସଫଳ ହେବ। ବରଂ ସବୁ ଦେଶ ପରସ୍ପର ମଧ୍ୟରେ ନିଜର ଅନୁଭବକୁ ବାଣ୍ଟିବା ମାଧ୍ୟମରେ ତାହାର ଲାଭ ଉଠାଇପାରିବେ। ମୁଁ ମହାତ୍ମା ଗାନ୍ଧୀ ଅନ୍ତର୍ରାଷ୍ଟ୍ରୀୟ ସ୍ୱଚ୍ଛତା ସମ୍ମେଳନର ସଫଳ ଆୟୋଜନ ପାଇଁ ଭାରତକୁ ଅଭିନନ୍ଦନ ଜଣାଉଛି। ସିଙ୍ଗାପୁର ମଧ୍ୟ ଏପରି ମଞ୍ଚର ଆୟୋଜନ କରିଥାଏ ଏବଂ ପ୍ରତି ଦୁଇ ବର୍ଷରେ ଥରେ ଆୟୋଜନ କରାଯାଉଥିବା ବିଶ୍ୱ ନଗର ଶିଖର ସମ୍ମେଳନ ଓ ସିଙ୍ଗାପୁର ଅନ୍ତର୍ରାଷ୍ଟ୍ରୀୟ ଜଳ ସପ୍ତାହ ହେଉଛି ତାହାର ଦୃଷ୍ଟାନ୍ତ। ସ୍ୱଚ୍ଛତା ଉପରେ ଜାଗରଣ ସୃଷ୍ଟି କରିବା ପାଇଁ ନଭେମ୍ବର ୧୯କୁ ସ୍ୱଚ୍ଛତା ଦିବସ ରୂପେ ପାଳନ କରିବା ନିମନ୍ତେ ସିଙ୍ଗାପୁରର 'ସମସ୍ତଙ୍କ ପାଇଁ ସ୍ୱଚ୍ଛତା'ର ସଂକଳ୍ପକୁ ଜାତିସଂଘ ୨୦୧୩ରେ ଗ୍ରହଣ କରିନେଇଛି। ଏହି ଅବସରରେ ସିଙ୍ଗାପୁର ଭାରତ ସହ ନିଜର ଅନୁଭବ ବାଣ୍ଟିବାରେ ଖୁସି ଅନୁଭବ କରୁଛି, ଯେତେବେଳେ କି ଭାରତ ସାରା ଦେଶରେ ଅଧିକ ବାସଯୋଗ୍ୟ ଏବଂ ସ୍ଥାୟୀ ସ୍ମାର୍ଟ ସହରର ନିରନ୍ତର ବିକାଶ କରୁଛି। ୧୦୦ ଅଧିକାରୀଙ୍କୁ ନଗର ନିୟୋଜନ, ଜଳ ଏବଂ ଆବର୍ଜନା ପରିଚାଳନା ବିଷୟରେ ପ୍ରଶିକ୍ଷଣ ଦେବା ଲାଗି ସିଙ୍ଗାପୁର ଭାରତର ନଗର ଏବଂ ରାଷ୍ଟ୍ର ନିୟୋଜନ ସଂଗଠନକୁ ସହଯୋଗ କରୁଛି। ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ର ପରି ରାଜ୍ୟ, ଯିଏ ନିଜ ସହରଗୁଡ଼ିକର ବିକାଶ କରୁଛନ୍ତି, ସିଙ୍ଗାପୁର ଏ କାର୍ଯ୍ୟରେ ସେମାନଙ୍କୁ ସହଯୋଗ କରିବାକୁ ପ୍ରସ୍ତୁତ ଅଛି। ମୁଁ ଭାରତକୁ ସ୍ୱଚ୍ଛ କରିବା ପାଇଁ ସ୍ୱଚ୍ଛ ଭାରତ ଅଭିଯାନର ସଫଳତା କାମନା କରୁଛି।

ପ୍ରଧାନମନ୍ତ୍ରୀ, ସିଙ୍ଗାପୁର

## ଏଇ ଭାରତରେ

ତାମିଲନାଡୁରକୋଇମ୍ବାଟୁରସ୍ଥିତରେସକୋର୍ସରୋଡଠାରେ ମହାତ୍ମା ଗାନ୍ଧୀଙ୍କ ଜନ୍ମ ତିଥିରେ ଚରଖାର ଏକ ବୃହତ୍ ପ୍ରତିରୂପ ନିର୍ମାଣ କରାଯାଇଛି। ଏହାର ଲମ୍ବ ୧୫ଫୁଟ ଏବଂ ଉଚ୍ଚତା ୯ଫୁଟ। ସ୍ୱାଧୀନତା ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀ ବିଦେଶୀ ବସ୍ତ୍ର ବର୍ଜନ କରିବାକୁ ଆହ୍ୱାନ ଦେଇଥିଲେ। ଏହା ବଦଳରେ ନିଜ ହାତରେ ସୂତାକାଟିବା ସହିତ ଖଦିଲୁଗା ବୁଣି ପିନ୍ଧିବାକୁ ସେ ଭାରତବାସୀଙ୍କୁ ପରାମର୍ଶ ଦେଇଥିଲେ। ସେଥିପାଇଁ ସେ ନିଜ ହାତରେ ଚରଖା ସାହାଯ୍ୟରେ ସୂତା କାଟୁଥିଲେ। ସାଢ଼େ ୬ଫୁଟ ପ୍ରସ୍ଥ ବିଶିଷ୍ଟ 'ଚରଖା' ନିର୍ମାଣ କରି ଯୁବପିଢ଼ିଙ୍କ ମଧ୍ୟରେ ଖଦି ଆନ୍ଦୋଳନ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଆହୁରି ମଧ୍ୟ ଗାନ୍ଧୀ ଚରଖାରେ ସୂତା କାଟୁଥିବାର ଏକ ବୃହତ୍ ଫଟୋଚିତ୍ର ଏଠାରେ ସ୍ଥାନିତ କରାଯାଇଛି। ଗାନ୍ଧୀଙ୍କ ଆଦର୍ଶର ପ୍ରଚାର କରୁଥିବା ଏକ ସଂଗଠନ ଦେଶଭକ୍ତନ୍ (ଦି ପାଟ୍ରିଅଟ୍) ଏବଂ ଲାୟନ୍‌ସ କ୍ଲବ୍ ଅଫ୍ ଆରିଷ୍ଟୋ ସହଯୋଗରେ ଏହା ନିର୍ମାଣ କରାଯାଇଛି। ଏଠାରେ ଥିବା ଗାନ୍ଧୀ ମ୍ୟୁଜିୟମ୍‌ରେ ୫୧ଫୁଟ ଲମ୍ବ, ୩୩ଫୁଟ ଉଚ୍ଚ ଏବଂ ୨୭ଫୁଟ ପ୍ରସ୍ଥର ଏକ ଚରଖା ନିର୍ମାଣ କରିବାକୁ ମଧ୍ୟ ପ୍ରସ୍ତାବ ରହିଥିବା ଲାୟନ୍ସ କ୍ଲବ୍ ପକ୍ଷରୁ ସୂଚନା ମିଳିଛି।



ଜିଲା ଡାଏରୀ

ଢେଙ୍କାନାଳ

## ନିର୍ବାଚନ ପାଇଁ ସଜବାଜ

ଢେଙ୍କାନାଳ ଜିଲାରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ରାଜନୈତିକ ଦଳ ଗୁଡିକ ପକ୍ଷରୁ ପ୍ରସ୍ତୁତି ଜୋର ଧରିଛି। ବିଭିନ୍ନ ଦଳ ପକ୍ଷରୁ ସାଂଗଠନିକ ବୈଠକ କରାଯାଇ ରଣନୀତି ପ୍ରସ୍ତୁତି ଆରମ୍ଭ ହୋଇଛି। ସେହିପରି ନିର୍ବାଚନ ପରିଚାଳନା ପାଇଁ ପ୍ରଶାସନ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛି। ଇଭିଏମ୍ ଓ ଭିଭିପାଟ୍ ମେଶିନ ଜିଲା ସଦର ମହକୁମାରେ ପହଞ୍ଚିବା ପରେ ଏହାକୁ ଯାଞ୍ଚ କରାଯିବା କାର୍ଯ୍ୟକ୍ରମ ରହିଛି। ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ କରାଯାଉଛି। ଏଥିପାଇଁ ସଚେତନତା ରଥ ଜିଲାର ପ୍ରତ୍ୟେକ ପଞ୍ଚାୟତ ପରିକ୍ରମା କରୁଛି। ଯୁବ ଭୋଟରମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ସଚେତନ କରାଯାଉଛି। ବିଭିନ୍ନ ଅଞ୍ଚଳକୁ ରାଜ୍ୟ ଓ ଜିଲାସ୍ତରୀୟ ନେତାଙ୍କ ଗସ୍ତ ମଧ୍ୟ ଆରମ୍ଭ ହୋଇଯାଇଛି। ଆଶାୟୀ ପ୍ରାର୍ଥୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମଧ୍ୟ ଜୋର ଧରିଛି।

–ରତନ ନାୟାର

## ଚିରନ୍ତନୀ

ପୁରାତନ ପୋଖରୀ ହୁଡ଼ାରେ ବଉଳିଛି ସୁବାସିତ ଚୂତ
ତଳେ ତାର ପଞ୍ଚମୀ ଚାଁଦ ଚାହିଁ ଦେଇ ଚମକିଲି ମୁଁ ତ
ବଉଳିଛି ସୁବାସିତ ଚୂତ। (ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 6 | | | | | A | | | | 5 | 0 | | | |
| | A | 7 | B | 1 | | | C | | 9 | 2 | E | | | |
| | | | 9 | 4 | | 6 | | | | | 1 | | D | 0 |
| | | | | | | 2 | 4 | | | B | 3 | 8 | 1 | |
| | | | | | 8 | | 7 | 5 | | | A | | | |
| | | 1 | 8 | B | | | 2 | | A | | | 6 | E | C |
| 6 | | 5 | | 2 | | | | | | 3 | | D | 9 | |
| 0 | | E | | | D | 3 | | | B | 8 | | | | A |
| 4 | 3 | | | A | | | | | | 9 | | | 7 | |
| | | | | E | | | | | | | | | | B |
| | | 4 | 1 | 6 | | 9 | | 2 | 7 | | | E | | |
| | | 6 | | | | 0 | A | | D | | | | | |
| | 5 | A | | | 4 | | | 1 | | | 8 | | | |
| | C | | | | | | | | | | | | | 5 |
| | D | | 2 | | | 4 | 3 | 7 | | | C | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 4 | C | 2 | D | 5 | 3 | 9 | 7 | B | E | 6 | A | 1 | 0 |
| 3 | D | 2 | 7 | 8 | 9 | 6 | C | 1 | A | 5 | 0 | E | B | 4 |
| B | 9 | 6 | 1 | C | 0 | 5 | E | A | 4 | 8 | D | 2 | 7 | 3 |
| 7 | A | 0 | E | B | 6 | 4 | 8 | 2 | 9 | 3 | 1 | D | C | 5 |
| E | 5 | 1 | 3 | 4 | A | 0 | B | D | 2 | C | 7 | 6 | 9 | 8 |
| D | E | 5 | 0 | 1 | 8 | 7 | 2 | C | 6 | 4 | 9 | B | 3 | A |
| 0 | 7 | 8 | 9 | 2 | 4 | B | 5 | E | 1 | A | 3 | C | 6 | D |
| 9 | 6 | 3 | B | 7 | C | A | 0 | 4 | 8 | D | 5 | 1 | 2 | E |
| 1 | C | B | A | 3 | E | D | 6 | 8 | 7 | 0 | 2 | 5 | 4 | 9 |
| 4 | 2 | A | 5 | 6 | D | 1 | 3 | 9 | C | B | E | 0 | 8 | 7 |
| 2 | 3 | 4 | 8 | 5 | 7 | C | A | 0 | D | 6 | B | 9 | E | 1 |
| 5 | B | D | C | 9 | 2 | E | 7 | 3 | 0 | 1 | 8 | 4 | A | 6 |
| C | 8 | E | D | A | 3 | 9 | 1 | 6 | 5 | 2 | 4 | 7 | 0 | B |
| 6 | 0 | 7 | 4 | E | 1 | 2 | D | B | 3 | 9 | A | 8 | 5 | C |
| A | 1 | 9 | 6 | 0 | B | 8 | 4 | 5 | E | 7 | C | 3 | D | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଋଣଯନ୍ତାରେ ଓଡ଼ିଶା

ମହାଶୟ,

ବିଧାନସଭାରେ ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ଓଡିଶାର ଋଣଭାର ସମ୍ପର୍କରେ ଆବଶ୍ୟକ ତଥ୍ୟ ପ୍ରଦାନ କରିବାର ଖବର ପ୍ରକାଶ ପାଇଛି। ୨୦୦୦–୦୧ରେ ଓଡିଶାରେ ଋଣର ପରିମାଣ ୨୧,୦୦୧.୮୮ କୋଟି ଥିବା ବେଳେ ଚଳିତ ଆର୍ଥିକ ବର୍ଷ ସୁଦ୍ଧା ଏହା ୯୧,୯୪୩ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ସୂଚନା ଦେଇଛନ୍ତି। ଓଡ଼ିଶାର ଜନସଂଖ୍ୟା ଏବେ ୪ କୋଟି ୩୦ ଲକ୍ଷ ଥିବା ବେଳେ ମୁଣ୍ଡପିଛା କେତେ ଋଣ ଅଛି, ତାହା ଅନୁମେୟ। ଯେପରି ଜଣାପଡୁଛି ରାଜ୍ୟର ଆର୍ଥିକ ସ୍ଥିତି ଦୟନୀୟ ଅବସ୍ଥାରେ ପହଞ୍ଚିଗଲାଣି। ପ୍ରତି ଋଣର ବାର୍ଷିକ କିସ୍ତି ଓ ସୁଧର ପରିମାଣ ଯାହା ହେଲେ ମଧ୍ୟ ପରିଶୋଧ କରିବାକୁ ହେବ। ଆୟ ତୁଳନାରେ ଯଦି ଅଧିକ ବ୍ୟୟ କରାଯାଏ, ତେବେ ଋଣ ପାଇଁ ଅନ୍ୟ ସଂସ୍ଥା ନିକଟକୁ ଯିବା ଛଡା ଉପାୟ ନ ଥାଏ। ତେଣୁ ବ୍ୟୟ ସଙ୍କୋଚନ କରିବା ଅପରିହାର୍ଯ୍ୟ। ନଚେତ୍ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବା ଅସମ୍ଭବ ନୁହେଁ। ଋଣଭାରରେ ବୁଡିଗଲେ ବିକାଶ କାର୍ଯ୍ୟ ଓ ଜନକଲ୍ୟାଣକାରୀ ଯୋଜନା ଠପ୍ ଯେ ନ ହେବ, ତାହା କହିହେବ ନାହିଁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ରାଜ୍ୟ ପେନ୍‌ସନରଙ୍କୁ ଚିକିତ୍ସା ଭତ୍ତା ମିଳୁ

ରାଜ୍ୟର ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ପେନ୍‌ସନରଙ୍କୁ ଚିକିତ୍ସା ଭତ୍ତା ଦେବାରେ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରିଆସୁଛନ୍ତି। ୨୦୦୬ରୁ ଏହି ପ୍ରସ୍ତାବ ରାଜ୍ୟ ସରକାରଙ୍କ ବିଚାରାଧୀନ ଅଛି। ଇତିମଧ୍ୟରେ ୨୩ଟି ରାଜ୍ୟର ପେନ୍‌ସନରମାନେ ଚିକିତ୍ସା ଭତ୍ତା ପାଇସାରିଲେଣି। କେନ୍ଦ୍ର ସରକାରଙ୍କ ପେନ୍‌ସନରମାନେ ବହୁ ଆଗରୁ ଏହା ପାଉଛନ୍ତି। ସପ୍ତମ ବେତନ କମିଶନଙ୍କ ସୁପାରିସ ଅନୁସାରେ ଏମାନେ ବର୍ଦ୍ଧିତ ହାରରେ ଏହା ପାଉଛନ୍ତି। ଓଡ଼ିଶାର ପୂର୍ବତନ ବିଧାୟକମାନଙ୍କ ପାଇଁ ରାଜ୍ୟ ସରକାର ମାସିକ ୨୦୦୦ ଟଙ୍କାର ଚିକିତ୍ସା ଭତ୍ତା ଗତ କ୍ୟାବିନେଟ୍‌ରେ ମଞ୍ଜୁର କରିଛନ୍ତି, ଏହା ସ୍ୱାଗତଯୋଗ୍ୟ। ତେବେ ମାତ୍ର ପାଞ୍ଚବର୍ଷ କାର୍ଯ୍ୟ କରି ଯଦି ବିଧାୟକମାନେ ଚିକିତ୍ସା ଭତ୍ତା ପାଇବେ, ତେବେ ୩୦ରୁ ୪୦ ବର୍ଷ କାର୍ଯ୍ୟ କରି ପେନ୍‌ସନରମାନେ କାହିଁକି ପାଇବେ ନାହିଁ ? ଏହା ପେନ୍‌ସନରମାନଙ୍କ ନ୍ୟାଯ୍ୟ ଦାବି। ରାଜ୍ୟ ସରକାର ଅତିଶୀଘ୍ର ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମହାତ୍ମା ଗାନ୍ଧୀଙ୍କୁ ସ୍ମରଣିଲେ ଛାତ୍ରୀଛାତ୍ର



ରେଢ଼ାଖୋଲ,୨।୧୦(ଡି.ଏନ.ଏ.): ରେଢ଼ାଖୋଲ ଶୁଣ୍ଢିମୁଣ୍ଡାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ସକାଳେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏକ ଶୋଭାଯାତ୍ରାରେ ବିଦ୍ୟାଳୟରୁ ବାହାରି ଶୁଣ୍ଢିମୁଣ୍ଡା ଗ୍ରାମ ପରିକ୍ରମା କରିଥିଲେ। ତତ୍‌ପଶ୍ଚାତ୍ ବିଦ୍ୟାଳୟ ପରିସରରେ ଏକ ସଭା ହୋଇଥିଲା। ପ୍ରଧାନ ଶିକ୍ଷକ ଅଶୋକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ମାନେ ମହାତ୍ମାଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଓ ଅହିଂସା ଧର୍ମ ଉପରେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷକ ପ୍ରକାଶ ପଣ୍ଡା ଶାନ୍ତି, ମୈତ୍ରୀ ପ୍ରତିଷ୍ଠା ଦ୍ୱାରା ସମାଜରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇପାରିବ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ, ସୃଜନଶୀଳ ଲିଖନ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ଚିତ୍ରାଙ୍କନରେ ଆନିସା ଡାଙ୍ଗ, ପ୍ରବନ୍ଧରେ ମାମାଶ୍ରୀ ମୁଣ୍ଡା, ସଙ୍ଗୀତରେ ରଶ୍ମିତା ଖାଲକୋ, ପ୍ରବନ୍ଧରେ ଜ୍ୟୋତି ନାୟକ, ସୃଜନଶୀଳ ଲିଖନରେ ବିନିଶା ମୁଣ୍ଡା ପ୍ରଥମ ହୋଇଥିଲେ। ଶିକ୍ଷୟିତ୍ରୀ ଛବି ଧଳ, ଜସ୍ମିନ ବିଶ୍ୱାଳ, ଧରିତ୍ରୀ ମିଶ୍ର ପରିଚାଳନା କରିଥିଲେ। ଶିକ୍ଷକ ରେବତୀ ରମଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ନବରାତ୍ର ପ୍ରସ୍ତୁତି ବୈଠକ

ସମ୍ବଲପୁର,୨।୧୦(ବ୍ୟୁରୋ) ଠେମେରା ରାମଚଣ୍ଡୀ ପୀଠରେ ନବରାତ୍ର ମହୋତ୍ସବ ପ୍ରସ୍ତୁତି ବୈଠକ ଦଣ୍ଡେଇପାଲି ଗ୍ରାମସ୍ଥିତ କୃଷକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମଣିକର ସାହୁଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ରାମଚଣ୍ଡୀ ପୀଠ ସମ୍ପାଦକ ମହାଦେବ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଠେମେରା ଗ୍ରାମ ନିବାସୀ ମନୋହର ପ୍ରଧାନ କର୍ତ୍ତା ଓ ସିନ୍ଦୁରପଙ୍କ ଗ୍ରାମର ପଣ୍ଡିତ ଭକ୍ତଚରଣ ବିଶ୍ୱାଳ ପୂଜା କାର୍ଯ୍ୟ ତୁଲାଇବାକୁ ସ୍ଥିର ହୋଇଛି । ସଭ୍ୟ କାଲୋରାମ ନାୟକ, ରାମସାଗର ସାହୁ, ରାମ ପ୍ରସାଦ ସାହୁ, ଜେନାମଣୀ ପ୍ରଧାନ, ମୁକୁନ୍ଦ ମାଝୀ, ଅକ୍ଷୟ୍ କୁମାର ସାହୁ, ସନାତନ ସାହୁ, କପିଳ ସାହୁ, ପଞ୍ଚାନନ ସାହୁ ଆଲୋଚନାରେ ଭାଗ ନେଇଥିଲେ।

### ମା' ବିନ୍ଧ୍ୟବାସିନୀ ଅଟୋ ୟୁନିୟନର ବାର୍ଷିକୋତ୍ସବ

ରେଢ଼ାଖୋଲ,୨।୧୦(ଡି.ଏନ.ଏ.) ରେଢ଼ାଖୋଲ ମା' ବିନ୍ଧ୍ୟବାସିନୀ ଅଟୋ ୟୁନିଅନର ନବମ ବାର୍ଷିକୋତ୍ସବ କଦମ୍ବପଡ଼ିଆସ୍ଥିତ ଭୀମଭୋଇ କଳାମଣ୍ଡପଠାରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅଟୋ ୟୁନିଅନର ସଭାପତି ଅନାମ ମୁଖୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭାଜପା ରଷ୍ଟ୍ରୀୟ ସମ୍ପାଦକ ସୁରେଶ ପୁଜାରୀ ମୁଖ୍ୟ ଅତିଥି, ସମ୍ବଲପୁର ଜିଲା ପରିଷଦ ସଭାପତି ରାଧେଶ୍ୟାମ ବାରିକ, ସମ୍ବଲପୁର ଜିଲା ବିଜେଡି ସଭାପତି ପ୍ରମୋଦ ରଥ, ଗୋବିନ୍ଦ ଅଗ୍ରୱାଲ, ଆଇନଜୀବୀ ହାରୁନ ଖାନ, ଶିବରାମ ସାହୁ ସମ୍ମାନିତ ଅତିଥି, ଭୀମଭୋଇ କଲେଜର ଇଂରାଜୀ ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଧରେନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ରମାକାନ୍ତ ଦେହୁରୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୟୁନିଅନର ପୂର୍ବତନ ସଭାପତି ସ୍ୱର୍ଗତ ପ୍ରେମାକାନ୍ତ ନାୟକଙ୍କ ମାତା ଦୁହିତା ନାଏକ, ଶିବରାମ ସାହୁ, ଅଟୋ ଚାଳକ ଲୋକନାଥ ବେହେରାଙ୍କୁ ୟୁନିଅନ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ମୁଖ୍ୟ ଅତିଥି ପୁଜାରୀ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

■ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

# ନିଶାମୁକ୍ତ ଓଡ଼ିଶା ଶପଥପାଠ





ମଙ୍ଗଳବାର ସମ୍ବଲପୁର ଜିଏମୟୁ ପଡିଆରେ ଆୟୋଜିତ ମୁଁ ହିରୋ କାର୍ଯ୍ୟକ୍ରମରେ ଅତିଥିମାନେ ଶପଥ ଗ୍ରହଣ କରୁଛନ୍ତି (ବାମ)। ବିଜୁ ଯୁବବାହିନୀ ସଭ୍ୟଙ୍କ ଶପଥ ଗ୍ରହଣ ।

ସମ୍ବଲପୁର,୨।୧୦(ବ୍ୟୁରୋ)

ପ୍ଲାଷ୍ଟିକ ନିର୍ମିତ ସାମଗ୍ରୀ ଓ ପଲିଥିନ ବିଷତୁଲ୍ୟ ଏବଂ ନିଶା ସାମାଜିକ ବ୍ୟାଧିର ରୂପ ନେଇଛି। ଅଜଣା ରୋଗକୁ ଏହା ଆମନ୍ତ୍ରଣ କରୁଛି। ଏହାର ସଂସ୍ପର୍ଶରେ ଆସି ଲୋକେ ଅକାଳ ମୃତ୍ୟୁରେ ଶୀକାର ହେଉଛନ୍ତି। ଏଣୁ ଉଭୟ ପ୍ଲାଷ୍ଟିକ୍ ଓ ନିଶାରୁ ଦୂରେଇ ରହିବାକୁ ଯୁବଗୋଷ୍ଠୀ ଶପଥ ଗ୍ରହଣ କରିବାର ସମୟ ଆସିଛି। ଏଥିପାଇଁ ବିଜୁ ଯୁବ ବାହିନୀ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛି। ମଙ୍ଗଳବାର ସମ୍ବଲପୁର ଗଙ୍ଗାଧର ମେହେର ପଡ଼ିଆଠାରେ ଆୟୋଜିତ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ବକ୍ତାମାନେ ଏହା କହିଛନ୍ତି। ବିଜୁ ଯୁବ ବାହିନୀ ଜିଲା ସଂଯୋଜକ କବିଶ ଅଗସ୍ତିଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅତନୁ କୁମାର ପତି, ଜିଲାପାଳ ସମର୍ଥ ବର୍ମା, ଡିଏଫଓ ଡ. ସଞ୍ଜିତ କୁମାର, ଗଙ୍ଗାଧର ମେହେର ଜୁନିୟର କଲେଜ ଅଧ୍ୟକ୍ଷା ଡ. ସୁଜ୍ଞାନୀ ମଞ୍ଜରୀ, ଡିଆରଡିଏ ପିଡି ସୁକାନ୍ତ ତ୍ରିପାଠୀ, ସମ୍ବଲପୁର ମହାନଗର ନିଗମ ଡେପୁଟି କମିଶନର ସୁଧାଂଶୁ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଧନକଉଡ଼ା ବିଡିଓ ସରୋଜ ବିଶ୍ୱାଳ ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଓଡ଼ିଶା ପାଇଁ ଶପଥ ପାଠ କରାଇଥିଲେ। ଏହି ଅବସରରେ ନୃତ୍ୟ ଶିଳ୍ପୀ ଜି. ରୋଜା, ମହିଳା ଫୁଟବଲ ଖେଳାଳି ଲୋଚନା ମୁଣ୍ଡା, ବୈଜ୍ଞାନିକ ଶେଷ କିସାନ, ଲିଟିଲ ମିସ୍ ଅର୍ପିତା ବେହେରା, ଆନ୍ତର୍ଜାତୀୟ ସୁଟର୍ ଶ୍ରୀୟଙ୍କା ଷଡ଼ଙ୍ଗୀ ଓ ଶଶିବ ସେଠଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଁ ହିରୋ ଭୁବନେଶ୍ୱର ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ହାୱା ମଇଦାନ ଗାନ୍ଧୀପାର୍କରୁ ରାଲି ସହର ପରିକ୍ରମା କରି ଉତ୍ସବ ପରିସରରେ ପହଞ୍ଚିଥିଲା। ଏଥିରେ ୧ହଜାରରୁ ଊର୍ଦ୍ଧ୍ୱ ବିଜୁ ଯୁବବାହିନୀ ସଭ୍ୟ ସାମିଲ ହୋଇଥିଲେ ।

# 'ନିଶାକୁ ନା' ବାର୍ତ୍ତା

ରେଢ଼ାଖୋଲ,୨।୧୦(ଡି.ଏନ.ଏ.)

ରେଢ଼ାଖୋଲ ଏନଏସି ବିଜୁ ଯୁବ ବାହିନୀ ପକ୍ଷରୁ ମଙ୍ଗଳବାର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ଅବସରରେ ନିଶାକୁ ନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଜୁ ଯୁବ ବାହିନୀର ଏନଏସି ସଂଯୋଜକ ଭାଗିରଥୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ କର୍ମକର୍ତ୍ତାମାନେ ସହର ମଧ୍ୟ ଦେଇ ଯାଇଥିବା ୫୫ ନଂ ଜାତୀୟ ରାଜପଥର ଛକଗୁଡ଼ିକରେ 'ଆସନ୍ତୁ ଆମେ ଶପଥ ନେବା, ନିଶାରୁ ଦୂରେଇ ରହିବା ସ୍ଲୋଗାନ ଦେଇଥିଲେ। ନିଶାସେବନର କୁପ୍ରଭାବ ଉପରେ ଗାଡ଼ିଚାଳକ ଓ ଜନସାଧାରଣଙ୍କୁ ପ୍ରଚାର ପତ୍ର ବାଣ୍ଟି ସଚେତନ କରିଥିଲେ। ବିଜୁ ଯୁବ ବାହିନୀର ସଂହାର କେଶରୀ ଭଞ୍ଜ, ଜୟଦେବ ପୃଷେଠ, ଅମରେଶ ବେହେରା, ଅକ୍ଷୟ ଦେହୁରୀ, ରିନି ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ତ୍ରୀବଣପୁର ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ମଧ୍ୟ ନିଶାକୁ ନା ବାର୍ତ୍ତା ଦିଆଯାଇଥିଲା। ତ୍ରୀବଣପୁର ସରପଞ୍ଚ ସୂର୍ଯ୍ୟକାନ୍ତ ପ୍ରଧାନ, ଅର୍ଜ୍ଜୁନ ପ୍ରଧାନଙ୍କ ସମେତ ବହୁ କର୍ମକର୍ତ୍ତା ଏ ସମ୍ପର୍କିତ ପ୍ରଚାର ପତ୍ର ବାଣ୍ଟି ଗ୍ରାମବାସୀଙ୍କୁ ସଚେତନ କରିଥିଲେ।




ରେଢ଼ାଖୋଲ ଏନଏସି ବିଜୁ ଯୁବ ବାହିନୀ ପକ୍ଷରୁ ନିଶାକୁ ନା' କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

# ପ୍ଲାଷ୍ଟିକ ବର୍ଜନ ସଚେତନତା ରାଲି




ବରିଷ୍ଠ ନାଗରିକ ପରିଷଦ ସଦସ୍ୟଙ୍କ ପ୍ଲାଷ୍ଟିକ ବର୍ଜନ ସଚେତନତା ରାଲି।

ରେଙ୍ଗାଲି,୨।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ କରାଯାଇଛି। ମଙ୍ଗଳବାର ସ୍ଥାନୀୟ ହରିହର ଧର୍ମଶାଳାଠାରେ ପରିଷଦର ସଭାପତି ଡ. ତୁଳାସୀ ଦାସ ମାହାଣାଙ୍କ ସଭାପତିତ୍ୱ, ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣିଙ୍କ ସଂଯୋଜନାରେ ଜୟନ୍ତୀ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ପ୍ଲାଷ୍ଟିକ ବର୍ଜନ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ବରିଷ୍ଠ ନାଗରିକ ପରିଷଦର ସଦସ୍ୟମାନେ ପ୍ଲାଷ୍ଟିକ ବର୍ଜନର ବିଭିନ୍ନ ପ୍ଲା କାର୍ଡ ଏବଂ ଲିଫଲେଟମାନ ଧରି ରେଙ୍ଗାଲି ସହର ପରିକ୍ରମା କରିଥିଲେ। ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡ଼ିଆ, ବସନ୍ତ କୁମାର ନାୟକ, ଶଶୀଭୂଷଣ ସାହୁ, ବିନୋଦ ବିହାରୀ ନନ୍ଦ, ସୁବନ ଚାନ୍ଦ ସାହୁ, ଦିବ୍ୟ ବେହେରା, ସାଲେଗ୍ରାମ ସାହୁ, ଶ୍ରୀନିବାସ ତଣ୍ଡକାର, ସୁବାଷ ସିଂ, ନନ୍ଦ କିଶୋର ଅଗ୍ରୱାଲ, ଶମ୍ଭୁନାଥ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ।

ସେହିପରି ରେଙ୍ଗାଲି ବ୍ଲକ ଖଣ୍ଡାସ୍ଥିତ ମାତୃଭୂମି ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ମାତୃଭୂମି କାର୍ଯ୍ୟାଳୟଠାରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସଙ୍ଗଠନର ସଭାପତି ହେମନ୍ତ କୁମାର ପାଣ୍ଡେ ଦୁଇ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସଙ୍ଗଠନର ଆବାହକ ବିଜୟ କୁମାର ଭୋଇ, ରାକେଶ ରଞ୍ଜନ ତିୱାରୀ, ଜଳନ୍ଧର ବୁଧିଆ, ଦେବାଶୀଷ ନାଥ, ବିକାଶ କୁମାର ସ୍ୱାଇଁ, ସୁମିତ କୁମାର ପୂଜାରୀଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଭା ଶେଷରେ ସଙ୍ଗଠନର ଉପସଭାପତି ଉମାକାନ୍ତ ନାଥ ଧନ୍ୟବାଦ ଦେଇଥିଲେ।

## ଏପିଜେ ଅବଦୁଲ କଲାମ ଦକ୍ଷତା ପୁରସ୍କାର ପରୀକ୍ଷା

ରେଢ଼ାଖୋଲ,୨।୧୦(ଡି.ଏନ.ଏ.)

ସ୍ଥାନୀୟ ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଏପିଜେ ଅବଦୁଲ କଲାମ ଦକ୍ଷତା ପୁରସ୍କାର ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷାରେ ରେଢ଼ାଖୋଲ ବ୍ଲକର ୨୦ ମାଧ୍ୟମିକ ବିଦ୍ୟାଳୟର ୫୮ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ହୀରାକୁଦ ସରକାରୀ ଆଇଟିଆଇ କଲେଜ ବୈଦ୍ୟୁତିକ ବିଭାଗର ଦେବରାଜ ଗୌଡ଼, ଯାନ୍ତ୍ରିକ ବିଭାଗର ଦିବ୍ୟ ପ୍ରକାଶ ପ୍ରଧାନ ପରୀକ୍ଷା ପରିଚାଳନା କରିଥିଲେ। ଶିକ୍ଷକ ନରେନ୍ଦ୍ର ଦେହୁରୀ, ଜ୍ୟୋର୍ତିମୟୀ ବାରିକ, ନୀଳାବତୀ ପଟ୍ଟନାୟକ ନିରୀକ୍ଷକ ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ସର୍ବଧର୍ମ ପ୍ରାର୍ଥନା ସଭା, ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ, ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ପରିଶେଷରେ ବିଦ୍ୟାଳୟ ପରିସରକୁ ସଫେଇ କରାଯାଇଥିଲା।

## ବରଗଡ଼ରେ କ୍ୟାନସର ହସ୍‌ପିଟାଲ ଜରୁରୀ

ସମ୍ବଲପୁର,୨।୧୦(ବ୍ୟୁରୋ)

ବରଗଡରେ କ୍ୟାନସର ହସପିଟାଲ ନିର୍ମାଣର ଯଥାର୍ଥତା ରହିଛି। ଏହା ଜରୁରୀ ମଧ୍ୟ। ଏଥିପାଇଁ କିଛି ଦିନ ହେଲା ବରଗଡ଼ର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଦାବି କରୁଛନ୍ତି। ଭୁବନେଶ୍ୱରରେ ଏକ କ୍ୟାନସର ମେଡିକାଲ ନିର୍ମାଣ ପାଇଁ ରାଜ୍ୟ ସରକାର ଟାଟା କମ୍ପାନୀ ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ହେଲେ ପଶ୍ଚିମ ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ରେ ଦିନକୁ ଦିନ କ୍ୟାନସର ବ୍ୟାପୁଛି। ଏହାର କାରଣ ସ୍ପଷ୍ଟ ହେଉନି। ହୁଏତ ଧାନ ଚାଷରେ ରାସାୟନିକ ସାର ପ୍ରୟୋଗ କ୍ୟାନସରର କାରଣ ହୋଇପାରେ। ଏଣୁ ବରଗଡରେ କ୍ୟାନସର ମେଡିକାଲ ନିର୍ମାଣ ଦିଗରେ ରାଜ୍ୟ ସରକାର ତତ୍ପରତା ଦେଖାଇବା ଜରୁରି। ପଶ୍ଚିମ ଓଡ଼ିଶାର ଜନପ୍ରତିନିଧିମାନେ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ଉଚିତ। ବୁର୍ଲା ମେଡିକାଲରେ କାର୍ଯ୍ୟରତ ଡାକ୍ତର ଶଙ୍କର ରାମଚନ୍ଦାନୀ ଏହା କହିଛନ୍ତି। ଆବଶ୍ୟକ ପଡିଲେ ସେ କାର୍ଯ୍ୟକ୍ଷେତ୍ରରେ ଥାଇ ବି ଜନ ଆନ୍ଦୋଳନରେ ଭାଗ ନେବେ ବୋଲି କହିଛନ୍ତି।

# ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନରେ ୧୬,୪୨୬ ପରିବାର ସାମିଲ

ସମ୍ବଲପୁର,୨।୧୦(ବ୍ୟୁରୋ)

ଭୋକ ଉପାସରେ ଆଉ କେହି ରହିବେ ନାହିଁ। ଏହି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରତ୍ୟେକ ଗରିବ ପରିବାର ଏହାଦ୍ୱାରା ଉପକୃତ ହେବେ। କେନ୍ଦ୍ର ଖାଦ୍ୟ ସୁରକ୍ଷା ଆଇନରୁ ବାଦ୍ ପଡିଥିବା ଗରିବ ପରିବାରଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇ ଦେବାକୁ ଯାଇ ରାଜ୍ୟ ସରକାର ନିଜସ୍ୱ ଉଦ୍ୟମରେ ଏହି ଆଇନକୁ ଦିଶା ଦେଇଛନ୍ତି। ମଙ୍ଗଳବାର ଜିଲା ତପସ୍ୱିନୀ ପ୍ରେକ୍ଷାଳୟରେ ଏହାର ଶୁଭାରମ୍ଭ ଅବସରରେ ଜିଲା ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିପ୍ରସାଦ ପାତ୍ର ଏହା କହିଛନ୍ତି। ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରେଢାଖୋଲ ବିଧାୟକ ତଥା ସରକାରୀ ଦଳର ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ସମ୍ବଲପୁର ବିଧାୟକ ରାସେଶ୍ୱରୀ ପାଣିଗ୍ରାହୀ, ରେଙ୍ଗାଲି ବିଧାୟକ ରମେଶ ପଟୁଆ ଯୋଗ ଦେଇଥିଲେ। ପ୍ରଥମେ ମହାତ୍ମା ଗାନ୍ଧୀ ଓ ମା'ସମଲେଇଙ୍କ ପ୍ରତିମୂର୍ତ୍ତିରେ ପୁଜା ଅର୍ଚ୍ଚନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଉପସ୍ଥିତ ଅତିଥିମାନେ ରାଜ୍ୟ ସରକାରଙ୍କ ଏହି ମହତ ଯୋଜନା ଉପରେ ବ୍ୟକ୍ତବ୍ୟ ରଖିଥିଲେ। କେନ୍ଦ୍ର ସରକାର ରାଜ୍ୟକୁ ସବୁ କ୍ଷେତ୍ରରେ ଅବହେଳା କରୁଥିବା କହିଥିଲେ। ଏହି ଅବସରରେ ଜିଲାଯୋଗାଣ ଅଧିକାରୀ ପିତାମ୍ବର ଆଚାର୍ଯ୍ୟଙ୍କ ସମେତ ଜିଲାପ୍ରଶାସନ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ସମ୍ବଲପୁର ଜିଲାର ବିଭିନ୍ନ ବ୍ଲକ ଓ ମହାନଗର ନିଗମ ଅଧୀନରେ ମୋଟ ୨୭ ହଜାର ୬୧୯ ହିତାଧିକାରୀ ଯୋଜନାଭୁକ୍ତ ହେବା ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୬ ହଜାର ୪୨୬ଙ୍କୁ ସାମିଲ କରାଯାଇଛି। ଫଳରେ ୪୫ ହଜାର ୩୨୧ ଗରିବ ଉପକୃତ ହେବେ। ସେହପରି ୪ ହଜାର ୨୪ ହୀତଧିକାରୀଙ୍କ ଆବେଦନ ଉପରେ ଯାଞ୍ଚ ପ୍ରକିୟା ଚାଲୁ ରହିଥିବା ଯୋଗାଣ ବିଭାଗ ପକ୍ଷରୁ ସୁଚନା ମିଳିଛି।

# ନିଆରା ପରମ୍ପରା ପୋ ଜିଉଁତିଆ

ସମ୍ବଲପୁର,୨।୧୦(ବ୍ୟୁରୋ)

ସ୍ନେହ ଓ ମମତାର ନିଆରା ପରମ୍ପରା ପୋ ଜିଉଁତିଆ। ମଙ୍ଗଳବାର ରାତିରେ ପଶ୍ଚିମ ଓଡ଼ିଶାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପୋ ଜିଉଁତିଆ ପାଳିତ ହୋଇଯାଇଛି। ସମ୍ବଲପୁର ସହରର ଝାଡ଼ୁଆପଡ଼ା ଆରଣ୍ୟକ ମଞ୍ଚ, ଦାନୀପାଲି, କୁଲତାପଡ଼ା, ରାମଗଡ଼ ପଡ଼ା, ଧରିତ୍ରୀ ଲେନ୍, ଦେହେରିପାଲି, ବିମଳହୋତା ଗଲି, ମୁଦିପଡ଼ା ଜଗନ୍ନାଥ ମନ୍ଦିର, ନନ୍ଦପଡ଼ା, ଠାକୁରପଡ଼ା, ବୁଢ଼ାରଜା, ବେହେରାମୁଣ୍ଡା, ଦଶମତୀ କଲୋନୀ, ଗୋପାଳମାଲ, ଧନୁପାଲି, ଗୋବିନ୍ଦତୋଲା, ପ୍ରଧାନପଡ଼ା, ଅଇଁଠାପାଲି, ବଡ଼ବଜାର, କମଲିବଜାର, ଜଗନ୍ନାଥ କଲୋନୀ, କଲ୍ୟାଣ ନଗର, ଭୀମଭୋଇ ନଗର ସମେତ ବିଭିନ୍ନ ଆପାଟମେଣ୍ଟ ଓ ଛକଗୁଡ଼ିକରେ ପୋ ଜୁଉଁନ୍ତିଆ ପୂଜାର୍ଚ୍ଚନା କରାଯାଇଛି । ମାଆମାନେ ନିଷ୍ଠା ଓ କାଷ୍ଠାରେ ବ୍ରତ ଧାରଣ କରିଥିଲେ। ଦୂତିବାହନ ଆୟୁଷର ଦେବୀ। ଏଣୁ ମାଆମାନେ ଦେବୀ ଦୂତିବାହନଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ଧୂପ, ଦୀପ, ଫୁଲ, ନୈବେଦ୍ୟରେ ଚିଲ, ଶାଗୁଣାଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ପିଜୁଳି, ଆଖୁ, କଦଳୀ, ନାରିକେଳ, କରମଙ୍ଗା, ମକା, ଆତ, କମଳା, କାକୁଡ଼ି, କେନ୍ଦୁ, ଚାର, ପଦ୍ମଫୁଲ, ଚମ୍ପା, ଦୁଧୁରା, ଅରଖ, ମନ୍ଦାର, ଗେଣ୍ଡୁ, ଅଁଳା, ହରିଡ଼ା, ବାହାଡ଼ା, କନ୍ଦମୂଳ, କଇଥ, ଆମ୍ବଡାଳ, ଅଁଳା ଡାଳ, ଦୁବ, ବୁରୋପତ୍ର ଦେବୀଙ୍କଠାରେ ପ୍ରଦାନ କରିଛନ୍ତି । ଗୋଧୂଳି ଲଗ୍ନରେ ମାଆମାନେ ନଦୀ, ପୋଖରିରେ ପୂଜାର୍ଚ୍ଚନା କରିଥିଲେ। ରାତିରେ ଗାଁ ମଝିରେ ଛକଗୁଡ଼ିକରେ ତିଆରି ହୋଇଥିବା ପୂଜାମଣ୍ଡପରେ ସମବେତ ହୋଇଥିଲେ। ଗ୍ରାମର ବୟସ୍କା ବ୍ରାହ୍ମଣ ମହିଳା ଦୂତିବାହନ ଦେବୀଙ୍କ ପୂଜା କରିଥିଲେ। ଏହାପରେ ପଣ୍ଡିତ ପୋ ଜିଉଁତିଆ କାହାଣୀ ଗାନ କରି ବ୍ରତଧାରୀଙ୍କୁ ଶୁଣାଇଥିଲେ।



ମଙ୍ଗଳବାର ରାତିରେ ସମ୍ବଲପୁର ପଧାନପଡାରେ ପୋ ଜିଉଁତିଆ ପୂଜାର୍ଚ୍ଚନା କରାଯାଉଛି ।

# ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଧାରଣା



ମଙ୍ଗଳବାର ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି ।

ସମ୍ବଲପୁର,୨।୧୦(ବ୍ୟୁରୋ)

ରାଜ୍ୟ ସରକାର ଶିକ୍ଷକ ଓ କର୍ମଚାରୀଙ୍କ ଦାବିକୁ କର୍ଣ୍ଣପାତ କରୁନାହାନ୍ତି। ଏହାର ପ୍ରତିବାଦରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ତିଥିରେ ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ଓଡ଼ିଶାରୁ ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ଉଚ୍ଛେଦ କରାଯାଇ ଐତିହାସିକ ଅନୁଦାନ ଆଇନ ଲାଗୁ କରାଗଲା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୭ ମସିହା ସେପ୍ଟେମ୍ବର ୧ତାରିଖରେ ଘୋଷଣା କରିଥିଲେ। ମାତ୍ର ଏଭଳି ଘୋଷଣାନାମା ପ୍ରହସନ ହୋଇଛି। ଶିକ୍ଷକ ଓ କର୍ମଚାରୀମାନେ ବିଭିନ୍ନ ସମସ୍ୟା ନେଇ ଗତି କରୁଛନ୍ତି। ସରକାରୀ ସୁବିଧାରୁ ବଞ୍ଚିତ ହୋଇଚାଲିଛନ୍ତି। ସରକାର ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ସପ୍ତମ ବେତନ କମିଶନ ଲାଗୁ, ଅନୁଦାନ ଆଳରେ ସତ୍ୟପାଠ ଓ ଲିଖିତ ସୂଚନା ନିର୍ଦ୍ଦେଶନାମା ପ୍ରତ୍ୟାହାର, ଅନୁକମ୍ପାମୂଳକ ସହାୟତା ରାଶି ଓ ଇପିଏଫ, ବକେୟା ଦରମା, ଚାକିରି କାଳ ୬୨ ବର୍ଷକୁ ବୃଦ୍ଧି ଆଦି ତୁରନ୍ତ କାର୍ଯ୍ୟକାରୀ କରାଯିବାକୁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି । ମିଳିତ ମଞ୍ଚ ଆବାହକ ଅଶୋକ କୁମାର ପୁରୋହିତ ଓ ଗଗନ ବିହାରୀ ସ୍ୱାଇଁଙ୍କ ପରିଚାଳନାରେ ଧାରଣା ହୋଇଥିଲା । ଏଥିରେ ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ, ଅଧ୍ୟାପିକା ଅଧ୍ୟାପକ ସାମିଲ ହୋଇଥିଲେ ।



## ପାୱାରଟିଲରରେ ଗୋଡ଼ କଟିଲା, ଚାଳକ ଗୁରୁତର

ଜମନକିରା,୨।୧୦(ଡି.ଏନ୍.ଏ.) -ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ବଡ଼ମାଲ ପଞ୍ଚାୟତ ଜାମୁମାଲ ଗାଁର ମନୋଜ ମୁଣ୍ଡା (୪୦) ଜମିରେ ପାୱାର ଟିଲର ଚଳାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଟିଲର ଚକରେ ତାଙ୍କ ଗୋଡ଼ ଲାଗି କଟିଯାଇଛି। ପରିବାର ଲୋକେ ତାଙ୍କୁ ପ୍ରଥମେ ଜମନକିରା ନୂତନ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଓ ପରେ ବୁର୍ଲା ବଡ଼ ଡାକ୍ତରଖାନାକୁ ନେଇଥିଲେ। ଏ ନେଇ ଥାନାରେ କୌଣସି ସୂଚନା ନ ଥିବା ପୋଲିସ ଅଧିକାରୀ କହିଛନ୍ତି।



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ,
ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ

## ସଂକ୍ଷେପରେ

### ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚର ଅନଶନ

**ଦେବଗଡ଼,୨।୧୦(ସ୍ୱ.ପ୍ର):** ଓଡିଶା ସ୍କୁଲ, କଲେଜ ଶିକ୍ଷକ ମିଳିତ ମଞ୍ଚର ଆହ୍ୱାନ କ୍ରମେ ଗାନ୍ଧୀ ଜୟନ୍ତୀ ଅବସରରେ ଦେବଗଡ ଜିଲା ସ୍କୁଲ, କଲେଜ, ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ୧୨ଘଣ୍ଟିଆ ଅନଶନ କରିଛନ୍ତି। ଯେଉଁଥିରେ ଜିଲାର ବ୍ଲକ୍ ଗ୍ରାଣ୍ଟ ସ୍କୁଲ ତଥା ସମସ୍ତ କଲେଜର କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ସରକାରଙ୍କ ଶିକ୍ଷା ମାରଣ ନୀତିକୁ ଦୃଢ଼ ନିନ୍ଦା କରିଥିଲେ। ଦୀର୍ଘ ଦିନର ଦାବି ମଧ୍ୟରେ ଚାକିରି ସର୍ତ୍ତାବଳୀ ସହ ଯୋଗ୍ୟତା ଭିତ୍ତିକ ପୂର୍ଣ୍ଣ ଅନୁଦାନ, ଅବସରକାଳୀନ ସହାୟତା, ସପ୍ତମ ବେତନ କମିଶନ ଲାଗୁ କରିବା ଇତ୍ୟାଦି ଉଲ୍ଲେଖ କରାଯାଇଛି। ତୁରନ୍ତ ପଦକ୍ଷେପ କିମ୍ବା ସମାଧାନ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂକଳ୍ପ ନେଇଥିଲେ। ଦାବି ପୂରଣ ପାଇଁ ବାରମ୍ବାର ଆନ୍ଦୋଳନର ପରିଣତି ଛାତ୍ରୀଛାତ୍ରଙ୍କ ଶିକ୍ଷା ଉପରେ କ୍ଷତି ପାଇଁ ସରକାର ଦାୟୀ ରହିବେ ବୋଲି କହିଛନ୍ତି।

### ଦେବଗଡ କଲେଜ ନିର୍ବାଚନ ବାତିଲ୍ ଘଟଣା

# ନିର୍ବାଚନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ଦେବଗଡ଼,୨।୧୦(ସ୍ୱ.ପ୍ର.)**

ପଶ୍ଚିମ ଓଡିଶାର ସର୍ବପୁରାତନ ଦେବଗଡ କଲେଜର ଛାତ୍ର ସଂସଦ ନିର୍ବାଚନ ବାତିଲ କରାଯାଇଥିବା ନେଇ ଏକ ପ୍ରେସ ନୋଟ୍ ମାଧ୍ୟମରେ ଷ୍ଟାଫ୍ କାଉନସିଲ୍ ସମ୍ପାଦକ ତଥା କଲେଜର ଇଂଲିଶ ପ୍ରଧାପକ ଶରତ ଚନ୍ଦ୍ର ମେହେର ସୂଚନା ଦେବା ପରେ କଲେଜର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏ ନେଇ ଅସନ୍ତୋଷ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦେବଗଡ କଲେଜ ଛାତ୍ର ଏବଂ ଦେବଗଡ ଜିଲା ବିକାଶ ମିଳିତ ମଞ୍ଚ ପକ୍ଷରୁ କଲେଜରୁ ଏକ ବାଇକ ରାଲି ବାହାରି ନଗର ପରିକ୍ରମା କରି ଅତିରିକ୍ତ ଜିଲାପାଳ ଧରମ ହାଁସଦାଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଦାବି ମୁତାବକ ବେଆଇନ ଭାବେ ଦେବଗଡ କଲେଜର ଛାତ୍ର ସଂସଦ ନିର୍ବାନ ଅନିର୍ବାର୍ଯ୍ୟ କାରଣ ଯୋଗୁ ବାତିଲ କରାଯାଇଛି। ଉଦ୍ଭିଦ ବିଜ୍ଞାନର ଦୁଇଟି ଉପସ୍ଥାନ ଖାତା ସୋମବାର ଦ୍ୱିପ୍ରହରରେ ଚୋରୀ ହୋଇଯାଇଥିବା ବାହାନା କରି ଛାତ୍ରୀଛାତ୍ରମାନଙ୍କର ନ୍ୟାର୍ଯ୍ୟ ଅଧିକାରକୁ ଛଡାଇ ନିଆଯାଇଛି। ଏଣୁ କଲେଜ କର୍ତ୍ତୃପକ୍ଷ ନେଇଥିବା ପଦକ୍ଷେପ ଯୁକ୍ତିଯୁକ୍ତ ନୁହେଁ କିଛି ଲୋକଙ୍କ ପ୍ରରୋଚନାରେ ପଡି ଏହା କରାଯାଇଛି। ଏହାକୁ ତୁରନ୍ତ ଆଲୋଚନା କରି ଗୁରୁବାର ହେବାକୁ ଯାଉଥିବା ନୋମିନେସନ ପକ୍ରିୟାକୁ ତ୍ୱରାନିତ କରିବା ତଥା ଉପଯୁକ୍ତ ତଦନ୍ତ କରି ପ୍ରକୃତ କଥା ସାମ୍ନାକୁ ଆଣିବା ପାଇଁ ଅନୁରୋଧ କରାଯାଇଛି। ନଚେତ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ଦେବା ସମୟରେ ସୁଧିର ବ୍ରହ୍ମା, ଦୟା ଶଙ୍କର ଦ୍ୱିବେଦୀ, ଦେବଗଡ କଲେଜର ଛାତ୍ର ସଂସଦ ସଭାପତି ବିଜୟ ଦେହୁରୀ, ପୂର୍ବତନ ସଭାପତି ସୁମନ୍ତ ରଣା, ତନ୍ମୟ ପ୍ରଧାନ, ଅସୀମ ପଟ୍ଟନାୟକ, ଟିକେଶ୍ୱର ବିଶ୍ୱାଳ, ପ୍ରଶାନ୍ତ ବେହେରାଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଦେବଗଡ କଲେଜରେ ନିର୍ବାଚନ ପାଇଁ ଛାତ୍ରମାନେ ବାଇକ୍ ରାଲି କରୁଛନ୍ତି।

# ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ

**ଦେବଗଡ଼/ରିଆମାଳ, ୨।୧୦(ସ୍ୱ.ପ୍ର./ଡି.ଏନ୍.ଏ.)**

ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ଜିଲାର ୩ଟି ବ୍ଲକରେ ବ୍ଲକସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ୧୫ ସେପ୍ଟେମ୍ବରରୁ ୨ ପର୍ଯ୍ୟନ୍ତ ପାଳନ କରାଯାଇଥିବା 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଏହି ଅବସରରେ ଉଦ୍‌ଯାପିତ କରାଯାଇଥିଲା। ପଞ୍ଚାୟତଗୁଡିକରେ ଗାଁ ସଫେଇ, ଶୋଭାଯାତ୍ରା, ମାତା ପିତାଙ୍କୁ ପତ୍ରଲିଖନ, ସ୍କୁଲରେ ସ୍ୱଚ୍ଛତା ହାତଧୂଆ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ପଞ୍ଚାୟତ ମନିଟରଙ୍କୁ ସମ୍ମାନିତ କରାଯାଇଥିଲା। ରିଆମାଳ ବ୍ଲକର ଆଦର୍ଶ ଗ୍ରାମ କୀର୍ତ୍ତନପାଲିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୨୬ଟି ପଞ୍ଚାୟତର ପ୍ରତନିଧି ଯୋଗଦେଇ ଗ୍ରାମର ଘରକୁ ଘର ବୁଲି ପରିଦର୍ଶନ କରିଥିଲେ। ବିଡିଓ ଶିବ କୁମାର ଟପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡିଆର୍‌ଡିଏ ପିଡି ଭିମସେଣ୍ଟ ପୁନମକାନ୍ତ ଏକ୍କା ଯୋଗଦେଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ପରାମର୍ଶଦାତା କୁମୁଦଚନ୍ଦ୍ର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସିଡିପିଓ ନମିତା ରାଉତ, କୃଷି ବିଜ୍ଞାନୀ ଲବ ସୋରେନ୍, ପୂର୍ବତନ ସରପଞ୍ଚ ସନ୍ତୋଷ ରାଉଳ, ସବ୍ୟସାଚୀ ସାହୁ, ସରପଞ୍ଚ ସଞ୍ଜୁବାଳା ସାହୁ, ସଂଯୋଜକ ଜିତେନ୍ଦ୍ର ସାହୁ, ସୁପରଭାଇଜର ଉମା ଦେବୀ ପ୍ରମୁଖ ଯୋଗଦେଇଥିଲେ। କୀର୍ତ୍ତନପାଲି ସ୍ୱଚ୍ଛତା କମିଟିର ବାବାଜି ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସଂଯୋଜକ ସୁଶାନ୍ତ ଜ୍ୟୋତିଷ, ସଚିଦାନନ୍ଦ ପ୍ରଧାନ, ଡମ୍ବରୁ କୁମୁରାଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ତିଲେଇବଣି ବ୍ଲକରେ ଆଦର୍ଶ ଗ୍ରାମ ଲକ୍ଷ୍ମୀପୁର(କପାଶିରା) ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ କୃଷ୍ଣଚନ୍ଦ୍ର ଦଳପତି, ବ୍ଲକ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆ, ସାମାଜିକ କର୍ମୀ କିଶୋର ବେହେରା ପ୍ରମୁଖ ଯୋଗଦେଇଥିବାବେଳେ ଜିଲ ସଂଯୋଜିକା ଅନିଲା ପ୍ରିୟଦର୍ଶିନୀ କୁଅଁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଶୀଲ ପ୍ରଧାନ ଓ ହିମାଂଶୁ ପ୍ରଧାନ ସହଯୋଗ କରିଥିଲେ। ସେହିପରି ବାରକୋଟ ବ୍ଲକ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଟୁନୁ ମେହେର, ସିଡିପିଓ ପ୍ରବୀଣା ମେହେର ପ୍ରମୁଖ ଯୋଗ ଦେଇଥିବାବେଳେ ଜିଲା ପରାମର୍ଶଦାତା ପ୍ରଶାନ୍ତ କୁମାର ସାମଲ, ବ୍ଲକ ସଂଯୋଜକ ସନ୍ଦୀପ ପ୍ରଧାନ, ବୁଲୁ ଘଡେଇ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି କଂଗ୍ରେସ କମିଟି ତରଫରୁ ଜିଲା କଂଗ୍ରେସ ଭବନଠାରେ ଜିଲା ସଭାପତି ଉମା ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ଗାନ୍ଧୀ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଜିଲା ଯୁବ କଂଗ୍ରେସ ସଭାପତି ସିଦ୍ଧେଶ୍ୱର ଗୁରୁ, ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ଜିଲା ଅନୁସୂଚିତ ଜାତି ସଭାପତି ମଞ୍ଜୁଳ ନାଏକ, ବରିଷ୍ଠ କଂଗ୍ରେସ ନେତା ପ୍ରକାଶ ଦେବତା, କ୍ଷେତ୍ର ପାତ୍ର ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୋଳେଶ୍ୱର ପାତ୍ର, ପ୍ରଦୀପ ନାୟକ, ସବିତା ନାୟକ, ବିକାଶ ଖଡିରତ୍ନ, ନୀଳମାଧବ ପ୍ରଧାନଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।




ଗାନ୍ଧୀ ଜୟନ୍ତୀ ଅବସରରେ ଯୋଗଦେଇଥିବା ଅତିଥିମାନେ।

# ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: କୁଶପଙ୍ଗା ଚାମ୍ପିୟନ

**ଦେବଗଡ଼,୨।୧୦(ସ୍ୱ.ପ୍ର.)**

ସ୍ଥାନୀୟ ପୌରାଞ୍ଚଳ ୱାର୍ଡ ନମ୍ବର ୯ ଲାଲବାହାଦୂର ଶାସ୍ତ୍ରୀ କ୍ଲବ ପକ୍ଷରୁ ସ୍ଥାନୀୟ ପଲଟନଗୁଡା ଖେଳପଡ଼ିଆଠାରେ ଚାଲିଥିବା ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ଦେବଗଡ଼ ଜିଲାର ବିଭିନ୍ନ ଅଞ୍ଚଳରୁ ମୋଟ ୧୦ଟି ଫୁଟବଲ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ନୀଳବେର୍ଣ୍ଣସାହି ଦଳ ଏବଂ କୁଶପଙ୍ଗା ଦଳ ମଧ୍ୟରେ ହୋଇଥିଲା। ସଂଘର୍ଷ ପୂର୍ଣ୍ଣ ଫାଇନାଲ ମ୍ୟାଚରେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରର ସାହାଯ୍ୟ ନିଆଯାଇଥିଲା। ଏଥିରେ କୁଶପଙ୍ଗା ଦଳ ବିଜୟ ଲାଭ କରି ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ବିବେଚିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ରାଜ୍ୟ କବାଡ଼ି ସଂଘ ଉପାଧ୍ୟକ୍ଷ ପୃଥ୍ୱୀରାଜ ପଟ୍ଟନାୟକ, ସମ୍ମାନିତ ଅତିଥି କ୍ଲବ ଉପଦେଷ୍ଟା ମଣ୍ଡଳୀ ସଭ୍ୟ ସେମ୍ ହେମରମ୍, ଜିଲା ନାଗରିକ କମିଟି ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର, କଳାକାର ସୁଜିତ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଦୀପ ବେହେରା, ମନୋଜ ନାୟକ, ଯୋଗେଶ ନାଏକ ଖେଳ ପରିଚାଳନା କରିଥିବା ବେଳେ ବେଣୁଧର ଗଡ଼ନାୟକ ଧାରା ବିବରିଣୀ ପ୍ରଦାନ କରିଥିଲେ। କ୍ଲବ ସଭାପତି ଜୋନସନ୍ ହେମରମ୍, ସମ୍ପାଦକ ଅର୍ଜୁନ ମୁଣ୍ଡା, ରାଜେଶ ବରାଳ, ଦୁଃଖବନ୍ଧୁ ମୁଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

### କୁକୁର କାମୁଡ଼ାରେ ୫ ଆହତ

**ଦେବଗଡ,୨।୧୦(ସ୍ୱ.ପ୍ର.)**

ଦେବଗଡରେ ପାଗଳ କୁକରପଲଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢିବାରେ ଲାଗିଛି। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହିଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲାପାଳଙ୍କ ସରକାରୀ ବାସଭବନ ପଛ ରାସ୍ତାରେ ସନ୍ଧ୍ୟା ଭ୍ରମଣ ସମୟରେ ହଠାତ ଏକ ବୁଦା ମୂଳରୁ ପାଗଳ କୁକୁର ମାଡି ଆସି ୫ଜଣ ପଥଚାରୀଙ୍କୁ କାମୁଡି ଦେଇଥିବା ସୂଚନା ମିଳିଛି। ଫଳରେ ଆହତମାନେ ଦେବଗଡ ମୁଖ୍ୟ ଡାକ୍ତରଖାନାକୁ ଆସି ଇଞ୍ଜେକ୍ସନ ନେଇ ଫେରିଯାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ପୌର ପରିଷଦ ତଥା ଜିଲା ପ୍ରଶାସନ ପାଗଳ କୁକୁରଙ୍କ ଗତିବିଧି ଲକ୍ଷ୍ୟ କରି ପଦକ୍ଷେପ ନେବା ପାଇଁ ମତ ପ୍ରକାଶ ପାଇଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

SMS JOB
Send SMS, Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ। (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

BUSINESS
ସରକାରୀ ଯୋଜନାଦ୍ୱାରା ଡିଜିଟାଲ୍ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟିଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ୍- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ବିମା ଫ୍ରି
Office No.413, Commercial Complex, Paschim Vihar, New Delhi-64
08076675193
08700152155

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ
ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) ଖାଲି ଜମି ଉପରେ ଡିଜିଟାଲ୍ ଟାୱାର ଲାଗନ୍ତୁ। ଅଗ୍ରିମ ୨୦,୦୦୦,୦୦, ଭଡ଼ା 70,000, 60,000ର ଅନ୍ୟାନ୍ୟ ସୁବିଧା + ଏକ ବାଇକ୍ + 1 ଲାପଟପ୍ ଫ୍ରି। ନୋଟ୍- (ଇଚ୍ଛୁକ ବ୍ୟକ୍ତି ନାମ, document Gmail/ଫୋନ୍ କରନ୍ତୁ।)
7302090964
2/2250, Rambagh Colony, Ramghat Road, Gali No.4 Tehsil- Koil, Dist- Aligarh

ଅଲ୍ ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ସରକାରୀ ପଞ୍ଜୀକୃତ। ଖାଲି ଜମି, ଚାଷ ଜମି, ଛାତ ସବୁଠି ଡିଜିଟାଲ୍ ଉପକରଣ ଲଗାନ୍ତୁ। ଅଗ୍ରିମ - 60 ଲକ୍ଷ, ଭଡ଼ା - 50 ହଜାର, ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ଓ ଉପକରଣ ସ୍ଥାପନ + ମାଗଣା ମୋବାଇଲ୍ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ। କଲ୍ କିମ୍ବା ଏସ୍‌ଏମ୍‌ଏସ୍ କରନ୍ତୁ।
Address:- Head Office 181/182 Janta Complex Rajiv Chok, Delhi
Contact:- 08826963806, 09319359816

Free GOLD COIN Free
A 2 Z FINANCE Ltd.
ଦିପାବଳୀ ଧମାକା
3 ଲକ୍ଷରୁ 5 କୋଟି
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ସମସ୍ତ ଋଣ ଘରେ ବସି
ସୁଧ 0% ରୁ 6%
9506060250
Add : - 41/14, Sec-1 Pushp Vihar, Delhi

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଡିଜିଟାଲ ଉପକରଣ
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗ୍ରୁପ୍। ନିଜର ଖାଲି ଜମି, ଛାତ, ଘର, କ୍ଷେତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦,୦୦,୦୦୦, ଭଡ଼ା ୨୦,୦୦୦ + 20,000ର ଅନ୍ୟାନ୍ୟ ସୁବିଧା। କୋର୍ଟ ଏଗ୍ରୀମେଣ୍ଟ। ନୋଟ୍:- (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8810506876
8445779128
Address: House No.2, New Town, St. No.6, Delhi 110053

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି। ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ। 30% ସବସିଡି।
Ameerpt, Hyderabad Pin- 5000106 (Telengana)
7787922501
7787907927
pmjansamridhi@gmail.com

ବ୍ୟବସାୟ
Regd. Company ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଆଡ୍‌ଭାନ୍ସ 75 ଲକ୍ଷ
ଭଡ଼ା 65,000
ନୋ ଏଗ୍ରିମେଣ୍ଟ ଫିସ୍
7065954352
8802183109
T-51, Gali No.8, Gautampuri, Delhi-110053

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

ASTRO / VASTU
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି?
୨ ଘଣ୍ଟାରେ ୧୦୦% ସମାଧାନ। ତନ୍ତ୍ର, ମନ୍ତ୍ରର ସମ୍ରାଟ
ଇଚ୍ଛା ଅନୁସାରେ ବଶୀକରଣ, ପ୍ରେମବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗରେ ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ।
ଯଦି କାହାର ପତି ବା ପ୍ରେମୀ ଅନ୍ୟଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
7991080816
Bhubaneswar-09

Shri Mahavir Finance
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ Reg. No. MHF8555TN ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ଗୃହ, ବ୍ୟବସାୟ, ବିଉଟି ପାର୍ଲର ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ। ସୁଧ 2%, ରିହାତି 50%। ଠକମାନଙ୍କ ପ୍ରତି ସାବଧାନ।
Ward No.22, Agol Road, Bilsi, Budaun, UP
7310612967
7310612891


**ପାଠକଙ୍କ ପାଇଁ ସୂଚନା** — ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ଅକ୍ଟୋବର ୩/୨୦୧୮



ସମଲିଙ୍ଗୀ ବିବାହ ପାଇଁ ୨ ଯୁବତୀ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଛନ୍ତି। ଉଭୟଙ୍କ ପରିବାର ଏହାକୁ ବିରୋଧ କରୁଥିବାରୁ ସେମାନେ ସୁରକ୍ଷା ଲାଗି ପୋଲିସର ସହାୟତା ନେଇଛନ୍ତି। ପୋଲିସ ସେମାନଙ୍କୁ ପ୍ରତିଦିନ ଯୋଗାଯୋଗରେ ରହିବା ପାଇଁ ପରାମର୍ଶ ଦେଇଛି। ଦୁଇ ଯୁବତୀଙ୍କ ମଧ୍ୟରୁ ଜଣେ ବିବାହିତା ହୋଇଥିବାବେଳେ ଅନ୍ୟ ଜଣେ ବିବାହ କରି ନ ଥିବା ପୋଲିସ କହିଛି।



## ସଂକ୍ଷେପରେ

### ଏୟାର ଓଡ଼ିଶାର ଅନିଶ୍ଚିତ ସେବା, ପୁଣି ୨ ଦିନ ଉଡ଼ାଣ ବନ୍ଦ

**ଝାରସୁଗୁଡ଼ା ଅଫିସ,୨।୧୦**-ଦୁଇ ଚାରି ଦିନ ଚାଲିବା ପରେ ପୁଣି ଉଡ଼ାଣ ବନ୍ଦ କରିଛି ଏୟାର ଓଡ଼ିଶା। ଉଡାନ୍ ଯୋଜନାରେ ଏକମାତ୍ର ବିଡର ଭାବେ ବିମାନ ସେବା ପ୍ରଦାନ ପାଇଁ ସୁଯୋଗ ପାଇଥିବାରୁ ମନମାନି କରୁଛି ସଂସ୍ଥା। ମଙ୍ଗଳବାର ବିମାନ ଚଳାଚଳ ହୋଇ ନ ଥିବାବେଳେ ବୁଧବାର ମଧ୍ୟ ଆସିବ ନାହିଁ ବୋଲି ଜଣେ ଏୟାର ଓଡ଼ିଶାର କର୍ମଚାରୀ କହିଛନ୍ତି। ତେବେ କେଉଁ କାରଣରୁ ବିମାନ ଚଳାଚଳ ବନ୍ଦ ରଖାଯାଇଛି ସେ ବାବଦରେ ଝାରସୁଗୁଡ଼ା ବିମାନବନ୍ଦର ନିର୍ଦ୍ଦେଶକଙ୍କ ପାଖରେ ମଧ୍ୟ ସୂଚନା ନ ଥିବା ସେ କହିଛନ୍ତି। ଏୟାର ଓଡ଼ିଶାର ବିମାନ ସେବା ପ୍ରଦାନକୁ ନେଇ ସବୁ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍‌ଲାଇନ ଟିକେଟ ବୁକିଂ ହେଉ ନ ଥିବାରୁ ଝାରସୁଗୁଡ଼ା ବାହାରର ଲୋକେ ସୁଯୋଗ ପାଇପାରୁ ନାହାନ୍ତି। ଏପରିସ୍ଥଳେ ମାନୁଆଲ ଟିକେଟ ବୁକିଂ ସତ୍ତ୍ୱେ ବିମାନରେ ଗତ କିଛିଦିନ ହେବ ସିଟ୍ ପୂରଣ ହେଉଥିଲା। ହେଲେ ଏୟାର ଓଡ଼ିଶାର ଅନିଶ୍ଚିତ ସେବା ଯୋଗୁ ଏହା ଉପରେ ନିର୍ଭର କରୁଥିବା ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। କେତେବେଳେ ବିମାନ ଚାଲୁଛି ତ କେତେବେଳେ ବନ୍ଦ ହେଉଛି ସେ ବାବଦରେ ସୂଚନା ମିଳୁ ନ ଥିବାରୁ ଜରୁରୀ କାମରେ ବାହାରିଥିବା ଯାତ୍ରୀ ଅସୁବିଧାରେ ପଡୁଛନ୍ତି ବୋଲି ନରୋତ୍ତମ କିଷାନ ଅଭିଯୋଗ କରିଛନ୍ତି। ଏ ବାବଦରେ ଏୟାର ଓଡ଼ିଶାର କର୍ମଚାରୀ ମତ ରଖିବାକୁ ମନା କରିଥିବାବେଳେ ବିମାନବନ୍ଦର ନିର୍ଦ୍ଦେଶକ ଚୌହାନ ବିମାନ ବନ୍ଦ ହେବାର କାରଣ ବାବଦରେ ଜାଣି ନ ଥିବା କହିଛନ୍ତି।





ଖଣ୍ଡବସା ପର୍ବ ଅବସରରେ କଳାହାଣ୍ଡି ରାଜା ଉଦିତ୍ ପ୍ରତାପ ଦେଓ ଓ ତାଙ୍କ ସୁପୁତ୍ର ଅନନ୍ତ ଦେଓ (ବାମ)। ପୂଜାର୍ଚ୍ଚନା ପାଇଁ ମା' ଲଙ୍କେଶ୍ୱରଙ୍କ ଖଣ୍ଡାକୁ ନିଆଯାଉଛି

■ ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ ସମ୍ପନ୍ନ

# ଆଲୋକମାଳାରେ ଝଲସିଲା ସହର

**ଜୁନାଗଡ,୨।୧୦(ଡି.ଏନ୍.ଏ.)**

■ସାମିଲ ହେଲେ ଶହଶହ ଶ୍ରଦ୍ଧାଳୁ
■୩ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

କଳାହାଣ୍ଡି ଜିଲା ପୁରାତନ ରାଜଧାନୀ ଜୁନାଗଡ ସହରରେ ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ ମଙ୍ଗଳବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନାଗଡ ସହର ସମେତ ବ୍ଲକର ବିଭିନ୍ନ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। କଳାହାଣ୍ଡି ମହାରାଜ ଉଦିତ ପ୍ରତାପ ଦେଓ ଓ ତାଙ୍କ ସୁପୁତ୍ର ଯୁବରାଜ ଅନନ୍ତ ପ୍ରସାଦ ଦେଓଙ୍କ ଉପସ୍ଥିତିରେ ଏହା ପାଳିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଘୁମୁରା, କୀର୍ତ୍ତନ ଏବଂ ବିଭିନ୍ନ ବାଦ୍ୟର ତାଳେ ତାଳେ ମା' ଲଙ୍କେଶ୍ୱରୀଙ୍କ ମନ୍ଦିରରୁ ଏକ ଶୋଭାଯାତ୍ରାରେ ପାଟ ଖଣ୍ଡାକୁ ଧରି ନିକଟସ୍ଥ ଡାକବଙ୍ଗଳାକୁ ନିଆଯାଇଥିଲା। ପରେ ବୁଢାରଜା ମନ୍ଦିରରୁ ମଧ୍ୟ ଏକ ଖଣ୍ଡା ଅଣାଯାଇଥିଲା। ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଏକ ଝୁପୁଡି କୁଡିଆଘରେ ୨ଟି ପାଟ ଖଣ୍ଡାକୁ ରଖାଯାଇଥିଲା। ୨ଟି ଖଣ୍ଡାକୁ ସ୍ୱର୍ଣ୍ଣକାର ବାଳକୃଷ୍ଣ ଆଚାରୀ ପୁଜାର୍ଚ୍ଚନା ପରେ ମାର୍ଜନା କରିଥିଲେ। ପରେ ଲଙ୍କେଶ୍ୱରୀ ମନ୍ଦିର ପୂଜକ ମା'ଙ୍କ ଖଣ୍ଡାକୁ ଧରି ଲଙ୍କେଶ୍ୱରୀ ମନ୍ଦିରକୁ ଯାଇଥିଲେ। ସେହିପରି ବୁଢାରଜା ମନ୍ଦିର ସଙ୍କୁଆରୀ ମଧ୍ୟ ତାଙ୍କ ଖଣ୍ଡାକୁ ନେଇ ବୁଢାରଜା ମନ୍ଦିରକୁ ଯାଇଥିଲେ। ମା' ଲଙ୍କେଶ୍ୱରୀଙ୍କ ପାରମ୍ପରିକ ରିତୀନିତୀ ଅନୁଯାୟୀ ପୂଜାର୍ଚ୍ଚନା ପରେ ରାତି ୮ଟା ୩୦ ମିନିଟ୍‌ରୁ ୯ଟା ମଧ୍ୟରେ ମା'ଙ୍କ ୨ଟିଖଣ୍ଡାକୁ ଯଥାକ୍ରମେ ବାମ ଓ ଦକ୍ଷିଣ ପାର୍ଶ୍ୱରେ ଚାଉଳ ଉପରେ ଖଣ୍ଡାକୁ ବସାଇଥିଲେ। ଏହାର କିଛି ସମୟ ପରେ ଏକ ଛୋଟ ପଶୁ (ପାଟ ଗଡରା)ବଳି ଦିଆଯାଇଥିଲା। ମଧ୍ୟ ରାତ୍ରିରେ ଦେବୀଙ୍କ ମନ୍ଦିର ପରିସରରେ ଥିବା ଶିମୁଳି ଗଛ ମୂଳରେ ମହାପଶୁ(ପୋଢ)ବଳି ଦିଆଯାଇଥିଲା। ରାତିରେ ସହର ସାରା ଆଲୋକମାଳାରେ ଝଲସି ଉଠିଥିଲା। ଚାରିଆଡେ ଭକ୍ତି ଭାବମୟର ପରିବେଶ ସୃଷ୍ଟି ହୋଇଥିଲା। ଖଣ୍ଡାବସା ଅବସରରେ ସ୍ଥାନୀୟ ହାଇସ୍କୁଲ ପଡିଆଠାରେ ଜୁନାଗଡ, ଧର୍ମଗଡ, ଜୟପାଟଣା, ପର୍ଲା, କର୍ଲାକୋଟ, ଝାରକୁଣ୍ଡାମାଲ, ମାଟିଗାଁ, ଭଇଁରୀଗୁଡା ଆଦି ୮ଟି ଦଳକୁ ନେଇ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶେଷରେ ଜୁନାଗଡ ଓ ପର୍ଲା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ପର୍ଲା ବିଜୟୀ ହୋଇଥିଲା। ଖଣ୍ଡାବସା ଅବସରରେ ଜୁନାଗଡ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ୩ପ୍ଲାଟୁନ ପୋଲିସ ଫୋର୍ସ ସହ ଜିଲାର ବିଭିନ୍ନ ଥାନାରୁ ଏଏସଆଇ, ଏସଆଇ ର୍‍ୟାଙ୍କର ଅଧିକାରୀ ଓ ଧର୍ମଗଡ ଏସଡିପିଓ ସୁରେନ୍ଦ୍ର ଶତପଥୀ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ପୋଲିସ ପକ୍ଷରୁ ବାଇପାସ ରାସ୍ତାର ମଧ୍ୟ ବ୍ୟବସ୍ଥା କରାଯାଇଥିଲା।

## ସମୁଦ୍ରରେ ବୁଡ଼ି ଛାତ୍ର ନିଖୋଜ

**ପାରାଦୀପ,୨।୧୦(ସ୍ୱ.ପ୍ର.)**–ମଙ୍ଗଳବାର ସକାଳ ୯ଟାରେ ପାରାଦୀପ ସମୁଦ୍ରରେ ବୁଡ଼ି ଜଣେ ଛାତ୍ର ନିଖୋଜ ହୋଇଛନ୍ତି। ସାଙ୍ଗମାନଙ୍କ ସହ ସମୁଦ୍ରରେ ଗାଧୋଉଥିବାବେଳେ ଛାତ୍ରଜଣକ ନିଖୋଜ ହୋଇଯାଇଛନ୍ତି। ତାଙ୍କର ଅନ୍ୟ ୨ଜଣ ସାଙ୍ଗଙ୍କୁ ସେଠାରେ ଉପସ୍ଥିତ ନୋଳିଆ ଉଦ୍ଧାର କରିଛନ୍ତି। ନିଖୋଜ ଛାତ୍ର ହେଲେ ସ୍ଥାନୀୟ ମଧୁବନ ଗୋପାଳଜୀଉ କଲୋନୀର ଅଜୟ ଦାସଙ୍କ ପୁଅ ଅଂଶୁମାନ। ଉଦ୍ଧାର ହୋଇଥିବା ୨ ଛାତ୍ର ଶୁଭମ୍‌କୁଲୁ ଓ ସାଇଜ୍ୟୋତିଙ୍କୁ ଗୁରୁତର ଅବସ୍ଥାରେ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏମାନେ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧରି ମାଇଲେ ଯାହା**
**ବାନ୍ଧି ମାଇଲେ ସେଇଆ ।**

ଯେକୌଣସି ପ୍ରକାରର ଆଘାତ ଶରୀର ପକ୍ଷେ ଯନ୍ତ୍ରଣାଦାୟକ ହୋଇଥାଏ। ମାରିବାର ପନ୍ଥା ଭିନ୍ନ, କିନ୍ତୁ ଉଦ୍ଦେଶ୍ୟ ଏକ। ବ୍ୟକ୍ତିକୁ ଧରିକି ମାରିବା ଯାହା ବାନ୍ଧିକି ମାରିବା ଏକାକଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧୋକା ଦେଇଗଲୁ ମତେ ନାଗର**
**ମୋ ସଂସାର ହେବ ତୋ ପାଇଁ କାଳ ।**

ବିଶ୍ୱାସ ଓ ଭରସାକୁ ପାଥେୟକରି ଗଢ଼ି ଉଠିଥାଏ ସମ୍ପର୍କ। ମାତ୍ର ଯେତେବେଳେ ଜଣେ ଅନ୍ୟ ଜଣକୁ ଧୋକାଦେବାକୁ ଆରମ୍ଭ କରେ, ଭରସା ତୁଟିଯାଏ। ବେଶିଦିନ ରହିପାରେ ନାହିଁ ସମ୍ପର୍କ। ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦେଇଥାଏ, ଯାହାକୁ ସହ୍ୟ କରିବା କଷ୍ଟକର ହୋଇଯାଇଥାଏ। ଏପରି ସ୍ଥଳେ ପ୍ରେମ ପଥରେ ଧୋକା ଦେଇଥିବା ପ୍ରେମୀ ପ୍ରତି ମନରେ କ୍ଷୋଭ ଜାତହେବା ସହ ଅଭିସମ୍ପାତ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ

# ରାଜ୍ୟବ୍ୟାପୀ ୬୦ ହଜାର ଶିକ୍ଷକଙ୍କ ଅନଶନ



ଶିକ୍ଷୟିତ୍ରୀ, ଶିକ୍ଷକମାନେ ଅନଶନରେ ବସିଛନ୍ତି।

**ଭୁବନେଶ୍ୱର, ୨।୧୦(ବ୍ୟୁରୋ)**

**୩ରୁ ୮ ଗ୍ରାମ ସ୍ୱରାଜ ଏବଂ ଜନ ଦରବାର**

ଗାନ୍ଧୀ ଜୟନ୍ତୀ ଅବସରରେ ମଙ୍ଗଳବାର ଶିକ୍ଷକମାନେ ରାଜ୍ୟବ୍ୟାପୀ ଅନଶନ କରିଛନ୍ତି। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନ କ୍ରମେ ୬୦ ହଜାର ଶିକ୍ଷକ ପ୍ରତି ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଘଣ୍ଟା ଧରି ଅନଶନ କରିଥିଲେ। ସେହିପରି ଭୁବନେଶ୍ୱର ଲୋୟର ପିଏମଜିଠାରେ ମଧ୍ୟ ଶିକ୍ଷକ ଏବଂ ଅଧ୍ୟାପକମାନେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ରଖି ଅନଶନ କରିଥିଲେ। ବୁଧବାରଠାରୁ ଗ୍ରାମ ସ୍ୱରାଜ ଯାତ୍ରା ଓ ଜନ ଦରବାର ଆରମ୍ଭ ହେବ ବୋଲି ମିଳିତ ମଞ୍ଚର ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଓ ପବିତ୍ର ମହାଲା କହିଛନ୍ତି।

ସୂଚନାଯୋଗ୍ୟ, ମିଳିତ ମଞ୍ଚ ପକ୍ଷରୁ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କ ଅହୋରାତ୍ର ଧାରଣା ମଙ୍ଗଳବାର ୪୮ ଦିନରେ ପହଞ୍ଚିଛି। ସରକାର ସେମାନଙ୍କ ଦାବି ପୂରଣ ଲାଗି ସାମାନ୍ୟତମ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି। ତେଣୁ ବାଧହୋଇ ଶିକ୍ଷକମାନେ ଗାନ୍ଧୀ ଜୟନ୍ତୀରେ ପ୍ରତୀକ ଅନଶନ କରିବାକୁ ନିଷ୍ପତ୍ତି ନେଇଥିଲେ। ଭାରତୀୟମାନଙ୍କ ଉପରେ ବ୍ରିଟିଶ ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ପ୍ରତିବାଦରେ ଗାନ୍ଧିଜୀ ଅନଶନରେ ବସୁଥିଲେ। ସ୍ୱାଧୀନତାର ୭୨ବର୍ଷ ପରେ ଆଜି ରାଜ୍ୟ ସରକାର ଶିକ୍ଷକ, ଅଧ୍ୟାପକମାନଙ୍କ ଶ୍ରମକୁ ଶୋଷଣ କରି ଶିକ୍ଷାର ପ୍ରସାର କରୁଛନ୍ତି ବୋଲି ବାହାବା ମାରୁଥିବା ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ମଙ୍ଗଳବାର ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଷ୍ଟାର ଯାଜପୁର ଜିଲା ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ ଅନଶନରେ ଥିବାବେଳେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଏହା ସତ୍ତ୍ୱେ ସରକାର ନିର୍ବିକାର ହୋଇ ବସି ରହିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି। ଆସନ୍ତା ୩ରୁ ୮ ତାରିଖ ଯାଏ ଗାନ୍ଧିଜୀଙ୍କ ପଦାଙ୍କ ଅନୁସରଣ କରି ମିଳିତ ମଞ୍ଚ ଗ୍ରାମ ସ୍ୱରାଜ ଏବଂ ଜନଦରବାର ଭଳି ଚରମ ଆନ୍ଦୋଳନାତ୍ମକ ଡାକରା ଦେଇଛି। ଏହାପରେ ବି ସରକାର ଯଦି ନିଦରୁ ନ ଉଠନ୍ତି ତେବେ ଆସନ୍ତା ୯ତାରିଖ ଗୋପବନ୍ଧୁ ଜୟନ୍ତୀରେ ଜନସାଧାରଣଙ୍କୁ ସାଥୀରେ ଧରି ବିରାଟ ଜନସମାବେଶ କରାଯିବ ବୋଲି ମିଳିତ ମଞ୍ଚର ସଭାପତି ପ୍ରକାଶ ଚନ୍ଦ୍ର ଜେନା କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### 'ଗରିବଙ୍କ କଥା...

ଏହା ମୋତେ ବହୁତ ଖୁସି ଦେଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗରିବ ଲୋକଙ୍କ ସେବା ପାଇଁ କେବେ ବି ଟଙ୍କାର ଅଭାବ ରହିବ ନାହିଁ। ଏହା ଆପଣମାନଙ୍କ ଟଙ୍କା। ଓଡ଼ିଶାବାସୀଙ୍କର ଟଙ୍କା। ଆପଣମାନଙ୍କ ପାଇଁ ଖର୍ଚ୍ଚ କରାଯାଇଛି। ଜଣେ ବି ଗରିବ ଲୋକଙ୍କୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେବାକୁ ଦେବି ନାହିଁ। ଗାନ୍ଧୀ ଜୟନ୍ତୀରେ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରି ମୁଁ ବହୁତ ଖୁସି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ କରିଥିଲେ। ସବୁ ଜିଲାର ହିତାଧିକାରୀଙ୍କ ସହିତ ଏହି କାର୍ଯ୍ୟକ୍ରମରେ ଯୋଗାଯୋଗ କରାଯାଇଥିଲା। ବଲାଙ୍ଗୀର ବଙ୍ଗମୁଣ୍ଡା, ସୁନ୍ଦରଗଡ଼ର ରାଜଗାଙ୍ଗପୁର, ମୟୂରଭଞ୍ଜର ଖୁଣ୍ଟା ଓ ବାଲେଶ୍ୱରର ଜଳେଶ୍ୱରରେ ହିତାଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ଆଲୋଚନା କରିଥିଲେ। ବଙ୍ଗମୁଣ୍ଡାର ଅନୁଛାୟା କୁମ୍ଭାର, ରାଜଗାଙ୍ଗପୁରର ଇନ୍ଦୁମତି, ଖୁଣ୍ଟାର ମାମା ମୁର୍ମୁ ଏବଂ ଜଳେଶ୍ୱରର ଜଣେ ଭିନ୍ନକ୍ଷମ ଆନନ୍ଦ ମୁଖି ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ଏହି ସୁବିଧା ପାଇଁ ଧନ୍ୟବାଦ ଦେଇଥିଲେ। ସଚିବାଳୟରେ ମୁଖ୍ୟ ଶାସନ ସଚିବ ଓ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବମାନେ ଯୋଗ ଦେଇଥିଲେ। ଜିଲାସ୍ତରରେ ମନ୍ତ୍ରୀ ଓ ବିଧାୟକମାନେ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ୩୦ ଜିଲାରେ ୧୮ ଲକ୍ଷ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଯୋଗ୍ୟ ହିତାଧିକାରୀଙ୍କୁ ୧ ଟଙ୍କାରେ(ପ୍ରତି କିଲୋ) ମୁଣ୍ଡ ପିଛା ୫ କିଲୋ ହିସାବରେ ଚାଉଳ ଯୋଗାଇ ଦିଆଯିବ। ଏଥିପାଇଁ ୨୦୧୮-୧୯ ଆର୍ଥିକବର୍ଷର ଅତିରିକ୍ତ ବଜେଟରେ ୮୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବା ଗରିବ ଲୋକମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଅକ୍ଟୋବର ୩ରୁ ୧୦ ତାରିଖ ମଧ୍ୟରେ ବ୍ଲକସ୍ତରରେ ଏସ୍‌ଏଫ୍‌ଏସ୍‌ଏସ୍‌ର ଶୁଭାରମ୍ଭ କାର୍ଯ୍ୟକ୍ରମ କରାଯିବ। ସେଠାରେ ବ୍ଲକ ଓ ଜିଲା ଜନପ୍ରତିନିଧିମାନେ ଉପସ୍ଥିତ ରହି ନୂତନ ରାଶନ କାର୍ଡ ବଣ୍ଟନ କରିବା ସହିତ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲିଖିତ ଚିଠି ମଧ୍ୟ ପ୍ରଦାନ କରିବେ। ସମସ୍ତ କଣ୍ଟ୍ରାକ୍ଟର ଗୋଦାମରୁ ଚାଉଳ ନେଇ ଡିଲର ପଏଣ୍ଟରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ୩ ତାରିଖରୁ ହିତାଧିକାରୀମାନେ ନିଜର ଚାଉଳ ସଂଗ୍ରହ କରିବେ।

### ୩ ଜଣଙ୍କୁ ପଦାର୍ଥ ...

୯ ନିୟୁତ ସ୍ୱିଡିଶ୍ କ୍ରୁନର (୧.୦୧ ନିୟୁତ ଆମେରିକୀୟ ଡଲାର) ପୁରସ୍କାର ରାଶିରୁ ଅଧା ଆଶ୍‌କିନ୍ ପାଇବେ ଏବଂ ଅବଶିଷ୍ଟାଂଶ ମୌରୁ ଏବଂ ଷ୍ଟ୍ରିକଲାଣ୍ଡ ମିଳିତ ଭାବେ ପାଇବେ। ଚକ୍ଷୁ ଅସ୍ତ୍ରୋପଚାର ଗବେଷଣା ଦିଗରେ ଆଶ୍‌କିନ୍‌ଙ୍କ ଅବଦାନ ହେଲା ଅପ୍‌ଟିକାଲ୍ ଟୁଇଜର୍ସ ଉଦ୍ଭାବନ। ଏହା କଣିକା, ପରମାଣୁ, ଭୂତାଣୁ ଏବଂ ଅନ୍ୟାନ୍ୟ ଜୀବନ୍ତ କୋଷକୁ ନିଜର ଲେଜର୍ ବିମ୍ ଫିଙ୍ଗର୍ସରେ ଟାଣି ରଖିଥାଏ। ଏହାସହ ଭୌତିକ ତତ୍ତ୍ୱକୁ ସ୍ଥାନାନ୍ତର କରିବା ପାଇଁ ଆଲୋକର ବିକିରଣ ଚାପକୁ ସେ ବ୍ୟବହାର କରିବାରେ ମଧ୍ୟ ସଫଳ ରହିଥିଲେ। ତାଙ୍କର ଏହି ଗବେଷଣା କାଳ୍ପନିକ ବିଜ୍ଞାନର ପୁରୁଣା ସ୍ୱପ୍ନ ବୋଲି ସ୍ୱିଡିଶ୍ ଏକାଡେମୀ ପକ୍ଷରୁ କୁହାଯାଇଛି। ୧୯୮୭ରେ ଜୀବନ୍ତ ଜୀବାଣୁର କ୍ଷତି ନ ଘଟାଇ ତାକୁ କାବୁ କରିବା ଲାଗି ଆଶ୍‌କିନ୍ ଟୁଇଜର୍ସ ବ୍ୟବହାର କରିବା ଏକ ଯୁଗାନ୍ତକାରୀ ଗବେଷଣା। ୧୯୫୨ରୁ ୧୯୯୧ ଯାଏ 'ଏଟି ଆଣ୍ଡ ଟି ବେଲ୍' ଲାବରେଟୋରିରେ କାମ କରିବା ବେଳେ ଆଶ୍‌କିନ ଏହି ଉଦ୍ଭାବନ କରିଥିଲେ। ସେହିପରି ୭୪ ବର୍ଷୀୟ ମୌରୁ ଏବଂ ଷ୍ଟ୍ରିକ୍‌ଲାଣ୍ଡ ଅଲ୍‌ଟ୍ରା-ଶର୍ଟ ଅପ୍‌ଟିକାଲ୍ ପଲ୍‌ସ ବିକାଶ କରିବା ଯୋଗୁ ନୋବେଲ ପାଇଁ ମନୋନୀତ ହୋଇଛନ୍ତି। ଅଲ୍‌ଟ୍ରା-ଶର୍ଟ ଅପ୍‌ଟିକାଲ୍ ପଲ୍‌ସ ହେଉଛି ମଣିଷଙ୍କ ଦ୍ୱାରା ପ୍ରସ୍ତୁତ ସବୁଠାରୁ ସୂକ୍ଷ୍ମ ଏବଂ ତୀବ୍ର ଲେଜର୍ ପଲ୍‌ସ। ସେମାନଙ୍କ ଗବେଷଣା ଏବେ ଦୃଷ୍ଟିଶକ୍ତି ସୁଧାର ପାଇଁ ହେଉଥିବା ଚକ୍ଷୁ ଚିକିତ୍ସାରେ ବ୍ୟବହାର କରାଯାଉଛି। ମୌରୁ ଇକୋଲ୍ ପଲିଟେକ୍ନିକ୍ ଅଫ୍ ଫ୍ରାନ୍ସ ଏବଂ ଆମେରିକାର ୟୁନିଭର୍ସିଟି ଅଫ୍ ମିଶିଗାନ୍‌ର ଅନୁଦାନରେ ଗବେଷଣା କରିଥିଲେ। ସେହିପରି ମୌରୁଙ୍କ ଛାତ୍ରୀ ଷ୍ଟ୍ରିକ୍‌ଲାଣ୍ଡ କାନାଡାର ୟୁନିଭର୍ସିଟି ଅଫ୍ ୱାଟର୍‌ଲୁର ଜଣେ ପ୍ରାଧ୍ୟାପିକା। ନୋବେଲ ପୁରସ୍କାର ଘୋଷଣା ପରେ ଆଶ୍ଚର୍ଯ୍ୟ ହୋଇପଡ଼ିଥିବା କହିଛନ୍ତି ଷ୍ଟ୍ରିକ୍‌ଲାଣ୍ଡ। କାରଣ ପଦାର୍ଥ ବିଜ୍ଞାନରେ ସାଧାରଣତଃ କମ୍ ମହିଳା ଏହି ପୁରସ୍କାର ପାଇଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି।

### ଆଜି ନାମାଙ୍କନପତ୍ର ଦାଖଲ...

ଗୁରୁବାର ପୂର୍ବାହ୍ନ ୧୧ଟାରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ସେହିଦିନ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ ଏବଂ ଏହା ପରେ ଅପରାହ୍ନ ୫ଟାରେ କଲେଜ ନୋଟିସ୍ ବୋର୍ଡରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ସୂଚନାଯୋଗ୍ୟ, ଆସନ୍ତା ୧୧ ତାରିଖରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବା ନେଇ ଗତମାସ ୨୮ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

### ପଲିଥିନ ନିଷେଧ...

ପରିଣତ ହୋଇ ଯାଇଛି। ଏଥିପାଇଁ ଆହୁରି ସମୟ ଲାଗିବ। ପଲିଥିନ ପରିବେଶ ପାଇଁ କ୍ଷତିକାରକ ହୋଇଥିବାରୁ ସମସ୍ତେ କଟକଣାକୁ ମାନିବା ଦରକାର। କଟକଣା ଜାରି ହେବା ପରେ କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ କାହାଦ୍ୱାରା ଜାଣିକରି ହେଉ କିମ୍ବା ଅନ୍ୟ ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ କରି ପାରିବେ ନାହିଁ। ୫୦ ମାଇକ୍ରନରୁ କମ ମୋଟେଇ ପଲିଥିନ, ୨୦୦ ମିଲିଲିଟରରୁ କମ ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ, ପ୍ଲେଟ, ଗ୍ଲାସ, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରି ପାରିବେ ନାହିଁ। ସେଥିପାଇଁ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟଡୋର କ୍ୟାଟରିଂ ଆଦି ସ୍ଥାନରେ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ମହାନଗର ନିଗମର କମିଶନର ଓ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଲିଥିନ ବନ୍ଦକୁ ସଫଳ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ଭାଜପା ନେତ୍ରୀଙ୍କୁ ଅଟକାଇବା ଆଳରେ ଅସଦାଚରଣ

**ଭୁବନେଶ୍ୱର, ୨।୧୦(ବ୍ୟୁରୋ)**



ଭାଜପା ମହିଳା ମୋର୍ଚ୍ଚା କର୍ମୀମାନେ ନବୀନ ନିବାସକୁ ପଶିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ସେମାନଙ୍କୁ ଅଟକାଉଛି।

■ଭିଡିଓ ଫୁଟେଜକୁ ଅତିରଞ୍ଜିତ କରାଯାଇଛି: ଡିସିପି
■ପୋଲିସ ଗଣତନ୍ତ୍ରକୁ ହତ୍ୟା କରିଛି: ପ୍ରଭାତୀ

ମହିଳାଙ୍କ ପ୍ରତି କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଅଶାଳୀନ ମନ୍ତବ୍ୟ ପ୍ରସଙ୍ଗକୁ ନେଇ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା। ମହିଳା ସଦସ୍ୟାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ନବୀନ ନିବାସ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇବା ଆଳରେ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ପୋଲିସ ଗଣତନ୍ତ୍ରକୁ ହତ୍ୟା କରିବା ସହିତ ନିଜର ସୀମା ଲଙ୍ଘିଥିବା ମହିଳା ମୋର୍ଚ୍ଚା ପକ୍ଷରୁ କୁହାଯାଇଛି।

ମହିଳା ମୋର୍ଚ୍ଚାର ଅଭିଯୋଗ ମୁତାବକ, ପୂର୍ବାହ୍ନ ପ୍ରାୟ ୧୧ଟାରେ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରୁ ମହିଳା ମୋର୍ଚ୍ଚାର ସଦସ୍ୟାମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଶୋଭାଯାତ୍ରାରେ ବାହାରି ନବୀନ ନିବାସ ଅଭିମୁଖେ ଯାଇଥିଲେ। ହେଲେ ରାଜମହଲ ଛକରେ ପୋଲିସ ସେମାନଙ୍କୁ ଅଟକାଇବା ସହ ଲାଠି ମାଡ କରିଥିଲା। ପୂର୍ବତନ ମନ୍ତ୍ରୀ ସୁରମା ପାଢୀ ଓ ରାଜ୍ୟ ମହିଳା ସଭାନେତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ଅନ୍ୟ କେତେଜଣ ମହିଳାଙ୍କୁ ଲାଠି ମାଡ ହୋଇଥିଲା। ସେଠାରୁ ପୋଲିସ ଏକାଧିକ ମହିଳାଙ୍କୁ ଗିରଫ କରିନେଇ ପରେ ଛାଡି ଦେଇଥିଲା। ପରବର୍ତ୍ତୀ ସମୟରେ ମୋର୍ଚ୍ଚାର କେତେଜଣ ସଦସ୍ୟା ଅଟୋରେ ନବୀନ ନିବାସ ଅଭିମୁଖେ ଯାଇଥିଲେ। ସେମାନେ ନବୀନ ନିବାସ ସମ୍ମୁଖରେ ଅଟୋରୁ ଓହ୍ଲାଇଥିଲେ। କିନ୍ତୁ ସେଠାରେ ମହିଳା ପୋଲିସ ଉପସ୍ଥିତ ଥିଲେ ମଧ୍ୟ ସେମାନେ ମହିଳାମାନଙ୍କୁ ଅଟକାଇ ନ ଥିଲେ। ବରଂ କେତେଜଣ ବରିଷ୍ଠ ପୁରୁଷ ପୋଲିସ ଅଧିକାରୀ ମହିଳାମାନଙ୍କୁ ଅଟକାଇବା ଆଳରେ ଅସଦାଚରଣ କରିଥିଲେ। ୧୫ ମିନିଟ ଧରି ସେଠାରେ ପୋଲିସ ଓ ଭାଜପା ମହିଳା ମୋର୍ଚ୍ଚା ସଦସ୍ୟାଙ୍କ ମଧ୍ୟରେ ଟଣାଓଟରା ଲାଗିଥିଲା। ପୋଲିସର ଏଭଳି କାର୍ଯ୍ୟକୁ ଭାଜପା ମହିଳା ମୋର୍ଚ୍ଚା ନିନ୍ଦା କରିଛି। ଏ ନେଇ ବୁଧବାର ଏକ ମହିଳା ଟିମ୍ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ ଭେଟି ଅସଦାଚରଣ କରିଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦାବି କରିବ ବୋଲି ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସଭାପତି ପ୍ରଭାତୀ ପରିଡା କହିଛନ୍ତି।

ସେ ଆହୁରି କହିଛନ୍ତି, ପୋଲିସ ଗଣତନ୍ତ୍ରକୁ ହତ୍ୟା କରିଛି। ଆମେ ନବୀନ ନିବାସକୁ ଶାନ୍ତିପୂର୍ଣ୍ଣ ଭାବେ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ମହାରଥୀଙ୍କୁ ବହିଷ୍କାର କରିବା ଲାଗି ଦାବି କରିବୁ ବୋଲି ପୋଲିସକୁ ଆଗରୁ ଜଣାଇଥିଲୁ। କିନ୍ତୁ ପୋଲିସ ରାଜମହଲ ଛକରେ ଆମକୁ ଅଟକାଇ ଲାଠିମାଡ଼ କଲା। ସେହିପରି ମହିଳା ପୋଲିସ ବଦଳରେ ପୁରୁଷ ପୋଲିସ ମହିଳାମାନଙ୍କୁ ଅଟକାଇବା ବାହାନାରେ ଅସଦାଚରଣ କଲେ। ମହିଳାମାନଙ୍କୁ ଯେଭଳି ଅସଦାଚରଣ କରାଯାଇଛି ତାହାର ଫଟୋ ଏବଂ ଭିଡିଓ ନେଇ ବୁଧବାର ପୋଲିସ ଡିଜିଙ୍କୁ ଭେଟିବୁ। ପୋଲିସ ବିରୋଧରେ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି।

ଅଭିଯୋଗ ସମ୍ପର୍କରେ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି, ସେଠାରେ ମହିଳା ପୋଲିସ ରହିଥିଲେ। ହେଲେ ଭାଜପା ମହିଳା ମୋର୍ଚ୍ଚା ସଦସ୍ୟାଙ୍କୁ ଯେଉଁ ସ୍ଥାନରେ ବିକ୍ଷୋଭ କରିବା ପାଇଁ କୁହାଯାଇଥିଲା ସେମାନେ ସେଠାରେ କରି ନ ଥିଲେ। ବରଂ ଅଟୋରେ ଲୁଚି ନବୀନ ନିବାସ ଅଭିମୁଖେ ଯାଇଥିଲେ। ସେଠାରେ ସେମାନଙ୍କୁ ମହିଳା ପୋଲିସ ଅଟକାଇଥିଲା। ତଥାପି ସେମାନେ ମାନି ନ ଥିଲେ। ବାଧ ହୋଇ ପୁରୁଷ ପୋଲିସ ସେମାନଙ୍କୁ ଅଟକାଇଥିଲେ। ଯେଉଁ ଭିଡିଓ ଗଣମାଧ୍ୟମରେ ପ୍ରସାରଣ କରାଯାଉଛି ତାହାକୁ ଅତିରଞ୍ଜିତ କରାଯାଉଛି। ସେଭଳି କିଛି ହୋଇନାହିଁ ବୋଲି ଡିସିପି କହିଛନ୍ତି।

# 'ମହିଳାଙ୍କ ଶିକ୍ଷା, ଆର୍ଥିକ ସ୍ୱାଧୀନତା ଗୁରୁତ୍ୱପୂର୍ଣ୍ଣ'

ନୂଆଦିଲ୍ଲୀ: ମହିଳାମାନେ ଶିକ୍ଷିତ ହେବା ସହିତ ଆର୍ଥିକ ସ୍ୱାବଲମ୍ବନଶୀଳ ହେବା ଉଚିତ ବୋଲି ବିଶିଷ୍ଟ ଅଭିନେତ୍ରୀ ଶାବନା ଆଜ୍‌ମୀ ପ୍ରକାଶ କରିଛନ୍ତି। ସେ ମିଜ୍‌ୱାନ୍ ୱେଲ୍‌ଫେୟାର ସୋସାଇଟି ନାମରେ ଏକ ଏନ୍‌ଜିଓ ଚଳାଉଛନ୍ତି। ଏଠାରେ 'ଅସ୍ମିତା-ଓମ୍ୟାନ୍' ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଲେ, ଶିକ୍ଷା ଓ ଆର୍ଥିକ ସ୍ୱାଧୀନତା ମହିଳାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ମହିଳାଙ୍କୁ ସେମାନଙ୍କ ଜୀବନସାଥୀ ସମ୍ମାନ ଦେବା ସହିତ ପ୍ରତିଟି କାର୍ଯ୍ୟରେ ତାଙ୍କ ସହିତ ସାମିଲ ହୁଅନ୍ତୁ। ମହିଳା ସଶକ୍ତୀକରଣ ନିମନ୍ତେ ସେମାନେ ପଦାକୁ ଗୋଡ କାଢ଼ି ବାହାର ଜଗତକୁ ଅନୁଭବ କରିବା ଉଚିତ। ଫାଉଣ୍ଡେଶନ୍ ଫର ମ୍ୟାନେଜମେଣ୍ଟ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏଫ୍‌ଏମ୍‌ଆରଟି)ର ଏହି କାର୍ଯ୍ୟକ୍ରମ ଦ୍ୱାରା ମହିଳାଙ୍କ ଦକ୍ଷତା ଚିହ୍ନିହେବ। ଏଥିସହିତ ମନରେ ସ୍ୱାଧୀନ ଚିନ୍ତାଧାରା ପୋଷଣ କରି ସମାଜରେ ପରିବର୍ତ୍ତନ ଆଣିଥିବା ମହିଳାଙ୍କୁ ଏହା ଏକତ୍ର ହେବାର ସୁଯୋଗ ସୃଷ୍ଟି କରିଛି। ମିଜ୍‌ୱାନ୍ ହେଉଛି ଶାବ୍‌ନାଙ୍କ ପଡୋଶୀ ଗାଁ। ଏଠିକାର ଏନ୍‌ଜିଓ ମହିଳାଙ୍କୁ ରୋଜଗାରକ୍ଷମ କରିବା ସହିତ ଆତ୍ମନିର୍ଭରଶୀଳ କରାଇପାରିଛି। ଏହି ଗାଁ ବାଲ୍ୟ ବିବାହ ପାଇଁ କୁଖ୍ୟାତି ଅର୍ଜନ କରିଥିଲା। କିନ୍ତୁ ତାଙ୍କ ନିଜସ୍ୱ ଏନ୍‌ଜିଓର ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଏହି କୁପ୍ରଥାକୁ ସେଠାରେ ଦୂର କରାଯାଇ ପାରିଛି ବୋଲି ଶାବ୍‌ନା ପ୍ରକାଶ କରିଥିଲେ।





ଗୁରୁ ଗୋବିନ୍ଦ ଦୁହିଁଙ୍କ ଭିତରୁ ଗୁରୁ ଶ୍ରେଷ୍ଠ ଅଟନ୍ତି, କାରଣ ସେ ଈଶ୍ୱରଙ୍କୁ ପାଇବାର ବାଟ ବତାଇ ଦେଇ ପାରନ୍ତି।
- ସନ୍ଥ କବୀର



## ସଂକ୍ଷେପରେ

### ଦୁର୍ଗା ପ୍ରସାଦ ନାୟକଙ୍କ ୯୫ତମ ଜନ୍ମଦିବସ ପାଳିତ

**ସମ୍ବଲପୁର,୨।୧୦(ବ୍ୟୁରୋ)**- ଶ୍ରମିକ ନେତା ତଥା ପ୍ରଫେସର ଦୁର୍ଗାପ୍ରସାଦ ନାୟକଙ୍କ ୯୫ତମ ଜନ୍ମଦିବସ ପାଳନ କରାଯାଇଛି। ସମାଜର ବିଭିନ୍ନ ବର୍ଗର ନାଗରିକମାନେ ତାଙ୍କ ବାସଭବନରେ ପହଞ୍ଚି ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଥିଲେ। ବାର୍ଦ୍ଧକ୍ୟ ଯୋଗୁ ପ୍ରଫେସର ନାୟକଙ୍କ ମୁଦିପଡ଼ାସ୍ଥିତ ବାସଭବନରେ ଜୟନ୍ତୀ ଉତ୍ସବ ହୋଇଥିଲା । ଅରବିନ୍ଦ ମହାପାତ୍ର, ଗିରିଧାରୀ ହୋତା, ରବିନ୍ଦ୍ର କୁମାର ମହାନ୍ତି, ଗୋଲକ ନାଥ, ଗଙ୍ଗାଧର ମହାନନ୍ଦ, ଶକୁନ୍ତଳା ଷଡ଼ଙ୍ଗୀ, ଗଦାଧର କୁଅଁର, ଚିତ୍ତ ରଞ୍ଜନ ତ୍ରିପାଠୀ, ରାଜକିଶୋର ନନ୍ଦ, ସୁଧାଂଶୁ ମିଶ୍ର, ଗୋକୁଳ ମେହେର, ଏନ. ଗୋପାଳ, ରାମେଶ୍ୱର ପାଢ଼ୀ ପ୍ରମୁଖ ଯୋଗ ଦେଇ ତାଙ୍କ ସୁସ୍ଥ ଜୀବନ କାମନା କରିଥିଲେ।

### ଜିଲାପାଳଙ୍କୁ ଭେଟିଲେ ବରିଷ୍ଠ ନାଗରିକ

**ସମ୍ବଲପୁର,୨।୧୦(ବ୍ୟୁରୋ)**-ସମ୍ବଲପୁର ଜିଲା ବରିଷ୍ଠ ନାଗରିକ ସମାଜ ପକ୍ଷରୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ଉପରେ ଆଲୋଚନା କରିବାକୁ ଯାଇ ବରିଷ୍ଠ ନାଗରିକଙ୍କ ଏକ ପ୍ରତିନିଧି ଦଳ ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟିଛନ୍ତି । ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେଥିରେ ସଂଘ ପାଇଁ ଏକ ସ୍ଥାୟୀ ଗୃହର ବ୍ୟବସ୍ଥା, ପରିଚୟ ପତ୍ର ଆଦି ଦାବି କରାଯାଇଛି। ଦାବିଗୁଡ଼ିକ ପୂରଣ ପାଇଁ ଯଥାଶୀଘ୍ର ପଦକ୍ଷେପ ନେବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିନିଧି ଦଳରେ ବରିଷ୍ଠ ନାଗରିକ ସମାଜର ସଭାପତି ଗୋପରଞ୍ଜନ ଦୁବେ, ଅର୍ଜୁନ ରଞ୍ଜନ ପଣ୍ଡା, ସଦାନନ୍ଦ ସାନବର୍ଷା, ନାରାୟଣ ନାୟକ, ପ୍ରଫୁଲ୍ଲ ହୋତା, ନିର୍ମଳ ମାଇତି, ରାମେଶ୍ୱର ପାଢ଼ୀ, କୈଳାସ ମିସ୍ତ୍ରୀ, ପ୍ରଦ୍ୟୋତ କୁମାର ମିଶ୍ର, ବିରଞ୍ଚି ନାରାୟଣ ମିଶ୍ର, ନରେନ୍ଦ୍ର ମେହେର, ଭକ୍ତବନ୍ଧୁ ପ୍ରଧାନ, ସୁରେନ୍ଦ୍ର ସାହୁ, ଜେନାମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ମଧୁବନ ସାହିତ୍ୟ, ସଂସ୍କୃତି ସଂସଦର ମାସିକ ଆସର

**ନାକଟିଦେଉଳ,୨।୧୦(ଡି.ଏନ.ଏ.)**- ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସାହିତ୍ୟ ଓ ସଂସ୍କୃତି ସଂସଦର ମାସିକ ସାହିତ୍ୟ ଆସର ସ୍ଥାନୀୟ ମହାବିଦ୍ୟାଳୟଠାରେ ଆୟୋଜିତ ହୋଇଯାଇଛି। ସଂସଦର କାର୍ଯ୍ୟକାରୀ ସଭାପତି ଡ. ସରସୀରାଣୀ ଗଡ଼ନାୟକ ଏଥିରେ ଅଧକ୍ଷତା କରିଥିଲେ। ଅଧାପିକା ପୁଷ୍ପାଞ୍ଜଳି ରଉଣାଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କବି ହରିହର ସାହୁ, ପୀତାମ୍ବର ବିଶ୍ୱାଳ, ଅଚ୍ୟୁତାନନ୍ଦ ବିଶ୍ୱାଳ, ବିଶ୍ୱଜିତ ପୁରୋହିତ, ତେଜସ୍ୱିନୀ ସାହୁ, କିଶୋର ଚନ୍ଦ୍ର ପଟେଲ, ବିଶ୍ୱଜିତ ପାତ୍ର, ସୁଶାନ୍ତ ସାହୁ, ଆର୍ ପୁଷ୍ପାଞ୍ଜଳି ଏବଂ ଗାଳ୍ପିକ ଅକ୍ଷୟ କୁମାର ସାହୁ ପ୍ରମୁଖ ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ। ଏହି ଅବସରରେ ସଂସଦର ସମ୍ପାଦକ ବିଜୟ କୁମାର ସାହୁ, ଛାତ୍ରୀ ପ୍ରିୟମ୍ବଦା ସାହୁ, ସୂର୍ଯ୍ୟକାନ୍ତି ବେହେରା, ସୁଚିସ୍ମିତା ନାୟକ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ସଂସଦର ସମ୍ପାଦକ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ସମଲେଇ ପୀଠରେ ୧୬ଶ ପୂଜାରମ୍ଭ

**ସମ୍ବଲପୁର,୨।୧୦(ବ୍ୟୁରୋ)**

ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ ତିଥିରେ ସମଲେଇ ପୀଠରେ ମଙ୍ଗଳବାର ଷୋଡ଼ଶ ପୂଜା ଆରମ୍ଭ ହୋଇଛି। ପ୍ରାତଃରେ ଦେବୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ମା' ସମଲେଇଙ୍କୁ ଦୁର୍ଗା ରୂପେ ପୂଜାର୍ଚ୍ଚନା କରି ପରମ୍ପରା ଓ ରୀତିନିତୀ ଅନୁଯାୟୀ କାକରା ପିଠା ଭୋଗ ଲାଗିଥିଲା। ଘଣ୍ଟ, ଶଙ୍ଖ, ହୁଳହୁଳି ବାଜାରେ ମୁଖରିତ ହୋଇଥିଲା ମନ୍ଦିର ପରିସର । ହରିବୋଲ, ହୁଳହୁଳିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ସେହିପରି ସହରର ବିଭିନ୍ନ ଅଞ୍ଚଳରୁ ମାଆମାନେ ପୋ ଜୀଉଁତିଆ ପୂଜାର୍ଚ୍ଚନା ଶେଷ ପରେ ରାତିରେ ଦେବୀଙ୍କୁ ଦୁବ, ଚାଉଳ ଛୁଆଁଇଥିଲେ। ବୁଧବାରରୁ କ୍ରମାନ୍ୱୟରେ ସମଲେଇଙ୍କୁ ଷୋହଳ ଜ୍ୟୋତି ଯଥା ନାରାୟଣୀ, ଇସାନୀ, ବିଷ୍ଣୁମାୟା, ଶିବା, ସତୀ, ନିତ୍ୟା, ସତ୍ୟା, ଭଗବତୀ, ସର୍ବାଣୀ, ସର୍ବମଙ୍ଗଳା, ଅମ୍ବିକା, ବୈଷ୍ଣବୀ, ଗୌରୀ, ପାର୍ବତୀ ଓ ସନାତନୀ ରୂପେ ପୂଜାର୍ଚ୍ଚନା କରାଯିବ।

ଐତିହାସିକ ତଥ୍ୟାନୁସାରେ ସମ୍ବଲପୁର ଚୌହାନ ରାଜା ବଳରାମ ଦେବଙ୍କ ରାଜତ୍ୱ କାଳରେ ଷୋଡ଼ଶ ପୂଜା ଆରମ୍ଭ ହୋଇଥିଲା। ଦେବୀଙ୍କଠାରେ ଚଣ୍ଡ (ଭୋଗ) ଅର୍ପଣ ପରେ ନିଷ୍ଠାବାନ ବ୍ରାହ୍ମଣଙ୍କୁ ଭୋଗ ଦିଆଯାଉଥିଲା। ରାଜା ସ୍ୱୟଂ ଭୋଗ ଗ୍ରହଣ କରି ଉପବାସ ଭଙ୍ଗ କରୁଥିଲେ। ଏହି ପରମ୍ପରାକୁ ବଜାୟ ରଖି ସମଲେଇ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ୧୬ ଦିନ ପର୍ଯ୍ୟନ୍ତ ଉପବାସ ରହିଥାନ୍ତି। ରାତିରେ ଦେବୀଙ୍କଠାରେ ଭୋଗ ଅର୍ପଣ ହେବା ପରେ ସେ ଭୋଗ ଗ୍ରହଣ କରିଥାନ୍ତି। ସେହିପରି ଚଟାଣରେ ବସିବା ଓ ଶୋଇବା କାର୍ଯ୍ୟ କରନ୍ତି । ମହାଳୟା ତିଥିରେ ଦେବୀ ଗଙ୍ଗା ତଥା ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଏହାପରେ କ୍ରମାନ୍ୱୟରେ ସମଲେଇଙ୍କୁ ପୂଜକମାନେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନି, ମହାଗୌରୀ, ସିଦ୍ଧିଦାତ୍ରୀ ବେଶ କରିଥାନ୍ତି। ଆଶ୍ୱିନ ପୂର୍ଣ୍ଣିମା ତିଥିରେ ଦେବୀଙ୍କ ରାଜରାଜେଶ୍ୱରୀ ବେଶ ହୋଇଥାଏ। ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ଦିନ ମାନସିକ ଦୀପ ପ୍ରଜ୍ୱଳନ ଓ କାଳୀମନ୍ତ୍ରରେ ଦେବୀଙ୍କ ପୂଜାର୍ଚ୍ଚନା କରାଯାଏ। ଦ୍ୱିତିୟାରେ ତାରାମନ୍ତ୍ର, ତୃତୀୟାରେ ଷୋଡ଼ଶୀ ମନ୍ତ୍ର, ଚତୁର୍ଥୀରେ ଭୁବନେଶ୍ୱରୀ ମନ୍ତ୍ର, ପଞ୍ଚମୀରେ ଭୈରବୀ ମନ୍ତ୍ର, ଷଷ୍ଠୀରେ ଛିନ୍ନମସ୍ତା ମନ୍ତ୍ର, ସପ୍ତମୀରେ ଧୂମାବତୀ ମନ୍ତ୍ର, ମହାଷ୍ଟମୀରେ ଖଣ୍ଡାଧୁଆ, ଧ୍ୱଜା ପରିକ୍ରମା, ସନ୍ଧି ପୂଜା, ଭାଏ ଜୀଉଁତିଆ ଓ ବଗଳା ମନ୍ତ୍ର, ମହାନବମୀରେ ମାତଙ୍ଗୀ ମନ୍ତ୍ର, ବିଜୟା ଦଶମୀରେ କମଳା ମନ୍ତ୍ରରେ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ ବୋଲି ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ମଙ୍ଗଳବାର ସୂଚୀତ କରିଛନ୍ତି। ଏହି ପରମ୍ପରା ଏବେ ମଧ୍ୟ ରହିଛି ।



ମଙ୍ଗଳବାର ଷୋଡ଼ଶ ପୂଜାରେ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

## ପ୍ରେମୀଯୁଗଳଙ୍କୁ ଲୁଟ ଅଭିଯୋଗରେ ୨ ଯୁବକ ଅଟକ

**ବାମରା,୨।୧୦(ସ୍ୱ.ପ୍ର.)**

ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ପ୍ରେମୀଯୁଗଳଙ୍କୁ ସ୍ଥାନୀୟ ବାମରା (ଡୁମେରମୁଣ୍ଡା)ର ୨ ଯୁବକ ହଇରାଣ ହରକତ କରି ଥାନାରେ ଅଟକ ହୋଇଛନ୍ତି। ସୂଚନା ଅନୁସାରେ ପ୍ରେମୀଯୁଗଳ ବାମରା (ଡୁମେରମୁଣ୍ଡା) ଅଞ୍ଚଳରେ ହାତ ଧରାଧରି ହୋଇ ଗଡ଼ପୋଷ ରାସ୍ତାରେ ଚାଲି ଚାଲି ଯାଉଥିଲେ । ଏହି ଦୃଶ୍ୟ ଡୁମେରମୁଣ୍ଡାର ମୁଖ୍ୟରାସ୍ତାରେ ଛିଡା ହୋଇ ଅନେକ ଲୋକେ ଦେଖିଥିଲେ। ପ୍ରେମୀ ଯୁଗଳ ନିକଟସ୍ଥ ନୂଆପଡ଼ାକୁ ଯାଉଥିବା ବେଳେ ଡୁମେରମୁଣ୍ଡାର ସୁଜିତ ବଗାର (୨୫) ସେମାନଙ୍କୁ ପିଛା କରିଥିଲେ । ପରେ ଫେରିଆସିଥିଲେ। ପୁନର୍ବାର ଡୁମେରମୁଣ୍ଡା ରେଳଧାରଣା କଡରେ ଥିବା ନିଛାଟିଆ ବୁଦା ଭିତରେ ସେମାନଙ୍କୁ ଅସଂଯତ ଅବସ୍ଥାରେ ଦେଖି ହଇରାଣ କରିଥିଲେ। ସେମାନଙ୍କଠାରୁ ଗୋଟିଏ ମୋବାଇଲ ଓ ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଲୁଟ୍ କରି ଚମ୍ପଟ ମାରିଥିଲେ। ଏ ନେଇ ଅଭିଯୋଗ ପରେ ଅଭିଯୁକ୍ତ ସୁଜିତ ବଗାର ଓ ସହ ଅଭିଯୁକ୍ତ ପିଣ୍ଟୁ ରାଜହଂସ (୨୦)ଙ୍କୁ ପୋଲିସ ଥାନାକୁ ଧରିଆଣି ଜେରା କରୁଥିବା ଜଣାପଡିଛି ।

■ ପ୍ରଫେସରଙ୍କୁ ମାର୍‌ପିଟ ଘଟଣା

## ଅସଦାଚରଣ ଅଭିଯୋଗ ଆଣିଲେ ଛାତ୍ରୀ

**ସମ୍ବଲପୁର,୨।୧(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର) ବୁର୍ଲାରେ ପ୍ରଫେସରଙ୍କୁ ମାର୍‌ପିଟ ଘଟଣାକୁ ନେଇ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି। ମଙ୍ଗଳବାର ଜଣେ ଛାତ୍ରୀ ରଞ୍ଜିତା ନାଏକ ପ୍ରଫେସର କୁଜୁରଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ, ସେପ୍ଟେମ୍ବର ୨୪ ତାରିଖ ନୁଆଁଖାଇ ଭେଟଘାଟ ପରେ ପ୍ରଫେସର କୁଜୁରଙ୍କୁ ଭେଟିବାକୁ ଯାଇଥିଲି। ତାଙ୍କୁ ନମସ୍କାର କରିବା ସମୟରେ ଜାଣତରେ ସେ ମୋତେ ଧରି ପକାଇଥିଲେ। ଏହି ଅଭିଯୋଗ ଉପରେ ବୁର୍ଲା ଥାନାରେ କେସ ନଂ ୩୯୭/୧୮ରେ ଏକ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ମାନସ ପ୍ରଧାନ ଏହା ପ୍ରକାଶ କରିଛନ୍ତି।

## ବିଜାଗଡ ପ୍ରାଥମିକ, ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ମିଶ୍ରଣ

**ନାକଟିଦେଉଳ,୨।୧୦(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ୧୯୪୪ ମସିହାରେ ପ୍ରତିଷ୍ଠିତ ବିଜାଗଡା ପ୍ରାଥମିକ ବିଦ୍ୟାଳୟ ଏବଂ ୧୯୫୦ ମସିହାରେ ପ୍ରତିଷ୍ଠିତ ଉନ୍ନୀତ ଜଗନ୍ନାଥ ପ୍ରସାଦ ସରକାରୀ ପ୍ରାଥମିକ ବିଦ୍ୟାଳୟ ବିଜାଗଡାର ମିଶ୍ରଣ ହୋଇଛି। ବିଦ୍ୟାଳୟର ନାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଜାଗଡକୁ ପରିବର୍ତ୍ତିତ କରାଯାଇଛି। ଏହି ଅବସରରେ ବ୍ରଜଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ବିଜାଗଡ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ମହାନ୍ତି, ସହକାରୀ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ବିଶ୍ୱାଳ, ସୁଷମା ପ୍ରଧାନ, ଜୀବନ୍ତୀ ଦେହୁରୀ, ସସ୍ମିତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ପ୍ରଧାନ ଶିକ୍ଷକ ବ୍ରଜଚନ୍ଦ୍ର ସାହୁ ୨ ବିଦ୍ୟାଳୟ ମିଶ୍ରଣର ଆବଶ୍ୟକତା ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ୟା ଓ ସରକାରଙ୍କ ନୂତନ ଶିକ୍ଷା ନୀତି ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟ ପରିସରରେ ମଙ୍ଗଳବାର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ଛାତ୍ରୀଛାତ୍ରମାନେ ରାମଧୁନ ଗାନ କରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ଏହି ଅବସରରେ ସରକାରଙ୍କ ପକ୍ଷରୁ ମାଗଣା ପୋଷାକ ଓ ଜୋତା ବଣ୍ଟନ କରାଯାଇଥିଲା।



ରାମଧୁନ ଗାନ କରି ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

## ବେକରେ ଓଢଣୀ ଦେଇ ଆତ୍ମହତ୍ୟା

**ସମ୍ବଲପୁର,୨।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା କାନଜୁରୀରେ ବେକରେ ଓଢଣୀ ଦେଇ ସତ୍ୟଭାମା ସାହୁ(୧୩) ଆତ୍ମହତ୍ୟା କରିଛନ୍ତି। ସେ ସ୍ଥାନୀୟ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ। ଘରେ କେହି ନଥିବା ସମୟରେ ସେ ଆତ୍ମହତ୍ୟା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

## ଶାଳିଙ୍କୁ ଗାଳି, ଜେଲ ଗଲେ ଭିଣୋଇ

**ସମ୍ବଲପୁର,୨।୧(ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ ବୁଥାପଡା ଅଞ୍ଚଳରେ ମଙ୍ଗଳବାର ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଶାଳିକୁ ଗାଳି ଓ ହତ୍ୟା ଧମକ ଦେଇ ଭିଣୋଇଙ୍କୁ ଜେଲ ଯିବାକୁ ପଡିଛି । ଅଭିଯୋଗ କ୍ରମେ ସାହିଦ ଖାନ କୌଣସି କଥାକୁ ନେଇ ଶାଳି ଅଞ୍ଜୁମାନ ଆରାକୁ ଗାଳି ଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଅଞ୍ଜୁମାନଙ୍କ ଅଭିଯୋଗ କ୍ରମେ ପୋଲିସ ସାହିଦଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ଥାନାରେ କେସନଂ ୩୬୧/୧୮ରେ ଏକ ମାମଲା ରୁଜୁ ହୋଇଛି ।

## ଭତରା ଗାନ୍ଧୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା

**ସମ୍ବଲପୁର,୨।୧୦(ବ୍ୟୁରୋ)**

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଭତରା ଗାନ୍ଧୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଛି। ସକାଳ ୫ଟାରେ ମନ୍ଦିର ପୂଜକ ଅମୀୟ ଛୁରିଆ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଘଣ୍ଟ, ଶଙ୍ଖ ଓ ଗାନ୍ଧୀଜୀ ଅମର ରହେ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ଅଞ୍ଚଳ। ଏହାପରେ ଦିନତମାମ ସରକାରୀ ଅଧିକାରୀ, ବିଭିନ୍ନ ଦଳୀୟ କର୍ମୀ ଓ ନେତା, ସାମାଜିକ କର୍ମୀ, ଶିକ୍ଷାବିତ, ସ୍କୁଲ ଓ କଲେଜ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ, ଶିକ୍ଷକମାନେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କ୍ଷୀରୋଦ ତାଣ୍ଡିଆ, ସନ୍ଦୀପ ଛୁରିଆ, ଚିନ୍ତାମଣି ବାଗ, ତୁଷାର ଗୁଗୋଲା, କୃଷ୍ଣଚନ୍ଦ୍ର ବାଗ ଓ ମନ୍ଦିରର ପୂର୍ବତନ ପୂଜକ କାଳିଆ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ହାୱା ମଇଦାନ ପରିସରସ୍ଥ ଗାନ୍ଧୀ ପାର୍କସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସହରର ବିଭିନ୍ନ ଅଞ୍ଚଳରୁ ଜନସାଧାରଣ ଆସି ମାଲ୍ୟାର୍ପଣ କରିଥିଲେ। ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ ଅଧକ୍ଷ ରବିନ୍ଦ୍ର ପାଣିଗ୍ରାହୀଙ୍କ ପରିଚାଳନାରେ ଛାତ୍ରୀଛାତ୍ର, ଅଧାପିକା ଅଧାପକମାନେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ସେହିପରି ନାରୀବନ୍ଦି ନିକେତନ ଅଧିକ୍ଷିକା ବାସନ୍ତିଲତା ସିଂ, ସମ୍ବଲପୁର ମଣ୍ଡଳ କାରଗାର ଅଧିକ୍ଷକ ଅମୀୟ କୁମାର ପଟ୍ଟନାୟକ, କାରାପାଳକ ସୌଭାଗ୍ୟ କୁମାର ବଳ, ଅସୀମା ମିଶ୍ର, ସୌଭାଗିନୀ ସିଂ, ସଂଗୀତା ସାଏ, ଜ୍ୟୋସ୍ନାମୟୀ କର୍ମୀ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରି ଜୟଧ୍ୱନୀ ଦେଇଥିଲେ।



ମଙ୍ଗଳବାର ସମ୍ବଲପୁର ଭତରା ଗାନ୍ଧୀ ମନ୍ଦିରରେ ସ୍କୁଲ ଛାତ୍ରମାନେ ପୂଜାର୍ଚ୍ଚନା କରୁଛନ୍ତି ।

## ନିଶା ନିବାରଣ ଅଭିଯାନ

**ଜମନକିରା,୨।୧୦(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଟିକିଲିପଡ଼ା ବିଜୁ ଯୁବ ବାହିନୀ ପକ୍ଷରୁ ମଙ୍ଗଳବାର ନିଶା ନିବାରଣ ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବିଜୁ ବାହିନୀ ପକ୍ଷରୁ ପ୍ଲା କାର୍ଡ଼, ବ୍ୟାନରର ଏକ ରାଲି ବାହାରିଥିଲା। ଲୋକଙ୍କୁ ନିଶାରୁ ଦୂରେଇ ରହିବା ପାଇଁ ସଚେତନ କରାଯାଇଥିଲା। ସଭାପତି ଟଙ୍କଧର ପଧାନ, ସମ୍ପାଦକ ସଞ୍ଜୟ ନେତୁରଙ୍କ ନେତୃତ୍ୱରେ ସୁଶାନ୍ତ ଛତ୍ରିଆ, ଲୋକେଶ ମହାକୁଲ, ଦଶରଥ ପିଙ୍ଗ, ସନାତନ ବାଘ, ଦେବାନନ୍ଦ ବାଘ, ଅରୁଣ ପଧାନ, ଦିପନ ପଧାନ, ମନୋଜ ଛତ୍ରିଆ, ପ୍ରଶାନ୍ତ ଖଡ଼ିଆ, ମିଶ୍ର ବାଘ, ମନୋଜ ବାଘ, ଉତ୍ତମ ବାଘ ପ୍ରମୁଖ ଅଭିଯାନରେ ସାମିଲ ରହିଥିଲେ।

## ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟିତ

**ରେଙ୍ଗାଲି,୨।୧୦(ଡି.ଏନ.ଏ.)** –ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଟାମ୍ପରକେଲା ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଗାନ୍ଧୀ ଜୟନ୍ତୀ ଅବସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉଦଘାଟିତ ହୋଇଛି। ଲାଲଫକିର ସାଏ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଟାମ୍ପରକେଲା ସରପଞ୍ଚ ସନାତନ ସାହୁ, ସମିତି ସଭ୍ୟା ସତ୍ୟଭାମା ବଡ଼େଇ, ଏଓ ଆନନ୍ଦ ପରିଡା, ଯୋଗାଣ ସହାୟକ, ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ

■ ସାମିଲ ହେଲେ ସମ୍ବଲପୁର ବିଧାନସଭା କ୍ଷେତ୍ର କର୍ମୀ, ନେତା

**ସମ୍ବଲପୁର,୨।୧୦(ବ୍ୟୁରୋ)**

ସମ୍ବଲପୁର ବିଧାନସଭା କ୍ଷେତ୍ରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ଭତରା ଗାନ୍ଧୀ ମନ୍ଦିରରୁ ଆରମ୍ଭ ହୋଇଛି। ମାହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଦଳୀୟ ପତାକା ଧରି ସମସ୍ତ କର୍ମୀ, କର୍ମକର୍ତ୍ତା ଓ ନେତାମାନେ ଭତରା ଗାଁ ପଦଯାତ୍ରା କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲା ସଭାପତି ପ୍ରମୋଦ ରଥ, ଜିଲା ମହିଳା ସଭାନେତ୍ରୀ ରାଜଲକ୍ଷ୍ମୀ ପ୍ରଧାନ, ବରିଷ୍ଠ ନେତା ଗୋକୁଳ ମେହେର, ଟାଉନ ସଭାପତି ପ୍ରଫୁଲ୍ଲ ଦାଶ, ମମତା ପଣ୍ଡା, ସୌରି ପାଣିଗ୍ରାହୀ, ଡା. ସୁମିତ୍ରା ଅଗ୍ରୱାଲ, ସତ୍ୟେନ ଦାଶ, ଦୁଲାଲ ରାୟ, ଉମେଶ ରଣବିଡା, ପ୍ରହଲ୍ଲାଦ ଗୁରୁ, ଅନୀଲ ପାଣିଗ୍ରାହୀ, ମୁନୁ ସିଂଦେଓ, ପ୍ରଶାନ୍ତ ଥାପ୍ପା, କୁନୁ ମେହେର, ମନୋଜ ମହାପାତ୍ର, ରବିନ୍ଦ୍ର ସିଂ, କଳ୍ପନା ମିଶ୍ର, ଶ୍ରୀନିବା ମହାପାତ୍ର, ସବୀର ଅହମ୍ମଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ମଙ୍ଗଳବାର ସମ୍ବଲପୁର ଭତରା ଗାନ୍ଧୀ ମନ୍ଦିରରୁ ବାହାରିଥିବା ବିଜେଡିର ପଦଯାତ୍ରା ।

# ବାମରାକୁ ଥରେ ଆସିଥିଲେ ଗାନ୍ଧିଜୀ, କରିଥିଲେ ସଭା

**ବାମରା,୨।୧୦(ସ୍ୱ.ପ୍ର)**

ଅହିଂସାର ପୂଜାରୀ ତଥା ସାରା ବିଶ୍ୱର ଜନନାୟକ ମହାତ୍ମା ଗାନ୍ଧୀ ଭାରତର ସ୍ୱାଧିନତା ଆନ୍ଦୋଳନ ପାଇଁ ସାରା ଦେଶରେ ଭ୍ରମଣ କରି ବିଭିନ୍ନ ସଭାସମିତିର ଆୟୋଜନ କରୁଥିଲେ। ୧୯୩୪ରେ ପଶ୍ଚିମ ଓଡ଼ିଶାର ଗସ୍ତରେ ଆସି ସମ୍ବଲପୁର ଓ ଝାରସୁଗୁଡାଠାରେ ସଭା କରିଥିଲେ। ୧୯୪୫ରେ ଗାନ୍ଧୀଜୀ କଲିକତାରୁ ବମ୍ବେକୁ ଟ୍ରେନରେ ଯାତ୍ରା କରୁଥିବା ବେଳେ ତତ୍‌କାଳୀନ ବିଏନଆର (ବେଙ୍ଗଲ ନାଗପୁର ରେଲୱେ) ଅନ୍ତର୍ଗତ ବାମରା ରେଳଷ୍ଟେଶନରେ ଓହ୍ଲାଇଥିଲେ। ସଂଗ୍ରାମୀମାନଙ୍କ ଦାୟାଦମାନେ ମଙ୍ଗଳବାର ଗାନ୍ଧୀ ଜୟନ୍ତୀ ସଭାରେ ଏହା ପ୍ରକାଶ କରିଛନ୍ତି। ସେହି ସମୟର ବାମଣ୍ଡା ରାଜ ପରିବାରର ସଦସ୍ୟାଙ୍କ ନାମରେ ନାମିତ ପ୍ରେମ ମଞ୍ଜରୀ ମାର୍କେଟ ତଥା ବର୍ତ୍ତମାନର ରେଲୱେ ଡେଲି ମାର୍କେଟଠାରେ ବାପୁଜୀ ଏକ ସଭା କରିଥିବା କୁହାଯାଏ। ୧୯୪୭ ପରଠାରୁ ପ୍ରତିବର୍ଷ ସ୍ୱାଧୀନତା ଦିବସ ଓ ସାଧାରଣ ତନ୍ତ୍ର ଦିବସ ଅବସରରେ ସେହିଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଉଛି। ଉକ୍ତ ସ୍ଥାନଟି ବର୍ତ୍ତମାନ ଗାନ୍ଧୀ ଚୌକ ନାମରେ ପରିଚିତ ଅଟେ। ଗାନ୍ଧିଜୀଙ୍କ ସ୍ୱଳ୍ପ ସମୟର ସେହି ଗସ୍ତ ମଧ୍ୟରେ ସ୍ୱଦେଶୀ, ସ୍ୱଚ୍ଛତା ଓ ଅହିଂସା ମନ୍ତ୍ରରେ ତତ୍‌କାଳୀନ ସଂଗ୍ରାମୀମାନଙ୍କୁ ସେ ଦୀକ୍ଷିତ କରିଥିଲେ। ଏହା ବ୍ୟତିତ ଗୋବିନ୍ଦପୁରକୁ ଯାଇ ସଂଗ୍ରାମୀ ମାନଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ସ୍ଥାନକୁ ଗାନ୍ଧୀ କୁଟୀର ନାମରେ ଜଣାଯାଏ। ବର୍ତ୍ତମାନ ତାହା ଗୋବିନ୍ଦପୁର ଶ୍ରୀଗୁଣ୍ଡିଚା ମନ୍ଦିରରେ ପରିବର୍ତ୍ତିତ ହୋଇସାରିଛି। ଗାନ୍ଧିଜୀଙ୍କ ସଂସ୍ପର୍ଶରେ ଆସିଥିବା ତତ୍‌କାଳୀନ ଗାନ୍ଧୀବାଦୀ ସଂଗ୍ରାମୀମାନଙ୍କ ମଧ୍ୟରୁ ଭବାନୀଚରଣ ପାଲ, ଜୟନାରାୟଣ ଶର୍ମା, ବାବୁରାମ ଠାକୁର, ରତ୍ନାକର ଦାସ, ମଧୁସୂଦନ ଶୁକ୍ଳ, ଲକ୍ଷ୍ମୀନାରାୟଣ ଦିକ୍ଷୀତ, ଜୟଦେବ ସାହୁ, ଅମୀର ଅଲ୍ଲି, ତ୍ରିଲୋକ ଚନ୍ଦ୍ର ଅଗ୍ରୱାଲ, ଲକ୍ଷ୍ମୀ ଦୁବେ ଓ ଅନ୍ୟାନ୍ୟ ସମସ୍ତେ ଇହ ଧାମ ତ୍ୟାଗ କରି ସାରିଛନ୍ତି । ଏହି ଘଟଣାବଳୀକୁ ନେଇ ପ୍ରତିବର୍ଷ ଗାନ୍ଧୀ ଜୟନ୍ତୀରେ ବାପୁଜୀ ବାମରାବାସୀଙ୍କ ଅନ୍ତରାତ୍ମା ଓ ହୃଦୟରେ ମନେ ପଡ଼ନ୍ତି।




ଏହି ସ୍ଥାନରେ ଗାନ୍ଧିଜୀ ବୈଠକ କରିଥିଲେ।



“ ଚାଷୀଙ୍କ ସମସ୍ୟାକୁ ନ ଶୁଣି ବର୍ବର ଭାବେ ସେମାନଙ୍କୁ ଆକ୍ରମଣ କରାଯାଉଛି। ସୁଲତାନ କବଳରେ ଥିବା ଦିଲ୍ଲୀର ବାଦ୍‌ଶାହ (ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି) କ୍ଷମତା ଅହଙ୍କାରରେ ବୁଡ଼ିରହି ଏସବୁ ଭିଆଉଛନ୍ତି।

- ରଣଦୀପ ସିଂ ସୁର୍ଜେଓ୍ୱାଲା, କଂଗ୍ରେସ ମୁଖପାତ୍ର

## ସଂକ୍ଷେପରେ

### କୋଲ୍‌କାତାରେ ବିସ୍ଫୋରଣ: ବାଳକ ମୃତ



**କୋଲ୍‌କାତା, ୨।୧୦(ପି.ଟି.):** ପଶ୍ଚିମବଙ୍ଗ ରାଜଧାନୀ କୋଲ୍‌କାତାର ନଗରବଜାରରେ ଏକ ବହୁତଳ ବିଶିଷ୍ଟ କୋଠା ଆଗରେ ମଙ୍ଗଳବାର ଏକ ବିସ୍ଫୋରଣ ଘଟିଛି। ଏଥିରେ ଜଣେ ୭ ବର୍ଷର ବାଳକ ପ୍ରାଣ ହରାଇଥିବାବେଳେ ଅନ୍ୟ ୯ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ମୃତ ବାଳକଙ୍କ ମା' ଅଛନ୍ତି। ଏହି ଘଟଣା ପାଇଁ ରାଜ୍ୟର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିରୋଧୀ ଦଳ ଭାଜପା ମଧ୍ୟରେ ଦୋଷ ଲଦାଲଦି ଆରମ୍ଭ ହୋଇଛି। ଟିଏମ୍‌ସିର ଅଭିଯୋଗ ଯେ, ଦଳର ନେତା ତଥା ଦମ୍‌ଦମ୍ ମ୍ୟୁନିସିପାଲିଟି ଅଧକ୍ଷ ପଞ୍ଚୁ ରୟଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଭାଜପା ଏହି ବିସ୍ଫୋରଣ ଘଟାଇଛି। କିନ୍ତୁ ଗୈରିକ ଦଳ ସମସ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ଓଲଟା ଟିଏମ୍‌ସିକୁ ଦାୟୀ କରିଛି।
ଦମ୍‌ଦମ୍ ଥାନା ଅନ୍ତର୍ଗତ କାଜିପରା ଅଞ୍ଚଳରେ ଏକ କୋଠାର ତଳ ମହଲାରେ ଥିବା ଫଳ ଦୋକାନ ନିକଟରେ ପୂର୍ବାହ୍ନ ୯ଟାରେ ଏହି ବିସ୍ଫୋରଣ ଘଟିଛି। ଆମୋନିୟମ୍ ନାଇଟ୍ରେଟ୍ ଜରିଆରେ ଏହି ବିସ୍ଫୋରଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପୋଲିସ ସୂଚନା ଦେଇଛି। ବିସ୍ଫୋରଣରେ ଜଣେ ବାଳକ ଗୁରୁତର ଆହତ ହୋଇଥିଲେ। ହସ୍ପିଟାଲରେ ସେ ପ୍ରାଣ ହରାଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ଡେପୁଟି ପୋଲିସ କମିଶନର ଆନନ୍ଦ ରୟ କହିଛନ୍ତି। ସିଆଇଡି ସ୍କ୍ୱାଡ୍ ଏବଂ ଫୋରେନ୍ସିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରୁଛନ୍ତି।

### ରେଳ ଦୁର୍ଘଟଣାରେ ଜଣେ ମୃତ

**ଚେନ୍ନାଇ,୨।୧୦(ପି.ଟି.):** ମଙ୍ଗଳବାର ତାମିଲନାଡୁରେ ଦୁଇଟି ପୃଥକ୍ ରେଳ ଦୁର୍ଘଟଣା ସାମ୍ନାକୁ ଆସିଛି। ଏଥିରେ ଜଣେ ବ୍ୟକ୍ତି ପ୍ରାଣ ହରାଇଥିବା ସୂଚନା ମିଳିଛି। ଦକ୍ଷିଣ ରେଳପଥ ଅଧିକାରୀଙ୍କ ସୂଚନା ମୁତାବକ, ରାଜ୍ୟର ଆମ୍ବାଝୁର ଅଞ୍ଚଳରେ ଏକ ମାଲବାହୀ ଟ୍ରେନ୍ ଓଲଟିଯାଇଛି। ପରିଣାମ ସ୍ୱରୂପ ଏକ ବ୍ରେକ୍ ଭ୍ୟାନ୍ ଏବଂ ୱାଗନ୍ ଲାଇନ୍‌ଚ୍ୟୁତ ହୋଇ ୱେବ୍ରିଜ୍ କଣ୍ଟେନର ସହ ମାଡ଼ ହୋଇଥିଲା। ୱେବ୍ରିଜ୍ କଣ୍ଟେନର ତଳେ ବସିଥିବା ଜଣେ ବ୍ୟକ୍ତିଙ୍କ ଉପରେ କଣ୍ଟେନର ପଡ଼ିଯିବା ଯୋଗୁ ତାଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣା ସତ୍ତ୍ୱେ ଏହା ରେଳ ଚଳାଚଳକୁ ପ୍ରଭାବିତ କରି ନ ଥିଲା ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି। ସେହିପରି ଇଗ୍‌ମୋର ଅଞ୍ଚଳରେ ପାର୍କିଂ ୟାର୍ଡ ଆଡ଼କୁ ଯାଉଥିବା ଏକ ଖାଲି ଏକ୍ସପ୍ରେସ୍ ଟ୍ରେନ୍ କୋଚ୍ ଓଲଟି ଯାଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି।

### [ଇତିହାସର ଆଇନାରେ]

### ଅକ୍ଟୋବର ୩ର ପ୍ରମୁଖ ଘଟଣା

୧୯୫୨ ଅକ୍ଟୋବର ୩ରେ ବ୍ରିଟେନ ଅପରେସନ୍ ହରିକେନ୍ ମାଧ୍ୟମରେ ପ୍ରଥମ ପରମାଣୁ ଅସ୍ତ୍ର ପରୀକ୍ଷଣ କରିଥିଲା। ଏହାଦ୍ୱାରା ଆମେରିକା ଓ ସୋଭିଏଟ୍ ୟୁନିୟନ ପରେ ବ୍ରିଟେନ୍ ବିଶ୍ୱର ତୃତୀୟ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ପାଲଟିଥିଲା। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ବେଳେ ବ୍ରିଟେନ୍ ପରମାଣୁ ଅସ୍ତ୍ର ପ୍ରକଳ୍ପର ଶୁଭାରମ୍ଭ କରିଥିଲା। ଏହାକୁ ଟ୍ୟୁବ୍ ମିଶା ଧାତୁ ନାମରେ ମଧ୍ୟ ଜଣାଯାଇଥାଏ। କିନ୍ତୁ ୧୯୪୩ରେ କ୍ୟୁବିକ୍ ଚୁକ୍ତି ଦ୍ୱାରା ଆମେରିକାର ମ୍ୟାନ୍‌ହାଟନ୍ ପ୍ରକଳ୍ପ ସହିତ ବିଲୟ ହୋଇଥିଲା। ଏଥିରେ ବହୁ ଆମେରିକୀୟ ବୈଜ୍ଞାନିକ ଏଥିରେ କାମ କରିଥିଲେ। ଦକ୍ଷିଣ ଅଷ୍ଟ୍ରେଲିଆର ମୋଣ୍ଟେ ବେଲୋ ଦ୍ୱୀପରେ ଏହାର ପରୀକ୍ଷଣ ହୋଇଥିଲା।

୨୦୧୦ ଅକ୍ଟୋବର ୩ରେ ଦିଲ୍ଲୀରେ ୧୯ତମ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜିତ ହୋଇଥିଲା। ୩ରୁ ୧୪ ଅକ୍ଟୋବର ପର୍ଯ୍ୟନ୍ତ ଏହା ଚାଲିଥିବା ବେଳେ ୭୧ ଟି ଦେଶର ୬୦୮୧ ଜଣ ଆଥଲେଟ୍ ୨୧ ଟି କ୍ରୀଡା ଏବଂ ୨୭୨ ଟି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହାକୁ ବର୍ତ୍ତମାନର ସବୁଠାରୁ ବଡ ରାଜ୍ୟଗୋଷ୍ଠୀ କ୍ରୀଡା ବୋଲି ମଧ୍ୟ କୁହାଯାଏ। ଭାରତରେ ପ୍ରଥମ ଥର ପାଇଁ ଏବଂ କୁଆଲାଲାମପୁର ପରେ ଏସିଆରେ ଦ୍ୱିତୀୟ ଥର ଏହା ଆୟୋଜିତ ହୋଇଥିଲା। ଏହାର ଉଦ୍ଘାଟନୀ ଏବଂ ଉଦ୍‌ଯାପନୀ ଜବାହାରଲାଲ ନେହରୁ ଷ୍ଟାଡିୟମରେ ହୋଇଥିଲା। ପୂର୍ବରୁ ୧୯୫୧ ଏବଂ ୧୯୮୨ରେ ଭାରତରେ ଏସିଆନ୍ ଗେମ୍ସର ଆୟୋଜନ ହୋଇଥିଲା।

## ଅନ୍ତର୍ଜାତୀୟ ଅହିଂସା ଦିବସରେ କୃଷକ ସଂଘର ବିକ୍ଷୋଭରୁ ହିଂସା

# ଦିଲ୍ଲୀମୁହାଁ ଚାଷୀଙ୍କୁ ଜୁଲମ୍

**ନୂଆଦିଲ୍ଲୀ/ଗାଜିଆବାଦ, ୨।୧୦(ପି.ଟି.)**



- ଦିଲ୍ଲୀ-ୟୁପି ସୀମାରେ ହଜାର ହଜାର ଚାଷୀ ସମାବେଶ
- ଅଟକାଇବାରୁ କେନ୍ଦ୍ର ବିରୋଧୀ ନାରାବାଜି କଲେ
- ପୋଲିସର ଲାଠିଚାର୍ଜ, ପାଣିମାଡ଼ର ଶିକାର ହେଲେ
- ଚାଷୀଙ୍କ ଆକ୍ରମଣରେ ୭ ପୋଲିସ କର୍ମଚାରୀ ଆହତ
- ସମସ୍ୟା ଉପରେ ଦୃଷ୍ଟି ଦିଆଯିବ: କେନ୍ଦ୍ର
- ସରକାରଙ୍କ ପ୍ରତିଶ୍ରୁତିରେ ସନ୍ତୁଷ୍ଟ ନୁହନ୍ତି ଚାଷୀ: ବିକେୟୁ ମୁଖ୍ୟ

କେନ୍ଦ୍ର ସରକାର ଚାଷୀମାରଣ ନୀତି ଆପଣାଉଥିବା ଅଭିଯୋଗ ଆଣିବା ସହ ବିଭିନ୍ନ ଦାବି ନେଇ ପୁଣି ଦିଲ୍ଲୀ ଦରବାରମୁହାଁ ହୋଇଛନ୍ତି ଚାଷୀ। ଉତ୍ତରପ୍ରଦେଶ (ୟୁପି)ର ହତାଶ କୃଷକମାନେ ବିକ୍ଷୋଭ ପ୍ରଦର୍ଶନ ଲାଗି ରାଜଧାନୀକୁ ପ୍ରବେଶ ଉଦ୍ୟମ କରିବାବେଳେ ଦିଲ୍ଲୀ-ୟୁପି ସୀମାରେ ଖଣ୍ଡଯୁଦ୍ଧ ହୋଇଛି। ଚାଷୀଙ୍କୁ ଘଉଡ଼ାଇବା ଲାଗି ମଙ୍ଗଳବାର ପାଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ ସଂଘର୍ଷର ସୂତ୍ରପାତ ହୋଇଛି। ପୋଲିସ ବଳପ୍ରୟୋଗ କରି ବିକ୍ଷୋଭରତ ଚାଷୀଙ୍କୁ ପାଣି ମାଡ଼ ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଛି। ଚାଷୀଙ୍କ ଆକ୍ରମଣରେ ମଧ୍ୟ ଜଣେ ଏସିପିଙ୍କ ସମେତ ୭ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଅନ୍ତର୍ଜାତୀୟ ଅହିଂସା ଦିବସରେ ଘଟିଥିବା ଏହି ଘଟଣାକୁ 'ବର୍ବରୋଚିତ ଆକ୍ରମଣ' ଦର୍ଶାଇବା ସହ ବିରୋଧୀ ଦଳ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ 'କୃଷକ ବିରୋଧୀ' କହି ସମାଲୋଚନା କରିଛନ୍ତି। ଏହାକୁ ନେଇ ରାଜନୀତି ଜୋର୍ ଧରିଛି।

ଭାରତୀୟ କିଷାନ ସଂଘ (ବିକେୟୁ) ମୁଖ୍ୟ ନରେଶ ଟିକାଇତ୍‌ଙ୍କ ଡାକରାରେ ୟୁପିର ହଜାର ହଜାର କୃଷକ ସୋମବାର ରାତିରେ ଦିଲ୍ଲୀ ଅଭିମୁଖେ ମାଡ଼ି ଯାଇଥିଲେ। ସେମାନଙ୍କ ମଧ୍ୟରେ ମୁଖ୍ୟତଃ ୟୁପିର ଗୋଣ୍ଡା, ବସ୍ତି ଓ ଗୋରଖପୁର ଏବଂ ପଶ୍ଚିମ ୟୁପିର ଚାଷୀ ଥିଲେ। କିନ୍ତୁ ଦିଲ୍ଲୀ-ୟୁପି ସୀମାରେ ସେମାନଙ୍କୁ ଅଟକାଯାଇଥିଲା। ତଥାପି ସେମାନେ ପଛଘୁଞ୍ଚା ନ ଦେଇ ଖୋଲା ଆକାଶ ତଳେ ରାତି ବିତାଇଲେ। ମଙ୍ଗଳବାର ସକାଳେ ଆରମ୍ଭ ହୋଇଗଲା କେନ୍ଦ୍ର ବିରୋଧୀ ସ୍ୱର। କୃଷିଋଣ ଛାଡ଼ ଏବଂ ତେଲଦର କମାଅ ବୋଲି ସରକାରଙ୍କ ବିରୋଧରେ ନାରାବାଜି କରି ସେମାନେ ଦିଲ୍ଲୀ ଆଡ଼କୁ ପାଦ ବଢ଼ାଇଥିଲେ। କିଏ ଟ୍ରାକ୍ଟରରେ, ଆଉ କେତେଜଣ ଚାଷୀ ଟ୍ରଲି ନେଇ ଆସିଥିଲେ। ସେମାନଙ୍କୁ ରୋକିବା ଲାଗି ପୋଲିସ ଉଦ୍ୟମ କରିଥିଲା। କିନ୍ତୁ ବ୍ୟାରିକେଡ୍‌କୁ ଡେଇଁ ସେମାନେ ମାଡ଼ିଯିବାକୁ ଉଦ୍ୟମ କରିବାରୁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଲାଠିମାଡ଼ ସାଙ୍ଗକୁ ପାଣିମାଡ଼ ଏବଂ ଲୁହବୁହା ବାଷ୍ପ ପ୍ରୟୋଗ କରି ଚାଷୀଙ୍କୁ ଛତ୍ରଭଙ୍ଗ ଦେବାକୁ ବାଧ କରାଯାଇଥିଲା। କିନ୍ତୁ ସେମାନେ ପଛଘୁଞ୍ଚା ଦେବା ପରିବର୍ତ୍ତେ ପୋଲିସକୁ ଜବାବ ଦେଇଥିଲେ। ଏଥିଯୋଗୁ ଦୁଇ ପକ୍ଷ ମଧ୍ୟରେ ସଂଘର୍ଷ ସ୍ଥିତି ଉପୁଜିଥିଲା। ଦିଲ୍ଲୀ ପୋଲିସ ପ୍ରଥମେ ଲାଠିଚାର୍ଜ କରିଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। କିନ୍ତୁ ପୋଲିସ ଏହାକୁ ଖଣ୍ଡନ କରିଛି। ଚାଷୀମାନେ ବ୍ୟାରିକେଡ୍ ଭାଙ୍ଗିବା ସହ ଟେକାମାଡ଼ କରିବାରୁ ପରିସ୍ଥିତି ନିୟନ୍ତ୍ରଣ ଲାଗି ଆବଶ୍ୟକ ମୁତାବକ କାର୍ଯ୍ୟାନୁଷ୍ଠାନ ହୋଇଥିବା ପୋଲିସ କହିଛି। ବିକ୍ଷୋଭ ସ୍ଥଳରେ ଦିଲ୍ଲୀ ପୋଲିସର ୨,୫୦୦ କର୍ମଚାରୀ, ରାପିଡ୍ ଆକ୍ସନ୍ ଫୋର୍ସ ସମେତ ଅର୍ଦ୍ଧସାମରିକ ବାହିନୀଙ୍କୁ ମୁତୟନ କରାଯାଇଛି। ରାଜଧାନୀକୁ ସଂଯୋଗ କରୁଥିବା ରାଜପଥରେ ଚାଷୀଙ୍କ ଭିଡ଼ ଜମିଛି।

ସେପଟେ ଚାଷୀଙ୍କ ଆନ୍ଦୋଳନ ଯୋଗୁ ହରଡ଼ଘଣାରେ ପଡ଼ିଯାଇଛି କେନ୍ଦ୍ର। ସେମାନଙ୍କୁ ମନାଇବା ପାଇଁ ସରକାର ଉଦ୍ୟମ ଚଳାଇଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ମଙ୍ଗଳବାର କେନ୍ଦ୍ର କୃଷିମନ୍ତ୍ରୀ ରାଧାମୋହନ ସିଂ ଏବଂ ଅନ୍ୟମାନଙ୍କ ସହ ଚାଷୀଙ୍କ ସମସ୍ୟା ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ରାଜନାଥଙ୍କ ବୈଠକ ପରେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ବିକ୍ଷୋଭରତ ଚାଷୀଙ୍କୁ ଭେଟି ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀମାନଙ୍କୁ ନେଇ ଗଠିତ କମିଟି ଚାଷୀଙ୍କ ଦାବି ଉପରେ ତର୍ଜମା କରିବେ। ତେଣୁ ବର୍ତ୍ତମାନ ସେମାନେ ଆନ୍ଦୋଳନରୁ ଓହରିଯାଆନ୍ତୁ। ଏହାସତ୍ତ୍ୱେ ଚାଷୀମାନେ ନଛୋଡ଼ବନ୍ଦା। ଏହି ଚାଷୀ ଆନ୍ଦୋଳନର ପୁରୋଧା ତଥା ବିକେୟୁ ମୁଖ୍ୟ ନରେଶ ଟିକାଇତ୍ କହିଛନ୍ତି, ସରକାରଙ୍କ କଥାରେ ଚାଷୀ ସନ୍ତୁଷ୍ଟ ନାହାନ୍ତି।

ଅନେକ ଦାବି ନେଇ ଚାଷୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସ୍ୱାମୀନାଥନ୍ କମିଶନଙ୍କ ସୁପାରିସକୁ କାର୍ଯ୍ୟକାରୀ କରିବା, ନିର୍ମାଣର ୧୦ ବର୍ଷ ପରେ ଟ୍ରାକ୍ଟର ବ୍ୟବହାର ଉପରେ ଥିବା କଟକଣା ହଟାଇବା, ଆଖୁ କ୍ରୟ ପରେ ବାକି ପଡ଼ିଥିବା ଟଙ୍କା ପରିଶୋଧ କରିବା, ଚିନିର ଯୋଗାଣ ମୂଲ୍ୟ ଏବଂ ମିନିମମ୍ ସପୋର୍ଟ ପ୍ରାଇସ୍ (ଏମ୍‌ଏସ୍‌ପି) ବୃଦ୍ଧି ଆଦି ଦାବି ଅନ୍ତର୍ଭୁକ୍ତ। ଦିଲ୍ଲୀ ସିଟି ପୋଲିସ କହିବା ଅନୁଯାୟୀ, ଭାରତୀୟ କିଷାନ ସଂଘର ହଜାର ହଜାର ସଦସ୍ୟ ହରିଦ୍ୱାରରୁ ଶୋଭାଯାତ୍ରା କରି ମଙ୍ଗଳବାର ଦିଲ୍ଲୀରେ ପହଞ୍ଚିବେ ବୋଲି ସୂଚନା ମିଳିଥିଲା। ଏଣୁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରି ପୂର୍ବ ଏବଂ ଉତ୍ତର-ପୂର୍ବ ଦିଲ୍ଲୀରେ ସୋମବାର ନିଷେଧାଦେଶ ଜାରି ହୋଇଥିଲା। ପ୍ରକାଶ ଯେ, ଉତ୍ତରାଖଣ୍ଡର ହରିଦ୍ୱାରରୁ ସେପ୍ଟେମ୍ବର ୨୩ରୁ କିଷାନ୍ କ୍ରାନ୍ତି ଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ୟୁପିର ବହୁସଂଖ୍ୟକ ଚାଷୀ ସାମିଲ ହୋଇଛନ୍ତି।

# ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ଆରମ୍ଭ

**ନୂଆଦିଲ୍ଲୀ,୨।୧୦(ପି.ଟି.)**

### ଅହିଂସାର ପୂଜକଙ୍କୁ ଶ୍ରଦ୍ଧାଞ୍ଜଳି

୧୪୯ ତମ ଜୟନ୍ତୀ ଅବସରରେ ବିଶ୍ୱବ୍ୟାପୀ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ପୂଜ୍ୟପୂଜ ପରମ୍ପରା ସହ କୁନି କୁନି ପିଲାଙ୍କ ଦ୍ୱାରା ରାଜଘାଟରେ ପୁଷ୍ପାଞ୍ଜଳି ଅର୍ପଣଠୁ ଆରମ୍ଭକରି, ସୋସିଆଲ୍ ମିଡିଆରେ 'ଇମୋଜି' ଏବଂ ହାଶ୍‌ଟ୍ୟାଗ୍ ଜରିଆରେ ଶ୍ରଦ୍ଧାଞ୍ଜଳି, ରାଜନେତାଙ୍କ ଅହିଂସା ବାର୍ତ୍ତା, ସେଲିବ୍ରିଟିଙ୍କ ଗାନ୍ଧୀବାଦ ମନ୍ତ୍ର ଜରିଆରେ ମହାନ୍ ନେତାଙ୍କୁ ସ୍ମରଣ କରାଯାଇଛି। ୧୫୦ତମ ଜୟନ୍ତୀ ଉତ୍ସବ ଆରମ୍ଭ ହେବା ସହ କଶ୍ମୀରଠୁ କନ୍ୟା କୁମାରୀ ଏବଂ ମୁମ୍ବାଇଠୁ ମିଜୋରାମ୍ ଯାଏ ସ୍ୱଚ୍ଛତା ଅଭିଯାନ ସାଙ୍ଗକୁ ଶାନ୍ତି, ସଦ୍‌ଭାବନା, ଅହିଂସା ବାର୍ତ୍ତା ସର୍ବଧର୍ମ ସମନ୍ୱୟର ବାତାବରଣ ଦେଖିବାକୁ ମିଳିଥିଲା। ଏହି ଜୟନ୍ତୀ ଉତ୍ସବ ୨୦୧୯ ଅକ୍ଟୋବର ୨ରେ ସମ୍ପୂର୍ଣ୍ଣ ହେବ। କେବଳ ଦେଶରେ ନୁହେଁ ବିଦେଶରେ ମଧ୍ୟ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସମସ୍ୟା ଜର୍ଜରିତ ବିଶ୍ୱରେ ଗାନ୍ଧୀଙ୍କୁ ଜଣେ ମାର୍ଗ ଦର୍ଶକ ବୋଲି ବିବେଚନା କରିଛନ୍ତି ବିଦେଶୀ ନେତୃବୃନ୍ଦ।

ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ, ଉପା ଅଧକ୍ଷା ସୋନିଆ ଗାନ୍ଧୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗାନ୍ଧୀଙ୍କ ସମାଧୀସ୍ଥଳ ରାଜଘାଟ ଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଗାନ୍ଧୀଙ୍କ ନୀତି ଆଦର୍ଶ ଏବଂ ମୂଲ୍ୟବୋଧର ଅନୁପାଳନ ପାଇଁ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ସାମ୍ପ୍ରଦାୟିକ ସଦ୍‌ଭାବନା ପ୍ରସାର ଉଦ୍ଦେଶ୍ୟରେ ଏହି ଅବସରରେ ସର୍ବଧର୍ମ ପ୍ରାର୍ଥନା ସଭାର ଆୟୋଜନ କରାଯାଇଥିଲା। ୪ ମିନିଟ୍‌ର ବୌଦ୍ଧ ଭଜନ ସହ ପ୍ରାର୍ଥନା ଆରମ୍ଭ ହୋଇ ବାହାଇ ଏବଂ ଖ୍ରୀଷ୍ଟିଆନ୍ ଧର୍ମର ପ୍ରାର୍ଥନା ଶୁଣିବାକୁ ମିଳିଥିଲା। ଏହାପରେ ହିନ୍ଦୁ ଶ୍ଳୋକ ଏବଂ ଇସ୍‌ଲାମ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ହିନ୍ଦୁ, ମୁସଲ୍‌ମାନ, ଶିଖ୍, ଜୈନ, ଇହୁଦୀ, ପାର୍ସୀ ଧର୍ମଗୁରୁ ଯୋଗ ଦେଇଥିଲେ। ଭାରତ ଗସ୍ତରେ ଆସିଥିବା ମିଳିତ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ମଧ୍ୟ ରାଜଘାଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜୟନ୍ତୀ ଉତ୍ସବ ପାଇଁ ଭାରତ ପକ୍ଷରୁ ନେଦରଲାଣ୍ଡରେ ଏକ ସ୍ୱତନ୍ତ୍ର ଡାକ ଟିକଟ ପ୍ରଚଳନ କରାଯାଇଛି। ସେହିପରି ଶାନ୍ତି ଏବଂ ଅହିଂସାର ପ୍ରଚାର ଲାଗି ଗାନ୍ଧିଜୀଙ୍କୁ ସମ୍ମାନ ଜନକ ମରଣୋତ୍ତର 'କଂଗ୍ରେସନାଲ୍ ଗୋଲ୍ଡ ମେଡାଲ୍' ସମ୍ମାନ ଦେବା ଲାଗି ଆମେରିକୀୟ ଆଇନ ପ୍ରଣେତାମାନେ ଦାବି କରିଛନ୍ତି। ସେମାନଙ୍କ ମଧ୍ୟରେ କେତକଣ ଭାରତୀୟ ବଂଶୋଦ୍ଭବ ମଧ୍ୟ ରହିଛନ୍ତି। ଚାଇନାର ରାଜଧାନୀ ବେଜିଂ ସହରରେ ଥିବା ଚାଓୟାଙ୍ଗ୍ ପାର୍କରେ ମଙ୍ଗଳବାର ଗାନ୍ଧୀ ଭଜନ ଶୁଣିବାକୁ ମିଳିଥିଲା। ଦେଶର ବିଭିନ୍ନ ପ୍ରାନ୍ତରେ ମଧ୍ୟ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି।



ରାଜଘାଟଠାରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଗାନ୍ଧିଜୀଙ୍କ ସମାଧିରେ ପୁଷ୍ପାଞ୍ଜଳି ଅର୍ପଣ କରୁଛନ୍ତି।

# ସିଲ୍‌କ ରୋଡ୍ ଖର୍ଚ୍ଚ କାଟ୍ କଲା ପାକିସ୍ତାନ

**ଲାହୋର,୨।୧୦(ପି.ଟି.)**



ଚାଇନାର ମହତ୍ୱାକାଙ୍କ୍ଷୀ ବୃହତ୍ 'ସିଲକ୍ ରୋଡ୍' ପ୍ରକଳ୍ପର ଖର୍ଚ୍ଚ ନିଜ ଦେଶରେ ୨ ବିଲିୟନ୍ ଡଲାର ପର୍ଯ୍ୟନ୍ତ ହ୍ରାସ କରିଛି ପାକିସ୍ତାନ। ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ନେତୃତ୍ୱାଧୀନ ସରକାର ଦେଶର ଋଣଭାରକୁ ଦୃଷ୍ଟିରେ ରଖି ଏହି ଖର୍ଚ୍ଚ କାଟ୍ କରିଥିବା ସୋମବାର ରେଳମନ୍ତ୍ରୀ ଶେଖ୍ ରାଶିଦ୍ ସୂଚନା ଦେଇଛନ୍ତି। ପାକିସ୍ତାନ ଏକ ଗରିବ ଦେଶ ଏବଂ ବୃହତ୍ ଆକାରରେ ଋଣ ଦେଶ ସମ୍ଭାଳିପାରିବ ନାହିଁ। ଏଣୁ ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡର୍ (ସିପିଇସି) ରେଳ ପ୍ରକଳ୍ପକୁ ୮.୨ ବିଲିୟନ୍ ଡଲାରରୁ ୬.୨ ବିଲିୟନ୍ ଡଲାରକୁ ହ୍ରାସ କରିଥିବା ରାଶିଦ୍ ଏଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କରାଚୀରୁ ପେଶାୱରକୁ ଯାଇଥିବା ୧୮୩୨ କିଲୋମିଟର ବିଶିଷ୍ଟ କ୍ଷେତ୍ରର ପୁନରୁଦ୍ଧାର ପାଇଁ ୮.୨ ବିଲିୟନ୍ ଡଲାର ମୂଲ୍ୟରେ ଏହି ମେଗା ପ୍ରୋଜେକ୍ଟ ଆରମ୍ଭ କରାଯାଇଥିଲା। କିନ୍ତୁ ଖର୍ଚ୍ଚ ଅଧିକ ହେବା ଯୋଗୁ ଋଣଗ୍ରସ୍ତ ପାକିସ୍ତାନ ପକ୍ଷରୁ ନିର୍ମାଣକାର୍ଯ୍ୟ ବିଳମ୍ବ ହେବାରେ ଲାଗିଥିଲା। ବେଲ୍‌ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ) ଚୁକ୍ତିର ପୁନଃ ସମୀକ୍ଷା କରିବା ପରେ ଇସ୍‌ଲାମାବାଦ ଖର୍ଚ୍ଚ କାଟ୍ ପଦକ୍ଷେପ ନେଇଛି। ଇମ୍ରାନ୍ କ୍ଷମତାକୁ ଆସିବା ପରେ ବେଜିଂର ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକର ପୁନଃ ସମୀକ୍ଷା କରିବେ ବୋଲି ପୂର୍ବରୁ ଘୋଷଣା କରିସାରିଛନ୍ତି। ପ୍ରକାଶ ଯେ, ଏହି ପ୍ରକଳ୍ପରେ ପାକିସ୍ତାନକୁ ଚାଇନା ୬୦ ନିୟୁତ ଡଲାର୍ ଅର୍ଥ ସହଯୋଗ କରିଛି।

## ପୋଲିଓ ଟିକାରେ ଭୂତାଣୁ

**ନୂଆଦିଲ୍ଲୀ,୨।୧୦(ପି.ଟି.)**

ଶିଶୁଙ୍କୁ ଖାଇବାକୁ ଦିଆଯାଉଥିବା ପୋଲିଓ ଟିକାରେ ଟାଇପ୍-୨ ପୋଲିଓ ଭୂତାଣୁ ଠାବ କରାଯାଇଛି। ଉତ୍ତରପ୍ରଦେଶ ବ୍ୟତୀତ ମହାରାଷ୍ଟ୍ର ଏବଂ ତେଲେଙ୍ଗାନାରେ ମଧ୍ୟ ଏହି ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଔଷଧକୁ ଗାଜିଆବାଦର ଏକ ଫାର୍ମାସ୍ୟୁଟିକାଲ୍ କମ୍ପାନୀ ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଭୂତାଣୁ ସମ୍ପର୍କରେ ଜଣାପଡ଼ିବା ପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଉପରୋକ୍ତ ୩ ରାଜ୍ୟ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଭୂତାଣୁ ବିଶିଷ୍ଟ ପୋଲିଓ ଟିକା ଯେଉଁ ଶିଶୁଙ୍କୁ ଦିଆଯାଇଛି ସେମାନଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯାଞ୍ଚ ଟିମ୍ ଚିହ୍ନଟ କରିବେ। ଔଷଧର କୌଣସି ନକାରାତ୍ମକ ପ୍ରତିକ୍ରିୟା ଲକ୍ଷ୍ୟ କରାଯାଉଛି କି ନାହିଁ ତାହା ଦେଖିବାକୁ ମଧ୍ୟ କୁହାଯାଇଛି।

# ୨୦୧୪ରୁ ଦିଆଯାଇନାହିଁ ଗାନ୍ଧୀ ଶାନ୍ତି ପୁରସ୍କାର

**ନୂଆଦିଲ୍ଲୀ,୨।୧୦(ପି.ଟି.)**



ମହାତ୍ମା ଗାନ୍ଧୀଙ୍କ ୧୪୯ତମ ଜୟନ୍ତୀ ଉତ୍ସବ ଧୁମ୍‌ଧାମରେ ପାଳନ କରାଯାଉଛି। କିନ୍ତୁ ଚଳିତବର୍ଷ ମଧ୍ୟ ମହାତ୍ମା ଗାନ୍ଧୀ ଅନ୍ତର୍ଜାତୀୟ ଶାନ୍ତି ପୁରସ୍କାର ଘୋଷଣା ହୋଇପାରିନାହିଁ। ୨୦୧୪ରୁ ଏହି ପୁରସ୍କାର ପ୍ରଦାନ କରାଯାଇନାହିଁ। ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କରିଥିବା ବିଶ୍ୱନେତାଙ୍କୁ ପ୍ରତିବର୍ଷ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। କିନ୍ତୁ କ୍ରମାଗତ ଚାରିବର୍ଷ ହେଲା ଏହା ଘୋଷଣା ହୋଇପାରିନାହିଁ। ଏଥିଲାଗି ଅନେକ ପ୍ରସ୍ତାବ ଗ୍ରହଣ କରାଯାଇଛି, କିନ୍ତୁ ତାହା ପୁରସ୍କାରରେ ରୂପାନ୍ତରିତ କରିବା ଲାଗି ଅନୁମୋଦନ ଅପେକ୍ଷାରେ ରହିଛି ବୋଲି ସଂସ୍କୃତି ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଶେଷଥର ପାଇଁ ୨୦୧୪ରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ ଇସ୍ରୋକୁ ଗାନ୍ଧୀ ଅନ୍ତର୍ଜାତୀୟ ଶାନ୍ତି ପୁରସ୍କାର ମିଳିଥିଲା।

## ଫୁର୍‌ସତ

# ୬୦ବର୍ଷ ପୂରଣ କଲା ନାସା




**ୱାଶିଂଟନ୍:** ନାସା ଏହାର ମହାକାଶ ଅନୁସନ୍ଧାନ କାର୍ଯ୍ୟକ୍ରମର ୬୦ବର୍ଷ ସମ୍ପୂର୍ଣ୍ଣ କରିଛି। ପୃଥିବୀ ବାହାର ଜଗତ ଆବିଷ୍କାର ଏବଂ ନୂଆ ଜ୍ଞାନକୌଶଳ ବିକାଶରେ ଏହା ପ୍ରସିଦ୍ଧି ଅର୍ଜନ କରିପାରିଛି। ଦୀର୍ଘ ୬ ଦଶନ୍ଧି ମଧ୍ୟରେ ନାସା ମହାକାଶର ଶାନ୍ତିପୂର୍ଣ୍ଣ ଅନ୍ୱେଷଣ କରିବା ସହିତ ଗ୍ରହ ଏବଂ ସୌରମଣ୍ଡଳର ଆବିଷ୍କାର ଏବଂ ବ୍ରହ୍ମାଣ୍ଡ ବିଷୟରେ ଅନୁସନ୍ଧାନ ଜାରି ରଖିଥିବା ଉକ୍ତ ସଂସ୍ଥା ଏହାର ୱେବ୍‌ସାଇଟ୍‌ରେ ପୋଷ୍ଟ କରିଛି। ବ୍ରହ୍ମାଣ୍ଡର ରହସ୍ୟ ଭେଦ କରିବା ପାଇଁ ନାସା ମହାକାଶକୁ ସ୍ପେସ୍‌କ୍ରାଫ୍ଟ ପଠାଇବା ସହିତ ସୌରମଣ୍ଡଳର ପ୍ରତ୍ୟେକ ଗ୍ରହର ନିକଟବର୍ତ୍ତୀ ପର୍ଯ୍ୟବେକ୍ଷଣ ପାଇଁ ଅନୁସନ୍ଧାନକାରୀ ପ୍ରୋବ୍ ପଠାଇଛି। ଅଗଷ୍ଟରେ ନାସା ସୂର୍ଯ୍ୟଙ୍କ ନିକଟକୁ ପାର୍କର ସୋଲାର ପଠାଇବା ଏହାର ସଦ୍ୟତମ ଉଦାହରଣ। କ୍ଷୁଦ୍ର କାର୍ ଆକୃତିର ଏହି ଐତିହାସିକ ପ୍ରୋବ୍ ସୂର୍ଯ୍ୟଙ୍କ ଠାରୁ ୩.୮ ନିୟୁତ ମାଇଲ୍ ଦୂରରେ ପହଞ୍ଚିବା ପର୍ଯ୍ୟନ୍ତ ଏହାର ଯାତ୍ରା ଜାରି ରଖିବ। ଏଥିସହିତ ନାସା ୯ଟି ମାନବଯୁକ୍ତ ମହାକାଶଯାନ ମଧ୍ୟ ପ୍ରେରଣ କରିଛି। ନାସା ୧୯୫୮ ଅକ୍ଟୋବର ୧ରୁ ସରକାରୀ ଭାବେ ଏହାର ଗବେଷଣା କାର୍ଯ୍ୟ ଆରମ୍ଭ କରିଥିଲା। ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ଡ୍ୱିଟ୍ ଡି. ଆଇଜନହୋୟରଙ୍କ ଦ୍ୱାରା ଏହା ପ୍ରତିଷ୍ଠା ହୋଇଥିଲା। ଏହାର ୧୦ଦିନ ପରେ ପାୟୋନିୟର-୧ ମହାକାଶକୁ ଲଞ୍ଚ୍ କରାଯାଇଥିଲା। ରକେଟ୍‌ରେ ତ୍ରୁଟି ଯୋଗୁ ଏହା ଚନ୍ଦ୍ରକୁ ପରିକ୍ରମା କରିବାର ଲକ୍ଷ୍ୟ ପୂରଣ ହୋଇପାରି ନ ଥିଲା। ରେକର୍ଡ ମାତ୍ରା ୭୦,୦୦୦ ମାଇଲ୍ ଉଚ୍ଚତା ପର୍ଯ୍ୟନ୍ତ ଏହା ଯାଇ ଚାର୍ଜଯୁକ୍ତ କଣିକାର ଏକ ଜୋନ୍ ଭାନ୍ ଆଲେନ୍ ରାଡିଏଶନ୍ ବେଲ୍ଟର ଉପସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲା। ପୁନଶ୍ଚ ଏହା ପୃଥିବୀର ବାୟୁମଣ୍ଡଳକୁ ପ୍ରବେଶ କରି ଲଞ୍ଚ୍ ହେବାର ୪୩ ଘଣ୍ଟା ପରେ ଜଳିଯାଇଥିଲା।

# ଅଲଗା ହେବେ ଯୋଡ଼ାଶିଶୁ

**ମେଲ୍‌ବୋର୍ନ:** ଭୁଟାରେ ଜନ୍ମ ହୋଇ ଥିବା ଯୋଡ଼ାଶିଶୁ ଅଲଗା ହେବେ। ୧୪ ମାସର କନ୍ୟାସନ୍ତାନ ନିମା ଏବଂ ଡାୱାଙ୍କୁ ପୃଥକ୍ କରିବା ପାଇଁ ଉଦ୍ୟମ ଜାରି ରହିଛି। ଏହି ଯମଜ ସନ୍ତାନଙ୍କୁ ଅଷ୍ଟ୍ରେଲିଆର ମେଲବୋର୍ନ ଅଣାଯାଇଛି। ସେଠାରେ ଡାକ୍ତରମାନେ ସେମାନଙ୍କୁ ପୃଥକ୍ କରିବା ଲାଗି ଜଟିଳ ଅସ୍ତ୍ରୋପଚାରର ଆୟୋଜନ କରୁଛନ୍ତି। ଚିଲ୍‌ଡ୍ରେନ୍ ଫାଷ୍ଟ ଫାଉଣ୍ଡେଶନ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିଜାବେଥ୍ ଲଜ୍‌ଙ୍କ ଆମନ୍ତ୍ରଣ କ୍ରମେ ଯମଜ କନ୍ୟା ଏବଂ ସେମାନଙ୍କ ମା' ମେଲବୋର୍ନଠାରେ ଅବସ୍ଥାନ କରୁଛନ୍ତି। ମଙ୍ଗଳବାର ଉକ୍ତ ପରିବାର ମେଲବୋର୍ନଠାରେ ପହଞ୍ଚିବା ପରେ ରୟାଲ ଚିଲଡ୍ରେନ୍‌ସ ହସ୍ପିଟାଲ୍‌ରେ ଅପରେଶନ୍ ନିମନ୍ତେ ବିଧିବଦ୍ଧ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବାଳିକା ଦ୍ୱୟଙ୍କ ବକ୍ଷ ଯୋଡି ହୋଇ ରହିଥିବା ବେଳେ ସେମାନଙ୍କର ଗୋଟିଏ ଲିଭର ଥିବା ଜଣାପଡିଛି। ଏ ସମ୍ପର୍କରେ ଲଜ୍ ସାମ୍ବାଦିକଙ୍କୁ କହନ୍ତି, ବାଳିକା ଦ୍ୱୟ ଅସୁସ୍ଥ ଅନୁଭବ କରିବା ସହିତ ସେମାନଙ୍କ ଓଜନ ହ୍ରାସ ପାଇବାରେ ଲାଗିଛି। ଅସ୍ତ୍ରୋପଚାର କରାଯିବା ପୂର୍ବରୁ ସେମାନଙ୍କର ପୁଣି ସ୍କାନ୍ କରାଯିବ ଏବଂ ଅପରେଶନ୍ ପାଇଁ ସମୟ ନିରୂପଣ ହେବ।



# ଏ ମାସର କୃଷିସୂଚନା





### ତୈଳବୀଜ

**ସୋରିଷ ସଅଳ କିସମ** (ତୋରିଆ) : ଉପକୂଳବର୍ତ୍ତୀ ଜିଲାରେ ତୋରିଆ ଚାଷ ପାଇଁ ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ ।

– ଅଣ ଜଳସେଚିତ ଅଞ୍ଚଳରେ ତୋରିଆ ଲାଗି ହେକ୍ଟର ପ୍ରତି ମୂଳସାର ହିସାବରେ ୪୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ଜଳସେଚିତ ଅଞ୍ଚଳରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ, ୨୫ କି.ଗ୍ରା. ଫସ୍‌ଫରସ୍ ଓ ୨୫ କି.ଗ୍ରା. ପଟାସ୍ ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ ।

– ଅକ୍ଟୋବର ୧୦ ତାରିଖ ସୁଦ୍ଧା ଅଣଜଳସେଚିତ ଜମିରେ ସୋରିଷ ବୁଣାବୁଣି କାର୍ଯ୍ୟ ଶେଷ କରନ୍ତୁ । ଏଥିପାଇଁ ପାର୍ବତୀ, ଅନୁରାଧା, ସୁଶ୍ରୀ, ଏମ୍-୨୭, ଟି.ଏସ୍.-୨୯, ପିଟି-୩୦୩ ଇତ୍ୟାଦି ସହଳ କିସମ ବିହନ ବ୍ୟବହାର କରନ୍ତୁ ।

**ଚିନାବାଦାମ :-** ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇ ଥିଲେ ଅମଳ କରି ତିନି ଚାରୋଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

– ନଦୀ ପଠାଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ଜୀବାଣୁ କଲ୍‌ଚର ବ୍ୟବହାର କରି ଧାଡ଼ିକୁ ଧାଡ଼ି ୩୦ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ସ୍ମୃତି ଓ ଦେବୀ କିସମ ବିହନ ବ୍ୟବହାର କରନ୍ତୁ ।

**ସୂର୍ଯ୍ୟମୁଖୀ :-** ଉନ୍ନତ କିସମ ସୂର୍ଯ୍ୟମୁଖୀ ଯଥା-ମଡର୍ନ, ଇ.ସି.-୬୮୪୧୪, ଇ.ସି.-୬୮୪୧୫ ହେକ୍ଟର ପ୍ରତି ୧୦ କି.ଗ୍ରା. ଓ ସଙ୍କର ଜାତୀୟ ପି.ଏ.ସି.-୩୬ ଓ ଏମ୍.ଏସ୍.ଏଫ୍.ଏଚ୍.-୮ କିସମ ୭.୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ ।

– ୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ ଥିରାମ୍ କିମ୍ବା କ୍ୟାପ୍‌ଟାନ୍ ଗୁଣ୍ଡ ମିଶାଇ ବିହନ ବିଶୋଧନ କରନ୍ତୁ କିମ୍ବା ୨ ଗ୍ରାମ୍ କାର୍ବୋସିନ୍ ସହିତ ଥିରାମ୍ ୧ କି.ଗ୍ରା. ମଞ୍ଜି ପ୍ରତି ବ୍ୟବହାର କରନ୍ତୁ।

**ରାଶି:** ଢିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ । ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା – ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା । ହେକ୍ଟର ପ୍ରତି ୭.୫-୧୦ କିଲୋଗ୍ରାମ୍ ବିହନ ବ୍ୟବହାର କରନ୍ତୁ । ପ୍ରତି କିଲୋଗ୍ରାମ୍ ବିହନରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ ଗୋଳାଇ ବିଶୋଧନ କରନ୍ତୁ ।

– ବିହନ ସହିତ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ । **ମକା :** ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ । ମକାର ଚୋପା ଛଡ଼ାଇ ୭-୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ । ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ ।

**ଫଳଚାଷ:** ଫଳବଗିଚାରେ ପାଣି ଜମିବାର ଥିଲେ ଜଳ ନିଷ୍କାସନ କରନ୍ତୁ ଓ ଶେଷ ଦଫା ସାର ପ୍ରୟୋଗ କରନ୍ତୁ।

– ମାଟିର ବତର ଦେଖି ୧୦-୧୫ ଦିନରେ ଜଳ ସେଚନ କରନ୍ତୁ । ଅଦରକାରୀ ଡାଳଗୁଡ଼ିକୁ କାଣ୍ଟଛାଣ୍ଟ କରି ବୋର୍ଡୋପେଷ୍ଟର ପ୍ରଲେପ ଦିଅନ୍ତୁ। ଉଇ ନ ହେବା ପାଇଁ କ୍ଲୋରୋପାଇରିଫସ୍ ଦ୍ରବଣ (୨ ମି.ଲି. / ଲିଟର ପାଣିରେ) ସିଞ୍ଚନ କରନ୍ତୁ।

**ଫୁଲଚାଷ:** ତରଳ ଖତ – ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ନିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ ।

– ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଚଳିତ ମାସ ପ୍ରଥମ ସପ୍ତାହ ମଧ୍ୟରେ ପକାନ୍ତୁ । ସେବତୀ – ସେପ୍ଟେମ୍ବରରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ) ।

ଗୋଲାପ – ଏ ମାସର ତୃତୀୟ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ କାଣ୍ଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।

ଗ୍ଲାଡ଼ିଓଲସ୍ – ଏହାର କନ୍ଦା ବାଭିଷ୍ଟିନ୍ ଦ୍ରବଣରେ ବିଶୋଧନ କରି ପ୍ରସ୍ତୁତ ଜମିରେ ଗଜା କରି ଲଗାନ୍ତୁ ।

*–କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର*

## କୁକୁଡ଼ା ପାଳନ

■ବର୍ଷାଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତି କରି ପରିଷ୍କାର କରିଦିଅନ୍ତୁ । ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ା ଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ ।

■ବ୍ରଏଲର୍ କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ ।

■କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ



ସେଣ୍ଟିଗ୍ରେଡ୍ ରହିବା ଆବଶ୍ୟକ।

■ ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ ।

## ପନିପରିବା ଚାଷ



**ଆ**ଳୁ ପାଇଁ ହେକ୍ଟର ପ୍ରତି ୨୫ରୁ ୩୦ କୁଇଣ୍ଟାଲ୍ ବିହନ ଦରକାର ହୁଏ । ୨-୩ ଟି ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ।

– ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ସକାଶେ ୩ ଗ୍ରାମ୍ ବ୍ଲାଇଟକ୍ସ-୫୦ ସହିତ ୧ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍‌କୁ ୧ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।

– ଲଙ୍କା ଫସଲରେ ଉକୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

– ସଅଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ।

– ଅତ୍ୟଧିକ ବର୍ଷା କିମ୍ବା ବନ୍ୟାଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ଶୀତଦିନିଆ ପନିପରିବା, ଶାଗ ଓ ଧନିଆପତ୍ର ଚାଷ କରନ୍ତୁ ।

– ଜଳାଭାବ ସ୍ଥାନରେ ପ୍ରଚୁର ପରିମାଣରେ କୋଶଳା ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ।

– ପିଆଜ ତଳି ପ୍ରସ୍ତୁତି ଲାଗି ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମାସୁପର ଓ ଭୀମାଶକ୍ତି ବିହନ କିସମ ସଂଗ୍ରହ କରି ତଳି ପକାନ୍ତୁ।

## ମାଛଚାଷ

**ବ**ର୍ଷା ତଥା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ପୋଖରୀ ହୁଡ଼ାକୁ ଠିକ୍ ଭାବରେ ପ୍ରସ୍ତୁତ କରନ୍ତୁ ଏବଂ ପୋଖରୀରେ ମୁଣ୍ଡା ଯାଆଳ ଛାଡ଼ନ୍ତୁ । ହେକ୍ଟର ପ୍ରତି ଦୈନିକ ୩.୫୦ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୩.୫୦ କି.ଗ୍ରା. ବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପ୍ରୟୋଗ କରନ୍ତୁ । ଏହାଛଡ଼ା ମାସିକ ହେକ୍ଟର ପ୍ରତି ୨୫ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ଚୂନ ପ୍ରୟୋଗର ୭ ଦିନ ପରେ ୬୨୫ରୁ ୭୫୦ କି.ଗ୍ରା. କଞ୍ଚା ଗୋବର ପୋଖରୀରେ ପ୍ରୟୋଗ କରନ୍ତୁ ଏବଂ ଗୋବର ପ୍ରୟୋଗର ୧୫ ଦିନ ପରେ କ୍ୟାଲ୍‌ସିୟମ୍ ଆମୋନିୟମ୍ ନାଇଟ୍ରେଟ୍ (ସି.ଏ.ଏନ୍.) ୨୦ ରୁ ୨୫ କି.ଗ୍ରା. ଏବଂ ସିଙ୍ଗଲ୍ ସୁପର ଫସ୍‌ଫେଟ୍ (ଏସ୍.ଏସ୍.ପି.) ସାର ୧୫ରୁ ୨୦ କି.ଗ୍ରା. ମାଛ ପୋଖରୀରେ ପ୍ରୟୋଗ କରନ୍ତୁ ।

# ଧାନଫସଲର ମାଟିଆଗୁଣ୍ଡି ପୋକ ନିୟନ୍ତ୍ରଣ



**ଦେବବ୍ରତ ପାଣିଗ୍ରାହୀ**

ମାଟିଆଗୁଣ୍ଡି ପୋକ ଓଡ଼ିଶାର ଉଭୟ ଖରିଫ ଓ ରବି ଧାନଫସଲର ମାରାତ୍ମକ ପୋକଙ୍କ ମଧ୍ୟରୁ ଅନ୍ୟତମ । ଆମ ରାଜ୍ୟରେ ୨୦୧୭ ଖରିଫ ଧାନ ଫସଲର ଏହି କୀଟ ବ୍ୟାପକ କ୍ଷତି ଘଟାଇଥିଲା। ଚଳିତବର୍ଷ ଖରିଫ ଧାନ ଫସଲରେ ମଧ ଏହି କୀଟର ଆକ୍ରମଣ ରାଜ୍ୟର କେତେକ ଅଞ୍ଚଳରେ ଅତ୍ୟଧିକ ହେବାର ସୂଚନା



ମିଳୁଛି। ସେପ୍ଟେମ୍ବର ଚତୁର୍ଥ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଓଡ଼ିଶାର ଜଳବାୟୁ ଓ ଧାନ ଫସଲରୁ ମିଳୁଥିବା ଖାଦ୍ୟ ଏହି ପୋକର ବଂଶବୃଦ୍ଧି ପାଇଁ ଅନୁକୂଳ ହୋଇଥିବା ଯୋଗୁ ଆଗାମୀ ଦିନରେ ଏହାର ପ୍ରାଦୁର୍ଭାବ ଯଥେଷ୍ଟ ବଢି ବ୍ୟାପକ କ୍ଷତି ହେବା ଅନୁମାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ଚାଷୀଙ୍କ ଅବଗତି ନିମନ୍ତେ ଏହି ମାରାତ୍ମକ କୀଟର ସଫଳ ନିୟନ୍ତ୍ରଣ ପାଇଁ ଉପଯୁକ୍ତ ସମନ୍ୱିତ ନିୟନ୍ତ୍ରଣ ପ୍ରଣାଳୀ ବିଷୟରେ ସୂଚିତ କରାଯାଉଛି।

–ବର୍ତ୍ତମାନ ଓଡ଼ିଶାରେ ଅଧିକ ଆକ୍ରମଣାତ୍ମକ ବଂଶଜ, ବହୁଦୂର ଯାତ୍ରା କରିବାର କ୍ଷମତା, ବ୍ୟବହୃତ କୀଟନାଶକ ସହିଷ୍ଣୁ ପୋକଗୋଷ୍ଠୀର ଉପସ୍ଥିତି ରହିଛି ଓ ଅଧିକ ଡେଣାଧାରୀ ପୋକର ଉତ୍ପତ୍ତିର ସୂଚନା ମିଳୁଛି। ସେପ୍ଟେମ୍ବର ଶେଷ ସପ୍ତାହରୁ ନଭେମ୍ବର ଦ୍ୱିତୀୟ ସପ୍ତାହ ମଧ୍ୟରେ ଅପେକ୍ଷାକୃତ ପାଣିପାଗ ଓ ଧାନଫସଲରୁ ମିଳୁଥିବା ଖାଦ୍ୟ ଏହାର ପ୍ରଜନନ ଓ ବଂଶବୃଦ୍ଧି ପାଇଁ ଅନୁକୂଳ ।

–ଅଧିକ ଅମଳ ଆଶାରେ ଅଜ୍ଞତାବଶତଃ ଗଛକୁ ଗଛ କମ୍ ଦୂରତାରେ ରୋଇବା, ଅଧିକ ଯବକ୍ଷାରଜାନ ଓ କମ୍ ପଟାସ ସାରର ପ୍ରୟୋଗ ଅଧିକ ଅଣ୍ଡା ଦେଇ ବଂଶବୃଦ୍ଧିର ଆଶଙ୍କା ଓ ଅଧିକ ରସ ଶୋଷଣ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇ ସାରିଛି।

**ଆକ୍ରମଣଜନିତ ଲକ୍ଷଣ ଓ ଜୀବନଚକ୍ର:**

ଏହା ଏକ ଛୋଟ ଧୂସର, ମାଟିଆ ଓ ବାଦାମୀରଙ୍ଗର କୀଟ, ସାଧାରଣତଃ ଏମାନେ ଧାନକ୍ଷେତର ପାଣି ଉପରକୁ ଥିବା ଧାନଗଛର ମୂଳ ଅଂଶରେ ବହୁସଂଖ୍ୟାରେ ରହନ୍ତି ଓ ରସ ଶୋଷି ଖାଆନ୍ତି। ସାଧାରଣତଃ ଏମାନେ ସ୍ଥିର ନ ରହି ମଝିରେ ମଝିରେ ଡେଇଁଥାନ୍ତି। ପତ୍ରାଚ୍ଛଦର ବାହାର ଅଂଶକୁ ଚିରି ଏହା ମଧ୍ୟରେ ଏମାନେ ଅଣ୍ଡା ଦେଇଥାନ୍ତି। ଏହି କଟା ସ୍ଥାନ ବାଦାମୀରଙ୍ଗର ହୋଇଥାଏ ଓ ଅଣ୍ଡା ଦେବା ସ୍ଥାନକୁ ସୂଚାଏ। ଅଣ୍ଡାରୁ ଅର୍ଭକ (ଛୋଟ ପୋକ) ୭-୧୦ ଦିନ ମଧ୍ୟରେ ବାହାରିଥାନ୍ତି ଓ ରସଶୋଷଣ ଆରମ୍ଭ କରନ୍ତି। ଜୀବନକାଳ ମଧ୍ୟରେ ଏମାନେ ୫ ଥର ଦେହରୁ କାତି ଛାଡି ବଢନ୍ତି ଓ ୧-୫ଟି କ୍ରମବର୍ଦ୍ଧିଷ୍ଣୁ ଜୀବନଚକ୍ର ଅତିବାହିତ କରି ୧୨-୧୩ ଦିନରେ ବୟସ୍କ ପୋକରେ ପରିଣତ ହୁଅନ୍ତି ଓ ଏହାର ୬-୩ ଦିନ ପରେ ମାଈପୋକ ଅଣ୍ଡା ଦେବା ଆରମ୍ଭ କରେ। ଅନୁକୂଳ ବାତାବରଣରେ ପୋକ ସଂଖ୍ୟା କମ୍ ଥାଇ ଅଧିକ ଖାଦ୍ୟ ଥିଲେ ବୟସ୍କ ପୋକଙ୍କ ଡେଣା ନ ଥାଏ। କିନ୍ତୁ ପୋକ ସଂଖ୍ୟା ବଢିଲେ ଅଧିକ ଡେଣା ଥିବା ପୋକ ସୃଷ୍ଟି ହୁଅନ୍ତି ଓ ନୂଆ ଅଞ୍ଚଳକୁ ଉଡିଯାଇ ଫସଲକୁ ଆକ୍ରମଣ କରନ୍ତି।

ବହୁସଂଖ୍ୟକ ପୋକ ଏକ ସମୟରେ ଧାନଗଛର ମୂଳ ଭାଗକୁ ଆକ୍ରମଣକରି ରସ ଶୋଷି ନେଇ ଖଣ୍ଡିଆ କରିଦେବା ଯୋଗୁ ଖାଦ୍ୟ ଓ ପାଣି ଉପରି ଭାଗକୁ ଯାଇପାରେନାହିଁ। ତା'ପରେ ଗଛର ପତ୍ର ଆସ୍ତେ ଆସ୍ତେ ହଳଦିଆ ପଡିଯାଏ। ପୁନଶ୍ଚ ପୋକ ସଂଖ୍ୟା ବଢି ଅଧିକ ପରିମାଣରେ ଖାଇବା ଯୋଗୁ ଧାନଗଛ ଶୁଖି ମରିଯାଏ। ଫସଲ କିଆରିରେ ଗଛଗୁଡିକ ଚକଡା ଚକଡା ଧରି ମରିଯିବାରୁ ଓ ସବୁ ଗଛ ଶୁଖିଯିବାରୁ ନିଆଁ ଧାସରେ ଗଛ ପୋଡିଯିବାର ଭ୍ରମ ସୃଷ୍ଟିକରେ ଯାହାକୁ 'ଶସ୍ୟ ପୋଡ଼ା' ବା 'ହୋପର ବର୍ନ' ବୋଲି କୁହାଯାଏ ଓ ଏହି କୀଟକୁ 'ଚକଡ଼ା ପୋକ' କୁହାଯାଏ।

*–ସହଯୋଗୀ ଗବେଷଣା ନିର୍ଦ୍ଦେଶକ, ଆଞ୍ଚଳିକ ଗବେଷଣା ଓ ଜ୍ଞାନକୌଶଳ ସମ୍ପ୍ରସାରଣ କେନ୍ଦ୍ର, ମହିଷାପାଟ, ଢେଙ୍କାନାଳ, ମୋ:୯୪୩୭୨୭୨୦୦୯*

## ଗୋପାଳନ



**ଗୋ**ରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ। ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ଗୋମଡ଼କ ବା ଗୋବସନ୍ତ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ। ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆ ପାଣି ପିଇବା ପାଇଁ ଦିଅନ୍ତୁ ନାହିଁ। ଗୋରୁଙ୍କୁ ପ୍ରତି ତିନିମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ । ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୂନ ୧୦୦ ଫୁଟ ଦୂରରେ କରନ୍ତୁ। ଗୋରୁଙ୍କ ପ୍ରାକୃତିକ ଖାଦ୍ୟପାଇଁ ବରଗୁଡ଼ି, ଓଟ୍, ଲୁସର୍ନ ଇତ୍ୟାଦି ଚାଷ କରନ୍ତୁ । ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍ସିମ୍ ଘାସ ଚାଷ କରନ୍ତୁ । ବାଛୁରୀ ରହୁଥିବା ଗୁହାଳର ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷା କରିବା ବନ୍ଦୋବସ୍ତ କରନ୍ତୁ।


ଧରିତ୍ରୀ DHARITRI CAREER APPOINTMENT every Wednesday & Saturday

ନିଶୁଳ୍କ ଭର୍ତ୍ତି OASIS ରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS, ASSISTANCE MANAGER - 20 NOS, OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OASIS MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 9114237051, 9078415615

DIRECT JOINING
CALL CENTER, DATA ENTRY, TELE CALLER, DELIVERY EXE, BACK OFFICE, AUTOCAD
Qualification +2, +3, ITI, Diploma. SALARY Rs.6500 To Rs.16000 Age Below 32 years
9853844830, 9937529015

WALK IN INTERVIEW
A reputed jewellery showroom requires experienced/ fresher personnel:
Sales Executive (10 no.s): Male
House Keeping (2 no.s) :
Driver (2 no.s) :
Walk in Dt: 29th Sept to 4th Oct.'18
HINDUSTAN JEWELLERS
H.O.: 15, Bomikhal, CTC Road, BBSR. Ph.:0674-2573191,7978065794

ଆବଶ୍ୟକ
ଭୁବନେଶ୍ୱର ରେ ଏକ ଘରୋଇ ଗାଡି ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ, ରହିବା ଓ ଖାଇବା ପାଇଁ ସୁବିଧା ଅଛି।
ଦରମା - ୮୦୦୦ ରୁ ୯୦୦୦
ଯୋଗାଯୋଗ - 9937281776
Printonix, Room No : 02/58, 1st Floor, P.D Market, CRP Square, Bhubaneswar-12

ଗ୍ରାମୀଣ ବ୍ଲକରେ ସୁପରଭାଇଜର ପାଇଁ ୪୫୦ ମହିଳା ଓ ୭୫୦ ପୁରୁଷ ଆବଶ୍ୟକ। +୨ ପାସ୍, ଦରମା: ୨୧୭୦୦/-, ମାର୍କଲିଷ୍ଟ, ଆଧାରକାର୍ଡ, ବାୟୋଡାଟା ପଠାନ୍ତୁ।
୦୯୫୯୮୩୦୧୨୭୭

OFFICE STAFF ଆବଶ୍ୟକ
ଭୁବନେଶ୍ୱରରେ Office ରେ କାମ କରିବା ପାଇଁ 10th/above ଯୁବକ ଯୁବତୀ ଆବଶ୍ୟକ। ରହିବାର ସୁବିଧା ଅଛି। ମାସିକ ଦରମା upto Rs. 24000/-.
Contact: 9938414918

Gym Trainer, Aerobic Jumba & modern Dance Teacher, Manager, Receptionist, Farm house care taker, Driver required at Bhubaneswar.
Contact: 8249630985

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately: Mob: 8763257042

ଚେନ୍ନାଇରେ ଚାକିରି / ହିନ୍ଦୀ କହିପାରୁଥିବେ / ଫ୍ରେଶର୍ ହୋଇ ନ ଥିବେ/ ହୋମ୍ ଆସିଷ୍ଟାଣ୍ଟ/ ଘର ସଫେଇୱାଲା/ ଗ୍ରାଜୁଏଟ୍ ଇଂଲିଶ୍ କହିପାରୁଥିବା ଅଫିସ୍ ଆସିଷ୍ଟାଣ୍ଟ/ ବ୍ୟକ୍ତିଗତ ସେବକ/ କାର ଡ୍ରାଇଭର/ ପର୍ସନାଲ ଆସିଷ୍ଟାଣ୍ଟ/ ହେଲ୍‌ପର/ ଭଲ ଦରମା ।
ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲି଼, 9884761210

See Career Appointment on every Wednesday & Saturday

MNC କମ୍ପାନୀରେ ନିଯୁକ୍ତି
Vacancy- 12 (M/F) Qual.- 10th/ +2/+3, Age below : 27 years. Monthly Income : Rs.10000/- ଓ ରହିବା ସୁବିଧା । ଆସନ୍ତା ୫ ଦିନ ମଧ୍ୟରେ ସାକ୍ଷାତ କରନ୍ତୁ
SAMBALPUR 9937323612 | BHUBANESWAR 9437186335

URGENT REQUIRED
Bhubaneswar Airport ରେ ୨୪୦ ପଦବୀ ପାଇଁ ପୁଅ / ଝିଅ ଆବଶ୍ୟକ
Qualification : (10th,12th,+3) Salary : (13500-35000) ଏବଂ ସମସ୍ତ ସୁବିଧା + ଖାଇବା ଫ୍ରି
Mobile : 9090391585, 7694934663, 9090732106

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT 09319634873

ଫ୍ୟାନ୍ ଓ ମୋଟର ୱାଇଣ୍ଡିଙ୍ଗ କାମ ଜାଣିଥିବା ୱାଇଣ୍ଡର ଆବଶ୍ୟକ। ଭୁବନେଶ୍ୱର।
8328881723

ଜନ୍ୟା ସେଣ୍ଟର
ବମ୍ବେ ଓ ଦିଲ୍ଲୀରେ ଘରୋଇ କାର୍ଯ୍ୟପାଇଁ ମେଡ, ଆୟା, ଧାଇ, ବେବି ଓ ପେସେଣ୍ଟ କେୟାର, ଗଭର୍ନେସ୍ ଓ କୁକ୍ ଆବଶ୍ୟକ । (କେବଳ ମହିଳାମାନଙ୍କ ପାଇଁ ) ଦରମା - ୧୦ ରୁ ୧୫ ହଜାର । (ରହିବା ଓ ଖାଇବା ଫ୍ରି)
8117845642, 6370927914

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ମେଶିନ ଅପରେଟର
ଯୋଗ୍ୟତା: ପ୍ରାର୍ଥୀ ଅନ୍ୟୂନ +୨ ପାସ୍ କରିଥିବା ସହ ଆଇଟିଆଇ ଶିକ୍ଷା ହାସଲ କରିଥିବେ। ୱେବ୍ ଅଫ୍‌ସେଟ୍ ମେଶିନ୍ ଚାଳନାରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। ଠିକ୍ ସମୟ ଭିତରେ ଭଲ ପ୍ରିଣ୍ଟ ଏବଂ କମ୍ ୱେଷ୍ଟେଜ୍ ଉପରେ ପ୍ରାଧାନ୍ୟ ଦିଆଯିବ।
ମେଶିନ ସହଯୋଗୀ
ଯୋଗ୍ୟତା: ଅନ୍ୟୂନ ୧୦ମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ। ୱେବ୍ ଅଫ୍‌ସେଟ ମେଶିନରେ ପୂର୍ବରୁ କାର୍ଯ୍ୟ କରିଥିବା ପ୍ରାର୍ଥୀଙ୍କୁ ପ୍ରାଥମିକତା ଦିଆଯିବ।
ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com
ବି.ଦ୍ର.: ପ୍ରାର୍ଥୀ ଯେଉଁ ପଦବୀ ପାଇଁ ଆବେଦନ କରୁଛନ୍ତି, ତାହାର ନାମ ଦରଖାସ୍ତ ଲଫାପା ଉପରେ ଉଲ୍ଲେଖ କରିବା ଆବଶ୍ୟକ।

URGENT REQUIREMENTS
• Diploma : Electrical • MBA: Finance Immediate Joining
• B.Tech: Electrical • Graduation/Post Graduation (Any stream)
Place of Posting: Inside and Outside Odisha
Send your resume to frsh@dreamscorporate.co.in
Last date of registration:- on or before 10/10/2018.
Dreams Corporate, Bomikhal, Bhubaneswar. Mob. No.: 7064412786,9583597777, Ph No.: 0674-2571005

CENTRAL ELECTRICITY SUPPLY UTILITY OF ODISHA
IDCO TOWERS (2nd Floor), Janapath, Bhubaneswar-751022, Odisha
Phone : 0674-2541575, Fax : 0674 - 2543125
Website : www.cescoorissa.com / www.cesuodisha.com
APPOINTMENT OF ASST. VIGILANCE OFFICER ON CONTRACTUAL BASIS
Advt. No. : CESU/HR/Vig/23069 Date : 01.10.2018
Applications are invited on or before 20.10.2018 from at-least a retired Inspector of Police for the post of Asst. Vigilance Officer (AVO). For details please visit our official website : www.cescoorissa.com
Sd/- Sr. GM (HR)

EPSON EXCEED YOUR VISION Walk-In-Interview for Field Engineers
TECHNICIAN (Fresher) : Qual-ITI (Electrical/Electronics), Salary will be fixed after 3 months training with a stipend of ₹ 3000/-* per month. INDOOR LADIES ENGINEER, Qual-Dip./ITI EXPERIENCED TECHNICIAN : Qual-ITI (Electrical/Electronics), Experience in Ink-Jet & Dot-Matrix Printer, Projector, Scanner. Salary starting from 6,000/-*, CO-ORDINATOR, Qual-Graduation
Interview on : 05.10.18 & 06.10.18 (10 AM to 02 PM)
MICRONIX SERVICES PVT. LTD.
A/8, Saheed Nagar, Bhubaneswar, Ph : 0674-2549941

Birla TMT Odisha
REQUIRES
SENIOR OFFICE ASSISTANT (FEMALE)
For Bhubaneswar (Pahala) Office.
Qualification: Graduate/MBA/B.Tech,
e-mail: easternsteelco.birla@gmail.com
WhatsApp: 9090333000

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

ସଂକ୍ଷେପରେ

"୨୦୩୦ ସୁଦ୍ଧା ଅଣ ଜୀବାଶ୍ମ ଇନ୍ଧନରୁ ୪୦% ଶକ୍ତି ଉତ୍ପାଦନ ଲାଗି ଭାରତ ଲକ୍ଷ୍ୟ ରଖିଛି।
– ନରେନ୍ଦ୍ର ମୋଦି,ପ୍ରଧାନମନ୍ତ୍ରୀ



"ପାର୍ବଣ ଋତୁରେ ବିକ୍ରି ଲାଗି ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ କମ୍ପାନୀର କ୍ଷମତା ବୃଦ୍ଧିରେ ସହାୟକ ହେବ।
– କ୍ରିଷ୍ଣା ରାଘବନ, ବରିଷ୍ଠ ଉପସଭାପତି, ଫ୍ଲିପକାର୍ଟ



## ମହଙ୍ଗା ହେବ ଗୃହ ଋଣ



**ମୁମ୍ବାଇ,୨-୧୦:** ରିଜର୍ଭ ବ୍ୟାଙ୍କର ମନିଟାରି ପଲିସି କମିଟି(ଏମ୍‌ପିସି)ର ବୈଠକ ପୂର୍ବରୁ କ୍ରମାଗତ ତୃତୀୟ ଥର ଲାଗି ବ୍ୟାଙ୍କମାନେ ସୁଧ ହାର ବଢ଼ାଇଛନ୍ତି। ଚଳିତ ସପ୍ତାହରେ ଏମ୍‌ପିସି ବୈଠକ ହେବାକୁ ଯାଉଥିବା ବେଳେ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ), ଆଇସିଆଇସିଆଇ ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏବଂ ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କମ୍ପାନୀ(ଏଚ୍‌ଡିଏଫସି) ସେମାନଙ୍କ ମାର୍ଜିନାଲ କଷ୍ଟ ଅଫ୍ ଫଣ୍ଡ ବେସଡ ଲେଣ୍ଡିଂ ରେଟ(ଏମ୍‌ସିଏଲଆର) ଏବଂ ରିଟେଲ ପ୍ରାଇମ ଲେଣ୍ଡିଂ ରେଟ୍‌କୁ ୫ରୁ ୧୦ ବେସିସ୍ ପଏଣ୍ଟ ବୃଦ୍ଧି କରିଛନ୍ତି। ଅନ୍ୟ ଅର୍ଥରେ ବୁଝିଲେ ସେମାନେ ଗୃହ ଋଣ ମହଙ୍ଗା କରିଛନ୍ତି। ଏସ୍‌ବିଆଇ ଏମ୍‌ସିଏଲଆରରେ ୦.୦୫% ବୃଦ୍ଧି କରିଛି। ଏହା ସୋମବାରରୁ ଲାଗୁ ହୋଇଯାଇଛି। ସେହିପରି ଆଇସିଆଇସିଆଇ ବ୍ୟାଙ୍କ ଏମ୍‌ସିଏଲଆରରେ ୦.୧ ପ୍ରତିଶତ ବୃଦ୍ଧି କରିଛି। ଶନିବାର ପିଏନ୍‌ବି ସ୍ୱଳ୍ପ ମିଆଦୀ ଋଣର ଏମ୍‌ସିଏଲଆର୍‌କୁ ୦.୨% ବଢ଼ାଇଛି। ଅନ୍ୟପକ୍ଷରେ ଏଚ୍‌ଡିଏଫସି ଆର୍‌ପିଏଲ୍‌ଆର୍‌କୁ ତତ୍କାଳ ପ୍ରଭାବରେ ୦.୧୦ ପ୍ରତିଶତ ବଢ଼ାଇଛି। ଏହି ନିଷ୍ପତ୍ତି ଯୋଗୁ ଗୃହ ଋଣ ନେଇଥିବା ଗ୍ରାହକଙ୍କୁ ଅଧିକ ଇଏମ୍‌ଆଇ ଦେବାକୁ ପଡିବ।

## ଚଳିତ ଆର୍ଥିକବର୍ଷରେ ଲାଭକୁ ଫେରିବ ପିଏନ୍‌ବି

**ଥିରୁଭାନନ୍ତପୁରମ,୨-୧୦:** ହୀରା ବ୍ୟବସାୟୀ ନୀରବ ମୋଦିଙ୍କ କାରଣରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର କ୍ଷତି ସହିଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଚଳିତ ୨୦୧୮-୧୯ ଆର୍ଥିକ ବର୍ଷରେ ଲାଭକୁ ଫେରିବ ବୋଲି ଏହାର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ସୁନୀଲ ମେହଟ୍ଟା କହିଛନ୍ତି। ତାଙ୍କ ମତରେ ନୀରବ ମୋଦି ମାମଲା ଏବେ ବ୍ୟାଙ୍କ ପାଇଁ ଅତୀତ ହୋଇଗଲାଣି। ଆସନ୍ତା କ୍ୱାର୍ଟରଗୁଡ଼ିକରେ ବ୍ୟାଙ୍କ ଲାଭ କରିବାକୁ ଯାଉଥିବା ନେଇ ଆକାଉଣ୍ଟରେ ଦେଖିବାକୁ ମିଳିବ। କେରଳ ବନ୍ୟା ପୀଡିତଙ୍କୁ ସହାୟତା ବାବଦରେ ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ୫ କୋଟି ଟଙ୍କାର ଏକ ଚେକ୍‌କୁ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କୁ ପ୍ରଦାନ କରିଥିଲେ। ବ୍ୟାଙ୍କରେ କାର୍ଯ୍ୟ କରୁଥିବା ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ ପକ୍ଷରୁ ଉକ୍ତ ଅର୍ଥ ସଂଗ୍ରହ କରାଯାଇଥିଲା। ସେ କହିଛନ୍ତି ଯେ, ନୀରବ ମୋଦି ଋଣ ଠକେଇ ମାମଲାର ପର୍ଦ୍ଦାଫାଶ ପରେ ବ୍ୟାଙ୍କ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ଫଳସ୍ୱରୂପ ବ୍ୟାଙ୍କର ଆର୍ଥିକ ସ୍ଥିତି ଧୀରେ ଧୀରେ ସୁଧୁରୁଛି। ହୋଇଥିବା ବଡ଼ଧରଣର କ୍ଷତି କମାଇବାରେ ବ୍ୟାଙ୍କ ସଫଳ ହୋଇଛି। ଉଲ୍ଲେଖଥାଉ କି, ଚଳିତ ଆର୍ଥିକ ବର୍ଷର ଜୁନ୍ କ୍ୱାର୍ଟରରେ ବ୍ୟାଙ୍କର ୯୪୦ କୋଟି ଟଙ୍କାର କ୍ଷତି ହୋଇଛି। ୨୦୧୭-୧୮ରେ ଏହାର ପରିମାଣ ମାତ୍ର ୩୪୨.୪୦ କୋଟି ଟଙ୍କା ଥିଲା।

## ବର୍ଷକ ଭିତରେ ପ୍ଲାଷ୍ଟିକମୁକ୍ତ ପ୍ରତିଷ୍ଠାନ ହେବ ଏସ୍‌ବିଆଇ: ରଜନୀଶ କୁମାର

**ନୂଆଦିଲ୍ଲୀ,୨-୧୦:** ଆସନ୍ତା ବର୍ଷକ ଭିତରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ନିଜକୁ ପ୍ଲାଷ୍ଟିକମୁକ୍ତ ପ୍ରତିଷ୍ଠାନ ଭାବେ ଗଢ଼ିତୋଳିବ ବୋଲି ଗାନ୍ଧୀ ଜୟନ୍ତୀ ଅବସରରେ ଏହାର ଅଧକ୍ଷ ରଜନୀଶ କୁମାର କହିଛନ୍ତି। ସେ କହିଛନ୍ତି ଯେ,ଏସ୍‌ବିଆଇ ନିଜକୁ ପ୍ଲାଷ୍ଟିକମୁକ୍ତ ପ୍ରତିଷ୍ଠାନ ଭାବେ ଗଢ଼ିତୋଳିବା ପାଇଁ ପର୍ଯ୍ୟାୟକ୍ରମେ ପଦକ୍ଷେପ ନେବ। ପ୍ରତ୍ୟେକ ଅଫିସରେ ପେଟ୍ ବୋତଲ ସ୍ଥାନରେ ପାଣି ଡିସ୍‌ପେନ୍ସର ବ୍ୟବହାର କରାଯିବ। ପ୍ଲାଷ୍ଟିକ ବଦଳରେ ପେପର ଫୋଲ୍ଡରକୁ କାର୍ଯ୍ୟରେ ଲଗାଯିବ। ଖାଦ୍ୟ ଓ ପରିଚ୍ଛନ୍ନତା କ୍ଷେତ୍ରରେ ପ୍ଲାଷ୍ଟିକ ବଦଳରେ ବାୟୋଡିଗ୍ରେଡେବଲ୍ ପଦାର୍ଥ ବ୍ୟବହୃତ ହେବ। ତୈଳର ବ୍ୟବହାର ବନ୍ଦ କରିବା ଲାଗି ବ୍ୟାଙ୍କ ପକ୍ଷରୁ ପ୍ରଥମ କରି ଏକ ଇଲେକ୍ଟ୍ରିକ ଗାଡ଼ି କିଣାଯାଇଛି। ୨୦୩୦ ସୁଦ୍ଧା ବ୍ୟାଙ୍କର ସମସ୍ତ ଗାଡ଼ି ଇଲେକ୍ଟ୍ରି ହୋଇଯିବ ବୋଲି କୁମାର କହିଛନ୍ତି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ଯୋଗ ଦେଇ କୁମାର ଉକ୍ତ ମତପୋଷଣ କରିଛନ୍ତି।

### ପୁଣି ଆରମ୍ଭ ହେବ ପୁରୁଣା ବ୍ୟବସ୍ଥା

# ନୂଆ ସିମ୍ ପାଇବାକୁ ଲାଗିଯିବ ୭ ଦିନ

**ନୂଆଦିଲ୍ଲୀ,୨-୧୦**

ନୂଆ ମୋବାଇଲ ଫୋନ୍ ସିମ୍ ପାଇଁ ଆଧାର ଦେବା ଜରୁରୀ ନୁହେଁ ବୋଲି ନିକଟରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଣୁ ଆଧାର ନ ଦେଇ ଏବେ ନୂଆ ସିମ୍ ନେବା ସହଜ ହେବନି। ଏଥିପାଇଁ ଅନେକ ଧାଁଦୌଡ଼ କରିବାକୁ ପଡ଼ିବ। ନୂଆ ସିମ୍ ପାଇବାକୁ ହେଲେ ପ୍ରାୟ ଏକ ସପ୍ତାହ ଅପେକ୍ଷା କରିବାକୁ ପଡ଼ିବ। ଏଭଳି ବ୍ୟବସ୍ଥା ଆଧାର ଲାଗୁ ହେବା ପୂର୍ବରୁ ଚାଲିଥିଲା।

ସୁପ୍ରିମକୋର୍ଟଙ୍କ ରାୟ ପରେ ଏବେ ଟେଲିକମ କମ୍ପାନୀମାନେ ନୂଆ ସିମ୍ ପାଇଁ ଗ୍ରାହକଙ୍କ ଠାରୁ ଆଧାର ନମ୍ବର ନେଇପାରିବେ ନାହିଁ। ଏହି କାରଣରୁ ଏବେ ନୂଆ ସିମ୍ ପାଇବାର ଅପେକ୍ଷା ପ୍ରାୟ ୨୮୮ ଗୁଣ ବଢ଼ିଯିବ। ଆଧାର ସହାୟତାରେ କମ୍ପାନୀମାନେ ମାତ୍ର ଅଧ ଘଣ୍ଟାଏରେ ନୂଆ ସିମ୍ ଆକ୍ଟିଭେଟ୍ ଅର୍ଥାତ୍ ଚାଲୁ କରିଦେଉଥିଲେ। ଏହି ୩୦ ମିନିଟ୍ ସମୟ ଭିତରେ ସେମାନେ ଆଧାର ସହାୟତାରେ ଗ୍ରାହକଙ୍କ ସମ୍ପୂର୍ଣ୍ଣ ତଥ୍ୟ ଯାଞ୍ଚ କରି ନେଉଥିଲେ। କିନ୍ତୁ ଏବେ ଏଥିପାଇଁ ୬ ଦିନ ସମୟ ଲାଗିଯିବ। ବିନା ଆଧାରରେ ଏବେ ଟେଲିକମ କମ୍ପାନୀ ତଥ୍ୟର ଯାଞ୍ଚ ପାଇଁ ୨ରୁ ୩ ଦିନ ସମୟ ନେବେ। କମ୍ପାନୀ ପ୍ରତିନିଧି ଗ୍ରାହକଙ୍କ ଠିକଣାରେ ଯାଇ ତାଙ୍କ ଠାରୁ ଆବଶ୍ୟକୀୟ କାଗଜପତ୍ର ସଂଗ୍ରହ କରି ଯାଞ୍ଚ କରିବେ। ଗ୍ରାହକଙ୍କ ସ୍ୱାକ୍ଷର ଥିବା ସମସ୍ତ କାଗଜପତ୍ରକୁ ଯାଞ୍ଚ ଲାଗି ସେମାନେ କମ୍ପାନୀକୁ ପଠାଇବେ। କମ୍ପାନୀ ପୁଣି ଫୋନ୍ ମାଧ୍ୟମରେ ତଥ୍ୟର ଯାଞ୍ଚ କରି ସତ୍ୟତା ପରଖିବେ। ଏହା ପରେ ଯାଇ ଗ୍ରାହକଙ୍କ ସିମ୍‌କୁ ଆକ୍ଟିଭ ଅର୍ଥାତ୍ ଚାଲୁ କରାଯିବ। ସୂଚନାଥାଉ କି, ଇ-କେୱାଇସିରେ ଆଧାର ବ୍ୟବହାର ବନ୍ଦ ପାଇଁ ୧୫ ଦିନ ଭିତରେ ଯୋଜନା ସମ୍ପର୍କରେ ଜଣାଇବାକୁ ଆଧାର ଜାରି କରୁଥିବା ସଂସ୍ଥା ୟୁଆଇଡିଏଆଇ ସମସ୍ତ ଟେଲିକମ୍ କମ୍ପାନୀଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏଣୁ ଟେଲିକମ କମ୍ପାନୀମାନେ ପୁଣି ଥରେ ସେହି ପୁରୁଣା ବ୍ୟବସ୍ଥାକୁ ଫେରିଯିବାକୁ ବାଧ୍ୟ ହେବେ।

### ଦାଖଲ କରିବାକୁ ପଡ଼ିବ ନୂଆ କେୱାଇସି

କେବଳ ଆଧାର ନମ୍ବର ଦେଇ ମୋବାଇଲ ସିମ୍ ନେଇଥିବା ବ୍ୟକ୍ତିବିଶେଷଙ୍କୁ ନିକଟ ଭବିଷ୍ୟତରେ ହଇରାଣ ହେବାକୁ ପଡ଼ିବ। ଆଧାର ଡିଲିଙ୍କ୍ ବା ସଂଯୋଗ ବିଚ୍ଛିନ୍ନ ହେଲା ପରେ ଗ୍ରାହକଙ୍କୁ ପୁଣି ଥରେ କେୱାଇସି(ନୋ ଇଓର କଷ୍ଟମର) ଫର୍ମ ପୂରଣ କରିବାକୁ ପଡିପାରେ। ଏଥିପାଇଁ ଟେଲିକମ କମ୍ପାନୀମାନେ କହିପାରନ୍ତି। କାରଣ ଆଧାର ନମ୍ବର ଦେଇ ସିମ୍ ନେଇଥିବା ଗ୍ରାହକ ନିଜର ପରିଚୟ, ଠିକଣା ଆଦି ତଥ୍ୟ ସମ୍ବଳିତ କାଗଜପତ୍ର ଟେଲିକମ କମ୍ପାନୀଙ୍କୁ ଦାଖଲ କରି ନ ଥିଲେ। ଲିଙ୍କ୍ କଟି ଯିବା କ୍ଷେତ୍ରରେ କମ୍ପାନୀମାନେ ଏଣିକି ସମସ୍ତ କାଗଜପତ୍ର ମାଗିବା ଥୟ। ମିଳିଥିବା ସୂଚନାନୁଯାୟୀ ଆଧାର ଡିଲିଙ୍କ୍ ବା ସଂଯୋଗ କାଟିବାକୁ ଚାହୁଁଥିବା ଗ୍ରାହକଙ୍କୁ ଅନ୍ୟ କୌଣସି ପ୍ରମାଣପତ୍ର ଦାଖଲ କରିବାକୁ ପଡିବ। ଏଥିରେ ଡ୍ରାଇଭିଂ ଲାଇସେନ୍ସ, ପାର୍ସପୋର୍ଟ, ରାଶନ କାର୍ଡ, ଭୋଟର କାର୍ଡ, ବ୍ୟାଙ୍କ ପାସବୁକ୍, ଇଲେକ୍ଟ୍ରି ବିଲ୍ ଆଦି ହୋଇପାରେ। ତେବେ ଏ ସମ୍ପର୍କରେ ଟେଲିକମ୍ କମ୍ପାନୀମାନେ ଖୁବଶୀଘ୍ର ନିଷ୍ପତ୍ତି ନେବେ।



# ହିରୋ ମୋଟୋକର୍ପର ବିକ୍ରି ରେକର୍ଡ

**ନୂଆଦିଲ୍ଲୀ,୨-୧୦**

ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡ୍ ଗୋଟିଏ ମାସରେ ରେକର୍ଡ ସଂଖ୍ୟକ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛି। କମ୍ପାନୀ ୨୦୧୮ ସେପ୍ଟେମ୍ବରରେ ୭.୬୯ ଲକ୍ଷ ଯାନ (ସ୍କୁଟର ଏବଂ ବାଇକ୍) ବିକ୍ରି କରିଥିବା ସୂଚନା ଦେଇଛି। ହିରୋ ମୋଟୋକର୍ପ ୫ମଥର ଲାଗି ଗୋଟିଏ ମାସରେ ୭ ଲକ୍ଷ ୟୁନିଟରୁ ଅଧିକ ଯାନ ବିକ୍ରି କରିଛି। ଚଳିତ ଆର୍ଥିକ ବର୍ଷ ତୃତୀୟ ଥର ଲାଗି କମ୍ପାନୀ ଏହି ସଫଳତା ପାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ କମ୍ପାନୀର ବିକ୍ରି ୪.୨ ନିୟୁତ ୟୁନିଟ୍ ରହିଛି। ପାର୍ବଣ ସମୟରେ ଭଲ ବିକ୍ରି ନେଇ ଏହା ଆଶାବାଦୀ ରହିଛି। ଏହା ନୂଆ କରି ପ୍ରିମିୟମ ସେଗମେଣ୍ଟରେ ଏକ୍ସଟ୍ରିମ ୨୦୦ ଆର୍ ବାଇକ ବଜାରକୁ ଆଣିଥିବା କମ୍ପାନୀ ପକ୍ଷରୁ ପ୍ରକାଶ।

# ଗୋଦ୍‌ରେଜ ଆପ୍ଲାଏନ୍ସ ପକ୍ଷରୁ ପାର୍ବଣ ଅଫର

**ନୂଆଦିଲ୍ଲୀ,୨-୧୦**

ପ୍ରମୁଖ କମ୍ପାନୀ ଗୋଦ୍‌ରେଜ ଆପ୍ଲାଏନ୍ସ ପକ୍ଷରୁ ପାର୍ବଣ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ପକ୍ଷରୁ ବିଭିନ୍ନ ବର୍ଗରେ ୪୦ ନୂଆ ଉତ୍ପାଦ ବଜାରକୁ ଆସିଛି। ଗୋଦ୍‌ରେଜ୍ ବର୍ତ୍ତମାନ ପ୍ରିମିୟମ୍ ପୋର୍ଟଫୋଲିଓ ଉପରେ ନଜର ରଖିଥିବା ପ୍ରକାଶ କରିଛି। ରେଫ୍ରିଜରେଟର, ୱାଶିଂମେଶିନ, ଚେଷ୍ଟ ଫ୍ରିଜର ଭଳି ଅନ୍ୟ ବର୍ଗରେ ନୂଆ ଉତ୍ପାଦ ଶୃଙ୍ଖଳାକୁ ଏହା ବୃଦ୍ଧି କରିଛି। ସ୍ୱତନ୍ତ୍ର ଅଫର ଦ୍ୱାରା ଗ୍ରାହକମାନେ ୬୦ ଟଙ୍କା ଦେଇ ଗୋଦରେଜ୍ ଆପ୍ଲାଏନ୍ସର ପ୍ରିମିୟମ ଉତ୍ପାଦମାନ ଲାଭ କରିବାକୁ ସକ୍ଷମ ହେବେ। ବଳକା ଅର୍ଥକୁ ଗ୍ରାହକ ବିନା ସୁଧ ଇଏମ୍‌ଆଇ ଭାବେ ପ୍ରଦାନ କରିପାରିବେ। ଅଫର ଅକ୍ଟୋବର ୧ ଠାରୁ ନଭେମ୍ବର ୧୫ ଯାଏ ଚାଲିବ। ପାର୍ବଣ ସମୟରେ କମ୍ପାନୀ ୩୦% ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଫ୍ରଷ୍ଟ ଫ୍ରି ଏବଂ ପ୍ରିମିୟମ୍ ଡାଇରେକ୍ଟ କୁଲ୍ କ୍ଷେତ୍ରରେ ଏହା ୩୨ ପ୍ରଡକ୍ଟ ଏବଂ ୱାଶିଂ ମେଶିନ କ୍ଷେତ୍ରରେ ୧୦ ପ୍ରଡକ୍ଟ ବଜାରକୁ ଆଣିଛି। ଗ୍ରାହକ ଆକର୍ଷକ ଫାଇନାନ୍ସ ସୁବିଧା ସହ ୯୯୯ ଟଙ୍କା ଦେଇ ଫ୍ରିଜ, ୱାଶିଂ ମେଶିନ, ମାଇକ୍ରୋୱେଭ୍ ନେଇ ପାରିବେ। ସେହିଭଳି ୨୪୯୯ ଟଙ୍କା ଦେଇ ଏସି, ଚେଷ୍ଟ ଫ୍ରିଜର ପାଇପାରିବେ। ଏହା ସହ ବିଭିନ୍ନ ଆକର୍ଷକ ଉପହାର ଜିତିବାର ସୁଯୋଗ ମଧ୍ୟ ଗ୍ରାହକ ଲାଭ କରିବାକୁ ସକ୍ଷମ ହେବେ। ଆବଶ୍ୟକତା ଆଧାରରେ ସର୍ବୋତ୍ତମ ଉତ୍ପାଦ ପ୍ରଦାନ ଦିଗରେ କାର୍ଯ୍ୟ କରୁଥିବା ଗୋଦରେଜ ଆପ୍ଲାଏନ୍‌ସେସ୍‌ର ବ୍ୟବସାୟ ମୁଖ୍ୟ ତଥା ଉପସଭାପତି କମଲ ନନ୍ଦୀ ସୂଚନା ଦେଇଚନ୍ତି। ମୂଲ୍ୟ ଯୁକ୍ତ ଉତ୍ପାଦ ଦ୍ୱାରା ଗ୍ରାହକଙ୍କ ଜୀବନରେ ଖୁସି ଆଣିବା ଦିଗରେ କାର୍ଯ୍ୟ କରୁଥିବା କମ୍ପାନୀର ଜାତୀୟ ବିକ୍ରି ମୁଖ୍ୟ ସଞ୍ଜୀବ ଜୈନ ସୂଚନା ଦେଇଛନ୍ତି।

### ୪ବର୍ଷର ସର୍ବୋଚ୍ଚ ସ୍ତରରେ ଅଶୋଧିତ ତେଲ

# ଓପେକ୍ ବିରୋଧରେ ଆଣ୍ଟି ଟ୍ରଷ୍ଟ ବିଲ୍ ଆଣିବ ଆମେରିକା

**ୱାଶିଂଟନ,୨-୧୦**

ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ୪ ବର୍ଷର ସର୍ବୋଚ୍ଚ ସୀମା ଛୁଇଁବା ପରେ ଆମେରିକାର ଚେତା ପଶିଛି। ମଙ୍ଗଳବାର ବ୍ରେଣ୍ଟ କ୍ରୁଡ ଦର ବ୍ୟାରେଲ ପିଛା ୮୪.୬୧ ଡଲାର ରହିଛି। ଏହା ୪ ବର୍ଷର ସର୍ବୋଚ୍ଚ ସ୍ତର ୮୫.୪୫ ଡଲାର ଛୁଇଁଥିଲା। ତୈଳ ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ଉତ୍ପାଦକ ଦେଶ ଓପେକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଆମେରିକା ଏବେ ଅଣ୍ଟାଭିଡିଛି। ଓପେକକୁ ଦଣ୍ଡିତ କରିବା ଲାଗି 'ନୋପେକ୍' ନାମରେ ଆମେରିକା ସଂସଦରେ ଏକ ଆଣ୍ଟିଟ୍ରଷ୍ଟ ବିଲ୍ ଆଣିବାକୁ ଉଦ୍ୟମ ଆରମ୍ଭ ହୋଇଛି। ବୁଧବାର ୟୁଏସ୍ ସିନେଟ୍ ସବ୍‌କମିଟି ଏହି ନୋପେକ୍ ବିଲ୍ ସମ୍ପର୍କରେ ଶୁଣାଣି କରିବେ। ଆମେରିକା କଂଗ୍ରେସରେ ଏହି ବିଲ୍ ଅନୁମୋଦନ ଲାଭ କଲେ ଓପେକ୍ ଦେଶକୁ ପୂର୍ବରୁ ମିଳୁଥିବା ସୁରକ୍ଷାକୁ ହଟାଇ ଦିଆଯିବ ଏବଂ ଆମେରିକା ସହଜରେ ସେ ଦେଶଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ଓପେକ୍ ଦେଶଗୁଡିକ ତେଲ ଓ ଗ୍ୟାସ୍ ଉତ୍ପାଦନ କମାଇଲେ ଏହା ବିରୋଧରେ ଆମେରିକା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ଏହି ନୋପେକ୍ ବିଲ୍‌କୁ ଆମେରିକାର ବହୁ ପୂର୍ବତନ ରାଷ୍ଟ୍ରପତି ବିରୋଧ କରିଥିଲେ। କିନ୍ତୁ ବର୍ତ୍ତମାନର ପ୍ରଶାସନ ଏହି ବିଲ୍ ସପକ୍ଷରେ ରହିଛି। କାରଣ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତୈଳ ଉତ୍ପାଦନ କମ୍ ହେଉଥିବା ନେଇ ଓପେକ୍ ଦେଶକୁ ବାରମ୍ବାର ଚେତାଇ ଆସୁଛନ୍ତି ଏବଂ ସମାଲୋଚନ କରୁଛନ୍ତି।

# ବୀମା ବ୍ରୋକିଂ: ୧୦୦% ଏଫଡିଆଇ ପାଇଁ ବିଚାର

**ନୂଆଦିଲ୍ଲୀ,୨-୧୦**

କେନ୍ଦ୍ର ସରକାର ବୀମା ବ୍ରୋକିଂ କ୍ଷେତ୍ରରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫଡିଆଇ) ପାଇଁ ଅନୁମତି ଦେବାକୁ ବିଚାର କରୁଛନ୍ତି। ସରକାରଙ୍କ ଏପରି ପଦକ୍ଷେପ ଦ୍ୱାରା ଏହି କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ଏଫଡିଆଇ ନୀତିରେ ବୀମା କ୍ଷେତ୍ରରେ ୪୯% ବିଦେଶୀ ନିବେଶକୁ ଅନୁମତି ଦିଆଯାଇଛି। ଉଦ୍ୟୋଗ ନୀତି ଏବଂ ପ୍ରୋତ୍ସାହନ ବିଭାଗ (ଡିଆଇପିପି)ର ସଂଜ୍ଞା ଅନୁଯାୟୀ ଏଫଡିଆଇ ନୀତିରେ ବୀମା ବ୍ରୋକିଂ, ବୀମା କମ୍ପାନୀ, ତୃତୀୟ ପକ୍ଷ ପ୍ରଶାସକ,ସର୍ଭେୟର ଏବଂ କ୍ଷତି ଆକଳନ କରୁଥିବା ବ୍ୟକ୍ତିବିଶେଷଙ୍କୁ ସାମିଲ କରାଯାଇଛି। ବୀମା ବ୍ରୋକିଂକୁ ୧୦୦% ଏଫଡିଆଇ ଲାଗୁ ହୋଇଥିବା ଅନ୍ୟ ମଧ୍ୟସ୍ଥ ସଂସ୍ଥାଙ୍କ ଭଳି ସମାନ ଦୃଷ୍ଟିରେ ଦେଖିବା ଉଚିତ୍ ବୋଲି ବିଭିନ୍ନ ସମୟରେ ଦାବି ହୋଇଆସୁଛି। ନିକଟରେ ଉଚ୍ଚସ୍ତରୀୟ ଆନ୍ତଃ ମନ୍ତ୍ରଣାଳୟ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା।

## ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌ର ୪ ନିର୍ଦ୍ଦେଶକଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ

**ନୂଆଦିଲ୍ଲୀ,୨-୧୦**

ଋଣରେ ବୁଡ଼ି ରହିଥିବା ଇନଫ୍ରାଷ୍ଟ୍ରକଚର୍ ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍)ର ୪ ଜଣ ନିର୍ଦ୍ଦେଶକ ଅବସରପ୍ରାପ୍ତ ରବି ପାର୍ଥସାରଥି, ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌ର ପୂର୍ବତନ ଉପାଧ୍ୟକ୍ଷ ହରି ଶଙ୍କରନ, ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଫାଇନାନ୍ସିଆଲ ସର୍ଭିସେସ୍‌ର ପୂର୍ବତନ ଏମ୍‌ଡି ରମେଶ ବାୱା ଏବଂ ଡାଇରେକ୍ଟର କେ.ରାମଚାନ୍ଦଙ୍କ ବିରୋଧରେ କେନ୍ଦ୍ର ସରକାର ବିମାନ ବନ୍ଦରରେ ଲୁକ୍‌ଆଉଟ ନୋଟିସ ଜାରି କରିଛନ୍ତି। ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି)ରେ ନିଜ ଆବେଦନରେ କେନ୍ଦ୍ର ସରକାର ଦର୍ଶାଇଥିଲେ ଯେ, ଉପରୋକ୍ତ ୪ ଜଣ ନିର୍ଦ୍ଦେଶକ ଦେଶ ଛାଡ଼ି ପଳାଇବାର ସମ୍ଭାବନା ରହିଛି। ସେହି କାରଣରୁ ସରକାର ସେମାନଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି କରିଛନ୍ତି। ଚିକିତ୍ସା ଲାଗି ପାର୍ଥସାରଥି ଏବେ ଲଣ୍ଡନରେ ଥିବା ବେଳେ ଅନ୍ୟ ୩ ଜଣ ତଦନ୍ତ ଶେଷ ପର୍ଯ୍ୟନ୍ତ ବିଦେଶ ଯାଇପାରିବେ ନାହିଁ।

# ଟାଟା ଏସ୍ ଗୋଲ୍ଡ ପକ୍ଷରୁ 'ଘର ଲାଓ ଗୋଲ୍ଡ' କଣ୍ଟେଷ୍ଟ

**ଭୁବନେଶ୍ୱର,୨ -୧୦**

ଟାଟା ମୋଟର୍ସ ପକ୍ଷରୁ ଏହାର କ୍ଷୁଦ୍ର ବାଣିଜ୍ୟିକ ଯାନ ଏସ୍ ଗୋଲ୍ଡ ଲାଗି 'ଘର ଲାଓ ଗୋଲ୍ଡ' କଣ୍ଟେଷ୍ଟ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତାରେ ୫ ଭାଗ୍ୟଶାଳୀ ବିଜେତାଙ୍କୁ ବଲିଉଡ ଷ୍ଟାର ଅକ୍ଷୟ କୁମାରଙ୍କ ସହ ସାକ୍ଷାତ କରିବାର ସୁଯୋଗ ମିଳି ପାରିବ। ଏହା ସହ ସେମାନେ ୩.୭୮ ଲକ୍ଷ ଟଙ୍କାର ଟାଟା ଏସ୍ ଗୋଲ୍ଡ କିଣିବାର ସୁଯୋଗ ପାଇପାରିବେ। ସେହିଭଳି ସପ୍ତାହରେ ପ୍ରତିଯୋଗୀ ଅତିରିକ୍ତ ୫ ହଜାର ଟଙ୍କାର ପୁରସ୍କାର ଜିତି ପାରିବେ ବୋଲି କମ୍ପାନୀ ସୂଚନା ଦେଇଛି। ପ୍ରତିଯୋଗିତାରେ ଅଂଶ ଗ୍ରହଣକାରୀଙ୍କୁ ୫ ସହଜ ପ୍ରଶ୍ନର ଉତ୍ତର ରଖିବାକୁ ପଡିବ। ଏହା ପରେ ସର୍ଟ ଲିଷ୍ଟ ହୋଇଥିବା ପ୍ରାର୍ଥୀଙ୍କୁ ଚୟନ କରାଯିବ। ଟାଟା ମୋଟର୍ସର ଏସ୍‌ଗୋଲ୍ଡ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ କରାଇବାରେ ବିଶେଷ ଭାବେ ସକ୍ଷମ ହେଉଥିବା କମ୍ପାନୀର ବାଣିଜ୍ୟିକ ଯାନ ବିଜନେଶ ୟୁନିଟ ମାର୍କେଟିଂ ଏବଂ ବ୍ରାଣ୍ଡ କମ୍ୟୁନିକେଶନ ମୁଖ୍ୟ ୟୁ.ଟି. ରାମ ପ୍ରସାଦ ସୂଚନା ଦେଇଛନ୍ତି।

# ନୂତନତ୍ୱ ସହ ସେବା ଯୋଗାଉଛି ପାତ୍ର ଇଲେକ୍‌ଟ୍ରୋନିକ୍ସ



**ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ଇଲେକଟ୍ରୋନିକ୍ସ ଆପ୍ଲାଏନ୍ସର ବ୍ୟବହାରରେ ଏବେ ବିଶେଷ ଅଭିବୃଦ୍ଧି ହେଉଥିବା ନଜରକୁ ଆସିଛି। ଗ୍ରାମାଞ୍ଚଳ ବଜାରରେ ଏହି ପ୍ରଡକ୍ଟ ପ୍ରତି ଏବେ ଚାହିଦା ବଢ଼ିଛି। ବଡ ସହର ବାଦ୍ ତୃଣମୂଳ ସ୍ତର ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ସେଲରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ରହିଛି। ଇଲେକଟ୍ରୋନିକ୍ସ ସାମଗ୍ରୀ ରିଟେଲିଂ କ୍ଷେତ୍ରରେ ପାତ୍ର ଇଲେକଟ୍ରୋନିକ୍ସ ଏକ ପରିଚିତ ବ୍ରାଣ୍ଡ। ବ୍ୟବସାୟ ଅଭିଜ୍ଞତା ତଥା ବିଭିନ୍ନ ଯୋଜନା ସମ୍ପର୍କରେ ଏହାର ସ୍ୱତ୍ୱାଧିକାରୀ କୈଳାସ ପାତ୍ର 'ଧରିତ୍ରୀ'କୁ ଦେଇଥିବା ସାକ୍ଷାତ୍‌କାର...**

■ **ଇଲେକ୍‌ଟ୍ରୋନିକ୍ସ ବାଣିଜ୍ୟ ସହ କେମିତି ଯୋଡି ହେଲେ?**

ହ୍ୱାଇଟ୍‌ଗୁଡ ବାଣିଜ୍ୟରେ ପ୍ରବେଶ କରିବା ପୂର୍ବରୁ କଟକର ପିଠାପୁରର ୮୦ ବର୍ଗଫୁଟର ଏକ ଛୋଟ ଦୋକାନ କରିଥିଲି। ଏଠାରେ ଇଲେକଟ୍ରୋନିକ୍ସ ସ୍ପେୟାରପାର୍ଟସ ଉପଲବ୍ଧ ହେଉଥିଲା। ଏହା ପରେ ପରେ ୨୦୦୩ରେ ବାଦାମବାଡିରେ ହ୍ୱାଇଟ୍‌ଗୁଡର ଏକ ଅତ୍ୟାଧୁନିକ ଶୋ'ରୁମ ସ୍ଥାପନ କରିଥିଲୁ। ତା'ପରଠାରୁ ଏ କ୍ଷେତ୍ରରେ ଯାତ୍ରା ଅବ୍ୟାହତ ରହିଛି। ପ୍ରଥମେ ସାମ୍‌ସଙ୍ଗ ଇଲେକଟ୍ରୋନିକ୍ସ ସହ ଯୋଡି ହୋଇଥିଲୁ।

■ **ଜଣେ ସଫଳ ବ୍ୟବସାୟୀ ଭାବେ ସଂଘର୍ଷକୁ କିଭଳି ବିଚାର କରନ୍ତି?**

ବ୍ୟବସାୟକୁ ଛିଡା କରିବାରେ ଅନେକ ସଂଘର୍ଷ କରିବାକୁ ପଡିଛି। ପ୍ରଥମେ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନାରେ ୪୫ ହଜାର ଟଙ୍କା ଋଣ ନେଇ ବାଣିଜ୍ୟ କାରବାର ଆରମ୍ଭ କରିଥିଲି। ଏହାପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ରାସ୍ତା ଅତିକ୍ରମ କରିଛି। ବାଣିଜ୍ୟରେ ଅଭିଜ୍ଞତା ଲାଭ କରିଛି। ପାତ୍ର ଇଲେକଟ୍ରୋନିକ୍ସ ଏବେ ଏକ ପରିଚିତ ବ୍ରାଣ୍ଡ। ଅନେକ ଚ୍ୟାଲେଞ୍ଜ ସାମ୍ନା କରିବାକୁ ପଡିଛି। ସଫଳତା ଲାଗି ନିରନ୍ତର କଠିନ ପରିଶ୍ରମ ଲୋଡା।

■ **ଉନ୍ନତ ଗ୍ରାହକ ସେବାକୁ ନେଇ କ'ଣ ମତ ଦେବେ?**

ଗ୍ରାହକ ସେବାକୁ ମୂଳରୁ ପ୍ରାଥମିକତା ଭାବେ ଗ୍ରହଣ କରିଛୁ। ସେବାରେ ନୂତନତ୍ୱକୁ ଅଗ୍ରାଧିକାର ଦେଇ ଆସୁଛୁ। ହ୍ୱାଇଟଗୁଡ କ୍ଷେତ୍ରରେ ଓଡିଶାରେ ପ୍ରଥମେ ଲାର୍ଜ ସାଇଜ ଶୋ'ରୁମ କନସେପ୍ଟ ନ ଥିଲା। ଏହାକୁ ରାଜ୍ୟରେ ପ୍ରଥମେ ଆରମ୍ଭ କରିଥିଲୁ। ଗ୍ରାହକ ଶୋ'ରୁମ ଆସି ପ୍ରଡକ୍ଟଗୁଡିକୁ କିଭଳି ଭଲ ଭାବେ ଦେଖି ପାରିବେ, ତୁଳନା କରିପାରିବେ ସେ ନେଇ ଡିସପ୍ଲେ ସହ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରିଥିଲୁ। ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଉତ୍ପାଦ ଯୋଗାଇ ଦେଉଛୁ। ଏବେ ୩୫ କମ୍ପାନୀ ସହ ଯୋଡି ହୋଇ ବିଭିନ୍ନ ପ୍ରଡକ୍ଟ ଉପଲବ୍ଧ କରାଉଛୁ। ସେହିଭଳି ନୂଆ କରି ଫର୍ନିଚର ସେଗ୍‌ମେଣ୍ଟରେ ପ୍ରବେଶ କରିଛୁ।

■ **ପାତ୍ର ଇଲେକଟ୍ରୋନିକ୍ସ କାହିଁକି ଭିନ୍ନ ?**

ଗ୍ରାହକଙ୍କୁ ବେଷ୍ଟ ପ୍ରାଇସ ପ୍ରଦାନ କରିବା ସହ ପ୍ରତ୍ୟକ୍ଷ ସମ୍ପର୍କରେ ରହୁଛୁ। ୬୦୦ରୁ ଅଧିକ କର୍ମଚାରୀଙ୍କ ଦ୍ୱାରା ସେବା ଯୋଗାଣ ହେଉଛି। ଗ୍ରାହକଙ୍କ ସୁବିଧା ଅସୁବିଧାକୁ ପ୍ରତ୍ୟକ୍ଷ ଭାବେ ବିଚାର କରୁଛୁ। ଏଥିଲାଗି ସେମାନଙ୍କ ଭଲ ପାଇବା ଏବଂ ଆଦୃତି ମିଳିଛି। ଗ୍ରାହକଙ୍କ ବିଶ୍ୱାସ ସହ ଆଗକୁ ବଢୁଛୁ। ଉନ୍ନତ ସର୍ଭିସ ତଥା ଡେଲିଭରି ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ। ସବୁ ବେଳେ ନୂଆ ମାର୍କେଟିଂ କନସେପ୍ଟ ନେଇ ଗ୍ରାହକଙ୍କ ସହ ଯୋଡି ହେବାକୁ ପ୍ରୟାସରତ। ଏହି ଧାରାରେ ପ୍ରଥମେ ବାଲିଯାତ୍ରାରେ ସ୍ୱତନ୍ତ୍ର ଷ୍ଟଲ ଭଳି ପଦକ୍ଷେପ ନେଇଥିଲୁ।

■ **ହ୍ୱାଇଟଗୁଡ୍ କ୍ଷେତ୍ରରେ ବର୍ତ୍ତମାନ ବଡ ବଡ କମ୍ପାନୀ ଲାର୍ଜ ଫର୍ମାଟ୍ ଷ୍ଟୋର ଦ୍ୱାରା ଲାଷ୍ଟମାଇଲ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ପ୍ରୟାସ ଜାରି ରଖଛନ୍ତି। ଏପରି କ୍ଷେତ୍ରରେ କିଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି?**

ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ବିଭିନ୍ନ କମ୍ପାନୀ ଯୋଜନା ହାତକୁ ନେଉଛନ୍ତି। ଆମେ ଏଦିଗ ପ୍ରତି ସଚେତନ ରହିଛୁ। ଗ୍ରାହକଙ୍କୁ ଆମ ସହ ବାନ୍ଧି ରଖିବା ଲାଗି କାର୍ଯ୍ୟପନ୍ଥା ଗ୍ରହଣ କରୁଛୁ। ଗ୍ରାମାଞ୍ଚଳରେ ଚାହିଦା ଏବେ ଦ୍ରୁତ ଭାବେ ବୃଦ୍ଧି ହେଉଛି। ଏହି ଆଧାରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଶୋ'ରୁମ ମାନ ଖୋଲିଛୁ। ବର୍ତ୍ତମାନ ୧୫ ଶୋ'ରୁମ ଦ୍ୱାରା ସେବା ଯୋଗାଣ ଜାରି ରହିଛି। ଯେଉଁ ସ୍ଥାନରେ ବଜାର ନାହିଁ ସେ ସ୍ଥାନରେ ନୂଆ ବଜାର ସୃଷ୍ଟି କରିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଟ୍ରେଣ୍ଡକୁ ଅନୁଯାୟୀ ଆଗାମୀ ଦିନରେ ନୂଆ ଶୋ'ରୁମ ଖୋଲିବା ଯୋଜନା ରହିଛି। ବଜାର ଚାହିଦାକୁ ଧ୍ୟାନରେ ରଖି ଏ ନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯିବ।

■ **ପାର୍ବଣରେ କିଛି ଅଫର ଆଣିବେ କି?**

ନିଶ୍ଚିତ। ବିଭିନ୍ନ ପ୍ରଡକ୍ଟ ଉପରେ ଉପହାର, ସ୍ୱତନ୍ତ୍ର ଯୋଜନା ଦ୍ୱାରା ବିଭିନ୍ନ କମ୍ପାନୀର ଏଲ୍‌ଇଡି (୪୩ ଇଞ୍ଚରୁ ଊର୍ଦ୍ଧ୍ୱ) କ୍ରୟରେ ୩୦ ହଜାର ଟଙ୍କା ମୂଲ୍ୟର ସୋଫାସେଟ୍, ଏସି କ୍ରୟରେ ୨୨ ହଜାର ଟଙ୍କା ମୂଲ୍ୟର ଡବଲ ବେଡ୍ ମିଳୁଛି। ସେହିଭଳି ଫ୍ରିଜ ସହ ୨୨,୬୨୨ ଟଙ୍କା ମୂଲ୍ୟର ୱାର୍ଡରୋବ, ଦୈନିକ ଲକି ଡ୍ର, ଗିଫ୍ଟ ଭାଉଚର, କ୍ୟାସବ୍ୟାକ୍, ଇଜି ଇଏମ୍‌ଆଇ (ସର୍ବାଧିକ ୩୬ଟି ପର୍ଯ୍ୟନ୍ତ) ଭଳି ଅନ୍ୟ ପଦକ୍ଷେପ ସାମିଲ ରହିଛି। ଏହା ବାଦ୍ ପ୍ରଡକ୍ଟ ଉପରେ ଇନସ୍ୟୁରାନ୍ସ, ଏକ୍ସଟେଣ୍ଡେଡ୍ ୱାରେଣ୍ଟି ମଧ୍ୟ ପ୍ରଦାନ କରାଯାଉଛି।

■ **ଗ୍ରାହକଙ୍କୁ କ'ଣ କହିବେ?**

ଆମେ ପ୍ରତିବର୍ଷ ପାର୍ବଣକୁ ଗ୍ରାହକଙ୍କ ସହ ପାଳନ କରିଥାଉ। ପାର୍ବଣ ଉପଲକ୍ଷେ ଗ୍ରାହକଙ୍କୁ ଶୁଭେଚ୍ଛା ପ୍ରଦାନ କରୁଛି। ଭଲରେ ପାର୍ବଣକୁ ପରିବାର ସହ ପାଳନ କରନ୍ତୁ। ଲୋକଙ୍କ ଜୀବନରେ ସୁଖ ସମୃଦ୍ଧି ନେଇ ମା'ଙ୍କ ନିକଟରେ ପ୍ରାର୍ଥନା କରୁଛି।

> ଲଗାତର ଭଲ ପ୍ରଦର୍ଶନ ସତ୍ତ୍ୱେ ମୋତେ ଡେଭିସ କପ୍ ଟିମ୍‌ରେ ସ୍ଥାନ ମିଳିଲାନି । ବର୍ଷ ଶେଷ ସୁଦ୍ଧା ଟପ୍ ୬୦ ର୍‍ୟାଙ୍କିଙ୍ଗ ମଧ୍ୟରେ ସ୍ଥାନ ପାଇବା ମୋର ଲକ୍ଷ୍ୟ ରହିଛି ।
> –ଜୀବନ ନେଦୁନଚେଝିୟାନ, ଭାରତୀୟ ଟେନିସ ଖେଳାଳି



> କ୍ରିଷ୍ଟିଆନୋ ରୋନାଲ୍‌ଡୋ ଚାମ୍ପିୟନ୍ସ ଲିଗ୍‌ର ଗୋଟିଏ ମ୍ୟାଚରୁ ବାସନ୍ଦ ହୋଇଛନ୍ତି ସତ କିନ୍ତୁ ଏହା ତାଙ୍କୁ ପରବର୍ତ୍ତୀ ମ୍ୟାଚ ପାଇଁ ରିଚାର୍ଜ କରାଇବ ।
> –ମାସିମିଲିଆନୋ ଆଲେଗ୍ରି, ଜୁଭେଣ୍ଟସ କୋଚ୍



## ସଂକ୍ଷେପରେ

### ରାଜ୍ୟ ତୀରନ୍ଦାଜୀ ଚାମ୍ପିୟନଶିପ୍ ୬ରୁ

**କଟକ ଅଫିସ,୨।୧୦:** ରାଜ୍ୟ ତୀରନ୍ଦାଜୀ ଆସୋସିଏଶନ ଓ ଭଦ୍ରକ ଜିଲା ତୀରନ୍ଦାଜୀ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚଳିତମାସ ୬ରୁ ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟ ତୀରନ୍ଦାଜୀ ଚାମ୍ପିୟନଶିପ ଭଦ୍ରକର ଓଳାଙ୍ଗ ସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବ। ୧୮ଟି ୟୁନିଟରୁ ପ୍ରାୟ ୨୬୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ଇଣ୍ଡିଆନ, କମ୍ପାଉଣ୍ଡ, ରିକର୍ଭ ରାଉଣ୍ଡରେ ପ୍ରତିଯୋଗିତା ହେବ । ଉଭୟ ପୁରୁଷ ଓ ମହିଳା ବର୍ଗର ସିନିୟର, ଜୁନିୟର ବିଭାଗରେ ପ୍ରତିଯୋଗିତା ହେବା ସହ ଏଥିରୁ ଆସନ୍ତା ଜାତୀୟ ଚାମ୍ପିୟନଶିପ ନିମନ୍ତେ ରାଜ୍ୟ ଦଳ ବଛାଯିବ ବୋଲି ରାଜ୍ୟ ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ସୂଚନା ଦେଇଛନ୍ତି ।

### ରାଜକୋଟ ଟେଷ୍ଟରୁ କେମର ରୋଚ ବାଦ୍

**ରାଜକୋଟ,୨।୧୦(ପି.ଟି.):** ୱେଷ୍ଟଇଣ୍ଡିଜ୍ ଦଳର ପ୍ରମୁଖ ପେସର କେମର ରୋଚ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ପ୍ରଥମ ତଥା ରାଜକୋଟ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଆଈଙ୍କ ମୃତ୍ୟୁ ଖବର ୱେଷ୍ଟଇଣ୍ଡିଜ୍ କ୍ରିକେଟ ଦେବା ପରେ ସେ ସ୍ୱଦେଶ ଫେରିଛନ୍ତି। ସେଠାରୁ ଫେରିବା ପରେ ସେ ଦଳରେ ଯୋଗଦେବେ। ‘‘ପରିବାର ସଦସ୍ୟଙ୍କ ବିୟୋଗ ଘଟିଥିବାରୁ ରୋଚ ଏପର୍ଯ୍ୟନ୍ତ ଫେରି ନାହାନ୍ତି। ସେ ଜଣେ ଅଭିଜ୍ଞ ଓ ଦକ୍ଷ ପେସର। ଦଳ ତାଙ୍କ ଅନୁପସ୍ଥିତି ଅନୁଭବ କରିବ ନିଶ୍ଚିତ। ସେ ପ୍ରଥମ ଟେଷ୍ଟବେଳେ ଦଳରେ ଯୋଗଦେବେ’’ ବୋଲି ଦଳର ମୁଖ୍ୟ କୋଚ୍ ଷ୍ଟୁଆର୍ଟ ଲ କହିଛନ୍ତି। ରୋଚ ଏପର୍ଯ୍ୟନ୍ତ ୪୮ ଟେଷ୍ଟ ଖେଳି ୧୬୩ ଉଇକେଟ ନେଇଛନ୍ତି। ତାଙ୍କ ଅନୁପସ୍ଥିତିରେ ଶାନନ ଗାବ୍ରିଏଲ (୩୭ ଟେଷ୍ଟ), ଜାସନ ହୋଲ୍ଡର (୩୪), କିମୋ ପଲ (୧) ଓ ଶେର୍ମାନ ଲୁଇସ ଦଳର ବୋଲିଂ ବିଭାଗ ସମ୍ଭାଳିବେ। ଏ ସମ୍ପର୍କରେ କୋଚ୍ ଲ କହିଛନ୍ତି, କେମାରଙ୍କ ସ୍ଥାନ ପୂରଣ କରିହେବ ନାହିଁ। କିନ୍ତୁ ଆମ ନିକଟରେ ପଲ ଓ ଲୁଇସଙ୍କ ଭଳି ପ୍ରତିଭାଶାଳୀ ବୋଲର ରହିଛନ୍ତି। ଏମାନଙ୍କ ନିକଟରେ ଅଭିଜ୍ଞତା ନ ଥିଲେ ମଧ୍ୟ ଦକ୍ଷତା ରହିଛି। ବେଳେବେଳେ ପ୍ରତିପକ୍ଷ ଦଳକୁ ଚକିତ କରିବା ଲାଗି ଅଜଣା ବୋଲରଙ୍କୁ ଖେଳାଇବାକୁ ପଡ଼େ।

### ଆର୍ଜେଣ୍ଟିନା ଗଲା ଭାରତୀୟ ହକି ଦଳ

**ନୂଆଦିଲ୍ଲୀ,୨।୧୦(ପି.ଟି.):** ଆର୍ଜେଣ୍ଟିନା ରାଜଧାନୀ ବୁଏନ୍‌ସ ଆରିଜଠାରେ ଚଳିତ ମାସ ୮ରୁ ୧୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଯୁବ ଅଲିମ୍ପିକ ଗେମ୍ସ ଲାଗି ଭାରତୀୟ ପୁରୁଷ ଓ ମହିଳା ହକି ଦଳ ମଙ୍ଗଳବାର ଗସ୍ତ କରିଛନ୍ତି। ପ୍ରଥମ ଥର ଲାଗି ଯୁବ ଅଲିମ୍ପିକ୍ସର ହକି ଇଭେଣ୍ଟରେ ଭାରତୀୟ ଦଳ ଅଂଶଗ୍ରହଣ କରିବାକୁ ଯାଉଛି। ଭାରତୀୟ ମହିଳା ଦଳ ପୁଲ ଏ’ରେ ସ୍ଥାନ ପାଇଥିବାବେଳେ ୭ ତାରିଖରେ ଅଷ୍ଟ୍ରିଆ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ସେହିଭଳି ପୁଲ ବି’ରେ ସ୍ଥାନ ପାଇଥିବା ଭାରତୀୟ ପୁରୁଷ ଦଳ ତା’ର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ଭେଟିବ। ‘‘ଆମେ ଯୁବ ଅଲିମ୍ପିକ୍ସ ଲାଗି ଭଲ ପ୍ରସ୍ତୁତି କରି ଆସିଛୁ। ଦଳରେ ସାମିଲ ଥିବା ୯ ଜଣ ଖେଳାଳି ସିନିୟର ୫-ଏ- ସାଇଡ୍ ଟୁର୍ନାମେଣ୍ଟରେ ଖେଳି ସାରିଛନ୍ତି। ଏହା ଆମ ଦଳର ପ୍ରତ୍ୟେକ ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବ, ଯାହାକି ଆମକୁ ଭଲ ଫଳାଫଳ ପାଇଁ ଦରକାର’’ ବୋଲି ମହିଳା ଦଳର କୋଚ୍ ବଲଜିତ ସିଂ ସାଇନି କହିଛନ୍ତି। ପୁରୁଷ ଦଳର କୋଚ୍ କାରିଆପ୍ପା କହିଛନ୍ତି, ଆମେ କଡ଼ା ଅଭ୍ୟାସ କରିଛୁ। ଏହି ସମ୍ମାନଜନକ ଇଭେଣ୍ଟରେ ଭଲ ଫଳାଫଳ ପାଇଁ ଆଶାବାଦୀ ଅଛୁ। ଟୁର୍ନାମେଣ୍ଟରେ ପ୍ରତ୍ୟେକ ଖେଳାଳିଙ୍କ ପ୍ରଦର୍ଶନ ଉପରେ ସେମାନଙ୍କ ଅନ୍ତର୍ଜାତୀୟ କ୍ୟାରିୟର ନିର୍ଭର କରେ। ଏଥିନେଇ ଦଳୀୟ ଖେଳାଳିମାନେ ସଚେତନ ଅଛନ୍ତି।

# ସିଆଇସି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ୍ କରାଯିବ

**ନୂଆଦିଲ୍ଲୀ, ୨।୧୦(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ସୂଚନା ଅଧିକାର ଆଇନ (ଆରଟିଆଇ) ପରିସରଭୁକ୍ତ କରିବାକୁ ସେଣ୍ଟ୍ରାଲ ଇନ୍‌ଫର୍ମେଶନ କମିଶନ (ସିଆଇସି) ନେଇଥିବା ନିଷ୍ପତ୍ତିକୁ ଏବେ ଚ୍ୟାଲେଞ୍ଜ୍ କରାଯିବ। ବିସିସିଆଇର ପଦାଧିକାରୀମାନେ ସିଆଇସିର ଏହି ନିଷ୍ପତ୍ତିକୁ ବିରୋଧ କରି ଆବେଦନ କରିବେ। ଏ ସଂକ୍ରାନ୍ତରେ ଅଧିକାରୀମାନେ କ୍ରିକେଟ ପ୍ରଶାସକ କମିଟି (ସିଓଏ)କୁ ଦାୟୀ କରିଛନ୍ତି। ସିଓଏ ଜାଣିଶୁଣି ଏହି ମାମଲାକୁ ହେୟଜ୍ଞାନ କରିବା ଫଳରେ ଏଭଳି ପରିସ୍ଥିତି ଉପୁଜିଛି ବୋଲି ବିସିସିଆଇ ତରଫରୁ କୁହାଯାଇଛି। ତେଣୁ ସିଓଏର ଭୂମିକା ନେଇ ବୋର୍ଡ ତରଫରୁ ପ୍ରଶ୍ନ କରାଯାଇଛି।

ସିଆଇସିର ଏହି ନିଷ୍ପତ୍ତି ବିସିସିଆଇକୁ ଏକ ଜାତୀୟ ସ୍ପୋର୍ଟ୍ସ ଫେଡେରେଶନ (ଏନ୍‌ଏସ୍‌ଏଫ୍)ରେ ପରିଣତ କରିଛି। ତେବେ ବିସିସିଆଇ ନିଜକୁ ସବୁ ବେଳେ ଏକ ଅଟୋନୋମସ ବା ସ୍ୱୟଂଶାସିତ ସଂସ୍ଥା ରୂପେ ପରିଚୟ ଦେଇଆସିଛି। ଯାହା ଫଳରେ ଆରଟିଆଇ ପରିସର ଭୁକ୍ତ ନ ହେବା ପାଇଁ ଯୁକ୍ତି କରି ଆସିଛି। କିନ୍ତୁ ଏବେ ଯେଉଁ ପରିସ୍ଥିତି ଉପୁଜିଛି ଏଥିପାଇଁ ବିସିସିଆଇ ସିଓଏକୁ ଦାୟୀ କରିଛି।

ଏ ସଂକ୍ରାନ୍ତରେ ସିଓଏ ଜାଣିଶୁଣି ଅବହେଳା କରିଛି ବୋଲି ବୋର୍ଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପୁଣି ଆରଟିଆଇ ଆକ୍ଟ ଅନୁସାରେ ବିସିସିଆଇ ସୂଚନା ସଂକ୍ରାନ୍ତୀୟ ଆବେଦନ ପାଇଁ ୧୫ ଦିନ ମଧ୍ୟରେ ପ୍ରଶାସନିକ ବ୍ୟବସ୍ଥାକୁ ଅନଲାଇନ ଓ ଅଫଲାଇନରେ ଉପଲବ୍ଧ କରାଇବାକୁ ସିଆଇସି ନିର୍ଦ୍ଦେଶ ଦେଇଛି।

ଗତ ଜୁଲାଇ ୧୦ ତାରିଖରେ ସିଆଇସିର ଏକ ଶୁଣାଣି ହୋଇଥିଲା। ସେତେବେଳେ ବିସିସିଆଇ କାହିଁକି ଆରଟିଆଇ ପରିସର ଭୁକ୍ତ ହେବ ନାହିଁ ସେ ନେଇ ପ୍ରଶ୍ନ ପଚରାଯାଇଥିଲା। ତେବେ ସେତେବେଳେ ବିସିସିଆଇ ତରଫରୁ କୌଣସି ଉତ୍ତର ଦିଆଯାଇ ନ ଥିଲା। ଏବେ ବିସିସିଆଇ ନିକଟରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାଛଡ଼ା ଅନ୍ୟ ଉପାୟ ନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି। ବିନୋଦ ରାଏ, ଡାଏନା ଇଦୁଲଜୀଙ୍କୁ ନେଇ ଗଠିତ ସିଓଏ ବୋର୍ଡର ବେକରେ ଆରଟିଆଇ ନାମକ ଏକ ବିଶାଳକାୟ ପକ୍ଷୀକୁ ବାନ୍ଧିଛି ବୋଲି ବୋର୍ଡର ଜଣେ ଅନ୍ୟ ଅଧିକରୀ କହିଛନ୍ତି।

ବିସିସିଆଇ ଆଂଶିକ ଭାବେ ଆରଟିଆଇ ପରିସରଭୁକ୍ତ ଚାହୁଁଛି ବୋଲି ଆମେ ଶୁଣିବାକୁ ପାଇଛୁ। ତେବେ ଦଳ ଚୟନ ଓ ଅନ୍ୟ ବିଷୟରେ ବୋର୍ଡ ତରଫରୁ କିଛି କୁହାଯାଉନାହିଁ। ପୁଣି ଯଦି ବିସିସିଆଇ ଚ୍ୟାଲେଞ୍ଜ କରେ ତେବେ ସେଥିରୁ କୌଣସି ଫଳ ମିଳିବ ନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି।

ବିସିସିଆଇ ଯଦି ଆରଟିଆଇ ପରିସରଭୁକ୍ତ ହେଲେ କିଭଳି ପରିସ୍ଥିତି ଉପୁଜିବ ସେ ନେଇ ଅଧିକାରୀ ଜଣକ କେତୋଟି ପ୍ରଶ୍ନ ପଚାରିଛନ୍ତି।

ଦଳ ଚୟନ ପ୍ରକ୍ରିୟାରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଫ୍ରାଞ୍ଚାଇଜମାନଙ୍କ ଭୂମିକା ରହିଥିଲା କି ନା ସେ ନେଇ ପ୍ରଶ୍ନ ଉଠିବ। ପୁଣି ଶେୟାର ହୋଲ୍ଡିଂ ପ୍ୟାଟର୍ନ୍ସ ଓ ଅର୍ଥ ନିବେଶ ନେଇ ମଧ୍ୟ ପ୍ରଶ୍ନ ଉଠିବ ବୋଲି ଅଧିକାରୀ ଜଣକ କହିଛନ୍ତି।

ପୁଣି କେତେଜଣ ଅଧିକାରୀଙ୍କ ବ୍ୟକ୍ତିଗତ ଆଚରଣ ଓ କର୍ମ କ୍ଷେତ୍ରରେ ମହିଳାଙ୍କୁ ଖରାପ ବ୍ୟବହାର କରାଯିବା ନେଇ ମଧ୍ୟ ପ୍ରଶ୍ନ ଉଠିବ।

ସେହିପରି ଭାରତୀୟ ଦଳର ଜଣେ ଜୁନିୟର କ୍ରିକେଟର ଜଣେ ସିନିୟର କ୍ରିକେଟରଙ୍କ ମ୍ୟାନେଜମେଣ୍ଟ ଫାର୍ମ ସହିତ ସମ୍ପର୍କରେ ଥିଲେ ତାଙ୍କୁ ଦଳରେ ଅଧିକ ଦିନଧରି ସାମିଲ କରାଯିବା ନେଇ ମଧ୍ୟ ପ୍ରଶ୍ନ ଉଠିବ। ସିଇଓ ଏହି ପ୍ରଶ୍ନଗୁଡିକର ଉତ୍ତର ଦେଇ ପାରିବ କି ନା ସେ ନେଇ କିଛି କୁହାଯାଇ ପାରିବ ନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି। ତେଣୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅପବ୍ୟବହାର କରାଯାଉଛି ଓ ଏହା ନିହାତି ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

ଅନ୍ୟପଟେ ବୋର୍ଡରେ ସ୍ୱଚ୍ଛତା ଓ ନିରପେକ୍ଷତା ଆଣିବାକୁ ସିଓଏ ବଦ୍ଧପରିକର ବୋଲି ବିନୋଦ କହିଛନ୍ତି। ତେବେ ସିଆଇସିର ନିର୍ଦ୍ଦେଶ ନେଇ ବିନୋଦ କିଛି କହିନାହାନ୍ତି। ସିଆଇସିର ନିର୍ଦ୍ଦେଶ ତଥା ରାୟକୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରାଯାଉଛି ଓ ଖୁବଶୀଘ୍ର ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସିଓଏ ପକ୍ଷରୁ କୁହାଯାଇଛି।

## ସେମିଫାଇନାଲ୍‌ରେ ସନ୍‌ରାଇଜ, ରୋଭର୍ସ

**କଟକ ଅଫିସ,୨।୧୦**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଡିଭିଜନ ଲିଗ୍‌ର ସୁପର ଲିଗ୍ ମୁକାବିଲା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ପର୍ଯ୍ୟାୟର ପ୍ରଥମ ଦୁଇଟି ମ୍ୟାଚ୍‌ରେ ସନ୍‌ରାଇଜ୍ କ୍ଲବ ଓ ରୋଭର୍ସ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ସନ୍‌ରାଇଜ କ୍ଲବ ୩–୦ ଗୋଲରେ ସନ୍‌ସାଇନକୁ ହରାଇଥିଲା। ଦଳ ପକ୍ଷରୁ ମହମ୍ମଦ ଫାୟାସ ୨୮ତମ ମିନିଟରେ, ଦୀନେଶ ଲାକ୍ରା ୫୧ତମ ଓ ଗୁରୁପ୍ରୀତ ସିଂ ୫୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ରୋଭର୍ସ କ୍ଲବ ୧–୦ ଗୋଲରେ ଓଡ଼ିଶା ପୋଲିସକୁ ହରାଇଥିଲା । ଦଳ ପକ୍ଷରୁ ୩୦ତମ ମିନିଟରେ ଏ. ଗୁପ୍ତା ଏକମାତ୍ର ଗୋଲ ସ୍କୋର କରିଥିଲେ ।



ଲକ୍ଷ୍ନୌରେ ଅନୁଷ୍ଠିତ ଜାତୀୟ କ୍ଲାସିକ୍ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଭାଗନେଇ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶା ପ୍ରତିଯୋଗୀମାନଙ୍କୁ ରାଜ୍ୟ ସଂଘ ପକ୍ଷରୁ ମଙ୍ଗଳବାର ଉତ୍କଳ କରାଟେ ସ୍କୁଲ ପରିସରରେ ସମ୍ବର୍ଦ୍ଧିତ କରାଯାଉଛି।

## ■ ପିସିବି କ୍ଷତିପୂରଣ ମାମଲା
# ବୟାନ ରଖିଲେ ସଲମନ ଖୁର୍ସିଦ

**ଦୁବାଇ, ୨।୧୦ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବିରୋଧରେ ପାକିସ୍ତାନ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ପିସିବି) ପକ୍ଷରୁ କରାଯାଇଥିବା କ୍ଷତିପୂରଣ ମାମଲାର ଚାଲିଥିବା ଶୁଣାଣିର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ଡିସ୍‌ପ୍ୟୁଟ୍ ରିଜୋଲୁଶନ କମିଟି ମାମଲାର ଶୁଣାଣି କରୁଥିବା ବେଳେ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସଲମନ ଖୁର୍ସିଦଙ୍କ ଉପସ୍ଥିତି ପିସିବିକୁ ଚକିତ କରିଥିଲା। ଖୁର୍ସିଦ ହେଉଛନ୍ତି ନିଜେ ଜଣେ ଆଇନଜ୍ଞ। ଭାରତ ଓ ପାକିସ୍ତାନ ୨୦୧୫ରୁ ୨୦୨୩ ମଧ୍ୟରେ ୬ଟି ଦ୍ୱିପାକ୍ଷିକ ସିରିଜ ଖେଳିବେ ବୋଲି ଉଭୟ ଦେଶର କ୍ରିକେଟ ବୋର୍ଡ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ମାତ୍ର ଏହା କାର୍ଯ୍ୟକାରୀ ହୋଇ ପାରି ନ ଥିବାରୁ ପିସିବି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡଠାରୁ ୪୪୭ କୋଟି ଟଙ୍କା କ୍ଷତିପୂରଣ ଦାବି କରିଛି। ଶୁଣାଣି ବେଳେ ଖୁର୍ସିଦ ଉପା–୨ ସରକାରଙ୍କ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ୨୦୦୮ରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣା ଯୋଗୁ ଭାରତୀୟ କ୍ରିକେଟ ଦଳକୁ ପାକିସ୍ତାନ ଗସ୍ତ ପାଇଁ ସରକାରୀ ଅନୁମତି ନ ଥିଲା ବୋଲି ସେ ଦର୍ଶାଇଥିଲେ। ସୀମା ଆରପାରିରୁ ଆତଙ୍କବାଦୀ କାର୍ଯ୍ୟକଳାପ ସ୍ଥଗିତ ନ ହେଲା ପର୍ଯ୍ୟନ୍ତ ଦ୍ୱିପାକ୍ଷିକ କ୍ରିକେଟ ସମ୍ଭବ ନୁହେଁ ବୋଲି ସରକାର ନୀତିଗତ ନିଷ୍ପତ୍ତି ନେଇଥିଲେ। ଖୁର୍ସିଦ ୨୦୧୪ ପର୍ଯ୍ୟନ୍ତ କ୍ଷମତାରେ ଥିବା ଉପା–୨ ସରକାରରେ ବହିର୍ବ୍ୟାପାର ମନ୍ତ୍ରୀ ଥିଲେ।

# ଶୀର୍ଷସ୍ଥାନ ବଜାୟ ଲକ୍ଷ୍ୟରେ ଭାରତ

**ଦୁବାଇ, ୨।୧୦ (ପି.ଟି)**

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ୪–୧ ବ୍ୟବଧାନରେ ପରାସ୍ତ ହୋଇଥିଲେ ମଧ୍ୟ ଭାରତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷସ୍ଥାନ ବଜାୟ ରଖିଛି। ଗୁରୁବାରଠାରୁ ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବାକୁ ଯାଉଛି। ଏହି ଘରୋଇ ସିରିଜରେ ଭଲ ପ୍ରଦର୍ଶନ କରି ଭାରତ ତା’ର ନମ୍ବର ୧ ସ୍ଥାନ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଶୀର୍ଷ ସ୍ଥାନ ବଜାୟ ରଖିବାକୁ ହେଲେ ଭାରତ ଏବେ କୌଣସି ପଏଣ୍ଟ ନ ହରାଇବାକୁ ଚେଷ୍ଟା କରିବ।

ଭାରତ ଏବେ ୧୧୫ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଆଗାମୀ ସିରିଜରେ ୱେଷ୍ଟଇଣ୍ଡିଜକୁ ୨–୦ରେ ପରାସ୍ତ କରିପାରିଲେ ଭାରତ ଗୋଟିଏ ପଏଣ୍ଟ ଲାଭ କରିବ। ତେବେ ଯଦି ୨–୦ରେ ୱେଷ୍ଟଇଣ୍ଡିଜଠାରୁ ପରାସ୍ତ ହୁଏ ଭାରତର ପଏଣ୍ଟ ସଂଖ୍ୟା ୧୦୮କୁ ଖସିବ। ଏପରି ସ୍ଥଳେ ଅଷ୍ଟ୍ରେଲିଆ ୨–୦ରେ ପାକିସ୍ତାନକୁ ହରାଇଲେ ଭାରତକୁ ହଟାଇ ୧ ନମ୍ବର ସ୍ଥାନ ହାସଲ କରିବ। ସେହିପରି ୨–୦ରେ ୱେଷ୍ଟଇଣ୍ଡିଜ ସିରିଜ ଜିତିଲେ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଥିବା ତା’ର ବ୍ୟବଧାନକୁ କମାଇବାକୁ ସକ୍ଷମ ହେବ। କିନ୍ତୁ ର୍‍ୟାଙ୍କିଙ୍ଗରେ ୱେଷ୍ଟଇଣ୍ଡିଜ୍ ଉନ୍ନତି ନ କରି ପୂର୍ବପରି ଅଷ୍ଟମ ସ୍ଥାନରେ ରହିବ।

ରବିବାରଠାରୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ପାକିସ୍ତାନ ଆୟୋଜକ ଦଳ ଭାବେ ଅଷ୍ଟ୍ରେଲିଆ ବିପକ୍ଷରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଅବତୀର୍ଣ୍ଣ ହେବ। ଉଭୟ ଦଳ ନିକଟରେ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ଆଣିବାର ସୁଯୋଗ ରହିଛି। ୨–୦ରେ ଅଷ୍ଟ୍ରେଲିଆକୁ ପରାସ୍ତ କଲେ ପାକିସ୍ତାନ ଶ୍ରୀଲଙ୍କାକୁ ହଟାଇ ଷଷ୍ଠ ସ୍ଥାନ ଅଧିକାର କରିବ। ତେବେ ଯଦି ଅଷ୍ଟ୍ରେଲିଆ ୧–୦ରେ ସିରିଜ ଜିତିଲେ ଦକ୍ଷିଣ ଆଫ୍ରିକାକୁ ପଛରେ ପକାଇ ଦ୍ୱିତୀୟ ସ୍ଥାନ ଅଧିକାର କରିବ।

ଦୁଇଟିଯାକ ଟେଷ୍ଟ ଜିତିଲେ ପାକିସ୍ତାନ ୯୭ ପଏଣ୍ଟ ପାଇ ଡେସିମାଲ ପଏଣ୍ଟରେ ଶ୍ରୀଲଙ୍କା ଆଗରେ ରହିବ। ସେହିପରି ଏବେ ୧୦୬ ପଏଣ୍ଟ ହାସଲ କରିଥିବା ଅଷ୍ଟ୍ରେଲିଆ ସିରିଜ ଜିତିଲେ ଡେସିମାଲ ପଏଣ୍ଟରେ ଦକ୍ଷିଣ ଆଫ୍ରିକାକୁ ପଛରେ ପକାଇବ। ୧–୦ରେ ସିରିଜ ଜିତିଲେ ଅଷ୍ଟ୍ରେଲିଆ ୧୦୭ ଓ ୨–୦ରେ ସିରିଜ ଜିତିଲେ ୧୦୯ ପଏଣ୍ଟ ପାଇ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି କରିବ।

ବ୍ୟାଟିଂ ତାଲିକାରେ ଭାରତୀୟ ଅଧିନାୟକ ବିରାଟ କୋହଲି ତାଙ୍କ ଆଗାମୀ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ତାଙ୍କ ଶୀର୍ଷ ସ୍ଥାନକୁ ଆହୁରି ମଜଭୁତ କରିବେ। ସେ ବାସନ୍ଦ ହୋଇଥିବା ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍‌ଙ୍କଠାରୁ ମାତ୍ର ଗୋଟିଏ ପଏଣ୍ଟ

### ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍

ଆଗରେ ରହି ୧ ନମ୍ବର ସ୍ଥାନରେ ରହିଛନ୍ତି।

ସେହିପରି ଚେତେଶ୍ୱର ପୂଜାରା ଷଷ୍ଠ ଓ ଲୋକେଶ ରାହୁଲ ୧୯ତମ ସ୍ଥାନରେ ରହି ବ୍ୟାଟିଂ ତାଲିକାରେ ଭାରତୀୟ ହିସାବରେ ଆଗରେ ରହିଛନ୍ତି। ବୋଲିଂ ତାଲିକାରେ ଭାରତୀୟ ସ୍ପିନ୍ ଯୋଡି ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ଯଥାକ୍ରମେ ଚତୁର୍ଥ ଓ ଅଷ୍ଟମ ସ୍ଥାନରେ ରହିଛନ୍ତି। ଘରୋଇ ପରିବେଶରେ ଭଲ ପ୍ରଦର୍ଶନ କରି ଏହି ଦୁଇ ତାରକା ସ୍ପିନର ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ଆଣିବା ଲକ୍ଷ୍ୟରେ ରହିଛନ୍ତି।

ୱେଷ୍ଟଇଣ୍ଡିଜର କେଗ୍ ବ୍ରାଥୱେଟ ୧୩ତମ ସ୍ଥାନରେ ରହିଛନ୍ତି। ସେହିପରି ଦଳର ୩ ଦ୍ରୁତ ବୋଲର ଶାନନ ଗାବ୍ରିଏଲ ୧୧, ଜାସନ ହୋଲ୍ଡର ୧୩ ଓ କେମର ରୋଚ ୧୯ତମ ସ୍ଥାନରେ ରହି ଶ୍ରେଷ୍ଠ ୨୦ରେ ସାମିଲ ହୋଇଛନ୍ତି। ଭାରତରେ ଭଲ ପ୍ରଦର୍ଶନ କରି ଏମାନେ ର୍‍ୟାଙ୍କିଙ୍ଗରେ ଉନ୍ନତି ଆଣିବା ଲକ୍ଷ୍ୟରେ ରହିଛନ୍ତି। ଅପରପକ୍ଷରେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଉସ୍‌ମାନ ଖ୍ୱାଜା ସ୍ମିଥ୍ ଓ ଡେଭିଡ୍ ୱାର୍ନରଙ୍କ ଅନୁପସ୍ଥିତିରେ ୨୦ତମ ସ୍ଥାନରେ ରହିଛନ୍ତି ଓ ସେ ଦଳର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। ସେହିପରି ବୋଲିଂରେ ମିଚେଲ ଷ୍ଟାର୍କ ଓ ନାଥନ ଲିୟନ ଯଥାକ୍ରମ ୧୪ ଓ ୧୬ ତମ ସ୍ଥାନରେ ଦଳର ଅଗ୍ରଣୀ ବୋଲର ବିବେଚିତ ହୋଇଛନ୍ତି।

ପାକିସ୍ତାନ ଓପନର ଆଜ୍ହାର ଅଲ୍ଲୀ ଦକ୍ଷିଣ ଆଫ୍ରିକାର ହାସିମ ଅମଲାଙ୍କ ପଛକୁ ରହି ୧୫ତମ ସ୍ଥାନରେ ରହିଛନ୍ତି। ସେହିପରି ଲେଗ ସ୍ପିନର ୟାସିର ଶାହ ୧୮ତମ ସ୍ଥାନରେ ରହିଛନ୍ତି। ପୂର୍ବରୁ ୟାସିର ଏକଦା ବୋଲିଂ ତାଲିକାର ଶୀର୍ଷସ୍ଥାନ ଅଧିକାର କରିଥିଲେ। ୪ ବର୍ଷ ତଳେ ୟୁଏଇରେ ପାକିସ୍ତାନ ୨–୦ରେ ଅଷ୍ଟ୍ରେଲିଆକୁ ଟେଷ୍ଟ ସିରିଜରେ ହରାଇଥିଲା ଓ ଏହି ସିରିଜରେ ୟାସିର ୧୨ଟି ଉଇକେଟ ହାସଲ କରିଥିଲେ।

# ପାଇଲଟ୍ ହେବା ଲାଗି କ୍ରିକେଟ ଛାଡ଼ିଲେ କାର୍ଟର

**ସେଣ୍ଟ୍ରାଲ,୨।୧୦:** ହଂକଂ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ରିସ କାର୍ଟରଙ୍କ କ୍ୟାରିୟର ଏବେ ଟେକ୍ ଅଫ୍ କରିବାକୁ ଯାଉଛି। କିନ୍ତୁ ଜଣେ କ୍ରିକେଟର ଭାବେ ନୁହେଁ। ୨୧ ବର୍ଷୀୟ ଖେଳାଳି ଏବେ ପାଇଲଟ୍ ହେବାର ଇଚ୍ଛା ପୂରଣ କରିବା ଲାଗି ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ଯାଉଛନ୍ତି। ନିକଟରେ ଶେଷ ହୋଇଥିବା ଏସିଆ କପ୍‌ରେ କାର୍ଟର ହଂକଂ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେ ଅଷ୍ଟ୍ରେଲିଆକୁ ଫେରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେଠାରେ ସେ ନିଜ ଫ୍ଲାଇଟ ସ୍କୁଲରେ ଅଧ୍ୟୟନ ଶେଷ କରିପାରିବେ। ସେ ହଂକଂ କ୍ରିକେଟ (ସିଏଚ୍‌କେ) ସହ ଚୁକ୍ତି କରିଥିବା ସତ୍ତ୍ୱେ ଏଭଳି ନିଷ୍ପତ୍ତି ନେଇଛନ୍ତି। କାରଣ ଏଠାରେ କ୍ରିକେଟ ଖେଳିବା ପାଇଁ ସୁଯୋଗ ଖୁବ କମ୍। ମୁଁ ସର୍ବଦା ଜଣେ ପାଇଲଟ୍ ହେବାକୁ ଚାହୁଁଥିଲି। କ୍ରିକେଟ ଲାଗି ପାଠପଢ଼ାକୁ ପଛରେ ରଖିଥିଲି। ମାତ୍ର ଏବେ ଚିନ୍ତା କରୁଛି, ମୁଁ ସର୍ବଦା ଯାହା ଚାହୁଁଛି ତାହାକୁ ଗୁରୁତ୍ୱ ଦେବାର ସମୟ ଆସିଯାଇଛି। ହଂକଂରେ ଅର୍ଥ ଅଭାବରୁ ଜଣେ କ୍ରିକେଟର ହେବା କଷ୍ଟକର। ଏଠାକାର ଲୋକେ କଠିନ ପରିଶ୍ରମ କରି କ୍ରିକେଟ ଖେଳୁଛନ୍ତି। ମାତ୍ର ସେମାନଙ୍କୁ ସମର୍ଥନ ମିଳୁନହିଁ। ହଂକଂରେ ଜନ୍ମିତ କାର୍ଟର ୨୦୧୫ରେ କ୍ୟାରିୟର ଆରମ୍ଭ କରିଥିଲେ। ଏପର୍ଯ୍ୟନ୍ତ ସେ ୧୧ ଦିନିକିଆ ଖେଳିଛନ୍ତି। ସେ ଅନ୍ତିମ ଥର ଭାରତ ବିପକ୍ଷ ଏସିଆ କପ୍‌ର ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ଖେଳିଥିଲେ। ‘‘କାର୍ଟରଙ୍କ ଭଳି ଖେଳାଳିଙ୍କୁ ଦଳରେ ରଖିବା ସହଜ ନୁହେଁ। କାରଣ ହଂକଂଠାରେ ରହିବା ଓ ଚଳିବା ବିଶ୍ୱରେ ସବୁଠୁ ମହଙ୍ଗା। ସେହି ହିସାବରେ କ୍ରିକେଟରଙ୍କୁ ଚୁକ୍ତିରେ ଅର୍ଥ ମିଳୁନାହିଁ। ଏଣୁ କ୍ରିକେଟ ଖେଳି କ୍ୟାରିୟର କରିବା କିମ୍ବା ପରିବାର ଚଳାଇବା ସମ୍ଭବ ହେଉନାହିଁ’’ ବୋଲି କୋଚ୍ ସିମନ କୁକ କହିଛନ୍ତି।


## ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର
## ଗଞ୍ଜାମ - ୭୬୧୦୨୦

ନଂ. ୨୦୮୧ ତା୦୧।୧୦।୨୦୧୮

**ବିଜ୍ଞାପନ**

ଏତଦ୍ୱାରା ଛତ୍ରପୁର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ, ଛତ୍ରପୁର ଏନ୍.ଏ.ସି. ଅଞ୍ଚଳରେ ଥିବା ରିକାପଲ୍ଲୀ ହାଟ ନିକଟରେ ଥିବା ୧୨ ଗୋଟି ଦୋକାନ ଗୃହ ଏବଂ ଅପରବସ୍‌ଷ୍ଟାଣ୍ଡରେ ଥିବା ୪ ଗୋଟି ଦୋକାନ ଗୃହ ୦୧, ୦୬, ୦୭ ଓ ୦୮ ଏହିପରି ସର୍ବମୋଟ ୧୬ ଗୋଟି ଦୋକାନ ଗୃହକୁ ମାସିକ ଲାଇସେନ୍ସ ଫିଜ୍ ସ୍ୱତ୍ୱରେ ଦିଆଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ଛତ୍ରପୁର ଅଞ୍ଚଳର ବାସିନ୍ଦା ଏହି କାର୍ଯ୍ୟାଳୟରୁ ଆସନ୍ତା ତା୦୩।୧୦।୨୦୧୮ଠାରୁ ୧୫।୧୦।୨୦୧୮ ପର୍ଯ୍ୟନ୍ତ ୧୦ ଘଣ୍ଟା ଠାରୁ ୫ ଘଣ୍ଟା ପର୍ଯ୍ୟନ୍ତ (ଛୁଟିଦିନ ବ୍ୟତୀତ) ନିର୍ବାହୀ ଅଧିକାରୀଙ୍କ ନାମରେ ଟ.୫୦୦/– ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ଟଙ୍କା ଦାଖଲ କରି ଆବେଦନ ଫର୍ମ ନେଇପାରିବେ। ଉକ୍ତ ଫର୍ମ ଆସନ୍ତା ତା୦୩।୧୦।୨୦୧୮ରିଖଠାରୁ ତା୧୫।୧୦।୨୦୧୮ରିଖ ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ଅପରାହ୍ନ ୫ ଘଣ୍ଟା ସମୟ ପର୍ଯ୍ୟନ୍ତ ଦାଖଲ କରିବେ। ଧାର୍ଯ୍ୟ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ ଯୋଗ୍ୟ ନୁହେଁ ଏବଂ ତା୨୦।୧୦।୨୦୧୮ରିଖ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଆବେଦନପତ୍ରଗୁଡିକୁ ଯାଞ୍ଚ କରାଯିବ। ସମ୍ପୂର୍ଣ୍ଣ ନିୟମାବଳୀ ଓ ସର୍ତ୍ତ କାର୍ଯ୍ୟାଳୟରୁ କ୍ରୟ କରିଥିବା ନିବିଦା ପତ୍ରରେ ଉଲ୍ଲେଖ କରାଯାଇଛି।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର, ଗଞ୍ଜାମ

## NOTIFIED AREA COUNCIL, TARBHA
No. 1441 Date: 01.10.2018

**QUOTATION CALL NOTICE**

The Executive Officer, NAC, Tarbha invites Sealed Quotations from the intending Firms/ Manufacturers/ Suppliers for Supply of E-VEHICLE GARBAGE CONTAINER of any Reputed Company make to NAC, Tarbha as per the description below. The quotation should be submitted by Regd. Post/Speed Post/ in person by dated 12.10.2018 upto 1.00 P.M. which will be opened on the same day at 4.00 P.M. in presence of the quotationer or their authorized representative. The quotation must be accompanied with following documents, failing which the quotation shall be rejected out rightly. The rate must be included with all taxes and transportation.

1. Valid PAN Card
2. Valid GST
3. Company Registration Certificate
4. EMD amounting to Rs. 5000/- vide DD/ Banker's Cheque

DESCRIPTION

3 Wheeler E-Vehicles (Battery Running) with 800 KG Capacity Container including 1 Unit Battery and other Accessories complete.

The authority reserves the right to reject any or all the quotations without assigning any reason thereof.

Sd./- Executive Officer, N.A.C., Tarbha

## OFFICE OF THE SUPERINTENDING ENGINEER
## RURAL WORKS CIRCLE, BERHAMPUR
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com Tel/FAX:- 0680-2404287

813-O

**NATIONAL COMPETITIVE BIDDING THROUGH e-Procurement**

Bid Identification No. Online Tender /16-2018-19/BPR

| Identification No. | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 16-2018-19/BPR | Road Works | 17 Nos. | From Rs. 93.84 lakhs to Rs. 203.57 Lakhs | "B" or "A" Class as applicable | 03 (Three) Calendar Month as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/ 16-2018-19/BPR | 05.10.2018 at 10.00 AM | 25.10.2018 upto 3.00 PM |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website:- www.tendersodisha.gov.in

25071/11/0029/1819 *Sd./- J.Beura, Superintending Engineer, R.W.Circle, Berhampur*

ଧରିତ୍ରୀ DHARITRI
ବୁଧବାର, ୩ ଅକ୍ଟୋବର, ୨୦୧୮



❝ ଏମ୍‌ଏସ୍‌କେ ପ୍ରସାଦଙ୍କ ନେତୃତ୍ୱାଧୀନ ସିଲେକ୍ସନ କମିଟି ଜାତୀୟ ଦଳ ମନୋନୟନ ବେଳେ କେଉଁ ମାନଦଣ୍ଡ ଅନୁସରଣ କରୁଛନ୍ତି, ତାହା ବୁଝିବା କଷ୍ଟକର।

–ହରଭଜନ ସିଂ, ସିନିୟର ଅଫ୍ ସ୍ପିନର



❝ ପୃଥ୍ୱୀ ଶ' ରଣଜୀ ଟ୍ରଫିରେ ମୁମ୍ବାଇ ତରଫରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥାନ୍ତି, ଭାରତୀୟ ଦଳ ତାଙ୍କଠାରୁ ସେପରି ପ୍ରଦର୍ଶନ ଆଶା କରୁଛି।

–ଅଜିଙ୍କ୍ୟ ରାହାନେ, ଭାରତୀୟ କ୍ରିକେଟ ଉପ ଅଧିନାୟକ



## ସଂକ୍ଷେପରେ

### ପାରା ଏସିଆନ ଗେମ୍ସ ବ୍ୟାଡ୍‌ମିଣ୍ଟନରେ ଭାଗନେବେ ପ୍ରମୋଦ

**ଭୁବନେଶ୍ୱର, ୨।୧୦(କ୍ରୀଡ଼ା ପ୍ରତିନିଧି):** ଇଣ୍ଡୋନେସିଆର ଜାକର୍ତ୍ତାଠାରେ ୨୦୧୮ ଏସିଆନ ପାରା ଗେମ୍ସ ଚଳିତ ମାସ ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାର ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ଅଂଶଗ୍ରହଣ କରିବେ। ମଙ୍ଗଳବାର ଖେଳାଳି ଭାବେ ପ୍ରମୋଦ ଓ ଟିମ୍ ଅଫିସିଆଲ ଭାବେ ଶିବ ପ୍ରସାଦ ଦାସ ଜାକର୍ତ୍ତା ଯାତ୍ରା କରିଛନ୍ତି। ପ୍ରତିଯୋଗିତାରେ ଭାରତରୁ ମୋଟ ୧୮ ଖେଳାଳି ଓ ୬ ଅଫିସିଆଲ ଭାଗନେବେ। ପୂର୍ବରୁ ହୁଇଲ୍ ଚେୟାର ଫେନ୍‌ସିଂରେ ଅଂଶଗ୍ରହଣ ପାଇଁ ଓଡ଼ିଶାର ୨ ପ୍ରତିଯୋଗୀ ଭି.ରମେଶ ରାଓ ଏବଂ ରାଖାଲ କୁମାର ସେଠୀ ଜାକର୍ତ୍ତା ଯାଇଛନ୍ତି।

# ପ୍ରୋ–କବାଡ଼ିଃ ମନସ୍ୱିନୀ ରେଫରି

**ରସୁଲପୁର,୨।୧୦(ଡିଏନଏ)**

ଯାଜପୁର ଜିଲା କବାଡି ଆସୋସିଏଶନର କ୍ରୀଡାବିତ୍ ତଥା ମଧୁବନ ନୋଡାଲ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ମନସ୍ୱିନୀ ସାହୁ କବାଡି ରେଫରିଭାବେ ଖେଳ ପରିଚାଳନା ଦିଗରେ ପାଦେ ଆଗକୁ ବଢ଼ିଛନ୍ତି । ଭାରତରେ ଅନ୍ତର୍ଜାତୀୟ କବାଡି ତାରକାମାନଙ୍କୁ ନେଇ ଅନୁଷ୍ଠିତ ହେଉଥିବା ପ୍ରୋ–କବାଡି ପ୍ରତିଯୋଗିତା(ସିନିୟର) ପରିଚାଳନା ପାଇଁ ମନସ୍ୱିନୀଙ୍କୁ ସ୍ୱୀକୃତି ମିଳିଛି। ଚଳିତ ମାସ ୭ତାରିଖରେ ହେବାକୁ ଥିବା ୬ଷ୍ଠ ପ୍ରୋ–କବାଡି ଲିଗ୍ ପରିଚାଳନା ପାଇଁ ସେ ଚେନ୍ନାଇ ଯାତ୍ରା କରିବେ । ଅକ୍ଟୋବର ୪ରେ ଚେନ୍ନାଇରେ ପହଞ୍ଚି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେ ଚେନ୍ନାଇ, ଉତ୍ତରପ୍ରଦେଶ, ଜୟପୁର, ଅହମ୍ମଦାବାଦ, ପୁଣେ, ଦିଲ୍ଲୀ ଆଦି ୬ଟି ସ୍ଥାନରେ ମ୍ୟାଚ୍ ପରିଚାଳନା କରିବେ । ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।



ମଙ୍ଗଳବାର ମନସ୍ୱିନୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଲିଙ୍କନ ଫାର୍ମାସିଉଟିକାଲର ଜୋନାଲ ମାନେଜର ଅଭୟ ମହାନ୍ତି, ଶ୍ରାବଣୀ ମହାନ୍ତି, ଓଡିଶା କବାଡି ଆସୋସିଏଶନର ସଂପାଦକ ଅଜୟ ବେହେରା, ଯାଜପୁର ଜିଲା ଆଥେଲେଟିକ୍ ଆସୋସିଏଶନର ସଂପାଦକ ସମ୍ବିତ୍ ମହାନ୍ତି, ଯାଜପୁର କବାଡି ଆସୋସିଏଶନର ସମ୍ପାଦକ ରବୀନ୍ଦ୍ର ପୃଷ୍ଟି, ସହ–ସମ୍ପାଦକ ସମରେନ୍ଦ୍ର ଦାଶ, ବରିଷ୍ଠ ସଦସ୍ୟ ବିଭୁକଲ୍ୟାଣ ଦାସ, ଶାନ୍ତନୁ ମଲିକ, କ୍ରୀଡା ଶିକ୍ଷକ ଅନାଦି ସାହୁ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ଏଥି ସକାଶେ ଆସୋସିଏଶନ ପକ୍ଷରୁ ମନସ୍ୱିନୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସ୍ୱାଗତ ସମ୍ବର୍ଦ୍ଧିତ କରାଯାଇଛି ।

ସେପ୍ଟେମ୍ବର ୧୬ ରୁ ୧୮ ପର୍ଯ୍ୟନ୍ତ ମୁମ୍ବାଇଠାରେ ପ୍ରୋ–କବାଡି ରେଫରି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଓଡିଶାରୁ ୨ଜଣ ମହିଳା ମନୋନୀତ ହୋଇଥିଲେ । ଯାଜପୁର ଜିଲା ରସୁଲପୁର ବ୍ଲକ ବଡକଇଁଚି ପଞ୍ଚାୟତ ପାଲସାହି ଗ୍ରାମର ନାରାୟଣ ସାହୁଙ୍କ ଝିଅ ମନସ୍ୱିନୀ ଏହି ଶିବିରକୁ ମନୋନୀତ ହୋଇଥିଲେ । ପ୍ରଶିକ୍ଷଣ ଶିବିରରେ ତାଙ୍କ ଖେଳ ପରିଚାଳନା ଦକ୍ଷତା ପର୍ଯ୍ୟବେକ୍ଷକଙ୍କୁ ଆକର୍ଷିତ କରିଥିଲା । ଏଥି ପୂର୍ବରୁ ୨୦୧୬ ମସିହାରୁ ସର୍ବଭାରତୀୟ କବାଡି ଫେଡରେଶନ୍ ପକ୍ଷରୁ ଆୟୋଜିତ ଖେଳ ପରିଚାଳନା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ସେବେଠାରୁ ସେ ବହୁ ସର୍ବଭାରତୀୟ କବାଡି ପ୍ରତିଯୋଗିତାରେ ଅଫିସିଆଲ ଭାବରେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି । ଖଣ୍ଡିତରଠାରେ ଆୟୋଜିତ ସର୍ବଭାରତୀୟ କବାଡି ପ୍ରତିଯୋଗିତା ଛଡା ମଧ୍ୟପ୍ରଦେଶ, ରାଇଗଡ, ରାୟପୁର, ଭାଟପରା ପ୍ରଭୃତିସ୍ଥାନରେ ଅନୁଷ୍ଠିତ ସର୍ବଭାରତୀୟ କବାଡି ପ୍ରତିଯୋଗିତାର ଖେଳଗୁଡିକୁ ସଫଳତାର ସହ ପରିଚାଳନା କରିବାର ଅନୁଭୂତି ତାଙ୍କ ନିକଟରେ ରହିଛି । ମନସ୍ୱିନୀ ତାଙ୍କର ସଫଳତା ପାଇଁ ଓଡିଶା କବାଡି ଆସୋସିଏଶନ, ଯାଜପୁର କବାଡି ଆସୋସିଏଶନ, ଲିଙ୍କନ ଫାର୍ମାସିଉଟିକାଲ ଭଳି ଅନୁଷ୍ଠାନର ବିଶେଷ ଅବଦାନ ରହିଛି ବୋଲି କହିଛନ୍ତି। ଏହାଛଡା ମା, ବାପାଙ୍କ ଆଶୀର୍ବାଦ, କବାଡି ପ୍ରଶିକ୍ଷକ କୃଷ୍ଣକାନ୍ତ ପଣ୍ଡା ଓ ପ୍ରଶଂସକଙ୍କ ପ୍ରେରଣା ପାଇ ସେ ସଫଳତା ଅର୍ଜନ କରିଛନ୍ତି ବୋଲି କହିଛନ୍ତି।




# ପରାଜୟ ସହ ବାଦ୍ ପଡ଼ିଲା ଓଡ଼ିଶା

**କଟକ ଅଫିସ,୨।୧୦**

## ବିଜୟ ହଜାରେ ଟ୍ରଫି

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ନୂଆଦିଲ୍ଲୀରେ ଚାଲିଥିବା ବିଜୟ ହଜାରେ ଟ୍ରଫିରେ ମଙ୍ଗଳବାର ଛତିଶଗଡ଼ଠାରୁ ଓଡ଼ିଶା ୪୮ରନ୍‌ରେ ପରାସ୍ତ ହେବା ପରେ ଲିଗ୍ ପର୍ଯ୍ୟାୟରୁ ବାଦ୍ ପଡ଼ିବା ନିଶ୍ଚିତ ହୋଇଯାଇଛି। ଏଲିଟ୍ ଗ୍ରୁପ–ବିରେ ସ୍ଥାନ ପାଇଥିବା ଓଡ଼ିଶା ଏପର୍ଯ୍ୟନ୍ତ ୬ ମ୍ୟାଚ୍ ଖେଳି ୧ ବିଜୟ ଓ ୧ ଡ୍ର ଓ ୪ ପରାଜୟ ସହ ୬ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ୮ମ ସ୍ଥାନରେ ରହିଛି । ହାତରେ ୨ଟି ମ୍ୟାଚ୍ ବାକି ରହିଛି । ଆସନ୍ତା ୪ରେ ଓଡ଼ିଶା ସୌରାଷ୍ଟ୍ରକୁ ଭେଟିବ । ପ୍ରତିଯୋଗିତାରେ ତିଷ୍ଠି ରହିବା ନିମନ୍ତେ ଓଡ଼ିଶା ଛତିଶଗଡ଼ ବିପକ୍ଷ ମ୍ୟାଚ୍ ଜିତିବା ଆବଶ୍ୟକ ଥିଲା । ଏହି ଗ୍ରୁପ୍‌ରେ ଦିଲ୍ଲୀ, ଆନ୍ଧ୍ରପ୍ରଦେଶ ୬ଟି ଲେଖାଏ ମ୍ୟାଚ୍‌ରୁ ଓ ହାଇଦ୍ରାବାଦ ୭ଟି ମ୍ୟାଚ୍‌ରୁ ୧୮ ପଏଣ୍ଟ ଲେଖାଏ ହାସଲ କରି ପଏଣ୍ଟ ଟେବୁଲରେ ଅଗ୍ରଣୀ ରହିଛନ୍ତି ।

ଛତିଶଗଡ଼ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଓପନର ରିଷଭ ତିୱାରୀ ଓ ଆଶୁତୋଷ ସିଂ ପ୍ରଥମ ଉଇକେଟ ଭାଗୀଦାରିରେ ୪୭ରନ୍ ଯୋଡ଼ିଥିଲେ । ରିଷଭଙ୍କୁ ୨୫ରନ୍‌ରେ ଗୋବିନ୍ଦ ପୋଦ୍ଦାର ଏଲବିଡବ୍ଲ୍ୟୁ କରି ଦଳ ନିମନ୍ତେ ପ୍ରଥମ ବ୍ରେକଥ୍ରୁ ଦେଇଥିଲେ। ଆଶୁତୋଷଙ୍କ ୩୮ ଓ ଅଧିନାୟକ ହରପ୍ରିତ ସିଂ ଭାଟିଆଙ୍କ ୪୩ରନ ବଳରେ ଦଳ ୧୦୦ରନ୍ ଅତିକ୍ରମ କରିଥିଲା । ଓଡ଼ିଶା ପକ୍ଷରୁ ଅନୁରାଗ ଷଡ଼ଙ୍ଗୀ ଛତିଶଗଡ଼ର ମଧ୍ୟକ୍ରମ ବ୍ୟାଟ୍ସମ୍ୟାନମାନଙ୍କ ଉଇକେଟ ଦଖଲ କରିବା ଫଳରେ ଦଳ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲା। ଅମନଦୀପ ଖାରେ ୨୯, ସୁମିତ ରୁଇକାର ୧୬, ସକିବ ଅହମ୍ମଦ ୩୮ରନ୍ କରିଥିବା ବେଳେ ଅନ୍ୟ କେହି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ । ଛତିଶଗଡ଼ ସମସ୍ତ ଉଇକେଟ ହରାଇ ୨୧୨ ରନ୍ କରିଥିଲା । ଓଡ଼ିଶା ପକ୍ଷରୁ ଅନୁରାଗ ସର୍ବାଧିକ ୩ଟି ଉଇକେଟ ଦଖଲ କରିଥିବା ବେଳେ ସୂର୍ଯ୍ୟକାନ୍ତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ, ପପୁ ରାୟ, ଅଭିଷେକ ରାଉତ ଗୋଟିଏ ଲେଖାଏ ଉଇକେଟ ପାଇଛନ୍ତି । ଜବାବରେ ଓଡ଼ିଶା ୨୩ରନ୍‌ରେ ୨ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା । ଓପନର ଅନୁରାଗ ଷଡ଼ଙ୍ଗୀ ୨୧ ଓ ଅଧିନାୟକ ଗୋବିନ୍ଦ ୧ରନ୍‌ରେ ଆଉଟ ହୋଇଥିଲେ । ପରେ ଅନ୍ୟତମ ଓପନର ରାଜେଶ ଧୂପର ଓ ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ମଧ୍ୟରେ ୬୭ରନ୍‌ର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ସୃଷ୍ଟି ହୋଇଥିଲା । ମାତ୍ର ରାଜେଶ ଓ ବିପ୍ଳବ ଉଭୟ ୩୮ରନ୍ ଲେଖାଏ କରିଥିବା ବେଳେ ପ୍ୟାଭିଲିୟନ ଫେରିଯିବା ପରେ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା । ପରେ କ୍ରିଜକୁ ଆସିଥିବା ଶୁଭ୍ରାଂଶୁ ସେନାପତି ୨, ସୁଜିତ ଲେଙ୍କା ୧୬, ଅଭିଷେକ ରାଉତ ୯ରନ୍‌ରେ ଆଉଟ ହୋଇଥିଲେ । ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ପ୍ରୟାସ ସିଂ ୨୫ରନ୍ କରିଥିବା ବେଳେ ଦୀପକ ବେହେରା, ସୂର୍ଯ୍ୟକାନ୍ତ ପ୍ରଧାନ ୩ରନ୍ ଲେଖାଏ ଓ ପପୁ ରାୟ ୬ରନ୍‌ରେ ଆଉଟ ହୋଇଥିଲେ । ଫଳରେ ଓଡ଼ିଶା ୧୬୪ରନ୍‌ରେ ଅଲଆଉଟ ହୋଇଥିଲା । ଛତିଶଗଡ଼ ପକ୍ଷରୁ ପଙ୍କଜ ରାଓ ଓ ଶିବେନ୍ଦ୍ର ସିଂ ୩ଟି ଲେଖାଏ ଉଇକେଟ ଦଖଲ କରିଥିଲେ ।

### ଯୋଗଦେଲେ ରୋଶନ, ଆଶୁତୋଷ, ଶୁଭମ

ଚଳିତ ବିଜୟ ହଜାରେ ଟ୍ରଫିର ବଳକା ଦୁଇଟି ମ୍ୟାଚ୍ ନିମନ୍ତେ ଓଡ଼ିଶା ଦଳରେ ପରିବର୍ତ୍ତନ ଅଣାଯାଇଛି । ଦଳରେ ରହିଥିବା ପେସ୍ ବୋଲର ଦେବବ୍ରତ ପ୍ରଧାନଙ୍କ ସ୍ଥାନରେ ଆଶୁତୋଷ ଦାସ, ଉଇକେଟ କିପର ସୁଜିତ ଲେଙ୍କାଙ୍କ ସ୍ଥାନରେ ପି.ରୋଶନ କୁମାର ରାଓ ଓ ସ୍ପିନର କ୍ରିଷ୍ଣା ପଲାଇଙ୍କ ସ୍ଥାନରେ ଶୁଭମ ନାୟକଙ୍କୁ ଦଳରେ ସାମିଲ କରାଯାଇଛି ବୋଲି ରାଜ୍ୟ ସିନିୟର ଦଳ ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତି ସୂଚନା ଦେଇଛନ୍ତି ।

### ପାରା ଏସିଆନ ଗେମ୍ସ: ଥାଙ୍ଗାଭେଲୁ ଜାତୀୟ ପତାକା ବାହକ

**ନୂଆଦିଲ୍ଲୀ, ୨।୧୦ (ପି.ଟି.):** ଅକ୍ଟୋବର ୬ରୁ ୧୩ ପର୍ଯ୍ୟନ୍ତ ଜାକର୍ତ୍ତାଠାରେ ତୃତୀୟ ପାରା ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଜାତୀୟ ପତାକା ଧରିବା ଲାଗି ମଙ୍ଗଳବାର ରିଓ ପାରାଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଥାଙ୍ଗାଭେଲୁ ମାରିୟାପ୍ପାନଙ୍କୁ ମନୋନୀତ କରାଯାଇଛି। ଆଥଲେଟ୍, କୋଚ୍, ସହଯୋଗୀ ଷ୍ଟାଫ, ତତ୍ତ୍ୱାବଧାରକ ଏବଂ ଅଫିସିଆଲଙ୍କ ସମେତ ୩୦୨ ଜଣିଆ ଦଳ ଜାକର୍ତ୍ତା ପାରା ଏସିଆନ ଗେମ୍ସ ପାଇଁ ମନୋନୀତ ହୋଇଛନ୍ତି। ଏଣ୍ଟ୍ରି ଫି' ପଇଠ କରି ନ ଥିବାରୁ ପ୍ରଥମ ପର୍ଯ୍ୟାୟରେ ସୋମବାର ଜାକର୍ତ୍ତାଠାରେ ପହଞ୍ଚିଥିବା ଭାରତୀୟ ପ୍ରତିନିଧି ଦଳଙ୍କୁ ଗେମ୍ସ ଭିଲେଜ ମଧ୍ୟକୁ ଛଡ଼ା ଯାଇ ନ ଥିଲା। ମାତ୍ର ପରବର୍ତ୍ତୀ କାଳରେ ଏହି ସମସ୍ୟାର ସମାଧାନ ହୋଇଯାଇଛି।




### ଟି୨୦ ଦୃଷ୍ଟିହୀନ କ୍ରିକେଟ
## ଇଂଲଣ୍ଡକୁ ହରାଇଲା ଭାରତ

**ଭୁବନେଶ୍ୱର, ୨।୧୦(କ୍ରୀଡ଼ା ପ୍ରତିନିଧି)**

ବେଙ୍ଗାଲୁରୁଠାରେ ଭାରତ–ଇଂଲଣ୍ଡ ୩ ମ୍ୟାଚ ବିଶିଷ୍ଟ ଟି୨୦ ଦୃଷ୍ଟିହୀନ କ୍ରିକେଟ ସିରିଜ ଆରମ୍ଭ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ୭ ଉଇକେଟରେ ଇଂଲଣ୍ଡକୁ ହରାଇ ୧–୦ରେ ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ଇଂଲଣ୍ଡ ଅଧିନାୟକ ଏଡ୍ ହୋସେଲ ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ମ୍ୟାଚରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ଓଡ଼ିଶାର ନକୁଳ ନାୟକ ପ୍ରଥମ ବଲ୍‌ରେ ମ୍ୟାଟ ଡିନ୍‌ଙ୍କୁ ଆଉଟ କରି ଭାରତ ପାଇଁ ଚମତ୍କାର ଆରମ୍ଭ କରିଥିଲେ। ମାତ୍ର ଲ୍ୟୁକ ସଗ୍ ଓ ପିଟର ବ୍ଲୁଇଟ ସତର୍କତାର ସହ ବ୍ୟାଟିଂ କରି ଦଳକୁ ଏକ ସମ୍ମାନଜନକ ସ୍କୋର ଆଡ଼କୁ ନେଇ ଯାଇଥିଲେ। ମଧ୍ୟଭାଗରେ ଭାରତୀୟ ବୋଲରମାନେ ରନହାରରେ ଅଙ୍କୁଶ ଲଗାଇବାରେ ସକ୍ଷମ ହୋଇଥିଲେ ହେଁ ଶେଷ ଭାଗରେ ଜଷ୍ଟିନ ୧୦ ବଲ୍‌ରୁ ୨୨ ରନ କରିବାରୁ ଇଂଲଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୫୦ ରନ କରିବାକୁ ସକ୍ଷମ ହୋଇଥିଲା। ଇଂଲଣ୍ଡ ପକ୍ଷରୁ ପିଟର ସର୍ବାଧିକ ୪୦ ରନ ସ୍କୋର କରିଥିଲେ। ଭାରତର ଆରମ୍ଭ ବହୁତ ବଢ଼ିଆ ରହିଥିଲା। ସୁନୀଲ ରମେଶ ଓ ନକୁଳ ଓପନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ି ଦଳର ବିଜୟକୁ ସହଜ କରି ଦେଇଥିଲେ। ନକୁଳ ୨୭ ରନ କରି ଆଉଟ ହୋଇଥିବାବେଳେ ରମେଶ ୧୦୮ ରନରେ ଅପରାଜିତ ରହିଥିଲେ। ଭାରତ ମାତ୍ର ୧୨.୩ ଓଭରରେ ୩ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରି ନେଇଥିଲା। ସିରିଜର ପରବର୍ତ୍ତୀ ମ୍ୟାଚ ବୁଧବାର ଅନୁଷ୍ଠିତ ହେବ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଚୋରି ଫୋନ୍ ଆକ୍ଟିଭ୍ ପରେ ସୁରାକ୍ ମିଳିଲା

# ସିରିଜ୍ ଚୋରି ଘଟଣାର ପର୍ଦ୍ଦାଫାଶ





ଏସ୍‌ପି ଦେବୀପ୍ରସାଦ ଦାଶ ଖବରଦାତା ସମ୍ମିଳନୀରେ ଚୋରି ସମ୍ପର୍କରେ ସୂଚନା ଦେଉଛନ୍ତି (ବାମ)। ଜବତ ହୋଇଥିବା ସାମଗ୍ରୀ ଏବଂ ଉଦ୍ଧାର ସୁନା ବିସ୍କୁଟ୍ (ଇନ୍‌ସେଟ୍)।

- ମୁଖ୍ୟ ଅଭିଯୁକ୍ତ, ଜୁଏଲାରି ମାଲିକଙ୍କ ସମେତ ୪ଗିରଫ
- ସୁନା ବିସ୍କୁଟ ସହ ୯ଲକ୍ଷ ଟଙ୍କାର ସାମଗ୍ରୀ ଉଦ୍ଧାର
- ବଲାଙ୍ଗୀରରେ ଡାକ୍ତରଙ୍କ ଘରୁ ମିଳିଲା ସୁନା ବିସ୍କୁଟ

**ସୋନପୁର, ୨।୧୦(ନି.ପ୍ର.)**

ସୁବର୍ଣ୍ଣପୁର ସହରରେ ହୋଇଥିବା ସିରିଜ୍ ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ଟାଉନ ଥାନା ପୋଲିସ ସୋନପୁର ଓ ବଲାଙ୍ଗୀରରେ ଚଢାଉ କରି ମୁଖ୍ୟ ଅଭିଯୁକ୍ତ ଏବଂ ଜୁଏଲାରି ମାଲିକଙ୍କ ସମେତ ମୋଟ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ୧୦୦ଗ୍ରାମ ଓଜନର ସୁନା ବିସ୍କୁଟ ଓ ପ୍ରାୟ ୯ ଲକ୍ଷ ଟଙ୍କାର ସାମଗ୍ରୀ ଉଦ୍ଧାର କରାଯାଇଛି। ସୋନପୁର ଥାନାରେ ଗତ ୨ମାସ ମଧ୍ୟରେ ରୁଜୁ ହୋଇଥିବା ୪ଟି ମାମଲାର ସମସ୍ତ ଚୋରି ସାମଗ୍ରୀ ଉଦ୍ଧାର ହୋଇ ପାରିଛି । ମୁଖ୍ୟ ଅଭିଯୁକ୍ତ ସୋନପୁର ଘୋଡାଘାଟପଡାର ଅଭିଳାଷ ମିଶ୍ର(୨୫), ତାଙ୍କ ସହଯୋଗୀ ନାବାଳକ, ବଲାଙ୍ଗୀର ଜଗନ୍ନାଥପଡାସ୍ଥିତ ଗାୟତ୍ରୀ ଅଳଙ୍କାର ଦୋକାନର ମାଲିକ ଲକ୍ଷ୍ମୀ ନାରାୟଣ ନନ୍ଦ(୪୬) ଓ ମଧ୍ୟସ୍ଥି ବଲାଙ୍ଗୀର ଜିଲା ପୁଇଁତଲା ଥାନା ଛତାମଖନାର ଗୀତାନନ୍ଦ ଶତପଥୀ(୩୦)ଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସ୍ଥାନୀୟ ପୋଲିସ ପାଇଁ ଏହା ଏକ ବଡ ସଫଳତା ବୋଲି ଏସ୍‌ପି ଦେବୀପ୍ରସାଦ ଦାଶ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ସୋନପୁର ଆଦର୍ଶ ବିଦ୍ୟାଳୟରୁ ୩ଟି କମ୍ପ୍ୟୁଟର ସିଷ୍ଟମ ଗତ ଅଗଷ୍ଟ ୧୦ତାରିଖରେ ଚୋରି ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାହୁ ଏ ନେଇ ଅଭିଯୋଗ କରିବା ପରେ ଥାନାରେ ମାମଲା ରୁଜୁ ହୋଇଥିଲା। ସେହିପରି ସେପ୍ଟେମ୍ବର ୧୦ତାରିଖରେ ଘରେ କେହି ନଥିବା ବେଳେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ନୀଳମଣି ସେନାପତିଙ୍କ ବାସଭବନରୁ ବଡ ଧରଣର ଚୋରି ହୋଇଥିଲା। ୮୮ଗ୍ରାମର ସ୍ୱର୍ଣ୍ଣ ଅଳଙ୍କାର, ୪୩ ଇଞ୍ଚର ଗୋଟିଏ ଏଲଇଡି ଟିଭି, ଗୋଟିଏ ସୋନି ହେଣ୍ଡିକମ୍ କ୍ୟାମେରା, ୨ଟି ହାତଘଣ୍ଟା, ଗୋଟିଏ ଲ୍ୟାପଟପ, ୨ଟି ଦାମୀ ମୋବାଇଲ ଫୋନ ଓ ଗୋଟିଏ ଜେବିଏଲ ବ୍ଲୋଟର୍ଚ୍ଚ ସ୍ପିକର ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ସେପ୍ଟେମ୍ବର ୧୪ତାରିଖରେ ପଟାଭାଡି ଅଞ୍ଚଳର ଗୀତାଞ୍ଜଳି ବହିଦାରଙ୍କ ଘରୁ ସ୍ୱର୍ଣ୍ଣ ଅଳଙ୍କାର ଓ ପୂର୍ବରୁ ବ୍ଲକ ଛକ ଅଞ୍ଚଳର ବିକ୍ରମ ଦାସଙ୍କ ଘରୁ ଗୋଟିଏ ଆଇ ବଲ ଟାବଲେଟ୍ ଚୋରି ହୋଇଥିଲା। ଅଭିଳାଷ ତାର ସହଯୋଗୀଙ୍କ ସହିତ ଏ ସବୁ ଚୋରି କରିଥିଲେ। ସ୍ୱର୍ଣ୍ଣ ଅଳଙ୍କାରଗୁଡିକୁ ସେ ବଲାଙ୍ଗୀର ଗାୟତ୍ରୀ ଅଳଙ୍କାର ଦୋକାନ ମାଲିକ ଲକ୍ଷ୍ମୀନାରାୟଣ ନନ୍ଦଙ୍କୁ ବିକ୍ରି କରିଥିଲେ। ଅଳଙ୍କାରଗୁଡିକୁ ତରଳାଇବା ପରେ ତାହା ୭୧ଗ୍ରାମ ୨୪୦ମିଲିଗ୍ରାମ ହୋଇଥିଲା। ଲକ୍ଷ୍ମୀନାରାୟଣଙ୍କଠାରୁ ଅଭିଳାଷ ଏ ବାବଦରେ ୨ଲକ୍ଷ ୧୭ ହଜାର ଟଙ୍କା ଆଣିଥିଲେ। ଏ କ୍ଷେତ୍ରରେ ମୁଖ୍ୟ ଅଭିଯୁକ୍ତ ଅଭିଳାଷଙ୍କ ସହିତ ଜୁଏଲାରି ମାଲିକଙ୍କର ପରିଚୟ ତାଙ୍କ ସମ୍ପର୍କୀୟ ଭାଇ ଗୀତାନନ୍ଦ ଶତପଥୀ କରାଇଥିଲେ। ଅନ୍ୟ ସବୁ ଚୋରି ସାମଗ୍ରୀ ବିକ୍ରି କରିବାକୁ ସୁଯୋଗ ନ ପାଇ ଅଭିଳାଷ ନିଜ ଘୋଡାଘାଟପଡାସ୍ଥିତ ବାସଭବନରେ ରଖିଥିଲେ। ଅନ୍ୟପକ୍ଷେ ସହରରେ ଏକାପ୍ରକାରର ସିରିଜ୍ ଚୋରି ଘଟଣାରେ ସ୍ଥାନୀୟ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରି ପୋଲିସ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ନଜର ରଖିଥିଲା। ଅଭିଳାଷ ଚୋରି ମୋବାଇଲ ଫୋନ୍ ଆକ୍ଟିଭ୍ କରିବା ପରେ ହିଁ ଆଇଟି ସେଲ ସହଯୋଗରେ ତାଙ୍କ ସମ୍ପର୍କରେ ପୋଲିସକୁ ସୁରାକ୍ ମିଳିଥିଲା। ସୋମବାର ଆଇଆଇସି ଶ୍ରୀକାନ୍ତ ତ୍ରିପାଠୀଙ୍କ ନେତୃତ୍ୱରେ ଏଏସଆଇ ଦୁର୍ଯ୍ୟୋ ଭୁଆ ଓ ପୋଲିସ ଟିମ୍ ଘୋଡାଘାଟପଡାରେ ଚଢାଉ କରି ଅଭିଳାଷଙ୍କୁ ଗିରଫ କରିଥିଲା। ତଦନ୍ତ ସମୟରେ ଅଭିଳାଷ ସମସ୍ତ କଥା ସ୍ୱୀକାର କରିଥିଲା। ତାଠାରୁ ଚୋରି ସାମଗ୍ରୀ ସହିତ ଅଳଙ୍କାର ବିକ୍ରି ଟଙ୍କାରେ କିଣିଥିବା ୯୦ହଜାର ଟଙ୍କା ମୂଲ୍ୟର ୟାମାହା ଆର୧୫ ବାଇକ୍ ନଂ ଓଡି୦୨ଏପି-୪୭୬୧, ୨୫ହଜାର ଟଙ୍କାର କ୍ୟାମେରା ଆଦି ଜବତ ହୋଇଛି। ସେହିପରି ନିଜ ମା’ଙ୍କୁ ଘର ଖର୍ଚ୍ଚ ପାଇଁ ୧୭ହଜାର ଟଙ୍କା ଦେଇଥିବା ବେଳେ ନିଜେ ୩୦ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ସହଯୋଗୀ ନାବାଳକଙ୍କୁ ୩ହଜାର ଟଙ୍କା ଓ ଅଳଙ୍କାର ବିକ୍ରିରେ ମଧ୍ୟସ୍ଥି ସାଜିଥିବା ସମ୍ପର୍କୀୟ ଭାଇଙ୍କୁ ୨୫ ହଜାର ଟଙ୍କା ଦେଇଥିବା ପୋଲିସ ସମ୍ମୁଖରେ ଅଭିଳାଷ ମାନିଛି। ଅନ୍ୟପକ୍ଷେ ଜୁଏଲାରି ମାଲିକ ତରଳା ଯାଇଥିବା ସୁନାରେ ଆଉ ୨୯ ଗ୍ରାମ ମିଶାଇ ମୋଟ ୧୦୦ଗ୍ରାମ ସୁନା ବିସ୍କୁଟ୍ ୩ ଲକ୍ଷ ଟଙ୍କା ମୂଲ୍ୟରେ ବଲାଙ୍ଗୀର ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ ଭେଷଜ ବିଶେଷଜ୍ଞଙ୍କୁ ବିକ୍ରି କରିଥିଲେ । ଡାକ୍ତରଙ୍କ ଘରୁ ପୋଲିସ ସୋମବାର ଏହି ସୁନା ବିସ୍କୁଟ୍ ଜବତ କରିଛି । ତେବେ ସମ୍ପୃକ୍ତ ଡାକ୍ତର ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଭାଇ ହୋଇ ଥିବାରୁ ପୋଲିସ ଏହାକୁ ଗୁପ୍ତ ରଖି ଜୁଏଲାରି ମାଲିକଙ୍କଠାରୁ ଜବତ କରିଥିବା ଗଣମାଧ୍ୟମକୁ ସୂଚନା ଦେଇଛି । ଏ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ପି ଦେବୀପ୍ରସାଦ ଦାଶ କହିଛନ୍ତି। ସମ୍ମିଳନୀରେ ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ ଗଣମାଧ୍ୟମ ସମ୍ମୁଖରେ ପ୍ରଦର୍ଶିତ କରାଯାଇଥିଲା। ସୋନପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ମିହିର କୁମାର ପଣ୍ଡା ଓ ଆଇଆଇସି ଶ୍ରୀକାନ୍ତ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ ।







Regd Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For more information, contact nearest Hero MotoCorp's authorised outlet or call Toll Free No.: 1800-266-0018 or visit heromotocorp.com. Always wear a helmet while riding a two-wheeler. Accessories and features shown may not be part of standard fitment. #Finance available at the sole discretion of the financiers. For more details please contact the nearest Hero MotoCorp dealership. *Terms and Condition apply. Offers valid in select states only. Limited period offers.

FINANCE PARTNER HeroFinCorp. HDFC BANK We understand your world IndusInd Bank

For Institutional and Bulk Sales please write to Kolkata@heromotocorp.com



ରାଗିବା ପୂର୍ବରୁ ହଠାତ୍ ସ୍ଥିର ହୋଇଯାଅ, ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତା କର।
- କନ୍‌ଫୁସିୟସ



## ସଂକ୍ଷେପରେ

### ଶୌଣ୍ଡିକ ସମାଜର ନୂଆଁଖାଇ ଭେଟ୍‌ଘାଟ୍

ପଦ୍ମପୁର,୨।୧୦ (ଡି.ଏନ୍.ଏ.)
ପଦ୍ମପୁର ପୁରୋହିତ କଲ୍ୟାଣ ମଣ୍ଡପଠାରେ ତୁଳାରାମ ବେହେରାଙ୍କ ସଭାପତିତ୍ୱରେ ଶୌଣ୍ଡିକ ସମାଜର ନୂଆଁଖାଇ ଭେଟ୍‌ଘାଟ୍ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଅଞ୍ଚଳରୁ ପ୍ରାୟ ୫୦୦ ଊର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ଏକ ମହାସଭା ଆୟୋଜନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ଆନନ୍ଦ ବେହେରା, ଟଙ୍କଧର ବେହେରା, ଭୁବନେଶ୍ୱର ସାହୁ, ସୁବଳ ବେହେରା, ଜଗତ ବେହେରା, ନବିନ ବେହେରା, ଶକ୍ରାଜିତ ବେହେରା, ବୁଦ୍ଧମଣି ବେହେରା, ରାଜକିଶୋର ବେହେରା, କାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ଯୁବ କଳାକାରଙ୍କ ପରଲୋକ

ପଦ୍ମପୁର, ୨।୧୦ (ଡି.ଏନ.ଏ)-
ପଦ୍ମପୁର ବ୍ଲକ ଅଞ୍ଚଳର ଯୁବ କଳାକାର ତଥା ସଂସ୍କୃତି ପ୍ରେମୀ ପ୍ରମୋଦ ଚିନ୍ଦ୍ରା (୨୨)ଙ୍କ ପରଲୋକ ହୋଇଯାଇଛି। ସେ ବ୍ରାହ୍ମଣଡିହି ଯୁବ ତାରକା କଳା ପରିଷଦର ପ୍ରତିଷ୍ଠାତା ସଦସ୍ୟ ଥିଲେ। ଏହି ଅବସରରେ ଯୁବ ତାରକା ସାଂସ୍କୃତିକ ପରିଷଦ ପକ୍ଷରୁ ସୋମବାର ସଭାପତି ପ୍ରକାଶ ଚିନ୍ଦ୍ରା, ସମ୍ପାଦକ ସୁରେଶ ମେହେରଙ୍କ ପକ୍ଷରୁ ଏକ ଶୋକସଭା କରାଯିବା ସହ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ଟିଲୁନୁ ଝେକାର, ରବୀନ୍ଦ୍ର ସାହୁ, ନାରାୟଣ ମହାନନ୍ଦ, ଚୁନୁ ମେହେର, ଖେମରାଜ ଚିନ୍ଦ୍ରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ସାଧାରଣ ପରିଷଦ ବୈଠକରେ ମତ

# କୋସଲ ଆନ୍ଦୋଳନ ପ୍ରତି ବଢୁଛି ସମର୍ଥନ

ବରଗଡ଼ ଅଫିସ୍,୨।୧୦

କୋସଲ ଆନ୍ଦୋଳନ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଆନ୍ଦୋଳନ ପ୍ରତି ଜନ ସମର୍ଥନ ବଢି ଚାଲିଛି। ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ତଥା ବିଧାୟକ, ଏମ୍‌ପିମାନେ ଆନ୍ଦୋଳନ ପ୍ରତି ଯୋଡ଼ି ହେବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି। କୋସଲ ଯୁବ ସମନ୍ୱୟ ସମିତି ମାଧ୍ୟମରେ ବହୁ ସଂଖ୍ୟାରେ ଯୁବକମାନେ କୋସଲ ଆନ୍ଦୋଳନରେ ସାମିଲ ହୋଇ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ସହଯୋଗ କରୁଛନ୍ତି। ମୋର୍ ପଞ୍ଚାୟତ୍, କୋସଲ ପଞ୍ଚାୟତ୍ କାର୍ଯ୍ୟକ୍ରମ ମାଧ୍ୟମରେ କେସଲାଞ୍ଚଳର ପ୍ରାୟ ୨ଶହ ପଞ୍ଚାୟତରେ କୋସଲ ପଞ୍ଚାୟତ ଗଠିତ ହୋଇ ସାରିଥିବା ବେଳେ ଆଗାମୀ ଦିନରେ କୋସଲ ପାଇଁ ନାଗରିକ କାର୍ଯ୍ୟକ୍ରମ ମାଧ୍ୟମରେ ବୁଦ୍ଧିଜୀବୀ ତଥା ବରିଷ୍ଠ ନାଗରିକମାନଙ୍କ ସମର୍ଥନ ଜୁଟାଯିବ। ଅନ୍ଦୋଳନକୁ ତିବ୍ରତର କରିବା ପାଇଁ ଆଗାମୀ ଦିନରେ କୋସଲ ମହାବନ୍ଦ, କୋସଲ ପାଇଁ ଦିଲ୍ଲୀ ଯାତ୍ରା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବରଗଡ଼ ପୁରୋହିତ ଭବନରେ ମଙ୍ଗଳବାର ଅନୁଷ୍ଠିତ କୋସଲ ରାଜ୍ୟ ସମନ୍ୱୟ ସମିତିର ସାଧାରଣ ପରିଷଦର ସାମ୍ବିଧାନିକ ବୈଠକରେ ସମିତି ମୁଖ୍ୟ ସଂଯୋଜକ ପ୍ରମୋଦ ମିଶ୍ର ଏହା କହି କୋସଲ ଆନ୍ଦୋଳନ ପାଇଁ ହେଉଥିବା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ।






ବୈଠକରେ ମୁଖ୍ୟ ସଂଯୋଜକ ନିଜ ବକ୍ତବ୍ୟ ରଖୁଛନ୍ତି (ଉପର)। ବୈଠକରେ ଉପସ୍ଥିତ ଲୋକେ।

ବୈଠକର ପ୍ରାରମ୍ଭରେ ଯୁଗ୍ମ ସଂଯୋଜକ ସୁନୀଲ ପୁରୋହିତ ପ୍ରାରମ୍ଭିକ ସୂଚନା ଦେବା ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ କୋସଲାଞ୍ଚଳର ସମସ୍ତ ଜିଲାର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ପଶ୍ଚିମଓଡ଼ିଶା ଆଦିବାସୀ କଲ୍ୟାଣ ସଂଘର ସାଧାରଣ ସମ୍ପାଦକ ନିରଞ୍ଜନ ବିଶି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଦିବାସୀ କଲ୍ୟାଣ ସଂଘ ସମସ୍ତ ପଞ୍ଚାୟତରେ କାର୍ଯ୍ୟ କରିବ ବୋଲି ମତାମତ ଦେଇଥିଲେ। ବିଭିନ୍ନ ଜିଲାରୁ ଆସିଥିବା ପ୍ରତିନିଧିମାନେ ନିଜ ମତାମତ ରଖି ସମସ୍ତ କାର୍ଯ୍ୟକ୍ରମକୁ ସଫଳତାର ସହିତ ଆୟୋଜନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ସମ୍ମିଳନୀରେ ବିଭିନ୍ନ ସ୍ଥାନୀୟ ସମସ୍ୟାକୁ ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଫସଲବୀମା ପ୍ରଦାନରେ ହୋଇଥିବା ତ୍ରୁଟି ବିରୋଧରେ ଚାଷୀମାନେ କରୁଥିବା ଆନ୍ଦୋଳନରେ ଯୋଗଦାନ ପୂର୍ବକ ସହଯୋଗ କରିବା, ପଦ୍ମପୁରସ୍ଥିତ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ୟୁନିଟକୁ ବନ୍ଦ କରିବାର ମସୁଧାକୁ ବିରୋଧ, ସରକାରୀ ବସଗୁଡ଼ିକରେ ଭୁବନେଶ୍ୱରର ଏକ ଘରୋଇ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଉତ୍କଳ ଜଳ ନାମକ ବୋତଲ ପାଣି ବିକ୍ରିକୁ ବିରୋଧ, ଧାନ କିଣାବିକା କମିଶନ ରୂପକ ଆୟରୁ ୩୦ ପ୍ରତିଶତ ପୂର୍ବାଞ୍ଚଳର ସମବାୟ ସମିତିକୁ ପ୍ରଦାନ ନେଇ ଚାଲିଥିବା ମସୁଧାକୁ ବିରୋଧ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ କାର୍ତ୍ତିକ ତରିଆ, ନାରୀନେତ୍ରୀ ରଞ୍ଜୁ ରାଏମନ, ନରେନ୍ଦ୍ର ହୋତା, ଡମ୍ବରୁଧର କହଁର, ବିରେନ୍ଦ୍ର ପାଣିଗ୍ରାହୀ, ଯତୀନ୍ଦ୍ର ମୁଣ୍ଡ, ମନୋରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ସ୍ୱଚ୍ଛ ଭାରତ ଅଭିଯାନ, ଝାଡୁ ମାରିଲେ ଜିଲାପାଳ

ବରଗଡ଼ ଅଫିସ୍,୨।୧୦

ରେଡ଼କ୍ରସ ପକ୍ଷରୁ ମଙ୍ଗଳବାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଝାଡୁ ମାରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହା ସହିତ ଜିଲାପାଳ ଉପସ୍ଥିତ ଅନ୍ୟ ପ୍ରଶାସନିକ ଓ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ସ୍ୱଚ୍ଛତା ଉପରେ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର ସାମିଲ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପିରାମ ମାଝି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଦୋରା, ଡେପୁଟି କଲେକ୍ଟର ଦଶରଥ ଭୋଇ, ଜିଲା ପ୍ରୋଗ୍ରାମ ଅଫିସର ରାକେଶ ନାୟକ, ଡା. ଭୀମ ସାହୁ, ଡା. ଏସ.ସି ଦାଶ, ଡା. ଭୀମ ସାହୁ, ଜିଲା ରେଡ଼କ୍ରସ ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ବରଗଡ଼ ଜିଲାପାଳ ଝାଡୁ ମାରୁଛନ୍ତି।

# ପାଇପ ମିସ୍ତ୍ରିଙ୍କ ମୃତଦେହ ଉଦ୍ଧାର

ବରଗଡ଼ ଅଫିସ୍,୨।୧୦

ବରଗଡ଼ ସହରର ଖଜୁରଟିକ୍ରାର ଏକ ଭଡ଼ାଘରୁ ମଙ୍ଗଳବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଟାଉନ ଥାନା ପୋଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ଘୁଲିପାଲିର ମୂଳ ବାସିନ୍ଦା ବିବେକା ଦୋରା(୩୦)। ସେ ଜଣେ ପାଇପ ମିସ୍ତ୍ରିଭାବେ କାମ କରୁଥିଲେ। ତାଙ୍କ ମୃତ୍ୟୁକୁ ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ସେ ଆତ୍ମହତ୍ୟା କରିଛନ୍ତି ନା ଏହା ପଛରେ ଅନ୍ୟ କିଛି ରହସ୍ୟ ରହିଛି, ତାକୁ ନେଇ ଚର୍ଚ୍ଚା ହେଉଛି। ପୋଲିସ ମୃତଦେହ ଜବତ କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇବା ସହିତ ଏହାର ଅଧିକ ତଦନ୍ତ ଚଳାଇଛି।

### ଯୁବ ଶିକ୍ଷକଙ୍କ ଆତ୍ମହତ୍ୟା

ପାଇକମାଳ,୨।୧୦(ଡି.ଏନ.ଏ)
ପାଇକାମଳ ବ୍ଲକ ଜର୍ଜଗଡଠାରେ ରହୁଥିବା ଯୁବ ଶିକ୍ଷକ ସୁଦୀପ୍ତ ମହାନନ୍ଦ(୩୫) ସୋମବାର ରାତିରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ସୁଦୀପ୍ତ ନୂଆପଡ଼ା ଜିଲା କୁସମପାଲି ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ପୋଲିସ ଏକ ସୁଇସାଇଡାଲ ନୋଟ ଜବତ କରିଛି। ସୁଦୀପ୍ତ ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି ବୋଲି ଏଥିରେ ଉଲ୍ଲେଖ କରିଥିବା ଜଣାପଡିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୭/୧୮) ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ସୁଦୀପ୍ତଙ୍କୁ ହରାଇ ପରିବାର ଲୋକେ ଭାଙ୍ଗି ପଡିଛନ୍ତି।

# ନୂଆଁ ଗୁଡ଼େଶିରାରେ ସ୍ୱଚ୍ଛଭାରତ ଅଭିଯାନ

ବରଗଡ଼ ଅଫିସ୍,୨।୧୦

ବରଗଡ଼ ବ୍ଲକ ଅଧୀନ ଗୁଡ଼େଶିରା ପଞ୍ଚାୟତର ନୂଆଁ ଗୁଡ଼େଶିରା ୟୁଜିଏମ୍‌ଇ ସ୍କୁଲରେ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପିଟିସି ଇଣ୍ଡିଆ ଏବଂ ସିଡ୍/ସିଏସ୍‌ଆର ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରୂପଧର ଥପା, ପ୍ରଧାନ ଶିକ୍ଷକ ସୁନ୍ଦରମଣି ଦାଶ, ସ୍କୁଲ ଚେୟାରମ୍ୟାନ ଅଭିମନ୍ୟୁ ଛତର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିବା ବେଳେ ସ୍କୁଲ ପରିସରରେ ସଫେଇ କାର୍ଯ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରୁ ଆସିଥିବା ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ଗ୍ରାମ୍ୟ ଉନ୍ନୟନ କମିଟି ଗଠନ କରାଯାଇଥିଲା। କମିଟି ଗଠନ ବୈଠକରେ ସିଡ୍/ସିଏସ୍‌ଆର ଦିଲ୍ଲୀରୁ ଆସିଥିବା ସିନିୟର ମ୍ୟାନେଜର ଶଶାଙ୍କ ସରକାର, ପିଟିସି ପ୍ରଗତି, ବରଗଡ଼ କାର୍ଯ୍ୟକ୍ରମ ଅଧୀନରେ ହେବାକୁ ଥିବା ଉନ୍ନତିମୂଳକ ଯୋଜନା ଉପରେ ଆଲୋକପାତ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କୁ ପିଟିସି ପ୍ରଗତିର ପ୍ରୋଜେକ୍ଟ କୋ ଅର୍ଡ଼ିନେଟର ଜୟସିଂ ମହାପାତ୍ର ହାତଧୁଆର ୬ଟି ପଦ୍ଧତି ଉପରେ ବୁଝାଇଥିଲେ। ପିଟିସି ପ୍ରଗତିର ପ୍ରୋଜେକ୍ଟ ମ୍ୟାନେଜର ଅମଲ କୁମାର ସିଂ, ସରୋଜ ନାୟକ, ସତ୍ୟନାରାୟଣ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ସ୍ୱଚ୍ଛ ଭାରତ ଅଭିଯାନର ଶୋଭାଯାତ୍ରା।

### ଥାନାରେ ଭଙ୍ଗାରୁଜା, ପୋଲିସକୁ ଗାଳିଗୁଲଜ ମାମଲା

# ୨୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷଙ୍କୁ ଉଠାଇନେଲା ପୋଲିସ

ପଦ୍ମପୁର,୨।୧୦ (ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁରରେ ମଙ୍ଗଳବାର ପୋଲିସ ଚଢାଉ ନେଇ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଛାତ୍ର ନିଖୋଜ ଘଟଣା ନେଇ ଥାନାରେ ଭଙ୍ଗାରୁଜା, ପୋଲିସକୁ ଗାଳିଗୁଲଜ ମାମଲାରେ ୨୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷଙ୍କୁ ଘରୁ ଉଠାଇ ନେଇଛି ପୋଲିସ। ଅନ୍ୟ କେତେକ ଭୟରେ ଫେରାର୍ ହୋଇଯାଇଛନ୍ତି। ଗତ ୨୭ ତାରିଖ ପଦ୍ମପୁର ଥାନା ମୁରହାପାଲି ଗ୍ରାମର କିର୍ଲି ବାଗଙ୍କ ପୁତ୍ର ବାଳକୃଷ୍ଣ (୧୪) ନିଖୋଜ ହେବା ଘଟଣାରେ ଶନିବାର ଗ୍ରାମର ଶତାଧିକ ମହିଳା ପୁରୁଷ ଥାନା ଘେରାଉ କରିଥିଲେ। ଏପରି କି ଉତ୍ତ୍ୟକ୍ତ ଲୋକେ ଥାନା ପରିସରରେ ଥିବା ଫୁଲକୁଣ୍ଡ ଭଙ୍ଗାରୁଜା କରିବା ସହ ପୋଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ପଦ୍ମପୁର ଥାନା ପୋଲିସ ଏକ ମାମଲା (ନଂ. ୧୭୭/୧୮) ରୁଜୁ କରିଥିଲା। ପଦ୍ମପୁର ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ପଦ୍ମପୁର ଥାନା ଆଇଆଇସି କେ. ପ୍ରିୟଙ୍କା ରାଉତରାୟ, ବୁଡେନ ଥାନା ଅଧିକାରୀ ଆଲୋକ କୁମାର ବେହେରାଙ୍କ ସମେତ ପୋଲିସ ଅଧିକାରୀମାନେ ଗ୍ରାମରେ ଚଢ଼ାଉ କରି ୨୦ରୁ ଅଧିକ ମହିଳା, ପୁରୁଷଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଚଳାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଆହୁରି ଅନେକ ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ଆଇଆଇସି କେ. ପ୍ରିୟଙ୍କା ରାଉତରାୟ ସୂଚନା ଦେଇଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନ ଦେଖି ଅନେକ ଲୋକ ଗାଁରୁ ଫେରାର ହୋଇଥିବା ଜଣାପଡିଛି।

# ପନିକା ସମାଜର ରକ୍ତଦାନ ଶିବିର

ବରଗଡ଼ ଅଫିସ୍,୨।୧୦

ବରଗଡ଼ ପନିକା ଯୁବା ସଂଗଠନ ପକ୍ଷରୁ ମଙ୍ଗଳବାର ଗାନ୍ଧୀ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଜିଲା ମୁଖ୍ୟ ଡାକ୍ତରଖାନାରେ ଅନୁଷ୍ଠିତ ଏହି ଶିବିରରେ ଯୁବା ସଂଗଠନ କର୍ମକର୍ତ୍ତା, ସଭ୍ୟଙ୍କ ସମେତ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ପୌରାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପନିକା ଯୁବା ସଂଗଠନ ସଭାପତି ସୁନିଲ ବଘେଲ, ସମ୍ପାଦକ ଶୁଭମ ଦାସ, କୋଷାଧ୍ୟକ୍ଷ ଦିବ୍ୟାଂଶୁ କଟାରୀ, ପନିକା ସମାଜର ସମ୍ପାଦକ ମହେଶ ଦାସ, ମହିଳା ମଣ୍ଡଳୀର ମୁକ୍ତା ଦାସ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସମାଜର ସମସ୍ତ କର୍ମକର୍ତ୍ତା, ସଭ୍ୟବୃନ୍ଦ ସ୍ଥାନୀୟ ମହାତ୍ମା ଗାନ୍ଧୀ ଶିଶୁ ଉଦ୍ୟାନସ୍ଥିତ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ।




ରକ୍ତଦାନ ଶିବିରରେ ଉପସ୍ଥିତ ପନିକା ଯୁବା ସଂଗଠନର କର୍ମକର୍ତ୍ତା।

### ସପ୍ତମ ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

# ବରଗଡ଼କୁ ହରାଇ ପାଇକମାଲ ବିଜୟୀ

ବିଜେପୁର,୨।୧୦ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ବ୍ଲକ ଜାରିଂ ହାଇସ୍କୁଲ ପଡିଆରେ ସପ୍ତମ ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗୀତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଏମ୍‌ପି ଡ.ପ୍ରଭାସ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷାଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଧାୟିକା ରୀତା ସାହୁ, ବ୍ଲକ ଅଧ୍ୟକ୍ଷା ମାନିନୀ ଭୋଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ, କ୍ରୀଡ଼ା ଶିକ୍ଷକ ସଂଘ ସଭାପତି ତ୍ରୈଲୋକ୍ୟ ନାଏକ, ଜିଲା କ୍ରୀଡ଼ ନିରୀକ୍ଷକ ଗିରିଜା ପ୍ରସାଦ ନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ବରୁଣ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁନସୀ ପାତ୍ର ସଭାକୁ ସଞ୍ଚାଳନ କରିଥିଲେ। କ୍ରୀଡ଼ା ଶିକ୍ଷକ ସରୋଜ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ୧୭ ବର୍ଷରୁ କମ୍ ବୟସର ବାଳିକାବାଳକ ବିଭାଗରେ ସମୁଦାୟ ୧୨ଟି ବ୍ଲକରୁ ୧୭୦ ଜଣ ଖେଳାଳି ସାମିଲ ହୋଇଥିବା ବେଳେ ୩୦ଜଣ ଅଫିସିଏଲ କ୍ରୀଡ଼ା ଶିକ୍ଷକ ଯୋଗଦେଇଛନ୍ତି। ବରଗଡ ବନାମ ପାଇକମାଲ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ୨-୦ ଗୋଲରେ ବରଗଡକୁ ହରାଇ ପାଇକମାଲ ବିଜୟୀ ଘୋଷିତ ହୋଇଥିଲେ। ଗୌରାଙ୍ଗ ପାଣ୍ଡେ, ରାଜେନ୍ଦ୍ର ଭୋଇ, ଶ୍ରବଣ ପଧାନ, ମନୋଜ ସାହୁ ଖେଳ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ମଞ୍ଚରେ ବିଡିଓ ପଦ୍ମନାଭ ସାମନ୍ତରାୟ, ବିଇଓ ରାଧାକାନ୍ତ ଗଡତିଆ, ସରପଞ୍ଚ ପ୍ରଭାସିନୀ ବିଭାର, ସମିତି ସଭ୍ୟା ଅଦ୍ୟାଶା ସାହୁ, ଏବିଇଓ ସୁଶାନ୍ତ ପାଣ୍ଡେ ଓ ଚିତ୍ତରଞ୍ଜନ ପଧାନ, ସ୍କୁଲ ଚେୟାରମ୍ୟାନ ଜିତେନ୍ଦ୍ରୀୟ ଭୋଇ ଅତିଥିଭାବେ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନମୋହିଥିଲା।

# ଚିକିତ୍ସା ଲାଗି ଟଙ୍କା ବାଧକ୍

ବରଗଡ଼ ଅଫିସ୍,୨।୧୦

- ଝିଅ'ର ଚିକିତ୍ସା ଲାଗି ଜିଲାପାଳଙ୍କୁ ଫେରାଦ ହେଲେ ମା'
- ଆପ୍‌ନେର ଚିକିତ୍ସା ଲାଗି ଜିଲାପାଳଙ୍କୁ ଗୁହାରି କଲେ ଅନସୂୟା।

ବରଗଡ଼ ଜିଲା ପାଇକମାଲ ଥାନା ଅଧିନ୍ ପୁରେନା ଗାଁର ମା' ସୁରେଖା ଆର୍ ବାପ୍ ହେମନ୍ତ ଡନସନାଙ୍କର ଝି ଉଷାରାଣୀ(୧୦)। ଏହେଦେ ଗାଁ ସ୍କୁଲ୍‌ରେ ସେ ପଁଚମ୍ ପଢୁଛନ୍। ଜନମ୍‌ରୁ ସେ ୬ ବଛର ତକ୍ ନିରୁଜ୍ ଥିଲେ। ଯେତେବେଲେ ଉଷାରାଣୀକେ ୬ ବଛର ଡେଗ୍‌ଲା ତାରପରେ ତାକର ଭୁଜ୍‌ନି ଗୁଡେ ଦଏବାତ୍ ପକ୍ଷାଘାତ୍ ହେଲା। ସେ ଆର୍ ଚଲାବୁଲା କରି ନାଇଁ ପାର୍‌ଲେ। ଚିକିତ୍ସା ଲାଗି ପରିବାର ଲୋକ୍ ପାଇକମାଲ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମୂଳ୍ କରି ନୂଆପଡା, ପଦ୍ମପୁର, ଖରିଆର, ବରଗଡ଼, ବୁର୍ଲା, ରାୟପୁର, ଭୁବନେଶ୍ୱର ଲେଖେଁ ବଡବଡ ଜାଗାକେ ନେଇ ଚିକିତ୍ସା କରାଲେ। ତାକର ଚିକିତ୍ସାରେ ଲକ୍ଷାଧିକ୍ ଟଁକା ବି ଖରଚ୍ କଲେ। ହେଲେ ଭଲ୍ ହେବାର ତ ଦୂରର କଥା କେନ୍ କାରନ୍‌ରୁ ଉଷାରାଣୀଙ୍କର ଭୁଜ୍‌ନି ଗୋଡ଼୍ ପକ୍ଷାଘାତ୍ ହେଲା ସେତାର କାରନ୍ ବି ଖୁଜି ଡାକ୍ତରମାନେ ନାଇଁ ପାଏଲେ। ଉଷାରାଣୀଙ୍କର ଉଚ ଚିକିତ୍ସାର ଦରକାର ଅଛେ ବଲି ଡାକ୍ତରମାନେ କହୁଛନ୍। ଚିକିତ୍ସା ଉତାରୁ ଝି ଭଲ୍ ହେଇଯିବା ବଲି ପରିବାର ଲୋକ୍ ବି ଆଶ୍ ବାଁଧିଛନ୍। ହେଲେ ଉଷାରାଣୀଙ୍କର ଉଚ୍ ଚିକିତ୍ସା ଲାଗି ତାକର ପରିବାର ପାସେ ଆର୍ ଟଁକା ପଏସା ନାଁଇଁ। ଯାହାଥିଲା ଆଗ୍‌ରୁ ଚିକିତ୍ସାରେ ଖରଚ୍ କରି ଝଲା ହେଇଯାଇଛନ୍। ଯେନ୍‌ଥିର୍‌ଲାଗି ଉଷାରାଣୀଙ୍କର ଚିକିତ୍ସା ଲାଗି ସରକାରୀ ସାହାଯ୍ ମିଲ୍‌ବା ଆର୍ ଝି ଆଘର ଲେଖେଁ ଚଲାବୁଲା, ଖେଲାବୁଲା କର୍‌ବା ବଲି ଆଶ୍‌ରେ ଝି'କେ ଧରି ସୋମବାର ମା' ସୁରେଖା ଜିଲାପାଲ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ଗୁହାରି କରିଛନ୍।

ସେନ୍‌ତା ଭଟଲି ବ୍ଲକ୍ ମୁଲବାର ପଁନ୍‌ଚେତ ଅଧିନ୍ ରାଉତପଡ଼ାର ସପ୍ନ ମେହେର। ପରିବାରରେ ସେ ଝନେ ବଲି କମାନିଆଁ ଲୋକ୍। ତାକର ୨ ଝି ପାର୍ବତୀ, ଶ୍ରାବଣୀ ଆର୍ ପୁଓ ତ୍ରିନାଥ। ଝି'ପୁଓ ନାବାଲକ ହେଇଥିଲାବେଲେ ତାକର ସଂଗେ ମାଏକିନା ଅନସୂୟା ଆର୍ ମା' ଲୋଚନା ବି ରହୁଛନ୍। ଗଲା କେତେ ବଛର ହେଲା ତାହାକୁ ମଧୁମେହ ରୋଗ୍ ହେଇଥିଲା ବେଲେ ଏହେଦେ କିଡ୍‌ନୀ ରୋଗ୍ ଧରିଛେ। ଯେନ୍‌ଥିର୍‌ଲାଗି ସେ ଦୁର୍‌ବଲ ହେଇ ଖଟେପଡିଛନ୍। ବରଗଡ଼, ବୁର୍ଲା, ଭୁବନେଶ୍ୱରର ଭିନେ ଭିନେ ଡାକ୍ତରଖାନାକେ ଯାଇ ସେ ଚିକିତ୍ସିତ ହେଇଛନ୍। ଚିକିତ୍ସାରେ ସେ ତାକର ଜମିବାଡି ବି ବିକିଦେଇ ସାରିଛନ୍। ଅଧିକା ଚିକିତ୍ସା ଲାଗି ଆଉ ତାକରନେ ଟଁକା ନାଇଁ। ଯଦି ଚିକିତ୍ସା ଲାଗି ସରକାରୀ ସାହାଯ୍ ମିଲ୍‌ବା ଆପ୍‌ନେ ଭଲ୍ ହେଇ ଆଘର ଲେଖେଁ କାମ୍‌କାଯ୍ କରି ଘରଚଲାବେ ଇ ଆଶ୍‌ରେ ଅନସୂୟା ନିଜର ଆପ୍‌ନେ ସପ୍ନଙ୍କୁ ଧରି ଜିଲାପାଳ ତ୍ରିପାଠୀଙ୍କୁ ଫେରାଦ ହେଇ ଚିକିତ୍ସା ସାହାଯ୍ ଲାଗି ଗୁହାରି କରିଥିଲେ।



ରୁଗୀଆ ଝି'କେ ଧରି ମା' ଜିଲାପାଲଙ୍କୁ ଫେରାଦ ହେଉଛନ୍।




ଆପ୍‌ନେ ସପ୍ନଙ୍କୁ ଧରି ଚିକିତ୍ସା ସାହାଯ୍ ଲାଗି ଅନସୂୟା ଜିଲାପାଲଙ୍କୁ ଫେରାଦ ହେଉଛନ୍।

**ସଂକ୍ଷେପରେ**



## କାର ଦୁର୍ଘଟଣାଗ୍ରସ୍ତ: ବର୍ତ୍ତିଲେ ଡ୍ରାଇଭର

**ଜହ୍ନାପଙ୍କ,୨।୧୦ (ଡି.ଏନ୍.ଏ.)**- ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ବୌଦ୍ଧ ବ୍ଲକ ତେଲିବନ୍ଧ ନିକଟ ଦିବନ୍ଧଠାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ଏକ କାର (ନଂ. ଓଡି୨୬-ଏ୭୨୨୭) ଗଛରେ ପିଟି ହେବାରୁ କାରର ଆଗ ପଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ହେଲେ ଡ୍ରାଇଭର ରାଜେଶ ପ୍ରସାଦ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମାଲିକ ଆଶିଷ ଗୁରୁଙ୍କ ସାଙ୍ଗମାନଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ଛାଡ଼ି ରାଜେଶ ଫେରୁଥିବା ବେଳେ ତାଙ୍କ ଆଖି ଲାଗିଯିବାରୁ ଏହି ଦୁର୍ଘଟଣା ଘଟିଥିଲା। ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

# ଗାନ୍ଧୀ ଜୟନ୍ତୀରେ ସର୍ବଧର୍ମ ପ୍ରାର୍ଥନା ସଭା

**ବରଗଡ଼ ଅଫିସ୍,୨।୧୦**

ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଏସ୍‌ପି ମୁକେଶ କୁମାର ଭାମୁ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ଗାନ୍ଧୀଛକସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ହିନ୍ଦୁଧର୍ମର ଗୁରୁ ପଣ୍ଡିତ ଦେବରାଜ ଦାଶ, ଶିଖ ଧର୍ମ ସମ୍ପ୍ରଦାୟର ଗୁରୁ ଜ୍ଞାନୀ ଗୁରୁମୁଖ ସିଂ, ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଗୁରୁ ଫାଦର ଅନୁରଞ୍ଜନଙ୍କ ପ୍ରତିନିଧି, ମୁସଲମାନ ସମ୍ପ୍ରଦାୟର ମୌଲବୀ ସାହେବ ପ୍ରମୁଖ ଯୋଗଦେଇ ପ୍ରାର୍ଥନା ଗାନ କରିଥିଲେ। ଏହି ଅବସରରେ ରୋଟାରୀ ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବିକାଶ ସ୍କୁଲ, ଏଇଏମ୍ ସ୍କୁଲର ଛାତ୍ରୀମାନେ ବାପୁଜୀଙ୍କ ଉପରେ ଆଧାରିତ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ । ଭାରତର ଦୁଇ ମହାନ ଜନନାୟକ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନ ଚଳଣି ମାଧମରେ ସମାଜକୁ ସତ୍ୟ, ଅହିଂସା ଓ ନ୍ୟାୟର ପଥ ଦେଖାଇଛନ୍ତି । ତାଙ୍କର ସେହି ବାଣୀକୁ ଆମେ ଅନୁସରଣ କରି ସମାଜ ତଥା ଦେଶପାଇଁ କିଛି କାମ କରି ପାରିଲେ ତାହା ହିଁ ସେହି ଅମର ଆତ୍ମାମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ହେବ ବୋଲି ଅତିଥିମାନେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ଅତିରିକ୍ତ ଜିଲାପାଳ ତପିରାମ ମାଝି, ପୌରାଧକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ରହି ବାପୁଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ବରଗଡ଼ ଗାନ୍ଧିମୂର୍ତ୍ତି ତଳେ ସର୍ବଧର୍ମ ପ୍ରାର୍ଥନା ସଭା ।

## ବଜରଙ୍ଗ ଯୁବକ ସଂଘ ପକ୍ଷରୁ କାଳୀପୂଜା ପ୍ରସ୍ତୁତି ବୈଠକ

**ଜହ୍ନାପଙ୍କ, ୨।୧୦ (ଡି.ଏନ୍.ଏ.)**

ବୌଦ୍ଧ ବ୍ଲକ ଜହ୍ନାପଙ୍କ ବଜରଙ୍ଗ ଯୁବକ ସଂଘ ପକ୍ଷରୁ ମଙ୍ଗଳବାର କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବଢ଼ିଗାଁ ପଞ୍ଚାୟତ ଗିରାସିଙ୍ଗା ଜଗନ୍ନାଥ ଜନ ପ୍ରକଳ୍ପଠାରେ ଅନୁଷ୍ଠିତ ଅନୁଷ୍ଠିତ ଏହି ବୈଠକରେ ରଞ୍ଜିତ ପ୍ରଧାନ ସଭାପତିତ୍ୱ କରିଥିଲେ। ପ୍ରଥମେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରଞ୍ଜିତ ପ୍ରଧାନ, ଉପସଭାପତି ରାଜେନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରକାଶ ବାରିକ, ସହସମ୍ପାଦକ ଅମିତ ପ୍ରଧାନ ଏବଂ ଉପଦେଷ୍ଟା ଭାବେ ସୁମନ୍ତ ପ୍ରଧାନ, ପ୍ରକାଶ ପ୍ରଧାନ ଓ ଶେଷଦେବ ପ୍ରଧାନଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। କାଳୀପୂଜାକୁ କିପରି ସରସସୁନ୍ଦର କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଶେଷରେ ସମ୍ପାଦକ ପ୍ରକାଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ଦିବସରେ ସ୍ୱାସ୍ଥ୍ୟ ଶିବିର

**ବରଗଡ଼ ଅଫିସ୍,୨।୧୦**

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦସ୍ଥିତ ମାତୃଛାୟା ଆଶ୍ରମରେ ସୋମବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥିଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ । ମାତୃଛାୟାର ନୂତନ ଗୃହ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ସେ ସୂଚନା ଦେଇଥିଲେ । ଏହା ସହିତ ଅନ୍ତେବାସୀଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବ କିଶୋର ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ଡା. ରାଜେଶ ତ୍ରିପାଠୀ, ଡା. ଅରୂପାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଶ୍ରମ ପରିଚାଳକ ଦେବଦତ୍ତ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଉମେଶ ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁମନ୍ଦିରରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ

**ମନମୁଣ୍ଡା,୨।୧୦ (ଡି.ଏନ୍.ଏ.)**

ମନମୁଣ୍ଡା ସରସ୍ୱତୀ ଶିଶୁମନ୍ଦିର ପରିସରରେ ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ବଡ଼ମାଳୀଙ୍କ ଅଧ୍ୟକ୍ଷତାରେ ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଚାର୍ଯ୍ୟ ବ୍ରଜମୋହନ କର୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମମତା ଗୁରୁମା ପରିଚୟ ପ୍ରଦାନ, ବରିଷ୍ଠ ଆଚାର୍ଯ୍ୟ ନେପାଳ ଭୋଇ ଆଭିମୁଖ୍ୟ କଥନ ଓ ପ୍ରଧାନ ଆଚାର୍ଯ୍ୟ ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଶିଶୁ ଭଉଣୀଭାଇମାନେ ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିସର ସଫେଇ ସହ ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ ପାଇଁ ଶପଥପାଠ କରାଯାଇଥିଲା। ଶେଷରେ ଆଚାର୍ଯ୍ୟ ପ୍ରମୋଦ କୁମାର ମେହେର ଧନ୍ୟବାଦ ପ୍ରଦାନ କରିଥିଲେ।




ଶିଶୁମାନେ ପ୍ଲାଷ୍ଟିକ ବର୍ଜନ ପାଇଁ ଶପଥପାଠ କରୁଛନ୍ତି।

### ସୋହେଲା ଦୁର୍ଗାପୂଜା ପ୍ଲାଟିନମ୍ ଜୁବୁଲି

# ଉଦ୍‌ଘାଟନୀ କାର୍ଯ୍ୟରେ ଯୋଗଦେବେ ରାଜ୍ୟପାଳ

**ସୋହେଲା, ୨।୧୦ (ଡି.ଏନ.ଏ.)**

ବରଗଡ଼ ଜିଲା ସୋହେଲାଠାରେ ଚଳିତ ବର୍ଷ ସାର୍ବଜନୀନ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନମ୍ ଜୁବୁଲି ପାଳନ କରାଯିବ। ଏନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଦୁର୍ଗାପୂଜା କମିଟି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ସୋମବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶ ଲାଲଙ୍କୁ ସାକ୍ଷାତ କରିଥିଲେ। ପୂର୍ବତନ ମନ୍ତ୍ରୀ ଦେବତା ସୋହେଲା ଦୁର୍ଗାପୂଜାର ପ୍ଲାଟିନମ୍ ଜୁବୁଲି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କୁ ଯୋଗଦେବାକୁ ନିମନ୍ତ୍ରଣ ପତ୍ର ପ୍ରଦାନ କରି ଅନୁରୋଧ କରିଥିଲେ। ରାଜ୍ୟପାଳ କାର୍ଯ୍ୟକ୍ରମରେ ଯୋଗଦେବାକୁ ସମ୍ମତି ପ୍ରଦାନ କରିଥିବା ପୂର୍ବତନ ମନ୍ତ୍ରୀ ଦେବତା ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ପୂଜା କମିଟି ଉପସଭାପତି ତଥା ପୂର୍ବତନ ବିଧାୟକ ମହମ୍ମଦ ରଫିକ, ନଥୁରାମ ଅଗ୍ରୱାଲ, କୃଷ୍ଣଚନ୍ଦ୍ର ବେହେରା, ଟେକଚାନ୍ଦ ଦୁଆନ, ମନ ମାଝି, ରାମ ନିବାସ ଅଗ୍ରୱାଲ, ପ୍ରଦୀପ ଦେବତା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ । ସୋହେଲାରେ ଚଳିତବର୍ଷ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଆସନ୍ତା ୯ ତାରିଖଠାରୁ ଆରମ୍ଭ ହୋଇ ୧୯ ତାରିଖ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



ଦୁର୍ଗାପୂଜା କମିଟି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ରାଜଭବନରେ ରାଜ୍ୟପାଳଙ୍କୁ ଭେଟି ନିମନ୍ତ୍ରଣ ପତ୍ର ପ୍ରଦାନ କରୁଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**TARIFF — MORE SPACE • SAME PRICE** (* GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଲେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

Urbasi
Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra
(Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

SMS JOB
Send SMS. Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଆନ ସେଠି ହେବ
A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ ।
(1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ)
1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

BUSINESS
ସରକାରୀ ଯୋଜନାଦ୍ୱାରା ଡିଜିଟାଲ୍ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ବିମା ଫ୍ରି
Office No.413, Commercial Complex, Paschim Vihar, New Delhi-64
08076675193
08700152155

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) ଖାଲି ଜମି ଉପରେ ଡିଜିଟାଲ୍ ଟାୱାର ଲାଗନ୍ତୁ। ଅଗ୍ରିମ ୨୦,୦୦୦,୦୦, ଭଡ଼ା 70,000, 60,000ର ଅନ୍ୟାନ୍ୟ ସୁବିଧା + ଏକ ବାଇକ୍ + 1 ଲାପଟପ୍ ଫ୍ରି। ନୋଟ୍- (ଇଚ୍ଛୁକ ବ୍ୟକ୍ତି ନାମ, document Gmail/ଫୋନ୍ କରନ୍ତୁ।)
7302090964
2/2250, Rambagh Colony, Ramghat Road, Gali No.4 Tehsil- Koil, Dist- Aligarh

ଅଲ୍ ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ସରକାରୀ ପଞ୍ଜୀକୃତ । ଖାଲି ଜମି, ଚାଷ ଜମି, ଛାତ ସବୁଠି ଡିଜିଟାଲ୍ ଉପକରଣ ଲଗାନ୍ତୁ । ଅଗ୍ରିମ - 60 ଲକ୍ଷ, ଭଡ଼ା - 50 ହଜାର , ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ଓ ଉପକରଣ ସ୍ଥାପନ + ମାଗଣା ମୋବାଇଲ୍ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ । କଲ୍ କିମ୍ବା ଏସ୍‌ଏମ୍‌ଏସ୍ କରନ୍ତୁ।
Address:- Head Office 181/182 Janta Complex Rajiv Chok, Delhi
Contact:- 08826963806, 09319359816

Free GOLD COIN Free
A 2 Z FINANCE Ltd.
ଦିପାବଳୀ ଧମାକା
3 ଲକ୍ଷରୁ 5 କୋଟି
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ସମସ୍ତ ଋଣ ଘରେ ବସି
ସୁଧ 0% ରୁ 6%
9506060250
Add : - 41/14, Sec-1 Pushp Vihar, Delhi

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଡିଜିଟାଲ ଉପକରଣ
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗ୍ରୁପ୍। ନିଜର ଖାଲି ଜମି, ଛାତ, ଘର, କ୍ଷେତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦,୦୦,୦୦୦, ଭଡ଼ା ୨୦,୦୦୦ + 20,000ର ଅନ୍ୟାନ୍ୟ ସୁବିଧା। କୋର୍ଟ ଏଗ୍ରୀମେଣ୍ଟ ।
ନୋଟ୍:- (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8810506876
8445779128
Address: House No.2, New Town, St. No.6, Delhi 110053

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

ବ୍ୟବସାୟ
Regd. Company ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଆଡ୍‌ଭାନ୍ସ 75 ଲକ୍ଷ
ଭଡ଼ା 65,000
ନୋ ଏଗ୍ରିମେଣ୍ଟ ଫିସ୍
7065954352
8802183109
T-51, Gali No.8, Gautampuri, Delhi-110053

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

ASTRO / VASTU
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି?
୨ ଘଣ୍ଟାରେ ୧୦୦% ସମାଧାନ। ତନ୍ତ୍ର, ମନ୍ତ୍ରର ସମ୍ରାଟ
ଇଚ୍ଛା ଅନୁସାରେ ବଶୀକରଣ, ପ୍ରେମବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗରେ ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ । ଯଦି କାହାର ପତି ବା ପ୍ରେମୀ ଅନ୍ୟଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ ।
7991080816
Bhubaneswar-09

Shri Mahavir Finance
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ Reg. No. MHF8555TN ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ଗୃହ, ବ୍ୟବସାୟ, ବିଉଟି ପାର୍ଲର ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । ସୁଧ 2%, ରିହାତି 50% । ଠକମାନଙ୍କ ପ୍ରତି ସାବଧାନ।
Ward No.22, Agol Road, Bilsi, Budaun, UP
7310612967
7310612891


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।

- ହୋମର



## ସଂକ୍ଷେପରେ

### ଉପବାସ ବ୍ରତରେ ବସିଲେ ୨ସାମାଜିକ କର୍ମୀ

**ବୀରମହାରାଜପୁର, ୨।୧୦(ଡି.ଏନ.ଏ.):** ପୂର୍ବ ଘୋଷିତମତେ ବୀରମହାରାଜପୁର ଅଞ୍ଚଳର ୫ଦଫା ଦାବୀକୁ ନେଇ ମଙ୍ଗଳବାର ଗାନ୍ଧୀ ଜୟନ୍ତୀରେ ସ୍ଥାନୀୟ ୨ଜଣ ସାମାଜିକ କର୍ମୀ ଆରମ୍ଭ କରିଛନ୍ତି ଦୁଇ ଦିନିଆ ଉପବାସ ବ୍ରତ। ବୀରମହାରାଜପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରତ ସାମାଜିକ କର୍ମୀଦ୍ୱୟ ହେଲେ କିଶୋର କୁମାର ହୋତା ଏବଂ ଭଗବାନ ବାଘ। ଏଠାରେ ସୂଚନାଯୋଗ୍ୟ ଯେ, ବୀରମହାରାଜପୁର ଉପଖଣ୍ଡ ସଦର ମହକୁମାକୁ ଏନଏସି ଘୋଷଣା, ମହାନଦୀର ଦେଉଳି-ବାଉଁଶୁଣୀ ଫେରିଘାଟ ଉପରେ ସେତୁ ନିର୍ମାଣ, ଉପଖଣ୍ଡ ଡାକ୍ତରଖାନାରେ ଖାଲି ପଡିଥିବା ସମସ୍ତ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ, ହରିହରଯୋର ସେଚପ୍ରକଳ୍ପର କେନାଲ ଅଧିକୃତ ଜମିର କ୍ଷତିପୂରଣ ସହ ଜବରଦଖଲ ଉଚ୍ଛେଦ ଏବଂ ପ୍ରଶାସନ ତରଫରୁ ଗତବର୍ଷ ଭଙ୍ଗା ଯାଇଥିବା ଦୋକାନ ମାଲିକମାନଙ୍କୁ ଥଇଥାନ ପ୍ରଭୃତି ଦାବି ସମ୍ବଳିତ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ବେଳେ, ତାହାର ନକଲ ସ୍ଥାନୀୟ ଉପଜିଲାପାଳ, ତହସିଲଦାର, ଜିଲା ଆରକ୍ଷୀ ଅଧିକ୍ଷକ, ଏସଡିପିଓ ତଥା ବୀରମହାରାଜପୁର ଥାନାଧିକାରୀଙ୍କୁ ଦିଆଯାଇଥିବା ନେଇ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ କିଶୋର ହୋତା କହିଛନ୍ତି । ମୁଖ୍ୟମନ୍ତ୍ରୀ ତଥା ନଗର ଉନ୍ନୟନ ମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ନିକଟକୁ ଏ ନେଇ ଦୃଷ୍ଟି ଆକର୍ଷଣ କରାଯାଇଛି ।

### ଆଇଆରବି ୫ମ ବାଟାଲିୟନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**ବୌଦ୍ଧ,୨।୧୦ (ସ୍ୱପ୍ର):** ସରକାର ଜନସାଧାରଣ ଓ ପୋଲିସ କର୍ମଚାରୀଙ୍କ ମଧ୍ୟରେ ସୁସମ୍ପର୍କ ବୃଦ୍ଧି ପାଇଁ ଆମ ପୋଲିସ ଭଳି କାର୍ଯ୍ୟକ୍ରମ ଆରମ୍ଭ କରିଥିବାବେଳେ ଭାରତୀୟ ରିଜର୍ଭ ୫ମ ବେଟେଲିୟନ ପକ୍ଷରୁ ୧୫୦ତମ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଗ୍ରାମ ସଫେଇ କାର୍ଯ୍ୟକ୍ରମ କରାଯାଇ ଜନସାଧାରଣଙ୍କ ସହିତ ପୋଲିସର ସମ୍ପର୍କକୁ ଅଧିକ ଦୃଢ କରାଯିବାକୁ ପ୍ରୟାସ କରାଯାଇଛି। ସୂଚନା ମୁତାବକ ବେଟେଲିୟନର ଦୁର୍ଗପତି ବିଭୂତି ଭୂଷଣ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଅଧିକାରୀ ଓ କନଷ୍ଟେବଲମାନେ ନିକଟସ୍ଥ ବଢିଗାଁ ପଞ୍ଚାୟତର ଲୁଣ୍ଡାବେରୁଣୀ ଗ୍ରାମକୁ ଯାଇ ପରିବେଶ ସଚେତନତା ସୃଷ୍ଟି କରିବା ସହିତ ଗ୍ରାମଲୋକଙ୍କ ସହିତ ସଫେଇ କାର୍ଯ୍ୟ କରିଥିଲେ। ଏଥିରେ ବେଟେଲିୟନର ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ଦିଲୀପ କୁମାର ପ୍ରଧାନ, ମକରଧ୍ୱଜ ନାୟକ, ଲଳିତ କୁମାର ବାଘ ଓ ବେଲାର ମେହେରଙ୍କ ସହିତ ପୋଲିସର ଶତାଧିକ କନଷ୍ଟେବଲ ଓ କର୍ମଚାରୀ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। ଗ୍ରାମବାସୀଙ୍କ ମଧ୍ୟରେ ସୁଧୀର କୁମାର ପ୍ରଧାନ, ଯୋଗେନ୍ଦ୍ର ପ୍ରଧାନ, ସୀମାଞ୍ଚଳ ପ୍ରଧାନ, ଭାଗବତ ଧଳ, ବିଭୂତି ଧଳ, ବିକର୍ଣ୍ଣ ଧଳ, ସୁଧୀର ମହାକୁଡ, ଦାଶରଥୀ ଧଳ, ଖଗେଶ୍ୱର ମହାକୁଡ ଓ କର୍ଣ୍ଣ ମହାକୁଡଙ୍କ ସମେତ ଅନ୍ୟ ଗ୍ରାମବାସୀ ମଧ୍ୟ ସାମିଲ ହୋଇଥିଲେ।

### ବୌଦ୍ଧରେ ଶୁଭାରମ୍ଭ ହେଲା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା

ବୌଦ୍ଧ,୨।୧୦(ସ୍ୱ.ପ୍ର.)-ରାଜ୍ୟରେ କେହି ବି ଯେମିତି ଭୋକିଲା ରହିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ସାରା ରାଜ୍ୟରେ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ବୌଦ୍ଧ ଟାଉନହଲ ଠାରେ ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲାସ୍ତରୀୟ ସମାରୋହରେ ବୌଦ୍ଧରେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଇପିକଲର ଅଧ୍ୟକ୍ଷ କୃତିବାସ ପାତ୍ର ଯୋଗଦେଇ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ସମାରୋହରେ ସମ୍ମାନିତ ଅତିଥି ଭାବେ କନ୍ଧମାଳ ବିଧାୟକ ତଥା ଜିଲା ଯୋଜନାବୋର୍ଡ ଅଧ୍ୟକ୍ଷ ମହୀଧର ରଣା, ଜିଲାପରିଷଦ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ଭୋଇ,ବାଚସ୍ପତିଙ୍କ ପ୍ରତିନିଧି ଦିପ୍ତୀପ୍ରଭା ସ୍ୱାଇଁ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଗ୍ରାମ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ, ଉପଜିଲାପାଳ ଏନସି ଜ୍ୟୋତିରଂଜନ ନାଏକ ପ୍ରମୁଖ ଯୋଗଦେଇଥିଲେ। ଜିଲାରେ ପ୍ରଥମ ପର୍ଯ୍ୟାୟରେ ୭୧୪୫ ଜଣଙ୍କୁ ଖାଦ୍ୟ ସୁରକ୍ଷା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ପ୍ରଧାନ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ସୁବର୍ଣ୍ଣପୁରରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

# ଗାନ୍ଧୀଙ୍କ ଆଦର୍ଶ ବିଶ୍ୱ ପାଇଁ ପ୍ରଯୁଜ୍ୟ

**ସୋନପୁର,୨।୧୦(ନି.ପ୍ର.)**

ଜିଲା ସଦର ମହକୁମା ସୋନପୁରଠାରେ ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସମାରୋହ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଏହି ଅବସରରେ ବିଭିନ୍ନ କାଯର୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ପୂଣ୍ୟ ଜନ୍ମ ତିଥି ଅବସରରେ ପ୍ରତ୍ୟୁଷ ୪ଟାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନ ପ୍ରଚାର କରାଯାଇଥିଲା। ସକାଳ ସାଢେ ୭ଟାରେ ଗାନ୍ଧୀ ପଡିଆସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ ହୋଇଥିଲା। ପୂର୍ବାହ୍ନରେ ଟାଉନ ହଲଠାରେ ଗାନ୍ଧୀ ଓ ଶସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହିତ ଏକ ପ୍ରାର୍ଥନା ଓ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧୀଜୀଙ୍କ ଆଦର୍ଶ ଏବେ ବି ସମଗ୍ର ବିଶ୍ୱ ପାଇଁ ପ୍ରଯୁଜ୍ୟ ବୋଲି କହିଥିଲେ। ଏଥିସହିତ ଶାସ୍ତ୍ରୀଙ୍କ ଜୟ ଜବାନ-ଜୟ କିଷାନ ନାରା ଦେଶରେ ପରିବର୍ତ୍ତନ ଆଣିଥିଲା ବୋଲି ସେ କହିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମାଜରେ ହିଂସା ବଢୁଥିବା ବେଳେ ଗାନ୍ଧିଜୀଙ୍କର ଅହିଂସା ମାର୍ଗକୁ ସମସ୍ତେ ଆପଣାଇ ନେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଉଲୁଣ୍ଡା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧକ୍ଷ ଡ. ଦେବାଶିଷ ପାଣ୍ଡିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କର ଅହିଂସା ଆନ୍ଦୋଳନ ଯୋଗୁଁ ବ୍ରିଟିଶ ସରକାର ଦେଶ ଛାଡି ଚାଲିଯିବାକୁ ବାଧ ହୋଇଥିଲେ ବୋଲି କହିଥିଲେ । ଡିଆଇପିଆରଓ ଅଶୋକ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଧର୍ମ, ସମ୍ପ୍ରଦାୟର ପ୍ରତିନିଧି ଓ ବୁଦ୍ଧିଜୀବୀମାନେ ଯୋଗଦେଇ ସାମ୍ପ୍ରଦାୟିକ ସଦ୍‌ଭାବ ଓ ବିଶ୍ୱ ଭାତୃତ୍ୱ ଉପରେ ଜୋର୍ ଦେଇଥିଲେ । ପ୍ରାର୍ଥନା ସଭାରେ ପଣ୍ଡିତ ଲକ୍ଷ୍ମୀ ନାରାୟଣ ପୂଜାହାରୀ ହିନ୍ଦୁଙ୍କର ପବିତ୍ର ଗ୍ରନ୍ଥ ଗୀତା, ମହମ୍ମଦ ରଫିକ୍ ମୁସଲମାନ୍‌ଙ୍କର କୋରାନ୍ ଓ ପାଷ୍ଟର ପ୍ରଭାତ କୁମାର ଡିଗାଲ ଖ୍ରୀଷ୍ଟିଆନଙ୍କର ବାଇବେଲ ପାଠ କରିଥିଲେ । ପ୍ରାରମ୍ଭରେ ଛାତ୍ରୀଛାତ୍ର ମାନେ ଦେଶାତ୍ମବୋଧ ସଙ୍ଗୀତ ଗାନ କରିଥିଲେ । ସେହିଭଳି ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ ।



ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ ।

### ବ୍ଲକସ୍ତରୀୟ ପ୍ରତିଯୋଗିତା

**ଉଲୁଣ୍ଡା (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ ପ୍ରଶାସନ ଓ ଯୁବ ମହାସଂଘ ଉଲୁଣ୍ଡା ତରଫରୁ ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ନେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭିନ୍ନଭିନ୍ନ ପ୍ରତିଯୋଗିତା ମଙ୍ଗଳବାର ଆୟୋଜିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ମିତାଲୀ ମହାକୁରଙ୍କ ଅଧକ୍ଷତାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ବିଡିଓ ରୁନୁ ଲାକ୍ରା, ବରିଷ୍ଠ ଆଇନଜୀବୀ ରାଧାକାନ୍ତ ମହାକୁର, ଯୁବ ମହାସଂଘ ସଭାପତି ପ୍ରମୋଦ କୁମାର ପଧାନ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କନିଷ୍ଠ ବିଭାଗରେ ହୋଇଥିବା ସାଧାରଣ ଜ୍ଞାନ, ସଙ୍ଗୀତ, ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ଆଦି ପ୍ରତିଯୋଗୀତାରେ ପ୍ରଗତି ପ୍ରିୟମ୍ବଦା ମେଣ୍ଡେଲି, ଅନ୍ୱେଶ ବଡପଣ୍ଡା, ସୁପ୍ରିୟା ବାରିକ, ଅନିତା ଝାଙ୍କର, ରୋହିତ ପାତ୍ର, ସୁଭମ ମେହେର, ନର୍ମଦା ସାଗର, ଅର୍ପିତା ମେହେର, ନସିପ ମେହେର, ରୋଜାଲିନ କୁରକୁରିଆ, ପ୍ରତିକ୍ଷା ତ୍ରିପାଠୀ, ଶର୍ମିଷ୍ଠାରାଣୀ ବିଶି, ସ୍ନେହମୟୀ ଦେହେରୀ, ଗିତିସ୍ମିତା ସାହୁ ପ୍ରମୁଖ ପୁରସ୍କୃତ ହୋଇଥିଲେ। ସେହିପରି ବରିଷ୍ଠ ବିଭାଗରେ ଅମିତାରାଣୀ ବାଘ, ଚନ୍ଦ୍ରମା ସୁନା, ଲିତେଶ ବେହେରା, ଜାଞ୍ଜସିନୀ କର୍ମୀ, ନରେନ୍ଦ୍ର ସାହୁ, ସିମରନ ସାହୁ, ଦେବସ୍ମୃତି ପୂଜାହାରୀ, ଦିପ୍ତିରେଖା ମହନ୍ତ, ବିମଲ କର୍ଣ୍ଣ, ଦୁର୍ଗାଚରଣ ବାରିକ, ସ୍ମୃତିଶ୍ରୀ ପଧାନ, ସୁନୀଲ ବଗର୍ତ୍ତୀ, ଶ୍ରୀକୃଷ୍ଣ ମହାକୁର, ସାଗର ପତି ଓ ସୁନୀଲ ବାଘ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ପୁରସ୍କୃତ ହୋଇଥିଲେ। ସେହିଭଳି ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଦିପ୍ତିମୟୀ ଚିରଗୁନ, ମୋନାଲିସା ସେଠୀ, ଅଜିତ ପଣ୍ଡା, ବାଦଲ ପଧାନ, ଅରୁଣା ରାଣୀ ଜୋସୀ, ଶୁଭସ୍ରୀ ପଣ୍ଡା, ରାମମୋହନ ମହାକୁର, ଚିନ୍ତାମଣୀ ଆଚାର୍ଯ୍ୟ, ବାଦଲ ପଧାନ, ଜିତମିତ୍ର ମିଶ୍ର, ସ୍ନିଗ୍ଧାରାଣୀ ପୂଜାହାରୀ ପ୍ରମୁଖଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଶ୍ୱଜିତ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମହେଶ ରଞ୍ଜନ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

**ସୋନପୁର,୨।୧୦(ନି.ପ୍ର.)**

ବିଜୁ ଜନତା ଦଳ ସୋନପୁର ବ୍ଲକ କମିଟି ପକ୍ଷରୁ ମଙ୍ଗଳବାର ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଛି। ବୈଦ୍ୟନାଥସ୍ଥିତ କୋଶଳେଶ୍ୱର ଶୈବ ମନ୍ଦିରରେ ପୂଜାର୍ଚ୍ଚନା ପରେ ଦଳୀୟ ନେତୃବୃନ୍ଦ ଓ କର୍ମକର୍ତ୍ତା ଏକ ପଦଯାତ୍ରାରେ ବାହାରି ହରଡଖୋଲ ପଯର୍ୟନ୍ତ ଆସିଥିଲେ। ନବୀନ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ବିଜେଡି ଅନୁସୂଚିତ ଜାତି ସେଲର ଜିଲା ସଭାପତି ରାଜ କୁମାର ସୁନାଙ୍କ ନେତୃତ୍ୱରେ ହରଡଖୋଲଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଭାପତି ସରୋଜ କମ୍ପ ଓ ବରିଷ୍ଠ ନେତା ଅଭିମନ୍ୟୁ କୁଶଳ ଯୋଗଦେଇ ନବୀନ ସରକାରଙ୍କ ଆମ ଗାଁ, ଆମ ବିକାଶ କାଯର୍ୟକ୍ରମ ସମ୍ପର୍କରେ ବୁଝାଇଥିଲେ। ତରଭା ବ୍ଲକର ପ୍ରାକ୍ତନ ଅଧକ୍ଷ ତଥା ପର୍ଯ୍ୟବେକ୍ଷକ ଶତୃଘ୍ନ ପୃଷ୍ଟି ଯୋଗଦେଇ ନବୀନ ସରକାରଙ୍କ ବିକାଶମୂଳକ ଯୋଜନା ଉପରେ ଆଲୋକପାତ କରିଥିଲେ। ଜିଲା ପରିଷଦ ସଭ୍ୟ ପ୍ରବୀଣ ନାଗ, ପ୍ରହଲ୍ଲାଦ ନାୟକ, ଗୋପାଳ ବରେଇ, ଆନନ୍ଦ ଶତପଥୀ, ବାସୁଦେବ ରଣା ଓ ଯୁବ ନେତା ଆଭାସ ମିଶ୍ରଙ୍କ ସମେତ ବ୍ଲକର ସରପଞ୍ଚ, ସମିତି ସଭ୍ୟ ଓ ଦଳୀୟ ସମର୍ଥକ ଉପସ୍ଥିତ ଥିଲେ। ଏହି ପଦଯାତ୍ରା ପର୍ଯ୍ୟାୟ କ୍ରମେ ସବୁ ପଞ୍ଚାୟତ ଓ ୱାର୍ଡରେ ଆୟୋଜିତ ହେବ ବୋଲି କୁହାଯାଇଥିଲା।

ମାହେଶ୍ୱରୀ ପୀଠରେ ଶାରଦୀୟ ଷୋଳପୂଜା ଆରମ୍ଭ

# ମାଆମାନେ ପାଳିଲେ ପୁଅ ଜିଉଁତିଆ ଓଷା

**ବୀରମହାରାଜପୁର, ୨।୧୦ (ଡି.ଏନ.ଏ)**

ମାହେଶ୍ୱରୀଙ୍କ ପ୍ରାଚୀନ ପୀଠ ବୀରମହାରାଜପୁର ନିକଟବର୍ତ୍ତି କାନପୁର ମନ୍ଦିର ସମେତ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରେ ରହିଥିବା ମାହେଶ୍ୱରୀ ମନ୍ଦିରମାନଙ୍କରେ ମଙ୍ଗଳବାରଠାରୁ ପାରମ୍ପରିକ ଷୋହଳ ପୂଜା ଉପଚାର ଆରମ୍ଭ ହୋଇଛି। ଅଶ୍ୱିନୀ କୃଷ୍ଣପକ୍ଷ ମୂଳାଷ୍ଟମୀଠାରୁ ଶୁକ୍ଳପକ୍ଷ ମହାଷ୍ଟମୀ ପର୍ଯ୍ୟନ୍ତ ଉକ୍ତ ପୂଜାବିଧି ଅନୁଷ୍ଠିତ ହେବ। ତେବେ କାନପୁରପୀଠରେ ଦଶହରା ଓ କୁମାରୋତ୍ସବ ପାଳନ ସହ ଆସନ୍ତା ୨୫ତାରିଖରେ ଶାରଦୀୟ ଉତ୍ସବ ଉଦଯାପିତ ହେବ ବୋଲି ଜଣାଯାଇଛି। ଏଥିଯୋଗୁଁ ବୀରବାଦ୍ୟରେ ଏସବୁ ଦେବିପୀଠଗୁଡିକ ମୁଖରିତ ହୋଇଉଠିଛି। ଶୋଳପୂଜାର ପ୍ରାରମ୍ଭ ମୂଳାଷ୍ଟମୀ ଅବସରରେ ମଙ୍ଗଳବାର ରାତି ଗାଁ ଗାଁରେ ପୁଅ ଜିଉଁତିଆ ପର୍ବ ପାଳିତ ହୋଇଯାଇଛି। ମହିଳାମାନେ ନିର୍ଜଳା ଉପାସରେ ରହି ପୁତ୍ରର ମଙ୍ଗଳକାମନା ସକାଶେ ଏହି ଓଷା ପାଳନ କରିଛନ୍ତି। ଏଥିଯୋଗୁଁ ପୁରପଲ୍ଲୀ ଚଳଚଞ୍ଚଳ ହେବା ସହିତ ଉତ୍ସବ ମୁଖର ହୋଇପଡିଛି ।


ଉଫୁଲାରେ ମହିଳାମାନେ ପୁଅ ଜିଉଁତିଆ ପୂଜାର୍ଚ୍ଚନା କରୁଛନ୍ତି।

# ମା' ଭୈରବୀଙ୍କ ପୀଠରେ ଷୋଳପୂଜା ଆରମ୍ଭ

**ପୁରୁଣାକଟକ,୨।୧୦(ଡି.ଏନ୍.ଏ.)**

ମଙ୍ଗଳବାରଠାରୁ ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଷୋଳପୂଜା ଆରମ୍ଭ ହୋଇଛି। ବୌଦ୍ଧ ଜିଲା ର ଆରାଧ୍ୟା ଦେବୀ ମା' ଭୈରବୀଙ୍କ ପୀଠରେ ମଧ ଏହି ପୂଜା ଆରମ୍ଭ ହୋଇଛି। ସକାଳୁ ମା'ଙ୍କ ନିକଟରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନ ୪ଟାରେ ଛତ୍ରି, ଘଣ୍ଟଘଣ୍ଟା, ଢୋଲ ବାଦ୍ୟ ସହ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ବାହାରି ମା'ଙ୍କ ପାଟଖଣ୍ଡା ଓ ବିଜେ ପ୍ରତିମା ନେଇ ପୁରୁଣାକଟକ ବଜାର ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚିଥିଲେ। ରାସ୍ତାର ଦୁଇ ପାର୍ଶ୍ୱରେ ପ୍ରତ୍ୟେକ ଘରେ ପୂର୍ଣ୍ଣକୁମ୍ଭ ବସାଯାଇ ମା'ଙ୍କୁ ସ୍ୱାଗତ କରାଯାଇଥିଲା। ଆଶ୍ୱିନ ମାସ ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ୧୬ଦିନ ଧରି ଏହି ପୂଜା ଚାଲିବ। ଏହି ଅବସରରେ ମନ୍ଦିରରେ ମା'ଙ୍କ ପୂଜା ସମ୍ପୂର୍ଣ୍ଣ ଗୁପ୍ତ ଭାବେ ଚାଲିବ। ମଧ୍ୟରାତ୍ରରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହେବ। ପ୍ରଥା ଅନୁଯାୟୀ ଏହି ଅବସରରେ ଶ୍ରଦ୍ଧାଳୁଙ୍କୁ ମା'ଙ୍କ ଦର୍ଶନ ସମ୍ପୂର୍ଣ୍ଣ ମନା। ଏପରିକି ମନ୍ଦିର ପରିସରରେ କଥୋପକଥନ ମଧ ନିଷିଦ୍ଧ। ଏହି ୧୬ଦିନ ମନ୍ଦିର ବହାରେ ଥିବା ସାହାଡ଼ା ବୃକ୍ଷ ପୂଜା କରାଯାଇଥାଏ। ଏହିଠାରେ ଭକ୍ତ କେବଳ ଦୀପ ଜାଳିଥାନ୍ତି। ୧୬ଖଣ୍ଡ ମୌଜାର ଜନସାଧାରଣ ଏହି ପର୍ବରେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇଥାନ୍ତି। ମନ୍ଦିର ପରିଚାଳନା କମିଟି ସଭାପତି ସଲିଳ କୁମାର ଭୋକ୍ତାଙ୍କ ସୂଚନା ଅନୁଯାୟୀ ୧୬ଦିନ ଧରି ଗୁପ୍ତପୁଜା ପରେ ନବମୀ ଦିନ ମା'ଙ୍କ ପୀଠରେ ନବାନ୍ନ ଲାଗିହୁଏ। ଉକ୍ତ ଦିନ ମା' ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ପୁରୁଣାକଟକରେ ଦଶହରା ଜିଲା ତଥା ଜିଲା ବାହାରେ ପ୍ରସିଦ୍ଧି ଲାଭ କରିଛି। ମଙ୍ଗଳବାରଠାରୁ ଏଠାରେ ପାର୍ବଣ ଆରମ୍ଭ ଏବଂ ପୁଅ ଜିଉଁତିଆ ପର୍ବ ପାଇଁ ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଛି।


ଷୋଳପୂଜା ଆରମ୍ଭ ଅବସରରେ ମା' ଭୈରବୀଙ୍କୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଉଛି।

### ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ

ବୌଦ୍ଧ,୨।୧୦(ସ୍ୱ.ପ୍ର.): ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଟାଉନହଲଠାରେ ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ସୀତାଂଶୁ କୁମାର ରାଉତ, ସମ୍ମାନିତ ଅତିଥି ପିଡି ରାଜେନ୍ଦ୍ର କୁମାର ପଟ୍ଟନାୟକ, ଉପଜିଲାପାଳ ଏନ.ସି ଜ୍ୟୋତିରଞ୍ଜନ ନାୟକ, ବିଡିଓ ଯୋଗେଶ୍ୱର ନାଏକ ଓ ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବାସୁଦେବ ପାତ୍ର ଯୋଗଦେଇ ଥିଲେ। ଡିଆଇପିଆରଓ ଶିଶିର କୁମାର ସାହୁ ସ୍ୱାଗତ ଭାଷଣ, ଶିକ୍ଷକ ବସନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଗାନ୍ଧିଜୀଙ୍କ ସର୍ବଧର୍ମ ସମନ୍ୱୟର ବାର୍ତ୍ତା ନେଇ ଧର୍ମପ୍ରଚାରକମାନଙ୍କ ଦ୍ୱାରା ନିଜ ଧର୍ମର ଅମର ଗ୍ରନ୍ଥ ଗୀତା, କୋରାନ ଓ ବାଇବେଲ ପାଠ କରାଯାଇଥିଲା।

### ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆମରଣ ଅନଶନ

**ବୌଦ୍ଧ, ୨।୧୦(ସ୍ୱ.ପ୍ର.)**

ଓଡିଶା ସ୍କୁଲ ଓ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ବୌଦ୍ଧ ଶାଖା ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ଆମରଣ ଅନଶନ କରିଛନ୍ତି। ବୌଦ୍ଧ ଶାଖା ଜିଲା ସଭାପତି ଅଧ୍ୟାପକ ପ୍ରତାପ କୁମାର ରଥଙ୍କ ନେତୃତ୍ୱରେ ମିଳିତ ମଞ୍ଚର ସଦସ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ଦୀର୍ଘ ୪୬ ଦିନ ଧରି ଭୁବନେଶ୍ୱର ଠାରେ ଧାରଣା ଦେବା ପରେ ମଧ୍ୟ ସରକାର କିଛି ନ ଶୁଣିବା ପରେ ମିଳିତ ମଞ୍ଚ ପକ୍ଷରୁ ଏହି ଆନ୍ଦୋଳନ ପଞ୍ଚାୟତ ସ୍ତରରେ ପହଞ୍ଚିବା ପରେ ମଙ୍ଗଳବାର ପବିତ୍ର ଗାନ୍ଧୀ ଜୟନ୍ତୀରେ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି । ଏହି ଅନଶନରେ ଓସ୍ତା ଜିଲା ସଭାପତି ନିରୋଦ କୁମାର ମେହେର, ମାନଭଞ୍ଜନ ତ୍ରିପାଠୀଙ୍କ ସମେତ ହରଭଙ୍ଗା କଲେଜର ଅଧକ୍ଷ୍ୟ ପ୍ରିୟନାଥ ଶର୍ମା, ଅଧ୍ୟାପକ ହିମାଂଶୁ ରାଉତ, ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ପ୍ରମୋଦ ଚନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ତାରେଣିଆ, ଛତରଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ମିଶ୍ର, ଶଙ୍କୁଲୋଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗିରଥି ରାଉତ, ଚାରିଛକ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶ୍ରୀଧର ପ୍ରଧାନ, ଲୁଣିବାହାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୃପ୍ତିରଞ୍ଜନ ଦାନିଙ୍କ ସମେତ ଶିକ୍ଷକ ଓ କର୍ମଚାରୀ ସାମିଲ ଥିଲେ ।

# ସୁବର୍ଣ୍ଣପୁରରେ ବଣ୍ଟନ ହେଲା ରାଶନ କାର୍ଡ

**ସୋନପୁର,୨।୧୦(ନି.ପ୍ର.)**

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫେରେନ୍ସିଂ ଯୋଗେ ରାଜ୍ୟସ୍ତରରେ ସରକାରଙ୍କ ଏହି ଫ୍ଲାଗସିପ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସୁବର୍ଣ୍ଣପୁରରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରିଥିଲେ। ଜିଲାପାଳ ମଧୁସୂଦନ ମିଶ୍ର, ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଡୁଙ୍ଗୁରିପାଲି ବ୍ଲକ ଅଧକ୍ଷ ମକରଧ୍ୱଜ ସାହୁ, ବିନିକା ବ୍ଲକ ଅଧକ୍ଷ ଅଶୋକ କୁମାର ନନ୍ଦ, ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଅଧକ୍ଷ ସିମନ୍ତିନୀ ନାଏକ, ବୀରମହାରାଜପୁର ବିଡିଓ ଅଭିମନ୍ୟୁ ମାଝି, ଉଲୁଣ୍ଡା ତହସିଲଦାର ଶରତ ସେଠୀ, ସୋନପୁରର ଅତିରିକ୍ତ ତହସିଲଦାର ତ୍ରିପୁରା ମହାନନ୍ଦ, ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକରା, ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଇଓ ଅଶୋକ କୁମାର ମିଶ୍ର, ତରଭା ଏନଏସି ଇଓ କନିକା ଚକ୍ରବର୍ତ୍ତୀ, ବିନିକା ଏନଏସି ଇଓ ଦୁଃଖିଶ୍ୟାମ ନାଏକ, ସହକାରୀ ଯୋଗାଣ ଅଧିକାରୀ ରାମପ୍ରସାଦ ମାଝି ପ୍ରମୁଖ ଯୋଗ ଦେଇଥିଲେ। ସୁବର୍ଣ୍ଣପୁର ଜିଲାରେ ୩୭,୭୬୧ ଜଣ ଗରିବ ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯିବାକୁ ଲକ୍ଷ୍ୟ ଥିଲା। ଏହି ଲକ୍ଷ୍ୟ ପୂରଣ ସକାଶେ ଅଗଷ୍ଟ ୧୩ ତାରିଖଠାରୁ ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ଜିଲାର ସମସ୍ତ ୬ଗୋଟି ବ୍ଲକ ଓ ୩ଟି ସହରାଞ୍ଚଳରେ କାର୍ଯ୍ୟ କରୁଥିବା ରାଶନ କାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ (ଆରସିଏମଏସ)ରେ ୨୮୭୧୨ଟି ପରିବାର ପକ୍ଷରୁ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି ଆବେଦନପତ୍ରଗୁଡିକର ଯାଞ୍ଚ କରାଯାଇ ମଙ୍ଗଳବାର ସୁଦ୍ଧା ୧୧୦୨୦ଟି ପରିବାର(ମୋଟ ହିତାଧିକାରୀ ୩୨୩୦୪) ଯୋଜନାରେ ଅନ୍ତର୍ଭୁକ୍ତହୋଇଛନ୍ତି। ଯାହାକି ଧାର୍ଯ୍ୟ ଲକ୍ଷ୍ୟର ୮୫.୫୨ ପ୍ରତିଶତ। ବଳକା ୫୪୬୮ଜଣ ହିତାଧିକାରୀଙ୍କୁ ଆସନ୍ତା ୧୦ ତାରିଖ ସୁଦ୍ଧା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହିତାଧିକାରୀଙ୍କୁ କେବଳ ଚାଉଳ ମିଳିବ। ପୂର୍ବରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜିଲାର ୪ ଲକ୍ଷ ୮୬ ହଜାର ଲୋକ ଉପକୃତ ହେଉଛନ୍ତି ।

ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀଙ୍କ ପକ୍ଷରୁ ଅନଶନ

# ଆନ୍ଦୋଳନକୁ ସମର୍ଥନ ଜଣାଇଲେ ବିରୋଧୀ ନେତୃବୃନ୍ଦ

**ସୋନପୁର,୨।୧୦(ନି.ପ୍ର.)**

ଓଡିଶା ସ୍କୁଲ ଓ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ପବିତ୍ର ଗାନ୍ଧୀ ଜୟନ୍ତୀରେ ମଙ୍ଗଳବାର ୧୨ଘଣ୍ଟିଆ ଅନଶନ କରାଯାଇଥିଲା। ଶିକ୍ଷକ ସମାଜ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ ଜିଲାର ବ୍ଲକଗ୍ରାଣ୍ଟ କଲେଜ ଓ ବିଦ୍ୟାଳୟର ଅଧାପିକା ଅଧାପକ, ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଆନ୍ଦୋଳନସ୍ଥଳୀରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଯୋଗ୍ୟ ବିବେଚିତ ଦିନଠାରୁ ସମସ୍ତ ସ୍କୁଲ ଓ କଲେଜକୁ ଅନୁଦାନ ପରିସରଭୁକ୍ତ କରି ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ଅନୁଦାନ ଯୋଗ୍ୟ ସମସ୍ତ ସ୍କୁଲ ଓ କଲେଜକୁ ଅନୁଦାନ ପ୍ରଦାନ, ସରକାର ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ସପ୍ତମ ବେତନ କମିଶନ ଲାଗୁ କରିବା, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ପାଇଁ ଲାଗୁ ହୋଇଥିବା ଅନୁକମ୍ପାମୂଳକ ସହାୟତା ରାଶି ଓ ଇପିଏଫ ବାବଦ ଅର୍ଥ ତୁରନ୍ତ ପ୍ରଦାନ କରିବା, ସମସ୍ତ ସ୍କୁଲ କଲେଜରେ କାର୍ଯ୍ୟରତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କ ପାଇଁ ଲାଗୁ ହୋଇଥିବା ଅନୁକମ୍ପାମୂଳକ ସହାୟତା ରାଶି ଓ ଇପିଏଫ ବାବଦ ଅର୍ଥ ତୁରନ୍ତ ପ୍ରଦାନ, ବକେୟା ଦରମା ପ୍ରଦାନ ଓ ଚାକିରି କାଳକୁ ୬୨ ବର୍ଷକୁ ବୃଦ୍ଧି କରିବା ପାଇଁ ଦାବି କରା ଯାଇଥିଲା । ଆନ୍ଦୋଳନସ୍ଥଳୀରେ ବଲାଙ୍ଗୀରର ପ୍ରାକ୍ତନ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଯୋଗଦେଇ ଶିକ୍ଷକ ଓ ଅଧାପକଙ୍କ ଆନ୍ଦୋଳନକୁ ସମର୍ଥନ କରିଥିଲେ। ନବୀନ ସରକାର ଅମଳରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡି ପଡିଥିବା ସେ ଅଭିଯୋଗ କରିଥିଲେ। ବିଜୁ ଯୁବ ବାହିନୀ ନାମରେ ରାଜକୋଷରୁ ଅଯଥା ଅର୍ଥ ଅପବ୍ୟୟ ହେଉଥିବା ବେଳେ ଶିକ୍ଷା ପାଇଁ ଅର୍ଥର ଅଭାବ ଆଳ କରିବା ଘଟଣାକୁ ସିଂହଦେଓ ନାପସନ୍ଦ କରିଥିଲେ । ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲା ପରିଷଦ ସଭ୍ୟ ଜୟନାରାୟଣ ନେଗୀ, ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷ ଆନନ୍ଦ ବାରିକ୍, କଂଗ୍ରେସ ନେତା ତଥା ଜିଲା ଓକିଲ ସଂଘର ସଭାପତି ସର୍ବେଶ୍ୱର ପୁରୋହିତ, ଭାଜପା ଜିଲା ସଭାପତି ବିଜୟ ମହାକୁର, ବରିଷ୍ଠ ନେତା ବଳଦେବ ପ୍ରସାଦ ବେଦ୍‌ବାକ, ପ୍ରମୋଦ ମହାପାତ୍ର, ବାମପନ୍ଥୀ ନେତା ଗୋବିନ୍ଦ ମହାରଣା ଓ ଶିକ୍ଷକ ସଂଘ ନେତା ପ୍ରଦୀପ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଘର ନାର୍ଯ୍ୟ ଦାବିକୁ ସରକାର ମାନି ନେବାକୁ ନେତୃବୃନ୍ଦ ପରାମର୍ଶ ଦେଇଥିଲେ। ମିଳିତ ମଞ୍ଚ ଜିଲା ଶାଖାର ଆବାହକ କୁଳମଣି ମିଶ୍ର, ଅକ୍ଷୟ କୁମାର ସାହୁ, ସୁବାଷ ପଣ୍ଡା, କଳ୍ପନା ଦାଶ, ସୁଶିଲ ବିଶି, ଅମୀୟ କୁମାର ମହାନ୍ତି, ସୁଶୀଲ କୁମାର ପର୍ଡିଆ, ସନ୍ତୋଷ କୁମାର ଆଚାର୍ଯ୍ୟ, ଉତ୍ତମ ମହାରଣା, ଶ୍ରୀକାନ୍ତ ପଧାନ, ବିଜୟ କୁମାର ଦାଶ, ବୈଜୟନ୍ତୀ ସାହୁ, ମଧୁମିତା ମିଶ୍ର, ସୌଦାମିନୀ ମହାପାତ୍ର, ମଧୁସ୍ମିତା ନନ୍ଦ, ଯଶୋବନ୍ତ ପୁଟେଲ, ଚନ୍ଦ୍ରଶେଖର ମହାପାତ୍ର, ତାରାଶଙ୍କର ଗୁରୁ ଓ ମଧୁସୂଦନ ପୂଜାହାରୀ ପ୍ରମୁଖ ଶତାଧିକ ଅଧାପିକା ଅଧାପକ ଅନଶନରେ ବସିଥିଲେ।


ଶିକ୍ଷକ, ଅଧାପକ ଓ କର୍ମଚାରୀମାନେ ଅନଶନରେ ବସିଛନ୍ତି ।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଶିଶୁ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା

**ଲୋଇସିଂହା,୨।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁବାଟିକା ବିଭାଗର ମାତୃ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ୮୦ଜଣ ମା' ଯୋଗଦେଇ ବିଭିନ୍ନ କ୍ରିୟାକଳାରେ ଅଂଶଗ୍ରହଣ କରିଥିଲେ। ଶିଶୁ ବାଟିକା ବିଭାଗରେ କାର୍ଯ୍ୟରତ ଗୁରୁଜୀ ସରୋଜ କୁମାର ବେହେରା ଓ ଆଶିଷ କୁମାର ବିଶି ହସ୍ତକର୍ମ କାଳାଂଶ ନେଇଥିଲେ। ଗୌରୀ ତରିଆ ଓ ରଞ୍ଜୁ ମିଶ୍ର ଯଥାକ୍ରମେ ଶାରିରୀକ ଓ ଭାଷା ବିକାଶ କାଳାଂଶ ଉପସ୍ଥାପନା କରିଥିଲେ। ଗୁରୁମାଗୁରୁଜୀଙ୍କ ସହଭାଗୀତାରେ କାହଣୀର ବିଭିନ୍ନ ମାଧ୍ୟମ ଉପସ୍ଥାପନ କରାଯାଇଥିଲା। ଶିଶୁ ବାଟିକା ପ୍ରମୁଖ ବବିତା ମାହାଣାଙ୍କ ପ୍ରତକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ପ୍ରଧାନଆଚାର୍ଯ୍ୟ ସନାତନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଟିକ୍ରାପଡ଼ା ପଞ୍ଚାୟତରେ ଗ୍ରାମସଭା

**ଟିକ୍ରାପଡା, ୨।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗ୍ରାମ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଭାରତୀ ରାଜପଲିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଡିଓ ଚିତ୍ତରଞ୍ଜନ ବନଗୁଲା, ସହକାରୀ ଯନ୍ତ୍ରୀ ହେମେନ୍ଦ୍ରନାଥ ମଲ୍ଲିକ ଉପସ୍ଥିତ ଥିଲେ। ନିର୍ବାହୀ ଅଧିକାରୀ ଜନାର୍ଦ୍ଦନ ଯୋଷୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୂର୍ବତନ ବ୍ଲକ ଉପାଧକ୍ଷ ହୃଷିକେଶ ରାଜପଲିଆ, ଆଇନଜୀବୀ ଗୌରଚନ୍ଦ୍ର ରାଜପଲିଆ, ଦିଲୀପ ରାଜପଲିଆ, ଜିଆରଏସ ଜାନକୀବଲ୍ଲଭ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ୨୦୧୯-୨୦ର ଶ୍ରମ ବଜେଟ୍ ଉପସ୍ଥାପନ କରାଯାଇଥିଲା। ଯୁରାବନ୍ଧ ପଞ୍ଚାୟତ ପରିସରରେ ସରପଞ୍ଚ କେତକୀ ଅମାତ ଓ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତରେ ସରପଞ୍ଚ ବଜରଙ୍ଗଲାଲ ଜୈନଙ୍କ ଅଧ୍ୟକ୍ଷତାରେ ଗ୍ରାମ ସଭା ଅନୁଷ୍ଠିତ ହୋଇଥିଲା।

### ଭାଜପାର ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଲୋଇସିଂହା,୨।୧୦(ଡି.ଏନ.ଏ):** ଭାଜପା ଲୋଇସିଂହା ମଣ୍ଡଳ ପକ୍ଷରୁ ଲୋଇସିଂହାଠାରେ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଜ୍ୟୋର୍ତିମୟ ରାଉତ ଓ ସ୍ୱଚ୍ଛ ଭାରତ ସଂଯୋଜକ ଭୂତନାଥ ନାଏକଙ୍କ ନେତୃତ୍ୱରେ ଲୋଇସିଂହା ବସ୍ତିରୋଡ ସଫେଇ କାର୍ଯ୍ୟ ହାତକୁ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସସି ସେଲ ଅଧ୍ୟକ୍ଷ ଆନନ୍ଦ ନାଏକ, ପ୍ରଭାରୀ ସରୋଜ ତ୍ରିପାଠୀ, ବଳରାମ ସା, ଗୌରାଙ୍ଗ ନାଏକ ସମେତ ଯୁବମୋର୍ଚ୍ଚାର ସଦସ୍ୟ ଉତ୍ତମ କବାଟ, ସୁଦୀପ ସା, ଟିକୁ ସାହୁ ପ୍ରମୁଖ ସାମିଲ ହୋଇ ସଫେଇ କରି ଜନସେଚେତନତା ସୃଷ୍ଟି କରିଥିଲେ।

# କପସିପାଲିରେ ଶ୍ରମିକ ସମାବେଶ

## ପ୍ରତି ବ୍ଲକରେ ଶ୍ରମ କାର୍ଯ୍ୟାଳୟ ସ୍ଥାପନ ଦାବି

**ଖପ୍ରାଖୋଲ,୨।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡିଆପାଲି ପଞ୍ଚାୟତ କପସିପାଲି ହାଟପଦାଠାରେ ଶ୍ରମିକ ଅଧିକାର ମଞ୍ଚ ଓ ଜିନ୍ଦାବାଦ ସଂଗଠନର ମିଳିତ ଆନୁକୂଲ୍ୟରେ ଶ୍ରମିକ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ଅଧିକାର ମଞ୍ଚ ସଭାପତି ଲୋଚନ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥିଭାବେ ଆଇନଜୀବୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପାଟଣାଗଡ ବାର ଆସୋସିଏଶନ ସମ୍ପାଦକ କାମାକ୍ଷ ପ୍ରସାଦ ସାହୁ, ପୂର୍ବତନ ତହସିଲଦାର ହିମାଂଶୁ ହୋତା, ଆଦିବାସୀ ନେତା ଧରମ ସିଂ ଧରୁଆ, ଆଇନଜୀବୀ ତ୍ରିଲୋଚନ ପୁଂଜି, ଗୋଲାପ ନିଆଲ, ସାମାଜିକ କର୍ମୀ ଅଭୟ ତ୍ରିପାଠୀ, ପୂର୍ବତନ ସଭାପତି ଶଙ୍କର ବିଶି, ପୂର୍ଣ୍ଣଚନ୍ଦ୍ର ଭୋଇ ପ୍ରମୁଖ ଯୋଗଦେଇ ଦାଦନ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସରକାର ଖପ୍ରାଖୋଲ ବ୍ଲକରେ ୧୦ଟି ପଞ୍ଚାୟତକୁ ଦାଦନ ପ୍ରବଣ ପଞ୍ଚାୟତ ଭାବେ ଚିହ୍ନଟ କରି ୧୩୪ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ ବି ୨ବର୍ଷ ହେଲା କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବାରୁ ଅତିଥିମାନେ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ନିର୍ମାଣ ଶ୍ରମିକମାନେ ପଞ୍ଜୀକୃତ ହୋଇଥିଲେ ବି ତାଙ୍କୁ ସରକାରୀ ଘୋଷିତ ସହାୟତା ମିଳୁ ନ ଥିବା ଅଭିଯୋଗ ହୋଇଥିଲା। ଏପରି କି ପଞ୍ଜୀକୃତ ୧୫ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲେ ବି ସେମାନଙ୍କୁ ମୃତ୍ୟୁକାଳୀନ ସହାୟତା ମିଳି ନ ଥିବା ଅଭିଯୋଗ କରିଥିଲେ। ଦାଦନ ଶ୍ରମିକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଗତବର୍ଷ ଶ୍ରମ ବିଭାଗ ଦାଦନ ଶ୍ରମିକ ପରିବାର ଚିହ୍ନଟ ଓ ପଞ୍ଜୀକରଣ କରିଥିଲେ। ହେଲେ ଆଜି ଯାଏଁ ପଞ୍ଜୀକରଣ କାର୍ଡ ମିଳି ନ ଥିବା ଶ୍ରମିକମାନେ ଅଭିଯୋଗ କରିଥିଲେ। ଶ୍ରମିକ ପଞ୍ଜୀକରଣ ପାଇଁ ପ୍ରତି ବ୍ଲକରେ ଶ୍ରମ କାର୍ଯ୍ୟାଳୟ ସ୍ଥାପନ, ଲଘୁବନଜାତ ଦ୍ରବ୍ୟର ସଂଗ୍ରହ, ପ୍ରକ୍ରିୟାକରଣ ଓ ବିକ୍ରିବଟା ଉପରେ ସ୍ୱତନ୍ତ୍ର ଦୃଷ୍ଟି, ନିଶା ନିବାରଣ ସହିତ ସରକାରୀ ଯୋଜନାର ସଠିକ କାର୍ଯ୍ୟକାରିତା ନେଇ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ଉଠିଥିଲା। ଏସବୁ ସମସ୍ୟାର ସମାଧାନ ନ ହେଲେ ଆଗାମୀ ନଭେମ୍ବର ଖପ୍ରାଖୋଲ ବ୍ଲକରେ ଶ୍ରମିକ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଏହି ଅବସରରେ ଚେତାବନୀ ଦେଇଥିଲା। ସମାବେଶ ଆରମ୍ଭରୁ ଗାନ୍ଧିଜୀ ଓ ଶାସ୍ତ୍ରୀଜୀ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଥିଲା। ସମାବେଶରେ ଖପ୍ରାଖୋଲ, ବେଲପଡା, ତୁରେକେଲା ଓ ପାଟଣାଗଡ ବ୍ଲକ ଅଞ୍ଚଳର ଶତାଧିକ ଶ୍ରମିକ ଯୋଗଦେଇଥିଲେ।



ସମାବେଶରେ ଯୋଗଦେଇଥିବା ଶ୍ରମିକମାନେ।

**ଗର୍ଜିଲେ ଶ୍ରମିକ**

- ପଞ୍ଜୀକରଣ ହୋଇଛି, ମିଳିନି କାର୍ଡ
- ପଞ୍ଜୀକୃତ ଶ୍ରମିକ ପାଇନାହାନ୍ତି ମୃତ୍ୟୁକାଳୀନ ସହାୟତା
- ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

### ମିଳିତ ପ୍ରାଥମିକ ଶିକ୍ଷକ ସଂଘର ବିକ୍ଷୋଭ

**ଖପ୍ରାଖୋଲ,୨।୧୦(ଡି.ଏନ.ଏ.)**

ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଖପ୍ରାଖୋଲ ବ୍ଲକ ଶାଖା ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶିକ୍ଷକମାନଙ୍କୁ ଅଣ ଶୈକ୍ଷିକ କାର୍ଯ୍ୟରୁ ଦୂରେଇବା ସହ ସୁରକ୍ଷା ଦାବିରେ ସେମାନେ ବ୍ଲକ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। । କିଛି ଦିନ ତଳେ ସଇଁତଲା ବ୍ଲକ ଘୁନସର ପ୍ରାଥମିକ ବିଦ୍ୟାଳୟରେ କୃମି ଔଷଧ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ହେଲା ପରେ ପ୍ରଧାନଶିକ୍ଷକ ଅନୁଗ୍ରହ ନନ୍ଦଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ଏଥିରେ ମାନସିକ ଆଘାତପ୍ରାପ୍ତ ହୋଇ ତାଙ୍କର ମୃତ୍ୟୁ ହୋଇଥିବା ସଂଘ ଅଭିଯୋଗ କରିଥିଲା। ଉପଯୁକ୍ତ ନ୍ୟାୟ ସହ ୧ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ସଂଘ ଦାବି କରିଛି। ବିଭିନ୍ନ ଅଣଶୈକ୍ଷିକ କାର୍ଯ୍ୟକୁ ଶିକ୍ଷକଙ୍କ ଉପରେ ଲଦିବା ସହ କୌଣସି ଅଘଟଣ ଘଟିଲେ ସେମାନେ ଆକ୍ରମଣର ଶିକାର ହେଉଥିବାରୁ ସରକାର ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଶିକ୍ଷକ ନେତାମାନେ ଦାବି କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଦଫା ସମ୍ବଳିତ ଦାବିପତ୍ର ବିଇଓ ଷଷ୍ଠୀ ପ୍ରସାଦ ଝାଁକରଙ୍କୁ ପ୍ରଦାନ କରାଯାଇଥିଲା। ଏବିଇଓ ବୀରେନ୍ଦ୍ର ସାହୁ, ମିନିକେତନ ବରିହା, ଶିକ୍ଷକ ନେତା ନାରାୟଣ କିଷାନ, ସନ୍ତୋଷ ବାଗ, ସତ୍ୟବାନ ସାହୁ, ଧରମସିଂ ଧରୁଆ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ।

## କଲେଜ ପାଠାଗାର, ପ୍ରଶାସନିକ କୋଠା ଉଦ୍‌ଘାଟିତ

**ଲୋଇସିଂହା,୨।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜରେ ରୁସା ଅନୁଦାନରେ ନିର୍ମିତ କଲେଜ ପାଠାଗାର ଓ ପ୍ରଶାସନିକ ସମ୍ପ୍ରସାରଣ କୋଠା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ନବ ନିର୍ମିତ କୋଠାକୁ କଲେଜ ଅଧ୍ୟକ୍ଷ ବୀରବର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ । ୨୦୧୭-୧୮ ଆର୍ଥିକ ବର୍ଷରେ ରୁସା ଅନୁଦାନରେ ପ୍ରାୟ ୮ ଲକ୍ଷ ବ୍ୟୟ ଅନୁଦାନରେ ଏହି କୋଠା ନିର୍ମିତ ହୋଇଛି। ଗାନ୍ଧୀ ଜୟନ୍ତୀ ଅବସରରେ ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକଙ୍କ ଉପସ୍ଥିତିରେ ଅଧ୍ୟକ୍ଷ ତ୍ରିପାଠୀ ଲୋକାର୍ପଣ କରିଥିଲେ। ସେ କହିଥିଲେ ଯେ, ଏହି କୋଠା ହେବା ଦ୍ୱାରା କଲେଜର ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ଉପକୃତ ହେବେ। କୋଠାର ସଦ୍‌ବିନିୟୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ବିବେକାନନ୍ଦ ମିଶ୍ର, ଦୟାନିଧି ସାହୁ, ପ୍ରତାପ ବହିଦାର, ସମୀର ଦାନି, ପ୍ରଦୀପ ବରର୍ତ୍ତି, ସୁନୀତି ହୋତା, ଶାନ୍ତନୁ ବେହେରା, ନିଳାମ୍ବର ପଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।





କଲେଜ ଅଧ୍ୟକ୍ଷ ବୀରବର ତ୍ରିପାଠୀ ନବ ନିର୍ମିତ କୋଠାକୁ ଉଦ୍‌ଘାଟନ କରୁଛନ୍ତି।

### ସ୍ୱତନ୍ତ୍ର ଗ୍ରାମସଭାରେ ଭିତ୍ତିଭୂମି ବିକାଶ ଆଲୋଚନା

**ଖପ୍ରାଖୋଲ, ୨।୧୦(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକର ସମସ୍ତ ପଞ୍ଚାୟତରେ ଗାନ୍ଧୀଜୟନ୍ତୀଅବସରରେସ୍ୱତନ୍ତ୍ରଗ୍ରାମସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତମାନଙ୍କୁ ବ୍ଲକ ତରଫରୁ ସ୍ୱତନ୍ତ୍ର ଅଧିକାରୀ ପରିଚାଳନା ପାଇଁ ପଠାଯାଇଥିଲା। ସରପଞ୍ଚ, ପିଇଓ, ଜିଆରଏସଙ୍କ ସମେତ ପଞ୍ଚାୟତ ପ୍ରତିନିଧି, ଆଙ୍ଗନବାଡି କର୍ମୀ, ଆଶା କର୍ମୀ, ସାମାଜିକ ସମୀକ୍ଷା ୟୁନିଟ ପ୍ରତିନିଧି, ଗାଁ ସାଥିଙ୍କ ସମେତ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଓ ଶ୍ରମିକମାନେ ଉପସ୍ଥିତ ଥିଲେ। ବ୍ଲକ ଅଧୀନ ମାଟିଆଭଟା ପଞ୍ଚାୟତରେ ଅନୁଷ୍ଠିତ ଗ୍ରାମସଭାରେ ଅଧକ୍ଷତା କରିଥିଲେ ସରପଞ୍ଚ ନରସିଂହ ସାହୁ। ପର୍ଯ୍ୟବେକ୍ଷକଭାବେ ସହକାରୀ ଯନ୍ତ୍ରୀ ସୌମ୍ୟକିଶୋର ଜୟପୁରିଆ, ଇଓ ମୋହନ ବେହେରା ଓ ଜିଆରଏସ ନୀଳମଣି ଜାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟ ଖସଡା, ଗ୍ରାମୀଣ ଗୃହ ନିର୍ମାଣ ସହିତ ବିଭିନ୍ନ ଭିତ୍ତିଭୂମି ବିକାଶ ଉପରେ ଆଲୋଚନା ହୋଇଥିଲା। ଆଗାମୀ ଏକମାସ ମଧ୍ୟରେ ବିଭିନ୍ନ ଗାଁରେ ପଲ୍ଲୀସଭା ସହିତ ପଞ୍ଚାୟତସ୍ତରରେ ଗ୍ରାମସଭା ବସି କାର୍ଯ୍ୟ ଖସଡା ପ୍ରସ୍ତୁତି ହେବ ବୋଲି ଆଲୋଚନା ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିଥିଲେ।





ବିଜେଡି କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଲୋଇସିଂହା,୨।୧୦(ଡି.ଏନ.ଏ)**

ଲୋଇସିଂହା ବ୍ଲକ ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ଭାଲିଆମୁଣ୍ଡା ଗ୍ରାମରେ ଜନସମ୍ପର୍କପଦଯାତ୍ରା ମଙ୍ଗଳବାର ଅରମ୍ଭ ହୋଇଛି। ଭାଲିଆମୁଣ୍ଡା ସାପ୍ତାହିକ ବଜାରଠାରେ ଆୟୋଜିତ ସମାବେଶରେ ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ସାହୁ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ସଭାରେ ଯୁବ ବିଜେଡି ରାଜ୍ୟ ସମ୍ପାଦକ ନିହାର ରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ଓ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥିଭାବେ ବିଜେଡି ବ୍ଲକ ସଭାପତି ସୁଶାନ୍ତ ମିଶ୍ର, ସମିତି ସଭ୍ୟ ହେମାଲ ମେଶ୍ରା, ବୀରବଳ ଧରୁଆ, ହୃଦୟାନନ୍ଦ ବେହେରାଙ୍କ ସମେତ ବହୁ ସରପଞ୍ଚ ଯୋଗଦେଇ କେନ୍ଦ୍ର ସରକାରଙ୍କ ଅବହେଳା ଓ ଆବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧିର ତୀବ୍ର ସମାଲୋଚନା କରିଥିଲେ। ସଭା ପ୍ରାରମ୍ଭରେ ବିଧାୟକ ପ୍ରତିନିଧି ସାହୁଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ବଳଦେବପୁର ଓ ଭାଲିଆମୁଣ୍ଡା ବସ୍ତି ପରିକ୍ରମା କରିଥିଲେ। ସରୋଜ ମହାକୁର ସଭା ପରିଚାଳନା କରିଥିବାବେଳେ ପ୍ରବୀଣ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଉପଖଣ୍ଡସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

## ୬ ୱାର୍ଡ ବାହ୍ୟ ଶୌଚମୁକ୍ତ ଘୋଷଣା

**ଟିଟିଲାଗଡ଼, ୨।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭଗ ପକ୍ଷରୁ ମହାତ୍ମା ଗାନ୍ଧୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ଜୟନ୍ତୀ ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀମାନେ ରାମଧୂନ ଗାନ କରିଥିଲେ। ବିଧାୟିକା ଟୁକୁନୀ ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରାଧାପକ ଡ. ଅଜାମ୍ବର ମଲ୍ଲ ମୁଖ୍ୟବକ୍ତା, ଉପଜିଲାପାଳ ସୁଧାକର ନାୟକ ଏବଂ ପୌରାଧକ୍ଷା ଗୋବର୍ଦ୍ଧନ ନାଗ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଖ୍ରୀଷ୍ଟିୟାନ ଧର୍ମ ପ୍ରତିନିଧି ଅଜୟ ଛତ୍ରିଆ ଛତ୍ରିଆ, ମୁସଲମାନ ଧର୍ମର ମୌଲାନା ଉବେଦ ରାଜା, ହିନ୍ଦୁ ଧର୍ମର ବିଶ୍ୱରାମ ଠାକୁର, ଜୈନ ଧର୍ମରୁ ସୁମନ ଜୈନ ପ୍ରମୁଖ ସମାଜରେ ଶାନ୍ତି ପ୍ରତିଷ୍ଠା ସମ୍ପର୍କରେ ନିଜ ଧର୍ମ ବାଣୀ ପଠନ କରିଥିଲେ। ଏହି ଜୟନ୍ତୀ ଉପଲକ୍ଷେ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ଉପସ୍ଥିତ ରହି ନାଗରିକଙ୍କୁ ଶୌଚମୁକ୍ତ ସହର ଗଠନ ପାଇଁ ଶପଥ ପାଠ କରାଇଥିଲେ। ସହରର ୬ଟି ୱାର୍ଡକୁ ବେହେରା ବାହ୍ୟ ଶୌଚମୁକ୍ତ ଅଞ୍ଚଳ ଘୋଷଣା କରିଥିଲେ। ପୌରାଞ୍ଚଳରେ ୱାର୍ଡଗୁଡିକରେ ୩୮ଟି ଗୋଷ୍ଠୀଗତ ଶୌଚାଳୟ ଏବଂ ୧୨୪୭ଟି ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ କରାଯାଇଥିବା ନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ। ପରେ ବିଧାୟିକା ଏବଂ ଉପଜିଲାପାଳ ସ୍ଥାନୀୟ ଦିବ୍ୟାଙ୍ଗ କେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କୁ ବସ୍ତ୍ର ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ ଅଶ୍ୱିନୀ ମହାନ୍ତି, ଡ. ବିନୋଦ ବିହାରୀ ଜାଲ, ଅଲେଖ ଦଳବେହେରା, ତ୍ରିନାଥ ସରାଫ, ଧବଳେଶ୍ୱର ଦଳବେହେରା, ରାଜୁ ମିଶ୍ର, ଈଶ୍ୱର ଜୈନ ସମସ୍ତ କାଉନସିଲର, ବିଭିନ୍ନ ଶିକ୍ଷାନୁଷ୍ଠାନ ପ୍ରତିନିଧି, ଛାତ୍ରୀଛାତ୍ର, ପୌର କର୍ମଚାରୀ ତଥା ନାଗରିକ ଉପସ୍ଥିତ ଥିଲେ।

### ଗାନ୍ଧୀ ଜୟନ୍ତୀରେ ନିଆରା କାର୍ଯ୍ୟକ୍ରମ

# ଆମେ ବି ମଣିଷ

**ବଲାଙ୍ଗୀର ଅଫିସ,୨।୧୦**

ବ୍ୟସ୍ତବହୁଳ ଜୀବନ ଭିତରେ ଏମିତି କିଛି ମଣିଷ ନଜରକୁ ଆସନ୍ତି ଯେଉଁମାନେ ମାନସିକ ବିକୃତି କାରଣରୁ କି ବିଭିନ୍ନ ରୋଗ କାରଣରୁ ଏକ ତିରସ୍କାରର ଜୀବନ ଜୀଉଥାନ୍ତି । ଆମେ ସମସ୍ତେ ସେମାନଙ୍କୁ ରାସ୍ତାଘାଟରେ ବୁଲୁଥିବା, ହସପିଟାଲ ଶଯ୍ୟାରେ ଛଟପଟ ହେଉଥିବା ଦେଖୁଁ । ଇଚ୍ଛାଥିଲେ ବି ସେମାନଙ୍କ ପାଇଁ କିଛି କରିହୁଏ ନାହିଁ । ଆମ ଅଗୋଚରରେ ସେମାନେ ଭୀଷଣ ଯନ୍ତ୍ରଣା ଭୋଗ କରୁଥାନ୍ତି । ଏଭଳି କିଛି ମାନସିକ ବିକୃତ ତଥା ରୋଗୀଣା ମଣିଷଙ୍କୁ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ କିଛି ଭଲ ପାଇବା ସାଉଁଟିଥିଲେ ବଲାଙ୍ଗୀରର ବିଙ୍ଗ ହ୍ୟୁମାନ୍ ଫାଉଣ୍ଡେଶନ୍‌ର ସ୍ୱେଚ୍ଛାସେବୀମାନେ । ବଲାଙ୍ଗୀର ସହରର ବିଭିନ୍ନ ରାସ୍ତାଘାଟରେ ବୁଲୁଥିବା ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ଏକ ପରିତ୍ୟକ୍ତ ୱାର୍ଡରେ ଭର୍ତ୍ତିହୋଇ ଅତ୍ୟନ୍ତ ଅସହାୟ ଜୀବନ ବିତାଉଥିବା ୪ଜଣ ମାନସିକ ବିକୃତ ଏବଂ ରୋଗାକ୍ରାନ୍ତଙ୍କୁ ସେବାଶୁଶ୍ରୁଷା କରାଯାଇଥିଲା । ସ୍ୱେଚ୍ଛାସେବୀମାନେ ୨ ମହିଳା ଏବଂ ୨ ପୁରୁଷ ମାନସିକ ବିକାରଗ୍ରସ୍ତ ରୋଗୀଙ୍କୁ ସଫାସୁତରା କରିବା ସହ ନୂଆ ବସ୍ତ୍ର ପ୍ରଦାନ କରିଥିଲେ। ଦୀର୍ଘଦିନରୁ ଅତ୍ୟନ୍ତ ଅବହେଳିତ ହୋଇ ଜରାଜୀର୍ଣ୍ଣ ଓ ଦୁର୍ଗନ୍ଧମୟ ହୋଇଯାଇଥିବା ତାଙ୍କ ଶରୀରକୁ ଡେଟଲ ପାଣିରେ ଧୋଇ ସଫା କରିଥିଲେ । ସେମାନଙ୍କ କେଶ କାଟିବା ସହ ସେମାନଙ୍କ ପରିତ୍ୟକ୍ତ ଶଯ୍ୟାରୁ ଆଣି ଅନ୍ୟତ୍ର ରଖାଯାଇଥିଲା । ଜିଲା ମୁଖ୍ୟ ଚିକିତ୍ସାଳୟର ଏକ ସ୍ୱତନ୍ତ୍ର ୱାର୍ଡରେ ସେମାନଙ୍କୁ ଭଲ ଭାବେ ରଖାଯିବାକୁ ଦାବି କରିଥିଲେ। ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେଶନ୍‌ର ଉପଦେଷ୍ଟା ଲଳିତ କୁମାର ନାୟକଙ୍କ ନେତୃତ୍ୱରେ ପାଉଣ୍ଡେଶନ୍ ସଭାପତି ସୋମନାଥ ମିଶ୍ର, ସମ୍ପାଦକ ବିବେକାନନ୍ଦ ପଟେଲ, ମହିଳା ଓ ଯୁବ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଆମେ ବି ମଣିଷ ଶୀର୍ଷକରେ ଏହି ସଂସ୍ଥା ତରଫରୁ ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ସୂଚନା ଦିଆଯାଇଥିଲା । ଆଗକୁ ଏହି ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ସହରରେ ବୁଲୁଥିବା ମାନସିକ ବିକାରଗ୍ରସ୍ତ ଓ ରୋଗୀଣାମାନଙ୍କୁ ସେବା ଯୋଗାଇବା କାର୍ଯ୍ୟ କରିବେ ବୋଲି ନାୟକ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।



ଆମେ ବି ମଣିଷ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନେ ସେବା ଯୋଗାଉଛନ୍ତି।

- ୪ ମାନସିକ ଅନଗ୍ରସରଙ୍କ ସେବା ଶୁଶ୍ରୂଷା
- ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେଶନ୍ ସ୍ୱେଚ୍ଛାସେବୀଙ୍କ ବଦାନ୍ୟତା

### ନିଶା ନିବାରଣ ସଚେତନତା ଶୋଭାଯାତ୍ରା

**ଖପ୍ରାଖୋଲ, ୨।୧୦(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ସଦର ପଞ୍ଚାୟତ ବିଜୁ ଯୁବବାହିନୀ ତରଫରୁ ଗାନ୍ଧୀ ଜୟନ୍ତୀ ଅବସରରେ ନିଶା ନିବାରଣ ସଚେତନତା ଶୋଭାଯାତ୍ରା ବାହାରିଥିଲା। ସ୍ଥାନୀୟ ହାଇସ୍କୁଲ ପଡିଆଠାରୁ ବାହାରି ଥିବା ଶୋଭାଯାତ୍ରା ଗାଁ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା, ଜିପିଇଓ ସୁଶାନ୍ତ ପାଣିଙ୍କ ଉପସ୍ଥିତିରେ ନିଶାକୁ ନା ପାଇଁ ଏକ ଶପଥ ପାଠ କରାଯାଇଥିଲା। ଯୁବ ସମାଜ କିଭଳି ନିଶାଠାରୁ ଦୂରେଇ ଏକ ସ୍ୱଚ୍ଛ, ଶାନ୍ତ ଏବଂ ନିଶାମୁକ୍ତ ରାଷ୍ଟ୍ର ଗଠନ କରିବା ସହ ଗାନ୍ଧିଜୀଙ୍କ ସ୍ୱପ୍ନକୁ ସାକାର କରିବା ନେଇ ଗୋଷ୍ଠୀଉନ୍ନୟନ ଅଧିକାରୀ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ବାହିନୀ ବ୍ଲକ ସଂଯୋଜକ ଲକ୍ଷ୍ମୀଧର ବିଶି, ଖପ୍ରାଖୋଲ ପଞ୍ଚାୟତ ସଭାପତି ବାଳଗୋପାଳ ଦାଶ, ସମ୍ପାଦକ ଅନନ୍ତ ବାରିକ, ଛାୟାକାନ୍ତ ଭୋଇ, ବାଦଲ ଦଣ୍ଡସେନା ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଫୁଟବଲ ଟୁର୍ନାମେଣ୍ଟ, ପର୍ଲା ଚାମ୍ପିୟନ

ଜୁନାଗଡ,୨।୧୦(ସ୍ୱ.ପ୍ର.)
ଜୁନାଗଡର ଆରାଧ ଦେବୀ ମା' ଲଙ୍କେଶ୍ୱରୀଙ୍କ ଖଣ୍ଡା ବସା ପର୍ବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଜୁନାଗଡ ଫୁଟବଲ କ୍ଲବ ଦ୍ୱାରା ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଜୁନାଗଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୁଝାରୀ ଏବଂ ଓକିଲ ସଂଘ ସଭାପତି ହିମାଂଶୁ ଶେଖର ବରାଡ ଉପସ୍ଥିତଥିଲେ। ସେହିଭଳି ସେମି ଫାଇନାଲରେ ମୁଖ୍ୟ ଅତିଥି ଭାବେ ଜୁନାଗଡ ଥାନାଧିକାରୀ ରାଜେନ୍ଦ୍ର ଦେହୁରୀ, ସମ୍ମାନୀତ ଅତିଥି ଭାବେ ସବ ଇନିସପେକ୍ଟର ଉମ୍ବରୁଧର ପ୍ରଧାନ, ଖବରଦାତା ସନ୍ତୋଷ ସିଂଦେଓ, ସଞ୍ଜିବ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ ପର୍ଲା ଓ ଜୁନାଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପର୍ଲା ବିଜୟୀ ଘୋଷିତ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ ସାମାଜିକକର୍ମୀ ଦୁର୍ଗା ପ୍ରସାଦ ନାଏକ ଉପସ୍ଥିତ ଥିଲେ। ଖେଳ ପରିଚାଳନାରେ ତ୍ରିଯୋଗୀ ସାମନ୍ତରାୟ, ରମଣିରଞ୍ଜନ ପଣ୍ଡା, ଦୀପକ କୁଣ୍ଡୁ, ସନ୍ତୋଷ ପଟ୍ଟନାୟକ ବିପୀନ ଦୁରିଆ ପ୍ରମୁଖ ସହାୟତା କରିଥିଲେ।



### ହୋଟେଲ ମାଲିକଙ୍କ ମୃତ୍ୟୁ

ରାଉରକେଲା ଅଫିସ,୨।୧୦
ଉଦିତନଗରସ୍ଥିତ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଗୋଟିଏ ଗଛର ଡାଳ ଏକ କାର ଉପରେ ଭାଙ୍ଗି ପଡିଛି। ଏଥିରେ ଜଣେ ହୋଟେଲ ମାଲିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅନୁପ ଅଗ୍ରୱାଲ (୪୫)।

# ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ ପାଳିତ





ଜିଲାପାଳ ଡା. ଜି ପରାଗ ହର୍ଷଦ ଗାନ୍ଧୀଜିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି (ବାମ)। ଲାଞ୍ଜିଗଡ଼ଠାରେ ଗାନ୍ଧୀ ଜୟନ୍ତୀ ଅବସରରେ ଯୋଗଦେଇଥିବା ଅତିଥିମାନେ।

**ଭବାନୀପାଟଣା/ରିଷିଡା/ ଲାଞ୍ଜିଗଡ଼, ୨।୧୦ (ଡି.ଏନ୍.ଏ.)**

ଭବାନୀପାଟଣାଠାରେ ମଙ୍ଗଳବାର ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲାପାଳ ଡା. ଜି ପରାଗ ହର୍ଷଦ ଓ ଏସ୍‌ପି ବି.ଗଙ୍ଗାଧର ଏହି ଅବସରରେ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସ୍ଥାନୀୟ ଗାନ୍ଧୀ ଛକଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିବାବେଳେ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, ସାମାଜିକକର୍ମୀ ଓ ସରକାରୀ ବେସରକାରୀ ବ୍ୟକ୍ତିମାନେ ଯୋଗଦେଇଥିଲେ । ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ୍ କମ୍ପିଟିଶନ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି କଳାହାଣ୍ଡି ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ବ୍ରଜମୋହନ ସାହୁ ଏହି ଜୟନ୍ତୀ ଦିବସରେ ସଭାପତିତ୍ୱ କରିଥିଲେ। ପିସିସି ସମ୍ପାଦକ ଶାନ୍ତନୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାନ୍ଧୀଜୀ ଓ ଶାସ୍ତ୍ରୀଙ୍କ ଜୀବନୀ ଉପରେ ଉଦ୍‌ବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଶ୍ୟାମ ସୁନ୍ଦର ନାଏକ, ଆଦିବାସୀ ନେତା ପରମାନନ୍ଦ ମାଝି, ନଗର କଂଗ୍ରେସ ସଭାପତି ହିମାଞ୍ଚଳ ନାଏକ, କୃଷକ ସେଲ୍ ନେତା ସଚିଦାନନ୍ଦ ମହାଖୁଡ, ମିଡିଆ ସେଲ୍ ସଭାପତି ମହମ୍ମଦ ଅଲ୍ଲି, ପୂର୍ବତନ ନଗର କଂଗ୍ରେସ ସଭାପତି ସୁରେଶ ପଟ୍ଟନାୟକ, ମହିଳା ନେତ୍ରୀ ସୁକାନ୍ତି ସରାଫଙ୍କ ସମେତ ଶରତ ନାଏକ, ଭାଗବତ ଯାବଦ, ପ୍ରୀତମ ବେହେରା, ରଞ୍ଜିତ ସରାଫ୍, କୁନମୁନ୍ ମାଝୀ, ମହେନ୍ଦ୍ର ବାଗଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଭ୍ୟାସଭ୍ୟ ଯୋଗଦେଇଥିଲେ । ସେହିପରି କର୍ଲାମୁଣ୍ଡାବ୍ଲକ ରିଷିଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ଅଶୋକ ତ୍ରିପାଠୀ ଗାନ୍ଧୀଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିବାବେଳେ ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହିପରି ଏହି ବ୍ଲକର ଘୁଣ୍ଟୁପଡା ପ୍ରାଥମିକ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ଲାଞ୍ଜିଗଡ଼ଠାରେ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ବ୍ଲକର ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ମା' ହୀରାନୀଳା ପ୍ରଗତି ଯୁବ କେନ୍ଦ୍ର ଓ ଲାଞ୍ଜିଗଡ ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଲାଞ୍ଜିଗଡ ବିଧାୟକ ବଳଭଦ୍ର ମାଝୀ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷ ଇଂ ଫକୀରମୋହନ ମାଝୀ, ମା' ହୀରାନୀଳା +୩ ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ସାହୁ, +୨ ମହାବିଦ୍ୟାଳୟର ଅଧ୍ୟକ୍ଷ କଙ୍କଣ ରାୟ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆ, ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଜଗସନ ସାହୁ, ସାମାଜିକ କର୍ମୀ ତରୁଣ ଦାସ, ପ୍ରଦୀପ ଘଡେଇ, ପ୍ରଗତି ଯୁବ କେନ୍ଦ୍ରର ସଭାପତି ବିରଞ୍ଚି ପ୍ରଧାନୀ, ସମ୍ପାଦକ କିଶୋର ଘଡେଇ ପ୍ରମୁଖ ଯୋଗଦେଇ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏହି ଅବସରରେ ବିଜୁ ଯୁବ ବାହିନୀ ପକ୍ଷରୁ ବିଶ୍ୱନାଥପୁର ଭୈରବ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ସେହିପରି କାନକୁଟ୍ରୁ ପଞ୍ଚାୟତ ପାଇକବୋରି ଗାଁରେ ଅଙ୍ଗନୱାଡି କର୍ମୀ ଚଞ୍ଚଳା ସାହୁଙ୍କ ନେତୃତ୍ୱରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଗାମ୍ବର କର, ୱାର୍ଡ ସଭ୍ୟ ସୁକାନ୍ତି ମାର୍ଥା, ଗୌନ୍ତିଆ ଦେବେନ୍ଦ୍ର ମାର୍ଥା ପ୍ରମୁଖ ଯୋଗଦେଇଥିଲେ। ଗାଁର ୧୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସମେତ ଗ୍ରାମବାସୀ ସାମିଲ ହୋଇଥିଲେ । ସେହିପରି ଗୋବର୍ଦ୍ଧନପୁର ପଞ୍ଚାୟତ ରାମଚନ୍ଦ୍ରପୁରଠାରେ ଦୁର୍ଗାପୂଜା କମିଟି ଓ ବିଜୁ ଯୁବ ବାହିନୀ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରପଞ୍ଚ ସୁରେନ୍ଦ୍ର ମାଝୀ ଅତିଥି ଭାବେ ଯୋଗ ଦେଇଥିବାବେଳେ ପୂଜା କମିଟିର ସଭାପତି ଲମ୍ବୋଦର ପତି, ସଦସ୍ୟ ମନୋଜ ବେହେରା, ବୀରେନ୍ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଏଥିରେ ଭାଗ ନେଇଥିଲେ ।

### ବିଜୁ ଯୁବ ବାହିନୀର ନିଆରା ଅଭିଯାନ

# ବାଇକ୍ ଶୋଭାଯାତ୍ରା, ପଥପ୍ରାନ୍ତ ସଭା

ଲାଞ୍ଜିଗଡ଼,୨।୧୦(ଡି.ଏନ୍.ଏ.)

ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ରାଜ୍ୟ ସରକାର ଏକ ଯୁଗାନ୍ତ ନିଷ୍ପତ୍ତି ନେବା ସହ ବିଜୁ ଯୁବ ବାହିନୀର ସହାୟତାରେ ନିଶାମୁକ୍ତି ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅବସରରେ ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତର ବିଜୁ ଯୁବ ବାହିନୀ ପକ୍ଷରୁ ଏକ ନିଆରା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଯୁବ ଲେଖକ, ସାମାଜିକକର୍ମୀ ତଥା ବିଜୁ ଯୁବ ବାହିନୀର ସକ୍ରିୟ ସଦସ୍ୟ ସୁଶୀଲ ବାଗଙ୍କ ନେତୃତ୍ୱରେ ବିଜୁ ଯୁବ ବାହିନୀ ପକ୍ଷରୁ ଗୋବର୍ଦ୍ଧନପୁର ପଞ୍ଚାୟତର ୯ଟି ଗାଁ ଓ ୧୩ଟି ୱାର୍ଡ ତଥା ବିଭିନ୍ନ ପଡା ଓ ବସ୍ତିରେ ଏକ ବାଇକ୍ ଶୋଭାଯାତ୍ରା ସହ ୧୩ଟି ସ୍ଥାନରେ ପଥପ୍ରାନ୍ତ ସଭା ଓ ସ୍ଲୋଗାନ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯାଇଛି । ଏହି ଅଭିଯାନରେ ବିଜୁ ଯୁବ ବାହିନୀର ସଭାପତି ପ୍ରତୀକ ରଞ୍ଜନ ପରିଡା, ସମ୍ପାଦକ ରାମସାଗର ମାଝି, କୋଷାଧ୍ୟକ୍ଷ ଅମିତ ପ୍ରଧାନ, ସକ୍ରିୟ ସଦସ୍ୟ ତୀର୍ଥ ଗହିର, ହୃଷିକେଶ ବଗର୍ତ୍ତୀ, ଘନଶ୍ୟାମ ସାହୁ, ଭୂଜନ ହାତୀ, ଲଳିତା ବାଗ, ସଞ୍ଜିତ ମାଝି, ଉପେନ୍ଦ୍ର ସାହୁ, ଅଜିତ ଛତରଙ୍କ ସମେତ ସମସ୍ତ ସଦସ୍ୟ ଭାଗ ନେବା ସହ ଘର ଘର ବୁଲି ନିଶା ନିବାରଣ ଉପରେ ଜନ ସଚେତନତା ସୃଷ୍ଟି କରିଥିଲେ । ଏହି ଶୋଭାଯାତ୍ରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ବିଭିନ୍ନ ପଡା ଓ ବସ୍ତି ବୁଲିବା ସହ ଲୋକଙ୍କୁ ନିଶାର କୁପରିଣାମ ସମ୍ପର୍କରେ ବୁଝାଇବା ସହ ପ୍ରଚାର ପତ୍ର ବାଣ୍ଟିଥିଲେ । ବିଜୁଯୁବ ବାହିନୀର ଏହି କାର୍ଯ୍ୟକ୍ରମକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିବାବେଳେ ଆଦିବାସୀ ବହୁଳ ଏହି ଅଞ୍ଚଳରେ ବିଜୁ ଯୁବ ବାହିନୀର ନିଶାମୁକ୍ତି ଅଭିଯାନ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ସାଧାରଣରେ ଆଲୋଚନା ହେଉଛି ।




ବିଜୁ ଯୁବ ବାହିନୀ ପକ୍ଷରୁ ବାଇକ୍ ଶୋଭାଯାତ୍ରା।

### ବିମାନବନ୍ଦରରେ ସାନିଟାରୀ ନାପକିନ୍ ଭେଣ୍ଡିଂ ମେଶିନ୍

**ଝାରସୁଗୁଡା ଅଫିସ,୨।୧୦**

ଝାରସୁଗୁଡାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ପରିସରରେ ମହିଳାଙ୍କ ପାଇଁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସୁବିଧା। ବିମାନବନ୍ଦର ପରିସରରେ ସ୍ଥାପନ କରାଯାଇଛି ସାନିଟାରୀ ନାପକିନ୍‌ର ଏକ ଭେଣ୍ଡିଂ ମେସିନ୍। ୫ଟଙ୍କା ବ୍ୟୟରେ ମହିଳାମାନେ ସାନିଟାରୀ ନାପକିନ୍ ହାସଲ କରିପାରିବେ। ମାସିକ ଧର୍ମ ସମୟରେ ଯାତ୍ରା କରୁଥିବା ମହିଳା ବିମାନଯାତ୍ରୀଙ୍କ ପାଇଁ ଏହି ସୁବିଧା ବେଶ୍ ଉପାଦେୟ ସାବ୍ୟସ୍ତ ହେବ। ଝାରସୁଗୁଡାର ମହିଳା ସଙ୍ଗଠନ 'ସଙ୍ଗିନୀ' ତରଫରୁ ଏହି ନାପକିନ୍ ଭେଣ୍ଡିଂ ମେଶିନ୍ ପ୍ରଦାନ କରାଯାଇଛି। ମଙ୍ଗଳବାର ବିମାନବନ୍ଦର ନିର୍ଦ୍ଦେଶକ ଏସ୍.କେ ଚୌହାନ ଏହାର ଉଦ୍‌ଘାଟନ କରଛନ୍ତି। ସଙ୍ଗିନୀର ସଦସ୍ୟା ସରିତା ଅଗ୍ରୱାଲ, ସମେତ ବହୁ ମହିଳା ଉପସ୍ଥିତ ଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସଂପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

SMS JOB
Send SMS, Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଆନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ- 7991052261, 7991052595

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527, +91 8126673652
ଠକମାନଙ୍କ ପ୍ରତି ସାବଧାନ

BUSINESS
ସରକାରୀ ଯୋଜନାଦ୍ୱାରା ଡିଜିଟାଲ୍ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ବିମା ଫ୍ରି
Office No.413, Commercial Complex, Paschim Vihar, New Delhi-64
08076675193, 08700152155

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669, 8337956019

ଡିଜିଟାଲ ଉପକରଣ
ହିନ୍ଦୁସ୍ଥାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) ଖାଲି ଜମି ଉପରେ ଡିଜିଟାଲ୍ ଟାୱାର ଲାଗନ୍ତୁ। ଅଗ୍ରିମ ୨୦,୦୦୦,୦୦, ଭଡ଼ା 70,000, 60,000ର ଅନ୍ୟାନ୍ୟ ସୁବିଧା + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି। ନୋଟ୍- (ଇଚ୍ଛୁକ ବ୍ୟକ୍ତି ନାମ, document Gmail/ଫୋନ୍ କରନ୍ତୁ।)
7302090964
2/2250, Rambagh Colony, Ramghat Road, Gali No.4 Tehsil- Koil, Dist- Aligarh

ଅଲ୍ ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ସରକାରୀ ପଞ୍ଜୀକୃତ । ଖାଲି ଜମି, ଚାଷ ଜମି, ଛାତ ସବୁଠି ଡିଜିଟାଲ୍ ଉପକରଣ ଲଗାନ୍ତୁ । ଅଗ୍ରିମ - 60 ଲକ୍ଷ, ଭଡ଼ା - 50 ହଜାର , ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ଓ ଉପକରଣ ସ୍ଥାପନ + ମାଗଣା ମୋବାଇଲ୍ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ । କଲ୍ କିମ୍ବା ଏସ୍‌ଏମ୍‌ଏସ୍ କରନ୍ତୁ।
Address:- Head Office 181/182 Janta Complex Rajiv Chok, Delhi
Contact:- 08826963806, 09319359816

Free GOLD COIN Free
A 2 Z FINANCE Ltd.
ଦିପାବଳୀ ଧମାକା
3 ଲକ୍ଷରୁ 5 କୋଟି
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ସମସ୍ତ ଋଣ ଘରେ ବସି
ସୁଧ 0% ରୁ 6%
9506060250
Add : - 41/14, Sec-1 Pushp Vihar, Delhi

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603, 7064382081

ଡିଜିଟାଲ ଉପକରଣ
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗ୍ରୁପ୍। ନିଜର ଖାଲି ଜମି, ଛାତ, ଘର, କ୍ଷେତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦,୦୦,୦୦୦, ଭଡ଼ା ୨୦,୦୦୦ + 20,000ର ଅନ୍ୟାନ୍ୟ ସୁବିଧା। କୋର୍ଟ ଏଗ୍ରୀମେଣ୍ଟ ।
ନୋଟ୍:- (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8810506876, 8445779128
Address: House No.2, New Town, St. No.6, Delhi 110053

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad Pin- 5000106 (Telengana)
7787922501, 7787907927
pmjansamridhi@gmail.com

ବ୍ୟବସାୟ
Regd. Company ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଆଡ୍‌ଭାନ୍ସ 75 ଲକ୍ଷ ଭଡ଼ା 65,000 ନୋ ଏଗ୍ରିମେଣ୍ଟ ଫିସ୍
7065954352, 8802183109
T-51, Gali No.8, Gautampuri, Delhi-110053

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ (କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538, 8901770631

ASTRO / VASTU
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି?
୨ ଘଣ୍ଟାରେ ୧୦୦% ସମାଧାନ। ତନ୍ତ୍ର, ମନ୍ତ୍ରର ସମ୍ରାଟ
ଇଚ୍ଛା ଅନୁସାରେ ବଶୀକରଣ, ପ୍ରେମବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗରେ ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ। ଯଦି କାହାର ପତି ବା ପ୍ରେମୀ ଅନ୍ୟଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
7991080816
Bhubaneswar-09

Shri Mahavir Finance
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ Reg. No. MHF8555TN ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ଗୃହ, ବ୍ୟବସାୟ, ବିଉଟି ପାର୍ଲର ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । ସୁଧ 2%, ରିହାତି 50% । ଠକମାନଙ୍କ ପ୍ରତି ସାବଧାନ।
Ward No.22, Agol Road, Bilsi, Budaun, UP
7310612967, 7310612891


**ପାଠକଙ୍କ ପାଇଁ ସୂଚନା** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ

## ସଂକ୍ଷେପରେ

### ବିଜୁ ଯୁବ ବାହିନୀ ପକ୍ଷରୁ ନିଶାମୁକ୍ତି ଅଭିଯାନ

**ଟିକ୍ରାପଡା, ୨।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡାଠାରେ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ନିଶାମୁକ୍ତି ଅଭିଯାନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଶଙ୍କର ପୃଷ୍ଟି ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସୁରଜ କାଲସାଏ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାକେଶ ରାଜପଲିଆ, ତୁଷାର ବାଗ, ମେଘାମ୍ବର ରାଜପଲିଆ, ଆକାଶ ବଛା, ବିକାଶ କଠାର, ଚରଣ ଖର୍ସେଲ, ଅନନ୍ତ ରାଜପଲିଆଙ୍କ ନେତୃତ୍ୱରେ ସଦସ୍ୟମାନେ ନିଶା ମୁକ୍ତି ସମ୍ପର୍କିତ ପ୍ଲାକାର୍ଡ ଧରି ଓ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ସରପଞ୍ଚ ଭାରତୀ ରାଜପଲିଆ, ଆଇନଜୀବୀ ଗୌରଚନ୍ଦ୍ର ରାଜପଲିଆ, ଦିଲୀପ ରାଜପଲିଆ, ପିଇଓ ଜନାର୍ଦ୍ଦନ ଯୋଷୀ ଅତିଥିଭାବେ ଯୋଗ ଦେଇଥିଲେ।

### ଡାକ୍ତରଖାନା ପରିସର ସଫେଇ

**ବେଲପଡା,୨।୧୦(ଡି.ଏନ.ଏ.):** ଗାନ୍ଧୀ ଜୟନ୍ତୀ ତଥା ସ୍ୱଚ୍ଛ ଭାରତ ଅଭିଯାନ ଅବସରରେ ବେଲପଡା ବ୍ଲକ ଭାଜପା ପକ୍ଷରୁ ବେଲପଡା ଡାକ୍ତରଖାନା ପରିସର ସଫେଇ କରାଯାଇଥିଲା। ଡାକ୍ତରଖାନା ମୁଖ୍ୟ ଗେଟ ନିକଟ ପ୍ରସୂତି ବିଭାଗ ସାମନା, ବର୍ହି ବିଭାଗ ସହ ପରିସରରେ ବଢିଥିବା ଅନାବନା ଗଛ ତଥା ବହୁଦିନରୁ ରହିଥିବା ମଇଳା ସଫା କରାଯାଇଥିଲା। ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ସେଠଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବିଧାୟକ ପ୍ରତିନିଧି ନୀଲ ପାଣିଗ୍ରାହୀ, ଦଳୀୟ ନେତା କୁନୁ ମୁଣ୍ଡା, ବିଭୂତି ଭୂଷଣ ନାଏକ, ହରିଶ ବୁଡେକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶୋଭାକର ମେହେର,ବ୍ଲକ ଉପାଧକ୍ଷ ରୁକ୍ମିଣ ସୁନା, ଅରବିନ୍ଦ ଦେଓ, ପ୍ରଶାନ୍ତ ଦାଶ, ମାଟୁ ବୁଡେକ, ସୁଶୀଳ ବଗର୍ତ୍ତା, ପରମା ବେହେରାଙ୍କ ସମେତ ବହୁ ଦଳୀୟ କର୍ମୀ ସଫେଇ ଅଭିଯାନରେ ସାମିଲ ହୋଇଥିଲେ। ପରିଚାଳନା କରିଥିଲେ।

### ବଲାଙ୍ଗୀରରେ ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

# ଶାନ୍ତି ପ୍ରତିଷ୍ଠାରେ ଗାନ୍ଧୀପଥ ଏକମାତ୍ର ବିକଳ୍ପ

**ବଲାଙ୍ଗୀର ଅଫିସ,୨।୧୦**

ବଲାଙ୍ଗୀର ଗାନ୍ଧୀନଗରପଡାସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତିସ୍ଥଳରେ ଜିଲା ପ୍ରଶାସନ ତରଫରୁ ୧୫୦ତମ ମହାତ୍ମା ଗାନ୍ଧୀ ଜୟନ୍ତୀ ଓ ଶାନ୍ତିଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ମହାସମାରୋହରେ ପାଳନ କରାଯାଇଥିଲା । ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଅରିନ୍ଦମ ଡାକୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସଭାରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନ, ପୌରାଧ୍ୟକ୍ଷା ସନ୍ତୋଷିନୀ ବେହେରା, ସମାଜସେବୀ ବିକ୍ରମାନନ୍ଦ ବହିଦାର, ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥି, ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ, ଜୟରାମ ମିଶ୍ର, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର ଓ ଅନ୍ୟମାନେ ଯୋଗଦାନ କରିଥିଲେ । ଏଠାରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ବ୍ରଜବିହାରୀ ତ୍ରିପାଠୀ ଗୀତା, ମୌଲବୀ ମହମ୍ମଦ ସୋସାହିଦ୍ ରାଜା କୋରାନ୍, ଗ୍ରନ୍ଥି ବାବା ଭୂପିନ୍ଦର ସିଂ ଗୁରୁଗ୍ରନ୍ଥ ସାହେବ ଓ ପାଷ୍ଟର ମହେନ୍ଦ୍ର କୁମାର ବାଗ ବାଇବେଲ ପାଠ କରିଥିଲେ। ଜିଲାପାଳ ଡାକୁଆ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଓ ସମାଜର ସେବା କରିବା ଉପରେ ଜୋର ଦେଇଥିଲେ । କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଯୋଗଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।





ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଗଣ୍ୟମାଣ୍ୟ ବ୍ୟକ୍ତି ଓ ଜନସାଧାରଣ (ବାମ)। ଖପ୍ରାଖୋଲ ବ୍ଲକ କର୍ମଚାରୀମାନେ କଲୋନୀ ପରିସରକୁ ସଫେଇ କରୁଛନ୍ତି।

### ଗାନ୍ଧୀ ସ୍ମୃତି କମିଟି

ବଲାଙ୍ଗୀର ଗାନ୍ଧୀ ସ୍ମୃତି କମିଟି ତରଫରୁ ଗାନ୍ଧୀନଗରପଡା ଗାନ୍ଧୀ ପ୍ରତିମୂର୍ତ୍ତି ସ୍ଥଳରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଥିଲା । ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପ୍ରାଧ୍ୟାପକ ରବିଶଙ୍କର ପାଣ୍ଡିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମଗ୍ର ବିଶ୍ୱରେ ସମନ୍ୱୟ ଓ ଶାନ୍ତି ପ୍ରତିଷ୍ଠା ପାଇଁ ଗାନ୍ଧୀପଥ ବିନା ଆଉ ବିକଳ୍ପ ବାଟ କିଛି ନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ । ପ୍ଲାଷ୍ଟିକ୍ ହେଉଛି ପୁଞ୍ଜିବାଦର ପ୍ରତୀକ ବୋଲି କହି ସ୍ୱଚ୍ଛତା ମାଧ୍ୟମରେ ଆମେ ଗାନ୍ଧୀ ଓ ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇପାରିବା ବୋଲି କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ନାଗରିକ କମିଟି ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ଦୁର୍ଗାପ୍ରସାଦ ହୋତା, କିଶୋର ମିଶ୍ର, ବୀରେନ୍ଦ୍ର କୁମାର ଝାଙ୍କର, ଅସୀମ ଭୋଇ, ବିଧୂଭୂଷଣ ତ୍ରିପାଠୀ ବକ୍ତବ୍ୟ ରଖିଥିଲେ। ସଭା ପ୍ରାରମ୍ଭରେ ସତ୍ୟସୁନ୍ଦର ଭଞ୍ଜ ଆଭିମୁଖ୍ୟ ପ୍ରଦାନ କରିଥିଲେ । ସଭା ଆୟୋଜନ କରିବାରେ କମିଟି ଆବାହକ ପ୍ରଶାନ୍ତ ମହାକୁର, ଯୁଜେଷ୍ଟି ମେହେର, ରାମନାରାୟଣ ଦାଶ ଓ ଅନ୍ୟମାନେ ବିଶେଷ ସହଯୋଗ କରିଥିଲେ ।

### ଜିଲା ରେଳ ଉପଭୋକ୍ତା ସଂଘ

ବଲାଙ୍ଗୀର ଜିଲା ରେଳ ଉପଭୋକ୍ତା ସଂଘ ତରଫରୁ ସଂଘ ସଭାପତି ବିକ୍ରମାନନ୍ଦ ବହିଦାରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ ଜରିଆରେ ବଲାଙ୍ଗୀର ରେଳ ଷ୍ଟେଶନ ପରିସର ଓ ଏହାର ଚର୍ତୁପାର୍ଶ୍ୱ ସଫେଇ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରେଲୱେ ଷ୍ଟେସନ୍ ମାଷ୍ଟର ଏନ୍‌ବି ବେହୁରା ଓ ସହକାରୀ ଯନ୍ତ୍ରୀ ହୀରାଲାଲ ଯୋଗଦାନ କରିଥିଲେ । ଏଥିରେ ସଂଘ ଉପସଭାପତି ବୃନ୍ଦାବନ ବରାଳ, ସମ୍ପାଦକ ଗୋପବନ୍ଧୁ ପୁରୋହିତ, ସଭ୍ୟ ଅଶୋକ କୁମାର ମିଶ୍ର, ବ୍ରାହ୍ମଣ ସମାଜ ସଭାପତି ସତ୍ୟବନ୍ତ ବେଦବାକ୍, ଅଶୋକ କୁମାର ମିଶ୍ର, ମାଳପଡା ନାଗରିକ କମିଟି ସଭାପତି ତରୁଣ କୁମାର ମିଶ୍ର, ସତ୍ୟବ୍ରତ ବେହେରା, ପର୍ଶୁରାମ ନାଏକ ଓ ମାନଭଞ୍ଜନ ବେରିଆ ସହଯୋଗ କରିଥିଲେ ।

**ଦେଓଗାଁ(ଡି.ଏନ.ଏ):** ଦେଓଗାଁ ଡାକବଙ୍ଗଳା ଛକରେ ଯୁବ କଂଗ୍ରେସ ପକ୍ଷରୁ ଯୁବନେତା ବିଶ୍ୱଜିତ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ଗାନ୍ଧୀଜୀଙ୍କ ଦେଶ ପ୍ରତି ଅବଦାନ ଉପରେ ଆଲୋକପାତ କରାଯାଇଥିଲା । ଏ ଅବସରରେ ମାର୍କଣ୍ଡ ମେହେର, କୁନା ସାହୁ, ସମୀର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁଭାଇ ଚୋଳଗଙ୍ଗ ଦେବ ମାଝୀଙ୍କ ସଂଯୋଜନା ତଥା ପରିଚାଳନା ସଭାପତି ଡା. ଶିବବ୍ରତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବୀରେନ୍ଦ୍ର କୁମାର ପାଣିଗ୍ରାହୀ ଯୋଗଦେଇଥିଲେ । ପ୍ରଧାନାଚାର୍ଯ୍ୟ ଶୁଶୀଲ କୁମାର ଦାଶ ଅତିଥି ପରିଚୟ ଓ କୁନୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଜରାସିଂହା ଶିଶୁମନ୍ଦିରରେ ଆଚାର୍ଯ୍ୟ ସନ୍ୟାସୀ କତୁଆଙ୍କ ତତ୍ତ୍ୱାବଧାନରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଥିଲା ।

**ଗୁଡଭେଲା(ଡି.ଏନ.ଏ.)**

ତୁଷରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପରିଚାଳନା କମିଟି ସଭାପତି ପ୍ରଦୀପ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରବିନ୍ଦ୍ର ମିଶ୍ର, ଚନ୍ଦ୍ରମଣୀ କୁମୁରା, ସରୋଜ ମହାପାତ୍ର ବକ୍ତବ୍ୟ ରଖିଥିଲେ । ସୁବୋଧ ସା ମଞ୍ଚ ପରିଚାଳନା, ଦେବାଶିଷ ସାହୁ ଅତିଥି ପରିଚୟ ପ୍ରଦାନ କରିଥଲେ। ଛାତ୍ରୀ ସୁଦିକ୍ଷିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ତୁଷୁରା ମାରୱାଡ଼ି ମହିଳା ସମିତି ପକ୍ଷରୁ ସ୍ଥାନୀୟ ଗାୟତ୍ରୀ ମନ୍ଦିର ପରିଷରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ଶିଶୁମାନେ ଗୀତ ମାଧ୍ୟମରେ ଗାନ୍ଧୀଜୀଙ୍କ ଜୀବନୀ ଦର୍ଶାଇଥିବା ବେଳେ ମିରା କେଡିଆ, ନିର୍ମଳା ଅଗ୍ରୱାଲା, ଉଷା କେଡିଆ ସହଯୋଗ କରିଥିଲେ ।

**ଟିକ୍ରାପଡା(ଡି.ଏନ.ଏ.)**

ସଇଁତଲା ବ୍ଲକ ଟିକ୍ରାପଡାସ୍ଥିତ ଓଡିଶା ଷ୍ଟେଟ ବ୍ରିଗେଡ୍ ସ୍କୁଲରେ ଅଧ୍ୟକ୍ଷ ଚନ୍ଦ୍ରମଣୀ ରାଜପଲିଆ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଛାତ୍ର ଅଂଶୁମାନ ରାଜପଲିଆ, ଓଁପ୍ରିତମ ରାଜପଲିଆ ସଭା ସଂଯୋଜନା କରିଥିଲେ । ରୋହନ ରାଜପଲିଆ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିନୟ ଛତର, ଅଶୋକ ରାଜପଲିଆ, ପ୍ରିୟସ୍ମିତା ବାଗ, ପୂଜାରାଣୀ ନାଏକ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଦୀପାଳୀ ଭ, ଉପମା ରାଜପଲିଆ, ରର୍ସି ପୁଟେଲ, ଭାର୍ଗବୀ ରାଜପଲିଆ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନ ଓ ଆଦର୍ଶ ସମ୍ବନ୍ଧରେ କହିଥିଲେ ।

**କଣ୍ଟାବାଞ୍ଜି(ଡି.ଏନ.ଏ.)**

କଣ୍ଟାବାଞ୍ଜି ଏନଏସି ପକ୍ଷରୁ ସ୍ଥାନୀୟ ଏନଏସି କନଫରେନ୍ସ ହଲରେ ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ବିଧାୟକ ଅୟୁବ ଖାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଉପନଗରପାଳ କିଶୋର ମଜଖଣ୍ଡ, ନିର୍ବାହୀ ଅଧିକାରୀ ଇଂ.ଲଛମନଦାସ ଠାକୁର, ପୋଲିସ ଉପଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମିଶ୍ର, ବିଜୁ ଯୁବ ବାହିନୀର ସଂଯୋଜକ ଦିଲୀପ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । କଣ୍ଟାବାଞ୍ଜି ସହରକୁ ସରସସୁନ୍ଦର କରିବା ପାଇଁ ପରିବେଶର ସ୍ୱଛତା ଆଣିବାକୁ ହେଲେ ନଗରବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିବା ଉଚିତ ।

**ଖପ୍ରାଖୋଲ,୨।୧୦(ଡି.ଏନ.ଏ.)**

ଖପ୍ରାଖୋଲ ପଞ୍ଚାୟତ ସମିତି ପରିସରରେ ଗାନ୍ଧୀ ଜୟନ୍ତୀରେ ବାପୁଜୀଙ୍କୁ ସ୍ମରଣ ସହ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବ୍ଲକ କାର୍ଯ୍ୟାଳୟ ସମ୍ମୁଖ କଲୋନୀ ପରିସରକୁ ବିଡିଓ ତରଣି ସୁନାଙ୍କ ନେତୃତ୍ୱରେ ସଫା କରାଯାଇଥିଲା। ଅନାବନା ଗଛ କାଟିବା ସହ ବର୍ଜ୍ୟବସ୍ତୁକୁ ଉଠାଯାଇଥିଲା। ସହକାରୀ ଯନ୍ତ୍ରୀ ସୌମ୍ୟକିଶୋର ଜୟପୁରିୟା, ଆକାଣ୍ଟାଣ୍ଟ ଅଫିସର ଅରୁଣ କୁମାର ମେହେର, ଜିପିଇଓ ସୁଶାନ୍ତ ପାଉଣି, ପ୍ରକାଶ ସେଠ, ସଂଘମିତ୍ର ସେଠ, ରାମାନନ୍ଦ ବେହେରା ପ୍ରମୁଖ ବ୍ଲକର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ।

# ଘୁନସରରେ ନୂଆଁଖାଇ ଭେଟଘାଟ

**ଖପ୍ରାଖୋଲ,୨।୧୦(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ନୂଆଁଖାଇ ଭେଟଘାଟ ସରପଞ୍ଚ କପିଳ ବୁଡେକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିପିଇଓ ସୁଶାନ୍ତ ପାଣି, ସମ୍ମାନିତ ଅତିଥି ହରିଶଙ୍କର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ କୁମାର ପାଣି, ପୂର୍ବତନ ସରପଞ୍ଚ ଲକ୍ଷେସିଂ ଜାଲ, ପୂର୍ବତନ ପିଇଓ ମାୟାଧର ସାହୁ, ଗଙ୍ଗାଧର ପଧାନ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ନୂଆଁଖାଇର ମହତ୍ତ୍ୱ ଏବଂ ଭାଇଚାରା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଆରଏସ୍ ସତ୍ୟନାରାୟଣ ମେହେର, ଯୋଗାଣ ସହାୟକ ପ୍ରକାଶ ଦାଶ, ପଞ୍ଚାୟତ ଓାର୍ଡମେମ୍ବର ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ପିଇଓ ଶ୍ରୀୟାବଲ୍ଲଭ ପାଣିଗ୍ରାହୀ ପରିଚାଳନା କରିଥିଲେ ।

### ଘୁନସର ସ୍କୁଲ ପ୍ରଧାନଶିକ୍ଷକ ମୃତ୍ୟୁ ଘଟଣା

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ମିଳିତ ଶିକ୍ଷକ ମଞ୍ଚ

**ସଇଁତଲା, ୨।୧୦ (ଡି.ଏନ.ଏ.)**

ସଇଁତଲା ବ୍ଲକର ଘୁନସରସ୍ଥିତ ପ୍ରାଥମିକ ବିଦ୍ୟାଳୟରେ କୃମିନାଶକ ଔଷଧ ସେବନ କରି ଛାତ୍ରୀଛାତ୍ର ଅସୁସ୍ଥ ହେବା ଘଟଣା ଭିନ୍ନମୋଡ ନେବାରେ ଲାଗିଛି। ଘଟଣାକୁ ନେଇ ଗ୍ରାମବାସୀ ସ୍କୁଲ ପ୍ରଧାନଶିକ୍ଷକଙ୍କୁ ନିର୍ଯାତନା ଦେବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିବା ପରେ ଘଟଣାଟି ଅଧିକ ଚର୍ଚ୍ଚାର ବିଷୟ ହୋଇଛି । ତାଙ୍କ ଅଭିଯୋଗକୁ ଜିଲା ସ୍କୁଲ କଲେଜ ମିଳିତ ଶିକ୍ଷକ ଅଧପକ ମଞ୍ଚ ତରଫରୁ ସମର୍ଥନ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଘଟଣାକୁ ନେଇ ସଇଁତଲା ବ୍ଲକ ଶିକ୍ଷକ ମିଳିତ ମଞ୍ଚ ତରଫରୁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ୫ଦଫା ଦାବି ନେଇ ବ୍ଲକ ଶିକ୍ଷାଧିକାରୀ ଫ୍ଲୋରା ଗୋରିଆଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ମଙ୍ଗଳବାର ପୂର୍ବାହ୍ନରେ ଜିଲା ମିଳିତ ଶିକ୍ଷକ ମଞ୍ଚ କର୍ମକର୍ତ୍ତାମାନେ ମୃତ ପ୍ରଧାନ ଶିକ୍ଷକଙ୍କ ସ୍ତ୍ରୀ ଗୀତାଞ୍ଜଳି ନନ୍ଦଙ୍କୁ ଭେଟି ତାଙ୍କ ଲଢ଼େଇରେ ସଂଘ ସମର୍ଥନ ରହିଛି ବୋଲି କହିଥିଲେ । ଓଷ୍ଟା ରାଜ୍ୟ ସଭାପତି ବିନୋଦ ପାଣିଗ୍ରାହୀ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରତିକାନ୍ତ ରାୟ, ସମ୍ପାଦକ ପ୍ରଦୀପ କୁମାର ଖମାରୀ, ଶୋଭାକର ପାଢ଼ୀ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ସାହୁ, ଉପ-ସଭାପତି ରାଜକୁମାର ବରାଳ, ଜିଲା ଏପିଏସ ସଂଘ ସଭାପତି ସିତୋଷ ପାଣିଗ୍ରାହୀ, ସମ୍ପାଦକ ଚକାନନ୍ଦ କମ୍ପ, ଉପସଭାପତି ଆଶିଷ ସିଂ ଭୋଇ, ଜିଲା ଗଣଶିକ୍ଷକ ସଂଘ ସଭାପତି ଜୟନ୍ତୀଲାଲ ସାହୁ, ସଇଁତଲା ବ୍ଲକ ଏନପିଏସ ଉପସଭାପତି ହରିଶ୍ଚନ୍ଦ୍ର ପଧାନ, ସହସମ୍ପାଦକ ହରେକୃଷ୍ଣ ନାଗ, ସନ୍ତୋଷ କୁମାର ଗୁପ୍ତା, ତପନ ଦାସ, ଭବାନୀ ଶଙ୍କର ମିଶ୍ର, ଜୟଚନ୍ଦ୍ର ପଟେଲ, ଏପିଏସ ସଂଘର ଉପଦେଷ୍ଟା ଦିଲିପ ବର୍ଗତି, ବିନୋଦ ବିହାରୀ ବର୍ଗତି ପ୍ରମୁଖ ଘୁନସର ଗ୍ରାମସ୍ଥିତ ନନ୍ଦଙ୍କ ଘରକୁ ଯାଇ ସମବେଦନା ଜଣାଇଥିଲେ । ଘୁନସରରୁ ଜିଲା ଶିକ୍ଷକ ମିଳିତ ମଞ୍ଚ ପ୍ରତିନିଧି ଫେରିବା ପରେ ସଇଁତଲାସ୍ଥିତ ବିବେକାନନ୍ଦ ପାଠାଗାରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।



ମିଳିତ ଶିକ୍ଷକ ସଂଘ ପ୍ରଧାନ ଶିକ୍ଷକଙ୍କ ସ୍ତ୍ରୀଙ୍କୁ ଭେଟି ସମବେଦନା ଜଣାଉଛନ୍ତି ।

### ଜନ୍ମ ତିଥିରେ ଗାନ୍ଧିଜୀଙ୍କ ସ୍ମୃତିଚାରଣ

**ଲୋଇସିଂହା, ୨।୧୦(ଡି.ଏନ.ଏ)**

ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଅଚାର୍ଯ୍ୟ ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଜିତେନ୍ଦ୍ର କୁମାର ତ୍ରିପାଠୀ ମୁଖ୍ୟଅତିଥି,ସମ୍ମାନୀତଅତିଥି ଭାବେ ସୁନନ୍ଦ ତ୍ରିପାଠୀ ଯୋଗଦେଇଥିଲେ। ମୁଖ୍ୟଅତିଥି ତ୍ରିପାଠୀ ଗାନ୍ଧିଜୀଙ୍କ ଆଦର୍ଶରେ ଚାଲିବା ପାଇଁ ଛାତ୍ରୀଛାତ୍ର ସଂକଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ । ଗୁରୁଜୀ ପ୍ରେମାନନ୍ଦ ମିଶ୍ର ଓ ବବିତା ମାହାଣା ଗାନ୍ଧୀ ଜୀବନଦର୍ଶନ ଉପରେ ବକ୍ତବ୍ୟ ରଖିଥିଲେ । ଛାତ୍ରୀ ଇଭାସ୍ମିତା ମିଶ୍ର ସଭା କାର୍ଯ୍ୟ ସଂଯୋଜନା କରିଥିବାବେଳେ ଗୁରୁଜୀ ବିଭୂତିଭୂଷଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ଗାନ୍ଧୀ ସ୍ମୃତି ପାଠଗାରରେ ଆୟୋଜିତ ଜୟନ୍ତୀ ଉତ୍ସବରେ ବିଜେଡି ରାଜ୍ୟ ଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ପରେ ଉପଦେଷ୍ଟା ସୁରେଶ ଅଗ୍ରୱାଲଙ୍କ ସଭାପତିତ୍ୱରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସେହିପରି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଜୋନ ସଭାପତି ସରୋଜ ବିଶ୍ୱାଳଙ୍କ ନେତୃତ୍ୱରେ ନେତୃବୃନ୍ଦ ଲୋଇସିଂହା ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ସେଠୀ ଏହି ଅବସରରେ ଉପସ୍ଥିତ ଥିଲେ । ସେହିପରି ବୁର୍ଡା ଗ୍ରାମପଞ୍ଚାୟତର ଯୁବହାନି ର ସଦସ୍ୟ ପଞ୍ଚାୟତ କାର୍ଯ୍ୟାଳୟରୁ ପଲିଥିନ ଓ ନିଶାମୁକ୍ତ ପଞ୍ଚାୟତ ଗଠନ ପାଇ ସଂକଳ୍ପ ନେବା ପାଇଁ ସଚେତନତା ପଦଯାତ୍ରାରେ ବସ୍ତି ପରିକ୍ରମା କରିଥିଲେ ।

### ଭିଡିଓ କନ୍‌ଫରେନ୍ସିଂରେ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ

# ୩ ଶହ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ

**ବଲାଙ୍ଗୀର ଅଫିସ/ବଙ୍ଗୋମୁଣ୍ଡା, ୨।୧୦ (ଡି.ଏନ୍.ଏ.)**

ଓଡିଶା ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାକୁ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ ମଙ୍ଗଳବାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ବଙ୍ଗୋମୁଣ୍ଡା ଖେଳପଡିଆ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଥିଲା । ସହସ୍ରାଧିକ ଯୋଗ୍ୟ ହିତାଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ବିଶାଳ ସମାବେଶରେ ରାଜ୍ୟ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, କଣ୍ଟାବାଞ୍ଜି ବିଧାୟକ ହାଜି ମହମ୍ମଦ ଆୟୁବ ଖାନ୍, ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ, ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା, ଜିଲାପାଳ ଅରିନ୍ଦମ ଡାକୁଆ, ଡିଆରଡିଏ ପିଡି ଡ. ମହେଶ୍ୱର ସ୍ୱାଇଁ, ଜିଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ, ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ଦେଓଗାଁ ବ୍ଲକ୍ ଅଧ୍ୟକ୍ଷା ରୀନା ମେହେର ପ୍ରମୁଖ ଯୋଗଦାନ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ଏହି ଯୋଜନାର ଶୁଭାରମ୍ଭ କରିବା ପରେ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ହିତାଧିକାରୀଙ୍କୁ ଖାଉଟୀ କାର୍ଡ ବଣ୍ଟନ କରାଯାଇଥିଲା । ପ୍ରାରମ୍ଭରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଅତିଥିମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଖାଦ୍ୟ ଯୋଗାଣ ବିଭାଗ ମନ୍ତ୍ରୀ ପାତ୍ର ୩ ଶହ ଜଣ ହିତାଧିକାରୀଙ୍କୁ ଖାଉଟୀ କାର୍ଡ ବଣ୍ଟନ କରିଥିଲେ । ଏହି ଯୋଜନା ମାଧ୍ୟମରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀମାନେ ଲାଭାନ୍ୱିତ ହେବେ ବୋଲି ପାତ୍ର କହିଥିଲେ। ଓଡିଶାରେ ଜଣେ ବି ବ୍ୟକ୍ତିଙ୍କୁ ଖାଦ୍ୟ ଅଭାବରୁ ମରିବାକୁ ଦିଆଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇ ଯୁଗାନ୍ତକାରୀ ଯୋଜନା ପ୍ରସ୍ତୁତ କରିବା ସହ କାର୍ଯ୍ୟାନ୍ୱୟନ କରିଛନ୍ତି ବୋଲି ସେ କହିଥିଲେ । ଏହି ଅବସରରେ ବିଧାୟକ ଖାନ୍, ବେହେରା, ବିଧାୟିକା ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଜିଲାପାଳ ଡାକୁଆ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ବଞ୍ଚିତ ହୋଇଥିବା ହିତାଧିକାରୀମାନେ ଉପକୃତ ହେବେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବଙ୍ଗୋମୁଣ୍ଡା, କଣ୍ଟାବାଞ୍ଜି, ଟିଟିଲାଗଡ, ମୁରିବାହାଲ ସହ ଜିଲାର ବିଭିନ୍ନ ସ୍ଥାନରୁ ସହସ୍ରାଧିକ ମହିଳା, ପୁରୁଷ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବଙ୍ଗୋମୁଣ୍ଡା ବ୍ଲକ ବିଡିଓ ଅନିରୁଦ୍ଧ ପ୍ରଧାନ, ଜିଲା ଯୋଗାଣ ଅଧିକାରୀ ଅଭିରାମ ପଧାନ, ଯୋଗାଣ ଅଧିକାରୀ ଅସିତ ମହାନ୍ତି ସହ ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଜିଲାସ୍ତରୀୟ ଅଧିକାରୀ, ଜିଲା ପରିଷଦ ସଭ୍ୟା,ସଭ୍ୟ, ବ୍ଲକ୍ ପ୍ରତିନିଧି ଓ ପଞ୍ଚାୟତିରାଜ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।



ବଙ୍ଗୋମୁଣ୍ଡାଠାରେ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଜଣେ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାର କାର୍ଡ ପ୍ରଦାନ କରୁଛନ୍ତି।

## ଫଟୋରେ ଖବର









୧୮୯ ବାଟାଲିଅନ ସିଆରପିଏଫ ତରଫରୁ ଅନ୍ତର୍ଜାତୀୟ ବୃଦ୍ଧାଦିବସ ଶାନ୍ତିପଡା ସିଆରପିଏଫ୍ କ୍ୟାମ୍ପସଠାରେ ପାଳିତ ହୋଇଛି (ବାମ)। ବଲାଙ୍ଗୀର ସୁଦପଡା ରେଲୱେ ଫାଟକଠାରେ ଗନ୍ଧମାର୍ଦ୍ଦନ ଫାଉଣ୍ଡେଶନ୍ ଟ୍ରଷ୍ଟ ଓ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ସଫେଇ କରାଯାଉଛି (ମଝି)। ବଲାଙ୍ଗୀର ତୁଳସୀ ନଗରଠାରେ ମା'ମାନେ ପୁଅ ଜିଉଁତିଆ ପୂଜା ପାଳନ କରୁଛନ୍ତି । (ଫଟୋ: ସୁନୀଲ)



ମାୟାରୁ ମମତାର ସୃଷ୍ଟି। ମାୟା ବନ୍ଧନକୁ ଛିନ୍ନ କରିଥିବା ସାଧୁମାନଙ୍କ ମନ ଭିତରେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କିଛି ପ୍ରତି ମାୟା ବା ମମତା ନ ଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ଉଦନ୍ତୀରେ ବ୍ୟାରେଜ୍ ପାଇଁ ଶିଳାନ୍ୟାସ

ଭବାନୀପାଟଣା,୨।୧୦(ଡି.ଏନ୍.ଏ.) ଉଦନ୍ତୀ ନଦୀ ଉପରେ ଭବାନୀପାଟଣା–ଗୋଲାମୁଣ୍ଡା ବ୍ଲକ ସୀମାନ୍ତ ମସିଗାଁଠାରେ ନିର୍ମାଣ ହେବାକୁ ଥିବା ଲୋୟର ଉଦନ୍ତୀ ଜଳସେଚନ ପ୍ରକଳ୍ପ(ବ୍ୟାରେଜ)ପାଇଁ ଜଳ ସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଭବାନୀପାଟଣା ବ୍ଲକର ୬୫୦୦ହେକ୍ଟର, ଗୋଲାମୁଣ୍ଡା ବ୍ଲକର ୬୫୦ହେକ୍ଟର, ବଲାଙ୍ଗୀର ଓ ଟିଟିଲାଗଡ ବ୍ଲକର ୨୩୦୦ହେକ୍ଟର ତଥା ବଙ୍ଗୋମୁଣ୍ଡା ବ୍ଲକର ଜମିକୁ ଜଳସେଚନର ସୁବିଧା ହେବ ବୋଲି ସଦର ବିଧାୟକ ଅନାମ ନାଏକଙ୍କ ଉପସ୍ଥିତିରେ ଜଳସମ୍ପଦ ମନ୍ତ୍ରୀ ପୂଜାରୀ ପ୍ରକାଶ କରିଛନ୍ତି। କଳାହାଣ୍ଡି ଓ ବଲାଙ୍ଗୀର ଜିଲାର ୪ଟି ବ୍ଲକରେ ଜଳସେଚନ ପାଇଁ ନୂଆ ଆଶା ସଞ୍ଚାର ହୋଇଛି। କଳାହାଣ୍ଡି ଅନୁସନ୍ଧାନ ବିଭାଜନ ଏସଡିଓ ଇଂ ଜିତେନ୍ଦ୍ର ପାଢ଼ୀ, ବିଜେଡି ଜିଲା ଉପସଭାପତି ଭବାନୀ ଶଙ୍କର ମିଶ୍ର, କେନ୍ଦୁପାଟି ସରପଞ୍ଚ ନାଗେଶ୍ୱର ବାଗ, ଅଜୟ ଭୋଇ, ମିଲକୀ ଅଞ୍ଚଳ ବିକାଶ ପରିଷଦର ସମ୍ପାଦକ ରୋଶନ ଲାଲ ଛତର, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଖାଦ୍ୟ ସୁରକ୍ଷା ଯୋଜନା ଶୁଭାରମ୍ଭ

# ୯୭,୭୨୯ଙ୍କୁ ସାମିଲ କରିବାକୁ ଲକ୍ଷ୍ୟ

ଭବାନୀପାଟଣା, ୨।୧୦ (ଡି.ଏନ୍.ଏ.)

ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ରାଜ୍ୟରେ ଶୁଭାରମ୍ଭ ହୋଇଥିବା ଓଡିଶାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାକୁ କଳାହାଣ୍ଡି ଜିଲାରେ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି । ଅପରାହ୍ନ ୫ଟା ୩୦ମିନିଟ ସମୟରେ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଆୟୋଜିତ ଏକ ସଭାରେ ଲୋକସଭା ଏମ୍‌ପି ଅର୍କକେଶରୀ ଦେଓ, ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂହଦେଓ, ଲାଞ୍ଜିଗଡ ବିଧାୟକ ବଳଭଦ୍ର ମାଝୀ ଯୋଗଦେଇ ରାଜ୍ୟର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଦ୍ୱାରା ଜିଲାର ପାଖାପାଖି ୧ଲକ୍ଷ ଶତାଧିକାରୀ ଯେଉଁମାନେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ବଞ୍ଚିତ ହୋଇଯାଇଥିଲେ ସେମାନେ ଉପକୃତ ହେବେ ବୋଲି ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ଡା. ଗାଭିଲ ପରାଗ ହର୍ଷଦ ସଭାପତିତ୍ୱ କରି ତାଙ୍କ ଉଦ୍‌ବୋଧନରେ ୯୧ହଜାର ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯିବା ପାଇଁ ଚିହ୍ନଟ କରିଥିବା ପ୍ରକାଶ କରିଥିଲେ । ୮୧ହଜାର ହିତାଧିକାରୀ ସାମିଲ ହୋଇଛନ୍ତି ଓ ଚିହ୍ନଟ କରି ଆଉ ୧୦ହଜାର ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯିବ ବୋଲି ସେ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ନୂଆ ଖାଉଟି କାର୍ଡରେ ପ୍ରତ୍ୟେକ ପରିବାର କି.ଗ୍ରା. ୧ଟଙ୍କା ମୂଲ୍ୟରେ ମାସିକ ମୁଣ୍ଡପିଛା ୫ କି.ଗ୍ରା ଚାଉଳ ଯୋଗାଇଦିଆଯିବ। ୨୦୧୧ ଜନଗଣନା ପରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରୁ ବଞ୍ଚିତ ହେଉଥିବା ସମସ୍ତ ଗରିବ ଲୋକଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ । କଳାହାଣ୍ଡି ଜିଲାର ବର୍ତ୍ତମାନ ୨୪୦୪୦ପରିବାରର ୮୧,୮୯୧ ଜଣ ସଦସ୍ୟାସଦସ୍ୟ ଏହି ଯୋଜନାରେ ଉପକୃତ ହେବେ । ଜିଲାରେ ମୋଟ ୯୭,୭୨୯ ହିତାଧିକାରୀଙ୍କୁ (୨୬,୨୦୦ ପରିବାର ) ଏହି ଯୋଜନାରେ ସାମିଲ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକରୁ ଆସିଥିବା ବହୁ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା।



ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନର ଶୁଭାରମ୍ଭ ଅବସରରେ ଯୋଗଦେଇଥିବା ଅତିଥିମାନେ।

**ଖାଦ୍ୟ ସୁରକ୍ଷା ଯୋଜନା**
- ୮୧ହଜାର ହିତାଧିକାରୀ ସାମିଲ ହୋଇଛନ୍ତି
- ମୁଣ୍ଡପିଛା ୫ କି.ଗ୍ରା ଚାଉଳ ଦିଆଯିବ
- ଜାତୀୟ ଖାଦ୍ୟ ସୁରକ୍ଷା ଆଇନରୁ ବଞ୍ଚିତ ହିତାଧିକାରୀ ହେବେ ସାମିଲ




### ତରନ୍ଦୀପ ସିଂଙ୍କୁ ଭାରୋତ୍ତୋଳନରେ ସ୍ୱର୍ଣ୍ଣପଦକ

ଭବାନୀପାଟଣା,୨।୧୦(ଡି.ଏନ୍.ଏ.)

ଲକ୍ଷ୍ନୌରେ ଅନୁଷ୍ଠିତ ଜାତୀୟ ଭାରୋତ୍ତୋଳନ ଚାମ୍ପିଅନଶିପ୍‌ରେ କଳାହାଣ୍ଡି ଜିଲାର ତରନ୍ଦୀପ ସିଂ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ପୁରୁଷ ବିଭାଗର ୧୨୦ବର୍ଗରେ ଭାଗ ନେଇ ସ୍କ୍ୱାଟ ୨୫୦କେଜି, ବେଞ୍ଚପ୍ରେସ ୧୩୦କେଜି, ଡେଡ୍‌ଲିଫ୍ଟ ୨୩୦କେଜି ବର୍ଗରେ ଅଂଶ ଗ୍ରହଣ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ବର୍ତ୍ତମାନ ତରନ୍ଦୀପ କଳାହାଣ୍ଡି ପୋଲିସରେ କନଷ୍ଟେବଲ ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କ ଘର ଭବାନୀପାଟଣା ସହରର ବାହାଦାର ବଗିଚା ପଡା ଅଟେ । ତାଙ୍କର ଏହି ସଫଳତା ପାଇଁ ଜିଲାର କ୍ରୀଡାପ୍ରେମୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ

ଭବାନୀପାଟଣା,୨।୧୦(ଡି.ଏନ୍.ଏ.)

ଅକ୍ଟୋବର ୨ ତାରିଖରେ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଛି। ବିଜେଡି ଦଳ ତରଫରୁ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଏକ ସାଧାରଣ ସଭାର ଆୟୋଜନ କରିବା ପରେ ଗାନ୍ଧୀ ଛକଠାରୁ ଜଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଥିଲା । ଉକ୍ତ ପଦଯାତ୍ରାରେ ଭବାନୀପାଟଣା ବିଧାୟକ ଅନାମ ନାଏକ, ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ପୌରାଧ୍ୟକ୍ଷ ଆଦିତ୍ୟ ନନ୍ଦ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ହରଜିନ୍ଦର ସିଂହ, ଅଭିନାଶ ଠାକୁର, ଭବାନୀଶଙ୍କର ମିଶ୍ର, ସୁନନ୍ଦା ସାହୁ, ଭବାନୀଶଙ୍କର ନିଆଲ୍, ଦେବିପ୍ରସାଦ ମିଶ୍ର, ଧବଳେଶ୍ୱର ମହାପାତ୍ର, ସୁଧିର ପଟ୍ଟନାୟକ, ଅଶେଶ୍ୱର ବାଗ, ପ୍ରବୀଣ ଖମାରୀ, ପ୍ରଦୀପ ମୁଣ୍ଡ, ପୌରପାଳିକା ପୂର୍ବତନ ଅଧ୍ୟକ୍ଷା ଲଳିତା ନାଏକଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ସଭ୍ୟାସଭ୍ୟ ଯୋଗଦେଇଥିଲେ। ଏହି ଅବସରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଉପଲକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କରାଯାଇଥିଲା। ଏହି ପଦଯାତ୍ରା ଆସନ୍ତା ନଭେମ୍ବର ୨ ତାରିଖରେ ଉଦ୍‌ଯାପିତ ହେବ।



ବିଜେଡ଼ିର ଜନ ସମ୍ପର୍କ ପଦଯାତ୍ରାରେ ଯୋଗଦେଇଥିବା ଦଳୀୟ କର୍ମୀ

## ଧର୍ମଗଡରେ ଭାଜପାର ଜନଜାଗରଣ କାର୍ଯ୍ୟକ୍ରମ



ଜନଜାଗରଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭାଜପା କର୍ମୀ

ଧର୍ମଗଡ,୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡଠାରେ ମଙ୍ଗଳବାର ଭାଜପାର ଜନଜାଗରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଧର୍ମଗଡର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାର ଘରଣୀଙ୍କ ମନ୍ଦିରରୁ ଏହି ଜନଜାଗରଣ ଯାତ୍ରାର ଶୁଭାରମ୍ଭ ହୋଇଛି । ଆସନ୍ତା ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ଏହା ଚାଲୁ ରହିବା ସହ ନିର୍ବାଚନ ମଣ୍ଡଳୀର ୬୧ଟି ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କେନ୍ଦ୍ରର ମୋଦି ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଆୟୁଷ୍ମାନ ଯୋଜନାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରିବାରେ ବାଧା ସୃଷ୍ଟି କରି ଆସୁଛନ୍ତି । ଏହି ଯୋଜନାରେ ପରିବାରକୁ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବା ଲକ୍ଷ ରଖାଯାଇଥିବାବେଳେ ରାଜ୍ୟ ସରକାର ଏଥିରେ ସାମିଲ କରାଇ ଦେଉ ନାହାନ୍ତି । ତେଣୁ ଭାଜପା ତରଫରୁ ସାଧାରଣ ଲୋକଙ୍କ ପାଖକୁ ଯାଇ ସଚେତନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ମଙ୍ଗଳବାର ଧର୍ମଗଡଠାରେ ପୂର୍ବତନ ଭାଜପା ଜିଲା ସଭାପତି ଧନଞ୍ଜୟ ପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଜିଲା କୃଷକ ମୋର୍ଚ୍ଚା ସଭାପତି ସୁଧିର ରଞ୍ଜନ ପାଢୟୋଷୀ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ନବରଙ୍ଗପୁର ଜିଲା ପ୍ରଭାରୀ ଲକ୍ଷ୍ମୀକାନ୍ତ ବାଗ, ଜିଲା ଉପସଭାପତି ବଦ୍ରି ନାରାୟଣ ପଟ୍ଟନାୟକ, ଜନ୍ମେଜୟ ନାଏକ, ପ୍ରବୀଣ ପଣ୍ଡା, ମୁସୁରୁ ଧଙ୍ଗଡାମାଝି, ଅପ୍ରେସ ସ୍ୱାଇଁ, ନଗର ସଭାପତି ହେମନ୍ତ ମାଝି, ଶୁଶୁଦେବ ମୁଣ୍ଡ, ହରେକୃଷ୍ଣ ପଣ୍ଡାଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ।

### ଜୁନାଗଡରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

## ବିଜେଡିରେ ଯୋଗଦେଲେ ୧୧ନଂ. କାଉନସିଲର

ଜୁନାଗଡ,୨।୧୦ (ଡି.ଏନ୍.ଏ.)

ଜୁନାଗଡ ସହରଠାରେ ମଙ୍ଗଳବାର ଗାନ୍ଧୀଜୟନ୍ତୀ ଅବସରରେ ବିଜେଡି(ବିଜୁ ଜନତା ଦଳ)ର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂ ଦେଓ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟାଳୟର ଉଦଘାଟନ କରିଥିଲେ। ଏଥିରେ ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ଏନଏସି ଅଧ୍ୟକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ଜିଲା ମହିଳା ସଭାନେତ୍ରୀ କଲ୍ୟାଣୀ ନାଏକ, ବ୍ଲକ ସଭାନେତ୍ରୀ ମନିଷା ସାହୁ, ପୂର୍ବତନ ଜୁନାଗଡ ଏନଏସି ଅଧ୍ୟକ୍ଷ ମହେଶ ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଯୁବ ନେତା ହିମାଂଶୁ ଶେଖର ବରାଡ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଗାମ୍ବର ନାଏକ, ଦିନେଶ ବଗର୍ତ୍ତୀ, ବିଶ୍ୱ ରଞ୍ଜନ ନାଏକ, ଦୁଷ୍ମନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଜୁନାଗଡ ୧୧ନଂ ୱାର୍ଡ ମହିଳା କାଉନସିଲର ସୀତାଦେବୀ ମାଝି ଭାଜପା ଛାଡି ବିଜେଡିରେ ଯୋଗଦେଇଥିଲେ।




ଜୁନାଗଡ ସହରଠାରେ ବିଜେଡିର ନୂତନ କାର୍ଯ୍ୟାଳୟରେ ମଞ୍ଚାସୀନ ଅତିଥି ଗଣ।

## ତେରେସିଂହାରେ ଗ୍ରାମ ସଫେଇ

ରିଷିଡା,୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ନିକଟସ୍ଥ ତେରେସିଂହାସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀମାନେ ଗାନ୍ଧୀ ଜୟନ୍ତୀ ଅବସରରେ ଉକ୍ତ ଗ୍ରାମର ରାସ୍ତା ସଫେଇ କରିଛନ୍ତି । ଗାନ୍ଧୀ ଜୟନ୍ତୀ ଅବସରରେ ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟରେ ସ୍ୱୟଂ ସହାୟିକ ଗୋଷ୍ଠୀର ସଦସ୍ୟାମାନେ ସଫେଇରେ ଅଂଶ ଗ୍ରହଣ କରିଛନ୍ତି । ସ୍ୱଚ୍ଛ ଗ୍ରାମ ଅଭିଯାନ ତରଫରୁ ବିଭିନ୍ନ ଗ୍ରାମରେ ସଫେଇ ଅଭିଯାନ ଚାଲିଛି ।

## ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ, ସ୍ୱଚ୍ଛତା ପାଇଁ ଶପଥ

କର୍ଲାମୁଣ୍ଡା,୨।୧୦ (ଡି.ଏନ.ଏ)

କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଗାନ୍ଧୀଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ ସଦରସ୍ଥିତ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ନୋଡାଲ ୟୁପି ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ନେଇ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯିବା ସହ ଏକ ସଭା ହୋଇଥିଲା। ଏଥିରେ ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର ଚନ୍ଦ୍ର ଦାସ, ଡାକ୍ତର ଶୀଖିଧ୍ୱଜ ପଟେଲ, ବିପିଏମ ଅଜିତ ସିଂ କୁମାର, ଆମହାଲଚାଲ ପତ୍ରିକାର ମୁଖ୍ୟ ସମ୍ପାଦକ ନରୋତ୍ତମ ସେଲମା, ସାମାଜିକ କର୍ମୀ ପ୍ରଦୀପ ସାହୁ, ସିଆରସିସି ପ୍ରଶାନ୍ତ ମିଶ୍ର, ଶିକ୍ଷକ ରିଟନ ନାଗ ପ୍ରମୁଖ ଯୋଗଦେଇ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ଓ ସ୍ୱଚ୍ଛତା ପାଇଁ ଶପଥ କରିଥିଲେ।

### ଭବାନୀପାଟଣା ଟାଉନ ଫୁଟବଲ୍ ଲିଗ୍ ଉଦ୍‌ଘାଟିତ

## ସୋନା ଫୁଟବଲ୍ କ୍ଲବ ୧–୦ରେ ବିଜୟୀ



ଭବାନୀପାଟଣା ସହରଠାରେ ପ୍ରଥମ ଫୁଟବଲ ଲିଗ୍ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଅବସରରେ ।

ଭବାନୀପାଟଣା,୨।୧୦(ଡି.ଏନ୍.ଏ.)

ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥା ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ପ୍ରଥମ ଭବାନୀପାଟଣା ଟାଉନ ଫୁଟବଲ୍ ଲିଗ୍ ଉଦଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଭବାନୀପାଟଣା ବିଧାୟକ ଅନାମ ନାଏକ, ପୂର୍ବତନ ରାଜ୍ୟସଭା ସଦସ୍ୟ ବସନ୍ତ ଦାସ, ଆଇନଜୀବୀ ସନ୍ତୋଷ ମୁଣ୍ଡ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଜିଲା କ୍ରୀଡା ସଂସ୍ଥାର ସମ୍ପାଦକ ତଥା ଓଡିଶା ଆଥଲେଟିକ୍ସ ସଭାପତି ଜଗମୋହନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏଥିରେ ସଂସ୍ଥାର ଉପସଭାପତି ସୁରେନ୍ଦ୍ର ତ୍ରିପାଠୀ, ଯୁଗ୍ମ ସମ୍ପାଦକ ସୁନୀଲ ବେହେରା, କାଳିପ୍ରସାଦ ପଟ୍ଟନାୟକ, ଫୁଟବଲ୍ ସମ୍ପାଦକ ଅବଦୁଲ କାଦର, କ୍ରୀଡା ସମ୍ପାଦକ ଶମ୍ଭୁପ୍ରସାଦ ରାଉତ, ଅନ୍ୟତମ ସଭ୍ୟ ଚକ୍ରଧର ସେଠୀ, ଆଲୋକ ପଟ୍ଟନାୟକ, ଅଜୟ ପଟ୍ଟନାୟକ, ରବି କାନୁନ୍‌ଗୋ, ଶିବରାମ ନାଏକ, ଜଗଦିଶ ସିଂହ, ଦୁର୍ଗା ପ୍ରସାଦ ମିଶ୍ର, ଶାନ୍ତନୁ ବେହେରା, ଲଳିତ କାନୁନ୍‌ଗୋ, ଜଳେଶ୍ୱର ଗଉଡ, କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଉଦଘାଟନୀ ମ୍ୟାଚ୍ ସୋନା ଫୁଟବଲ୍ କ୍ଲବ ଓ ୟୁନିକ୍ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଖେଳରେ ୟୁନିକ୍ ଷ୍ଟାରକୁ ସୋନା ଫୁଟବଲ୍ କ୍ଲବ ୧–୦ଗୋଲରେ ପରାସ୍ତ କରି ୩ ପଏଣ୍ଟ ପାଇଛି । ବିଜୟୀ ଦଳର ଶିବପ୍ରସାଦ ନାଗ ଗୋଲଦେଇ ଦଳକୁ ବିଜୟୀ କରିଥିଲେ । ବାଳଗୋପାଳ ଅନୁଷ୍ଠାନର ସଭାପତି ହେମନ୍ତ ମୁଣ୍ଡ ସଂଯୋଜନା କରିଥିଲେ। ମ୍ୟାଚ୍ ସମୟରେ ବାଳଗୋପାଳ ଅନୁଷ୍ଠାନର ଘୁମୁରା ଦଳ ଚିତ୍ତାକର୍ଷକ ବାଦ୍ୟ ପ୍ରଦର୍ଶନ କରିଥିଲେ । ଉଦଘାଟନୀ ମ୍ୟାଚ୍‌ରେ ଜିତେନ୍ଦ୍ର ରଥ, ଅଶୋକ ବାଗ, ପି.ଭି ରାଓ ଓ ହରପ୍ରସାଦ ମ୍ୟାଚ ପରିଚାଳନା କରିଥିଲେ।

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ସତ୍ୟାଗ୍ରହ

ଭବାନୀପାଟଣା,୨।୧୦(ଡି.ଏନ୍.ଏ.)

ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ରାଜ୍ୟ ଶାଖାର ଡାକରାରେ କଳାହାଣ୍ଡି ଜିଲା ଶାଖା ଜିଲାସ୍ତରୀୟ ପଦଯାତ୍ରା ସହ ସତ୍ୟାଗ୍ରହରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଅଧ୍ୟାପକ, ଶିକ୍ଷକ ଓ କର୍ମଚାରୀ ଯୋଗଦେଇଛନ୍ତି । ୭ ଦଫା ଦାବି ନେଇ ଶିକ୍ଷକ କର୍ମଚାରୀଙ୍କ ଆନ୍ଦୋଳନ ୪୮ଦିନରେ ପହଞ୍ଚି ଥିବାବେଳେ ରାଜ୍ୟ ସରକାରଙ୍କ ନିରବତା, ଅସହିଷ୍ଣୁତା ଏବଂ ସ୍ଥାଣୁତାକୁ ନେଇ ସାରା ରାଜ୍ୟର ୩୦ଟି ସଦରରେ ସତ୍ୟାଗ୍ରହ କାର୍ଯ୍ୟକ୍ରମ ପାଳିତ ହୋଇଛି । ରାଜ୍ୟ ସରକାର ଏକ ନିର୍ଦ୍ଦିଷ୍ଟ ଶିକ୍ଷାନିତୀ ଆଣିବା ସଙ୍ଗେ ସଙ୍ଗେ ଓଡିଶାରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ବିକାଶ ତଥା ବୃଦ୍ଧି କରିବା ପାଇଁ ବେସରକାରୀ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଅନେକ ମଞ୍ଚ ମାଧ୍ୟମରେ ନିଜର ଦାବି ଉପସ୍ଥାପନ କରି ଆସୁଥିବାବେଳେ ମଙ୍ଗଳବାର ପବିତ୍ର ଗାନ୍ଧୀ ଜୟନ୍ତି ଆବସରରେ ଶାନ୍ତିପୂର୍ଣ୍ଣ ପଦଯାତ୍ରା ଓ ସତ୍ୟାଗ୍ରହ ପାଳନ କରି ଜନସଚେତନତା ସୃଷ୍ଟି କରିବାର ଚେଷ୍ଟା କରିଛି । ଏହି ସତ୍ୟାଗ୍ରହରେ ୨୦ଜଣ ଶିକ୍ଷକ କର୍ମଚାରୀ ଅନଶନରେ ବସିଥିବା ବେଳେ ଶତାଧିକ କର୍ମଚାରୀ ସଭା ଶେଷ ପର୍ଯ୍ୟନ୍ତ ରହିଥିଲେ । ଜିଲାର ବିଭିନ୍ନ ମହଲରୁ ଶିକ୍ଷା ସମସ୍ୟା ପ୍ରତି ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହି ଶିକ୍ଷକ କର୍ମଚାରୀମାନଙ୍କ ସମସ୍ୟାକୁ ବିନମ୍ରତା ଦେଖାଇ କଳାହାଣ୍ଡି ଜିଲା ଖବରଦାତା ସଂଗଠନ ସଭାପତି ଶାନ୍ତନୁ ବେହେରା, ସାମନ୍ତ ଖମାରୀ, ସୁଧାଂଶୁ ଶେଖର ନେଗୀ, ପୂର୍ବତନ ଓଷ୍ଟା ସଭାପତି ଲୋକନାଥ ପାଢୀ, ଅଧ୍ୟାପକ ସୁମନ ରଥ, ବଣିକ ସଂଘ ସଭାପତି ବିଜୟ ସାହୁ, ସାମାଜିକକର୍ମୀ ପ୍ରଭାସ ଚନ୍ଦ୍ର ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ ନାଏକ, ନନ୍ଦ ବଳ, ଭାଗିରଥି ଭୋଇ, ସାମାଜିକକର୍ମୀ ଚିନ୍ମୟ ବେହେରା, ପ୍ରଫେସର ଗୋପବନ୍ଧୁ ବେହେରା ପ୍ରମୁଖ ଶିକ୍ଷକଙ୍କ ଦାବି ଉପରେ ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ସମାଜରେ ଏକ ସୁସ୍ଥ ଶିକ୍ଷା ପରିବେଶ ଆଣିବା ପାଇଁ ମତଦେଇଥିଲେ । ଜିଲା ପ୍ରଶାସନ ତରଫରୁ ଡେପୁଟି କଲେକ୍ଟର ସୁରେନ୍ଦ୍ର ତ୍ରିପାଠୀ ଦାବିପତ୍ର ଗ୍ରହଣ କରିଥିଲେ । ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାସ, ଅଧ୍ୟାପକ ପ୍ରଦୀପ ମିଶ୍ର, ପ୍ରଭାତ ରଥ, ସମୀର ମହାପାତ୍ର।



ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୩ ଅକ୍ଟୋବର, ୨୦୧୮



ଅପରିଣାମଦର୍ଶିତାର ଫଳ ସର୍ବଦା ବିଷମୟ ହୋଇଥାଏ।
-ସେନେକା



**ସଂକ୍ଷେପରେ**

## ଫୁଟବଲ ଟୁର୍ନାମେଣ୍ଟ, ପର୍ଲା ଚାମ୍ପିୟନ

ଜୁନାଗଡ,୨।୧୦(ସ୍ୱ.ପ୍ର.) ଜୁନାଗଡର ଆରାଧ ଦେବୀ ମା' ଲଙ୍କେଶ୍ୱରୀଙ୍କ ଖଣ୍ଡା ବସା ପର୍ବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଜୁନାଗଡ ଫୁଟବଲ କ୍ଲବ ଦ୍ୱାରା ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଜୁନାଗଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୁଝାରୀ ଏବଂ ଓକିଲ ସଂଘ ସଭାପତି ହିମାଂଶୁ ଶେଖର ବରାଡ ଉପସ୍ଥିତଥିଲେ। ସେହିଭଳି ସେମି ଫାଇନାଲରେ ମୁଖ୍ୟ ଅତିଥି ଭାବେ ଜୁନାଗଡ ଥାନାଧିକାରୀ ରାଜେନ୍ଦ୍ର ଦେହୁରୀ, ସମ୍ମାନୀତ ଅତିଥି ଭାବେ ସବ ଇନିସପେକ୍ଟର ଡମ୍ବରୁଧର ପ୍ରଧାନ, ଖବରଦାତା ସନ୍ତୋଷ ସିଂଦେଓ, ସଞ୍ଜିବ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ ପର୍ଲା ଓ ଜୁନାଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପର୍ଲା ବିଜୟୀ ଘୋଷିତ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ ସାମାଜିକକର୍ମୀ ଦୂର୍ଗା ପ୍ରସାଦ ନାଏକ ଉପସ୍ଥିତ ଥିଲେ। ଖେଳ ପରିଚାଳନାରେ ତ୍ରିଯୋଗୀ ସାମନ୍ତରାୟ, ରମଣିରଞ୍ଜନ ପଣ୍ଡା, ଦୀପକ କୁଣ୍ଡୁ, ସନ୍ତୋଷ ପଟ୍ଟନାୟକ ବିପୀନ ଦୂରିଆ ପ୍ରମୁଖ ସହାୟତା କରିଥିଲେ।



## ହୋଟେଲ ମାଲିକଙ୍କ ମୃତ୍ୟୁ

ରାଉରକେଲା ଅଫିସ,୨।୧୦ ଉଦିତନଗରସ୍ଥିତ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଗୋଟିଏ ଗଛର ଡାଳ ଏକ କାର ଉପରେ ଭାଙ୍ଗି ପଡିଛି। ଏଥିରେ ଜଣେ ହୋଟେଲ ମାଲିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅନୁପ ଅଗ୍ରୱାଲ (୪୫)।

# ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ ପାଳିତ





ଜିଲାପାଳ ଡା. ଜି ପରାଗ ହର୍ଷଦ ଗାନ୍ଧୀଜିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି (ବାମ)। ଲାଞ୍ଜିଗଡ଼ଠାରେ ଗାନ୍ଧୀ ଜୟନ୍ତୀ ଅବସରରେ ଯୋଗଦେଇଥିବା ଅତିଥିମାନେ।

**ଭବାନୀପାଟଣା/ରିଷିଡା/ ଲାଞ୍ଜିଗଡ଼, ୨।୧୦ (ଡି.ଏନ୍.ଏ.)**

ଭବାନୀପାଟଣାଠାରେ ମଙ୍ଗଳବାର ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲାପାଳ ଡା. ଜି ପରାଗ ହର୍ଷଦ ଓ ଏସ୍‌ପି ବି.ଗଙ୍ଗାଧର ଏହି ଅବସରରେ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସ୍ଥାନୀୟ ଗାନ୍ଧୀ ଛକଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିବାବେଳେ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, ସାମାଜିକକର୍ମୀ ଓ ସରକାରୀ ବେସରକାରୀ ବ୍ୟକ୍ତିମାନେ ଯୋଗଦେଇଥିଲେ । ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ୍ କମ୍ପିଟିଶନ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି କଳାହାଣ୍ଡି ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ବ୍ରଜମୋହନ ସାହୁ ଏହି ଜୟନ୍ତୀ ଦିବସରେ ସଭାପତିତ୍ୱ କରିଥିଲେ। ପିସିସି ସମ୍ପାଦକ ଶାନ୍ତନୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାନ୍ଧୀଜୀ ଓ ଶାସ୍ତ୍ରୀଙ୍କ ଜୀବନୀ ଉପରେ ଉଦ୍‌ବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଶ୍ୟାମ ସୁନ୍ଦର ନାଏକ, ଆଦିବାସୀ ନେତା ପରମାନନ୍ଦ ମାଝି, ନଗର କଂଗ୍ରେସ ସଭାପତି ହିମାଞ୍ଚଳ ନାଏକ, କୃଷକ ସେଲ୍ ନେତା ସଚିଦାନନ୍ଦ ମହାଖୁଡ, ମିଡିଆ ସେଲ୍ ସଭାପତି ମହମ୍ମଦ ଅଲ୍ଲି, ପୂର୍ବତନ ନଗର କଂଗ୍ରେସ ସଭାପତି ସୁରେଶ ପଟ୍ଟନାୟକ, ମହିଳା ନେତ୍ରୀ ସୁକାନ୍ତି ସରାଫଙ୍କ ସମେତ ଶରତ ନାଏକ, ଭାଗବତ ଯାବଦ, ପ୍ରୀତମ ବେହେରା, ରଞ୍ଜିତ ସରାଫ୍, କୁନମୁନ୍ ମାଝୀ, ମହେନ୍ଦ୍ର ବାଗଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଭ୍ୟାସଭ୍ୟ ଯୋଗଦେଇଥିଲେ । ସେହିପରି କର୍ଲାମୁଣ୍ଡାବ୍ଲକ ରିଷିଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ଅଶୋକ ତ୍ରିପାଠୀ ଗାନ୍ଧୀଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିବାବେଳେ ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହିପରି ଏହି ବ୍ଲକର ଘୁଣ୍ଟୁପଡା ପ୍ରାଥମିକ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ଲାଞ୍ଜିଗଡ଼ଠାରେ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ବ୍ଲକର ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ମା' ହୀରାନୀଳା ପ୍ରଗତି ଯୁବ କେନ୍ଦ୍ର ଓ ଲାଞ୍ଜିଗଡ ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଲାଞ୍ଜିଗଡ ବିଧାୟକ ବଳଭଦ୍ର ମାଝୀ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷ ଇଂ ଫକୀରମୋହନ ମାଝୀ, ମା' ହୀରାନୀଳା +୩ ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ସାହୁ, +୨ ମହାବିଦ୍ୟାଳୟର ଅଧ୍ୟକ୍ଷ କଙ୍କଣ ରାୟ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆ, ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଜଗସନ ସାହୁ, ସାମାଜିକ କର୍ମୀ ତରୁଣ ଦାସ, ପ୍ରଦୀପ ଘଡେଇ, ପ୍ରଗତି ଯୁବ କେନ୍ଦ୍ରର ସଭାପତି ବିରଞ୍ଚି ପ୍ରଧାନୀ, ସମ୍ପାଦକ କିଶୋର ଘଡେଇ ପ୍ରମୁଖ ଯୋଗଦେଇ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏହି ଅବସରରେ ବିଜୁ ଯୁବ ବାହିନୀ ପକ୍ଷରୁ ବିଶ୍ୱନାଥପୁର ଭୈରବ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ସେହିପରି କାନକୁଟ୍ରୁ ପଞ୍ଚାୟତ ପାଇକବୋରି ଗାଁରେ ଅଙ୍ଗନୱାଡି କର୍ମୀ ଚଞ୍ଚଳା ସାହୁଙ୍କ ନେତୃତ୍ୱରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଗାମ୍ବର କର, ୱାର୍ଡ ସଭ୍ୟ ସୁକାନ୍ତି ମାର୍ଥା, ଗୌନ୍ତିଆ ଦେବେନ୍ଦ୍ର ମାର୍ଥା ପ୍ରମୁଖ ଯୋଗଦେଇଥିଲେ। ଗାଁର ୧୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସମେତ ଗ୍ରାମବାସୀ ସାମିଲ ହୋଇଥିଲେ । ସେହିପରି ଗୋବର୍ଦ୍ଧନପୁର ପଞ୍ଚାୟତ ରାମଚନ୍ଦ୍ରପୁରଠାରେ ଦୁର୍ଗାପୂଜା କମିଟି ଓ ବିଜୁ ଯୁବ ବାହିନୀ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରପଞ୍ଚ ସୁରେନ୍ଦ୍ର ମାଝୀ ଅତିଥି ଭାବେ ଯୋଗ ଦେଇଥିବାବେଳେ ପୂଜା କମିଟିର ସଭାପତି ଲମ୍ବୋଦର ପତି, ସଦସ୍ୟ ମନୋଜ ବେହେରା, ବୀରେନ୍ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଏଥିରେ ଭାଗ ନେଇଥିଲେ।

### ବିଜୁ ଯୁବ ବାହିନୀର ନିଆରା ଅଭିଯାନ

## ବାଇକ୍ ଶୋଭାଯାତ୍ରା, ପଥପ୍ରାନ୍ତ ସଭା

ଲାଞ୍ଜିଗଡ଼,୨।୧୦(ଡି.ଏନ୍.ଏ.)

ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ରାଜ୍ୟ ସରକାର ଏକ ଯୁଗାନ୍ତ ନିଷ୍ପତ୍ତି ନେବା ସହ ବିଜୁ ଯୁବ ବାହିନୀର ସହାୟତାରେ ନିଶାମୁକ୍ତି ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅବସରରେ ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତର ବିଜୁ ଯୁବ ବାହିନୀ ପକ୍ଷରୁ ଏକ ନିଆରା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଯୁବ ଲେଖକ, ସାମାଜିକକର୍ମୀ ତଥା ବିଜୁ ଯୁବ ବାହିନୀର ସକ୍ରିୟ ସଦସ୍ୟ ସୁଶୀଲ ବାଗଙ୍କ ନେତୃତ୍ୱରେ ବିଜୁ ଯୁବ ବାହିନୀ ପକ୍ଷରୁ ଗୋବର୍ଦ୍ଧନପୁର ପଞ୍ଚାୟତର ୯ଟି ଗାଁ ଓ ୧୩ଟି ୱାର୍ଡ ତଥା ବିଭିନ୍ନ ପଡା ଓ ବସ୍ତିରେ ଏକ ବାଇକ୍ ଶୋଭାଯାତ୍ରା ସହ ୧୩ଟି ସ୍ଥାନରେ ପଥପ୍ରାନ୍ତ ସଭା ଓ ସ୍ଲୋଗାନ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯାଇଛି । ଏହି ଅଭିଯାନରେ ବିଜୁ ଯୁବ ବାହିନୀର ସଭାପତି ପ୍ରତୀକ ରଞ୍ଜନ ପରିଡା, ସମ୍ପାଦକ ରାମସାଗର ମାଝି, କୋଷାଧ୍ୟକ୍ଷ ଅମିତ ପ୍ରଧାନ, ସକ୍ରିୟ ସଦସ୍ୟ ତୀର୍ଥ ଗହିର, ହୃଷିକେଶ ବଗର୍ତ୍ତୀ, ଘନଶ୍ୟାମ ସାହୁ, ଭୂଜନ ହାତୀ, ଲଳିତା ବାଗ, ସଞ୍ଜିତ ମାଝି, ଉପେନ୍ଦ୍ର ସାହୁ, ଅଜିତ ଛତରଙ୍କ ସମେତ ସମସ୍ତ ସଦସ୍ୟ ଭାଗ ନେବା ସହ ଘର ଘର ବୁଲି ନିଶା ନିବାରଣ ଉପରେ ଜନ ସଚେତନତା ସୃଷ୍ଟି କରିଥିଲେ । ଏହି ଶୋଭାଯାତ୍ରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ବିଭିନ୍ନ ପଡା ଓ ବସ୍ତି ବୁଲିବା ସହ ଲୋକଙ୍କୁ ନିଶାର କୁପରିଣାମ ସମ୍ପର୍କରେ ବୁଝାଇବା ସହ ପ୍ରଚାର ପତ୍ର ବାଣ୍ଟିଥିଲେ । ବିଜୁଯୁବ ବାହିନୀର ଏହି କାର୍ଯ୍ୟକ୍ରମକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିବାବେଳେ ଆଦିବାସୀ ବହୁଳ ଏହି ଅଞ୍ଚଳରେ ବିଜୁ ଯୁବ ବାହିନୀର ନିଶାମୁକ୍ତି ଅଭିଯାନ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ସାଧାରଣରେ ଆଲୋଚନା ହେଉଛି ।




ବିଜୁ ଯୁବ ବାହିନୀ ପକ୍ଷରୁ ବାଇକ୍ ଶୋଭାଯାତ୍ରା।

## ବିମାନବନ୍ଦରରେ ସାନିଟାରୀ ନାପକିନ୍ ଭେଣ୍ଡିଂ ମେଶିନ୍

**ଝାରସୁଗୁଡା ଅଫିସ,୨।୧୦**

ଝାରସୁଗୁଡାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ପରିସରରେ ମହିଳାଙ୍କ ପାଇଁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସୁବିଧା। ବିମାନବନ୍ଦର ପରିସରରେ ସ୍ଥାପନ କରାଯାଇଛି ସାନିଟାରୀ ନାପକିନ୍‌ର ଏକ ଭେଣ୍ଡିଂ ମେସିନ୍। ୫ଟଙ୍କା ବ୍ୟୟରେ ମହିଳାମାନେ ସାନିଟାରୀ ନାପକିନ୍ ହାସଲ କରିପାରିବେ। ମାସିକ ଧର୍ମ ସମୟରେ ଯାତ୍ରା କରୁଥିବା ମହିଳା ବିମାନଯାତ୍ରୀଙ୍କ ପାଇଁ ଏହି ସୁବିଧା ବେଶ୍ ଉପାଦେୟ ସାବ୍ୟସ୍ତ ହେବ। ଝାରସୁଗୁଡାର ମହିଳା ସଙ୍ଗଠନ 'ସଙ୍ଗିନୀ' ତରଫରୁ ଏହି ନାପକିନ୍ ଭେଣ୍ଡିଂ ମେଶିନ୍ ପ୍ରଦାନ କରାଯାଇଛି। ମଙ୍ଗଳବାର ବିମାନବନ୍ଦର ନିର୍ଦ୍ଦେଶକ ଏସ୍.କେ ଚୌହାନ ଏହାର ଉଦ୍‌ଘାଟନ କରଛନ୍ତି। ସଙ୍ଗିନୀର ସଦସ୍ୟା ସରିତା ଅଗ୍ରୱାଲ, ସମେତ ବହୁ ମହିଳା ଉପସ୍ଥିତ ଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

SMS JOB
Send SMS. Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ- 7991052261 7991052595

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

BUSINESS
ସରକାରୀ ଯୋଜନାଦ୍ୱାରା ଡିଜିଟାଲ୍ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ବିମା ଫ୍ରି
Office No.413, Commercial Complex, Paschim Vihar, New Delhi-64
08076675193 08700152155

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188 8556894339
Office Add.: 102, Dalamal House, 3rd Floor, Nariman Point, Mumbai

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669 8337956019

ଡିଜିଟାଲ ଉପକରଣ
ହିନ୍ଦୁସ୍ଥାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) ଖାଲି ଜମି ଉପରେ ଡିଜିଟାଲ୍ ଟାୱାର ଲାଗନ୍ତୁ। ଅଗ୍ରିମ ୨୦,୦୦୦,୦୦, ଭଡ଼ା 70,000, 60,000ର ଅନ୍ୟାନ୍ୟ ସୁବିଧା + ଏକ ବାଇକ୍ + 1 ଲାପଟପ୍ ଫ୍ରି। ନୋଟ୍- (ଇଚ୍ଛୁକ ବ୍ୟକ୍ତି ନାମ, document Gmail/ଫୋନ୍ କରନ୍ତୁ।)
7302090964
2/2250, Rambagh Colony, Ramghat Road, Gali No.4 Tehsil- Koil, Dist- Aligarh

ଅଲ୍ ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ସରକାରୀ ପଞ୍ଜୀକୃତ । ଖାଲି ଜମି, ଚାଷ ଜମି, ଛାତ ସବୁଠି ଡିଜିଟାଲ୍ ଉପକରଣ ଲଗାନ୍ତୁ । ଅଗ୍ରିମ - 60 ଲକ୍ଷ, ଭଡ଼ା - 50 ହଜାର , ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ଓ ଉପକରଣ ସ୍ଥାପନ + ମାଗଣା ମୋବାଇଲ୍ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ । କଲ୍ କିମ୍ବା ଏସ୍‌ଏମ୍‌ଏସ୍ କରନ୍ତୁ।
Address:- Head Office 181/182 Janta Complex Rajiv Chok, Delhi
Contact:- 08826963806, 09319359816

Free GOLD COIN Free
A 2 Z FINANCE Ltd.
ଦିପାବଳୀ ଧମାକା
3 ଲକ୍ଷରୁ 5 କୋଟି
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ସମସ୍ତ ଋଣ ଘରେ ବସି
ସୁଧ 0% ରୁ 6%
9506060250
Add : - 41/14, Sec-1 Pushp Vihar, Delhi

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପକୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603 7064382081

ଡିଜିଟାଲ ଉପକରଣ
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗ୍ରୁପ୍। ନିଜର ଖାଲି ଜମି, ଛାତ, ଘର, କ୍ଷେତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦,୦୦,୦୦୦, ଭଡ଼ା ୨୦,୦୦୦ + 20,000ର ଅନ୍ୟାନ୍ୟ ସୁବିଧା। କୋର୍ଟ ଏଗ୍ରୀମେଣ୍ଟ । ନୋଟ୍:- (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8810506876 8445779128
Address: House No.2, New Town, St. No.6, Delhi 110053

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad Pin- 5000106 (Telengana)
7787922501 7787907927
pmjansamridhi@gmail.com

ବ୍ୟବସାୟ
Regd. Company ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଆଡ୍‌ଭାନ୍ସ 75 ଲକ୍ଷ
ଭଡ଼ା 65,000
ନୋ ଏଗ୍ରିମେଣ୍ଟ ଫିସ୍
7065954352 8802183109
T-51, Gali No.8, Gautampuri, Delhi-110053

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538 8901770631

ASTRO / VASTU
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି?
୨ ଘଣ୍ଟାରେ ୧୦୦% ସମାଧାନ। ତନ୍ତ୍ର, ମନ୍ତ୍ରର ସମ୍ରାଟ
ଇଚ୍ଛା ଅନୁସାରେ ବଶୀକରଣ, ପ୍ରେମବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗରେ ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ। ଯଦି କାହାର ପତି ବା ପ୍ରେମୀ ଅନ୍ୟଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
7991080816
Bhubaneswar-09

Shri Mahavir Finance
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ Reg. No. MHF8555TN ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ଗୃହ, ବ୍ୟବସାୟ, ବିଉଟି ପାର୍ଲର ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । ସୁଧ 2%, ରିହାତି 50% । ଠକମାନଙ୍କ ପ୍ରତି ସାବଧାନ।
Ward No.22, Agol Road, Bilsi, Budaun, UP
7310612967 7310612891

**ପାଠକଙ୍କ ପାଇଁ ସୂଚନା** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ବିଭିନ୍ନ ପ୍ରସଙ୍ଗକୁ ନେଇ ପଡୋଶୀଙ୍କ ସହ ମତଭେଦ ସତ୍ତ୍ୱେ ସୀମାରେ ଶାନ୍ତି ବଜାୟ ରଖିବା ଭାରତର ପରିପକ୍ୱତାର ପରିଚୟ।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ସଂକ୍ଷେପରେ



### ରକ୍ତଦାନ କରି ରୋଗୀଙ୍କ ଜୀବନ ବଞ୍ଚାଇଲେ

ନୂଆପଡ଼ା ଅଫିସ,୨।୧୦
ରକ୍ତହୀନତା ରୋଗରେ ଆକ୍ରାନ୍ତ ଜଣେ ଗରିବ ବୃଦ୍ଧଙ୍କୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଜୀବନ ବଞ୍ଚାଇଛନ୍ତି ଲଖନା ଥାନାରେ କାର୍ଯ୍ୟରତ ଯବାନ କନ୍ଦର୍ପ ପ୍ରଧାନ(୩୨)। ଏଥିପାଇଁ ବିଭିନ୍ନ ମହଲରେ ତାଙ୍କୁ ସ୍ୱାଗତ କରାଯାଇଛି । ପ୍ରକାଶ ଯେ, ଜିଲା ସଦର ବ୍ଲକ ଧରମବନ୍ଧା ଗାଁର ଅଗନୁ କେଉଁଟ(୫୫)ନାମକ ଗରିବ ବୃଦ୍ଧ ରକ୍ତହୀନତା ରୋଗରେ ପୀଡ଼ିତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ତାଙ୍କ ଶରୀରରେ ମାତ୍ର ୩ ପଏଣ୍ଟ ରକ୍ତ ରହିଥିଲା। ସେ ମୃତ୍ୟୁ ସହ ସଂଗ୍ରାମ କରୁଥିଲେ। ରକ୍ତ ସଂଗ୍ରହ କରିବା କଷ୍ଟକର ହୋଇପଡ଼ିଥିଲା। ଏହି ଖବର ଲଖନା ଥାନାଧିକାରୀ ସରୋଜ କୁମାର ମଲ୍ଲିକଙ୍କ ନିକଟରେ ପହଞ୍ଚିଥିଲା। ତାଙ୍କର ପରାମର୍ଶକ୍ରମେ ସେଠାରେ ନିୟୋଜିତ ଆଇଆରବିଏନ ଯବାନ(ସି/୬୦୬)କନ୍ଦର୍ପ ପ୍ରଧାନ ରକ୍ତଦାନ କରିଥିଲେ। ଯବାନମାନେ କେବଳ ଅସ୍ତ୍ର ଧରି ଲଢେଇ କରନ୍ତି ନାହିଁ ଆବଶ୍ୟକ ସ୍ଥଳେ ରକ୍ତ ଦେଇ ମାନବିକତା ପରିଚୟ ଦେଇଥାନ୍ତି ବୋଲି ଏଥିରୁ ସ୍ପଷ୍ଟ ପ୍ରମାଣ ମିଳିଛି। ଜିଲା ଏସପି ସ୍ମିତ ପରମାର ହ୍ୱାଟସଆପ୍ ଗ୍ରୁପ ଜରିଆରେ ଯବାନଙ୍କୁ ସାଧୁବାଦ ଜଣାଇଥିବା ବେଳେ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟୁଛି।

୬୫ ପ୍ରତିଶତ ଶୌଚାଳୟ ନିର୍ମାଣ କାମ ସରିଛି

# ଡିସେମ୍ବର ସୁଦ୍ଧା ବାହ୍ୟମଳମୁକ୍ତ ଜିଲା କରାଯିବ

ନୂଆପଡ଼ା ଅଫିସ,୨।୧୦

ନୂଆପଡ଼ା ଜିଲାବାସୀ ସଚେତନ ହେଲେଣି। ସ୍ୱଚ୍ଛତା ଅଭିଯାନର ଆବଶ୍ୟକତାକୁ ଅଙ୍ଗେ ନିଭାଇଲେଣି। ଅନ୍ୟପଟେ, ଖୋଲାରେ ଶୌଚ ନ ହେବାକୁ ସରକାରୀସ୍ତରରେ ଚାଲିଥିବା ସଚେତନତା କାର୍ଯ୍ୟକ୍ରମ ଓ ପ୍ରତି ଘରେ ପାଇଖାନା ନିର୍ମାଣ ଯୋଜନା ସଫଳତାକୁ ଛୁଇଁଲାଣି। ଏ ଦିଗରେ ଜିଲାରେ ପରିମଳ ବିଭାଗର ଅକ୍ଲାନ୍ତ ପରିଶ୍ରମ ଫଳପ୍ରସୂ ହୋଇଛି। ଜିଲାର ମୋଟ ୧୩୧ ଗ୍ରାମ ପଞ୍ଚାୟତରେ ମୋଟ ୬୫ ପ୍ରତିଶତ ଶୌଚାଳୟ ନିର୍ମାଣ କାମ ସରିଛି । ଲୋକଙ୍କ ମଧ୍ୟରେ ଖୋଲାରେ ଶୌଚ ନ ହେବାକୁ ଉତ୍ସୁକତା ବୃଦ୍ଧି ପାଇଛି । ବର୍ଷ ଶେଷ ସୁଦ୍ଧା ଶତପ୍ରତିଶତ ପାଇଖାନା ନିର୍ମାଣ କାର୍ଯ୍ୟ ଶେଷ ହେବ । ନୂଆପଡ଼ା ଜିଲାକୁ ବାହ୍ୟମଳମୁକ୍ତ ଜିଲାର ଆଖ୍ୟା ମିଳିବ। ସ୍ଥାନୀୟ ନ୍ୟାସନାଲ ହାଇସ୍କୁଲରେ ଅନୁଷ୍ଠିତ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ ଅବସରରେ



ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ସମୀକ୍ଷା ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

**ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ**
- ପରିମଳ ମିଶନ ସମୀକ୍ଷା କଲେ ଜିଲାପାଳ
- ଯୋଗ ଦେଲେ ୬୫ ପଞ୍ଚାୟତ ପ୍ରତିନିଧି

ପରିମଳ ବିଭାଗର ଯୋଜନା ସମୀକ୍ଷା ବୈଠକରେ ବୋଲି ଜିଲାପାଳ ଡା.ପୋମା ଟୁଡୁ ଏହା କହିଛନ୍ତି।

ଜିଲାପାଳ ଡା.ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ, ଜିଲା ଜଳ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଭୁପ୍ରସାଦ ପଣ୍ଡା, ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ପରିମଳ ବିଭାଗ ପ୍ରକଳ୍ପ ସଂଯୋଜକ ପ୍ରଭୁଦତ୍ତ ବାବୁ, ଜିଲା ସ୍ୱଚ୍ଛ ଭାରତ ପ୍ରେରକ ମାନସ ରଞ୍ଜନ ବିନ୍ଧାଣୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାର ମୋଟ ୬୫ ଗ୍ରାମ ପଞ୍ଚାୟତର ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଗ୍ରାମପଞ୍ଚାୟତଗୁଡ଼ିକରେ ୭୦ପ୍ରତିଶତ ବ୍ୟକ୍ତିଗତ ଘରୋଇ ଶୌଚାଳୟ ନିର୍ମାଣ ହୋଇସାରିଛି । ଅକ୍ଟୋବର ମାସ ଶେଷ ସୁଦ୍ଧା ଶହେ ପ୍ରତିଶତ କରିବାକୁ ଜିଲାପାଳ ଗୁରୁତ୍ୱ ଦେଇଥିଲେ।

ଜିଲାରେ ମୋଟ ୧ଲକ୍ଷ ୫୩ ହଜାର ପରିବାର ମଧ୍ୟରୁ ୫୨ହଜାର ପରିବାରର ଶୌଚାଳୟ ନିର୍ମାଣ କାମ ବାକି ରହିଛି । ୩୮ହଜାର ୬୬୫ ଯୋଗ୍ୟ ପରିବାର ମଧ୍ୟରୁ ୩୧ହଜାର ୪୩୨ ପରିବାରରେ ଶୌଚାଳୟ ନିର୍ମାଣ ହୋଇ ସାରିଥିବାବେଳେ ୭୨୩୩ ପରିବାରରେ ବାକି ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ, ରାଜ୍ୟର ୪ ଜିଲା ବାଲେଶ୍ୱର, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର ବାହ୍ୟମଳମୁକ୍ତ ଜିଲା ଭାବେ ପରିଗଣିତ ହୋଇସାରିଛି। ଏଣୁ ଆଗାମୀ ଡିସେମ୍ବର ମାସ ଶେଷ ସୁଦ୍ଧା ଜିଲାକୁ ବାହ୍ୟମଳମୁକ୍ତ କରାଯିବାକୁ ବୈଠକରେ ରୂପରେଖ ପ୍ରସ୍ତୁତ ହୋଇଛି । ପଞ୍ଚାୟତ ପ୍ରତିନିଧିମାନେ ଏଥିରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିଥିଲେ। ସେସବୁକୁ କିପରି ସମାଧାନ କରାଯିବ ସେ ଉପରେ ବିଭାଗୀୟ ଅଧିକାରୀମାନେ ଉତ୍ତର ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଭାଗର ପ୍ରକଳ୍ପ ସଂଯୋଜକ ପ୍ରଭୁଦତ୍ତ ବାବୁ ଧନ୍ୟବାଦ ଦେଇଥିଲେ।

## ପୁଅ ଜିଉଁତିଆ ପର୍ବ

ନୂଆପଡ଼ା ଅଫିସ,୨।୧୦

ସ୍ଥାନୀୟ ମନ୍ଦିର ପଡ଼ାରେ ପାରମ୍ପରିକ ରୀତିରେ ପୁଅ ଜିଉଁତିଆ ପର୍ବ ପାଳିତ ହୋଇଯାଇଛି । ମଙ୍ଗଳବାର ସନ୍ଧ୍ୟା ୭ଟାରେ ପୂର୍ବବର୍ଷ ଭଳି ସହରର ବିଭିନ୍ନ ପଡ଼ାରୁ ମା'ମାନେ ଆସି ପଡ଼ାରେ ଏକଜୁଟ ହୋଇଥିଲେ। ୫୦ରୁ ଊର୍ଦ୍ଧ୍ୱ ମା' ଏକାଠି ହୋଇ ପୂଜାର୍ଚ୍ଚନା କରିଥିଲେ। ପୂଜକ ଦାମୋଦର ଆଚାର୍ଯ୍ୟ ପୂଜାପାଠ କରିଥିଲେ। ଏହି ପୂଜା ଆଜିକୁ ୫୦ବର୍ଷ ଧରି ଏଠାରେ ଆୟୋଜିତ ହୋଇଆସୁଥିବା ପୂଜକଙ୍କଠାରୁ ପ୍ରକାଶ। ପୂଜା ଶେଷ ହେବାପରେ ସମସ୍ତେ ପ୍ରସାଦ ସେବନ କରିଥିଲେ। ବିନୋଦିନି ପଣ୍ଡା, ସୁନା ପଣ୍ଡା, ନର୍ମଦା ପଣ୍ଡା, ପ୍ରମିଳା ମଣ୍ଡା, ମଞ୍ଜୁଲତା ପଣ୍ଡା, ରେଖା ବହିଦାର, ମମତା ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ପୁଅ ଜିଉଁତିଆ ପୂଜା ଉତ୍ସବରେ ଯୋଗ ଦେଇଥିବା ମା'ମାନେ।

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକାତ୍ମକ ଅନଶନ

## ୭୧ ସ୍କୁଲ, କଲେଜର ଶିକ୍ଷକ ସାମିଲ

ନୂଆପଡ଼ା ଅଫିସ,୨।୧୦

ବ୍ଲକ ଗ୍ରାଣ୍ଟ ପ୍ରଥା ଉଚ୍ଛେଦ କରାଯାଇ ଶିକ୍ଷକଙ୍କୁ ସମସ୍ତ ସରକାରୀ ସୁବିଧା ସୁଯୋଗ ଦିଆଯିବ। ସରକାର ଏଭଳି ଦ୍ୱାହି ଦେଇଚାଲିଛନ୍ତି। ହେଲେ କାର୍ଯ୍ୟକାରୀ କରୁନାହାନ୍ତି। ଦିନ ପରେ ଦିନ ଗଡ଼ିଚାଲିଛି। ଏଥିରେ ଧୈର୍ଯ୍ୟଚ୍ୟୁତ ନୂଆପଡ଼ା ଜିଲା ମିଳିତ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିକାତ୍ମକ ସତ୍ୟାଗ୍ରହ କରାଯାଇଛି। ଜିଲା ସଭାପତି ରୁଦ୍ର ବାରିକଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଓ କର୍ମଚାରୀମାନେ ସତ୍ୟାଗ୍ରହରେ ସାମିଲ୍ ହୋଇଥିଲେ। ମଙ୍ଗଳବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶିକ୍ଷକମାନେ ଅନଶନରେ ବସି



ଅନଶନରେ ସାମିଲ୍ ଶିକ୍ଷକ, କର୍ମଚାରୀ।

ରହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଦାବିପତ୍ର ଦେଇଥିଲେ। ସପ୍ତମ ବେତନ କମିଶନ ଲାଗୁ, ୨୦୧୭ଜିଓରୁ ଲିଖିତ ସୂଚନା ଉଚ୍ଛେଦ, ରିସାଇଣ୍ଡ ଅର୍ଡର ପ୍ରତ୍ୟାହାର, ବକେୟା ଦରମା ପ୍ରଦାନ ଏବଂ ସମସ୍ତଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ଆଦି ଦାବି ସେଥିରେ ଉଲ୍ଲେଖ ରହିଛି। ଅନଶନରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଷ୍ଟିୟରିଂ କମିଟି ସଭ୍ୟ ରବୀନ୍ଦ୍ର ନାଥ ଯୋଷୀ, ଜିଲା ସମ୍ପାଦକ ବିନୋଦ କୁମାର ପାଢୀ, ଉପସଭାପତି ଲକ୍ଷ୍ମୀ ସଲମା, ପ୍ରଭାସ ପଣ୍ଡା, ସୁବାଷ ଚନ୍ଦ୍ରକାର, ପ୍ରଦ୍ୟୁମ୍ନ ଯୋଷୀ, ଆଦାମ ପାଣ୍ଡେ, ଧ୍ରୁବଚରଣ ପ୍ରଧାନ, ଜ୍ୟୋତିର୍ଣ୍ଣ ବନ୍ଦିଛୋର, ଫକୀର ପାଢୀ, ଦିଲୀପ କୁମାର ନାଏକ, ଅମୂଲ୍ୟ ପାଲ, ପ୍ରଦୀପ ପାଢୀ, ସୁଶୀଲ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ନ୍ୟାଶନାଲ କଲେଜରେ ଏକଦିବସୀୟ ସେବା ଶିବିର

ନୂଆପଡା ଅଫିସ,୨।୧୦

ସ୍ଥାନୀୟ ନ୍ୟାସନାଲ କଲେଜ ତରଫରୁ ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଏକ ଦିବସୀୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କଲେଜର ଅଧ୍ୟକ୍ଷ ଡ. ଅଶୋକ କୁମାର ପଟ୍ଟନାୟକ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। କଲେଜ ଛାତ୍ରଙ୍କ ଦ୍ୱାରା କଲେଜ ପରିସର ସଫା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରବୀନ୍ଦ୍ର ମାଝୀ, ପ୍ରମୋଦ ରାଉତ, ଯଶୋବନ୍ଦ ଭୋଇ, ଯୋଜନା ଅଧିକାରୀ ଈଶ୍ୱର ପଟେଲ, ଶୁକଦେବ ଭିଲ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ଲାଷ୍ଟିକ ମୁକ୍ତ ଜିଲା ଗଠନ ପାଇଁ ଆହ୍ୱାନ ଦିଆଯାଇଥିଲା।

## ଖଡ଼ିଆଳରେ ଗାନ୍ଧୀ ଜୟନ୍ତୀ ସମାରୋହ

ଖଡିଆଳ,୨।୧୦(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡିଆଳ ସହରର ବିଭିନ୍ନ ସ୍କୁଲ କଲେଜ ଏବଂ ଅନୁଷ୍ଠାନ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ସମାରୋହ ମଙ୍ଗଳବାର ପାଳିତ ହୋଇଯାଇଛି। ଖଡିଆଳ ସ୍ୱୟଂଶାସିତ କଲେଜର ରେଡକ୍ରସ ପକ୍ଷରୁ କାଉନସିଲର୍ ତରୁଣ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଉପସ୍ଥିତ ବକ୍ତାମାନେ ମହାତ୍ମା ଗାନ୍ଧୀଙ୍କ ନୀତି, ଆଦର୍ଶ ଉପରେ ଆଲୋକପାତ କରିବା ସହ ସ୍ୱଚ୍ଛତା ଅଭିଯାନରେ ସମସ୍ତେ ସାମିଲ ହୋଇ ଦେଶକୁ ଆଗେଇ ନେବା ପାଇଁ ଆହ୍ୱାନ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ସାଇକେଲ ରାଲିର ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରି ଲୋକଙ୍କୁ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ କଲେଜ ପରିସର ସମେତ ସ୍ଥାନୀୟ କୋଶଲେଶ୍ୱର ମନ୍ଦିର ଏବଂ ଗଡରାମୁଣ୍ଡା ଗାଁର ନଳକୂପଗୁଡିକୁ ସଫେଇ କରାଯାଇଥିଲା। ସେହିପରି କଂଗ୍ରେସ ଭବନ, ଗାନ୍ଧୀଛକଠାରେ ମାହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ସମାରୋହ ପାଳନ କରାଯାଇଥିଲା।




ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।



ନୂଆପଡ଼ା ଜଳ ବିଭାଜିକା କାର୍ଯ୍ୟାଳୟ ପରିସରରେ ସଫେଇ କରୁଥିବା କର୍ମଚାରୀମାନେ।

## ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛତା ପକ୍ଷ

ନୂଆପଡ଼ା ଅଫିସ,୨।୧୦

ମଙ୍ଗଳବାର ଗାନ୍ଧୀ ଜୟନ୍ତୀ ଅବସରରେ ଜିଲା ସଦର ମହକୁମାର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ଏହି କ୍ରମରେ ସ୍ଥାନୀୟ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ମଧ୍ୟ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଥିଲା। ନିର୍ଦ୍ଦେଶକ ଗଣେଶ ଚନ୍ଦ୍ର ବେହେରା, ଏପିଡି ନାରାୟଣ ପାତ୍ର, ମୁଖ୍ୟ କିରାଣୀ ଶିଶିର କୁମାର ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ସକାଳ ୭ରୁ ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ବିଭାଗର ସମସ୍ତ କର୍ମଚାରୀ ପରିସରକୁ ସଫା କରିଥିଲେ। ଏଥିସହ ଜାତୀୟ ରାଜପଥ ୩୫୩ ସଂଲଗ୍ନ ରାସ୍ତାପାର୍ଶ୍ୱରୁ ଅଳିଆ ଆବର୍ଜନା ସଫେଇ କରି ସଚେତନତାର ବାର୍ତ୍ତା ଦେଇଥିଲେ। ସୁରେଶ କୁମାର ବାରିକ, ସୀମାଞ୍ଚଳ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ପଲସାଗୋରା ଗାଁ (ୱାର୍ଡ ନମ୍ବର-୭)ରେ ଏନଏସି ତରଫରୁ ମଧ୍ୟ ସ୍ୱଚ୍ଛତା ପକ୍ଷ ଆୟୋଜିତ ହୋଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ଏହାକୁ ପରିଚାଳନା କରିଥିଲେ।

## ସିନାପାଲିରୁ ବାହାରିଲା ପଦଯାତ୍ରା

ସିନାପାଲି,୨।୧୦

ସରକାରୀ କର୍ମଚାରୀ ଓ ଜନପ୍ରତିନିଧିଙ୍କ ୬ବର୍ଷରୁ ୧୪ ବର୍ଷର ଶିଶୁମାନଙ୍କୁ ସରକାରୀ ବିଦ୍ୟାଳୟରେ ପଢେଇବା, ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ କାର୍ଯ୍ୟରତ ସ୍ଥାନରେ ରହିବା ପାଇଁ ସରକାରୀ ବାସଗୃହ ଯୋଗାଇ ଦେବା ଦାବିରେ ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ଓଡିଶା ରାଜ୍ୟ ଶିକ୍ଷା ଅଧିକାର ଆନ୍ଦୋଳନ ମହାସଂଘ ପକ୍ଷରୁ ଏକ ପଦଯାତ୍ରା ଆରମ୍ଭ ହୋଇଛି। ପଶ୍ଚିମ ଓଡ଼ିଶା ସୀମାନ୍ତ ସିନାପାଲିରୁ ଏହି ପଦଯାତ୍ରାର ଶୁଭାରମ୍ଭ ହୋଇଛି। ପଦଯାତ୍ରା ଭୁବନେଶ୍ୱରରେ ପହଞ୍ଚି ଆସନ୍ତା ୩୧ତାରିଖରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିବାକୁ ମହାସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ରାଜ୍ୟ ଶିକ୍ଷା ଅଧିକାର ଆନ୍ଦୋଳନ ମହାସଂଘର ସଂଯୋଜକ ସୁରଥ ବେହେରା ଏହାର ନେତୃତ୍ୱ ନେଇଛନ୍ତି। ପଦଯାତ୍ରାରେ ବହୁ ଜନସାଧାରଣ ସାମିଲ ହୋଇଥିଲେ।



ଓଡ଼ିଶା ରାଜ୍ୟ ଶିକ୍ଷା ଅଧିକାର ଆନ୍ଦୋଳନ ମହାସଂଘ ପକ୍ଷରୁ ବାହାରିଥିବା ପଦଯାତ୍ରା।

# ସ୍ୱାର୍ଥାନ୍ୱେଷୀ ନେତା ପାଣି ପଞ୍ଚାୟତକୁ ଗୋଳିଆ କରୁଛନ୍ତି

ନୂଆପଡ଼ା ଅଫିସ,୨।୧୦

ଆଜିକୁ ୧୦ ବର୍ଷ ହେବ ଜୋଙ୍କ ଜଳସେଚନ ପ୍ରକଳ୍ପରୁ ପାଣିର ସୁଷମ ବଣ୍ଟନ ହେଉଛି । ଚାଷୀମାନେ ସୁରୁଖୁରୁରେ ପାଣି ପାଇ ଚାଷ କରୁଛନ୍ତି। ସେମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସୁଛି । ଚାଷଜମିକୁ ଆବଶ୍ୟକ ପରିମାଣର ପାଣି ଯୋଗାଇ ଦେବା ନେଇ ପାଣି ପଞ୍ଚାୟତ ସଦା ଜାଗ୍ରତ ଓ କାର୍ଯ୍ୟରତ ରହିଛି। ସମ୍ପ୍ରତି କେତେକ ସ୍ୱାର୍ଥନ୍ୱେସୀ ନେତା ଏହି ଶୃଙ୍ଖଳାଗତ କାର୍ଯ୍ୟରେ ଅଯଥା କେଁ ପୁରାଇ ଅଳିଆ ସୃଷ୍ଟି କରୁଥିବା ଓ ଚାଷୀଙ୍କୁ ଭ୍ରମିତ କରି ପାଣିପଞ୍ଚାୟକୁ ଗୋଳିଆ କରିବାକୁ ଚକ୍ରାନ୍ତ ଚଳାଇଥିବା ପାଣି ପଞ୍ଚାୟତ ଶୀର୍ଷ କମିଟି ସଭାପତି (ଏପେକ୍ସ ପ୍ରେସିଡେଣ୍ଟ) ରାଜେଶ କୁମାର ନିଗମ ଜଣାଇଛନ୍ତି। ସୋମବାର ଯୋଗେଶ୍ୱର ମଞ୍ଚ ପାଣି ପଞ୍ଚାୟତ ସଙ୍ଗଠନ ତରଫରୁ ଜିଲାପାଳ ଅଫିସ ଘେରାଉ ଉପରେ ପ୍ରତିକ୍ରିୟା ରଖିବାକୁ ଯାଇ ଏକ ଖବରଦାତା ସମ୍ମିଳନୀରେ ସେ ଏଭଳି ବିବୃତ୍ତି ରଖିଛନ୍ତି।

ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଜଳ ସେଚନ ବିଭାଗ ଡାକ ବଙ୍ଗଳାରେ ଆହୂତ ସମ୍ମିଳନୀରେ ଏପେକ୍ସ ପ୍ରେସିଡେଣ୍ଟ



ଖବରଦାତା ସମ୍ମିଳନୀରେ ଏପେକ୍ସ ପ୍ରେସିଡେଣ୍ଟଙ୍କ ସମେତ ଅନ୍ୟାନ୍ୟ ସଦସ୍ୟବୃନ୍ଦ।

ନିଗମ, ଜୋଙ୍କ ଡିଭିଜନ ଦାୟିତ୍ୱରେ ଥିବା ଏସଡିଓ କବିରାଜ ବେହେରାଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସଭାପତି ନଗମ କହିଥିଲେ ଯେ ତାଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ ହୋଇଛି। ମୋ ନାଁରେ କୌଣସି ଜମି ନାହିଁ ବୋଲି କୁହାଯାଉଛି। ହେଲେ ପାଣି ପଞ୍ଚାୟତ ଧାରା ୨୦୦୨ ଅନୁଯାୟୀ ଜମି ମାଲିକ ପରିବାରର

**ଜୋଙ୍କ ଜଳସେଚନ ପ୍ରକଳ୍ପରେ ଦୁର୍ନୀତି ଅଭିଯୋଗ**
- ଏପେକ୍ସ ପ୍ରେସିଡେଣ୍ଟ ମୁହଁ ଖୋଲିଲେ
- ଏସଡିଓ କହିଲେ ଦୁର୍ନୀତି ହୋଇନାହିଁ

ଯେ କୌଣସି ସଦସ୍ୟଙ୍କୁ ମେମ୍ବର କରିବାକୁ ସୁପାରିଶ କରିପାରିବେ । ସେହି ଆଧାରରେ ପରିବାରର ମୁଖ୍ୟ ବଡ଼ଭାଇଙ୍କ ନାମରେ ଜମି ରହିଛି । ତଦନୁଯାୟୀ, ଆଜିକୁ ଦଶ ବର୍ଷ ତଳେ ପାଣି ପଞ୍ଚାୟତର ସଦସ୍ୟତା ପାଇଥିବା ସେ କହିଥିଲେ। ଏହା ଉପରେ ଆଗରୁ କେହି କେବେ ପ୍ରଶ୍ନ କରୁ ନ ଥିଲେ। ବର୍ତ୍ତମାନ କେତେକ ବ୍ୟକ୍ତି ଠିକାକାମ କରିବା, ରାଜନୈତିକ ଫାଇଦା ନେବାକୁ ଯାଇ ଏଭଳି ଅମୂଳକ ଅଭିଯୋଗ ଆଣିଛନ୍ତି। ଏଠିକାର ସମସ୍ତ ୨୦ ପାଣି ପଞ୍ଚାୟତର ଉନ୍ନତି କାର୍ଯ୍ୟ କରାଯାଉଛି । କୌଣସି ପ୍ରକାର ଦୁର୍ନୀତି ହୋଇନାହିଁ । ଯେ କେହି କୌଣସି ସମୟରେ ଏହାକୁ ଦେଖିପାରିବେ ବୋଲି ଏସଡିଓ ବେହେରା କହିଥିଲେ। ମିଥ୍ୟା ଅଭିଯୋଗ ଦ୍ୱାରା ତାଙ୍କର ମାନହାନୀ ହୋଇଛି । ଏହାକୁ ନେଇ ସେ କୋର୍ଟରେ ମାନହାନୀ ମୋକଦ୍ଦମା କରିବେ ବୋଲି ସଭାପତି ନିଗମ ସୂଚାଇଥିଲେ। ଏଠାରେ ସୂଚନାଯୋଗ୍ୟ, ଜୋଙ୍କ ଜଳସେଚନ ପ୍ରକଳ୍ପରେ ଏପେକ୍ସ ପ୍ରେସିଡେଣ୍ଟ ଏବଂ ଏସଡିଓ ମିଳିତ ଭାବେ ଦୁର୍ନୀତି କରୁଛନ୍ତି। ଏମାନଙ୍କୁ ବରଖାସ୍ତ କରାଯାଉ ବୋଲି ଯୋଗେଶ୍ୱର ମଞ୍ଚ ତରଫରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ୧୩ ପାଣି ପଞ୍ଚାୟତର ସଭାପତି ଉପସ୍ଥିତ ରହିଥିଲେ।



ଗୁରୁ ଗୋବିନ୍ଦ ଦୁହିଁଙ୍କ ଭିତରୁ ଗୁରୁ ଶ୍ରେଷ୍ଠ ଅଟନ୍ତି, କାରଣ ସେ ଈଶ୍ୱରଙ୍କୁ ପାଇବାର ବାଟ ବତାଇ ଦେଇ ପାରନ୍ତି।

- ସନ୍ଥ କବୀର



## ସଂକ୍ଷେପରେ

### ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ଭାଲୁଗାଡ ଚାମ୍ପିୟନ

ଲଖନପୁର,୨।୧୦(ଡି.ଏନ୍.ଏ.)

ଲଖନପୁର ବ୍ଲକ୍ ଦଲଗାଁ ଖେଳପଡିଆରେ ସ୍ଥାନୀୟ ବାପୁଜୀ ଯୁବକ ସଂଘ ତରଫରୁ ମଙ୍ଗଳବାର ଏକ ଦିବସୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ସେମିଫାଇନାଲ୍ ଭାଲୁଗାଡ ସହିତ ରାଉରକେଲା ଖେଳା ଯାଇଥିଲା। ଏଥିରେ ଭାଲୁଗାଡ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ୍ ବିଓ୍ୱାଇଏସ୍ ସହିତ ହୀରାକୁଦ ଦଳ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ହୀରାକୁଦ ଦଳ ବିଜୟୀ ହୋଇଥିଲା। ଉଭୟ ସେମିଫାଇନାଲ୍ ବିଜେତା ହୀରାକୁଦ ଓ ଭାଲୁଗାଡ ଦଳ ମଧ୍ୟରେ ଫାଇନାଲ୍ ଖେଳା ଯାଇଥିଲା। ୧-୦ଗୋଲରେ ଭାଲୁଗାଡ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚ୍‌କୁ ଜାତୀୟ ରେଫରୀ କେ. ଜଗନ୍ନାଥ ରାଓ, କାର୍ତ୍ତିକ ଦାସ, ଶୀତଳ ଗୁରୁନ, ଅର୍ମିତା ପ୍ରଧାନ, ଅଜିତ କୁଜୁର, କ୍ଷମା କିଷାନ, ଆନନ୍ଦ ସା ପ୍ରମୁଖ ପରିଚାଳନା କରିଥିଲେ। ମ୍ୟାଚ୍‌ର ଧାରାବିବରଣୀ ପାଠ କରିଥିଲେ କାର୍ତ୍ତିକ ବାଗ୍, ଶ୍ରୀପତି ଓରାମ ଓ ପଦ୍ମଲୋଚନ ସାହୁ ପ୍ରମୁଖ। ଏହି ଫାଇନାଲ୍ ମ୍ୟାଚ୍‌ରେ ଅତିଥି ଭାବେ ଡବ୍ଲୁଡିସି ଅଧ୍ୟକ୍ଷ କିଶୋର ମହାନ୍ତି, କମଳ ପଟେଲ, ଗୁରୁଚରଣ ସା, ଭୁବନେଶ୍ୱର ହାତୀ, ବିଶ୍ୱନାଥ ନାୟକ, ଶମ୍ଭୁ ମହାନ୍ତି, ଚିତ୍ରସେନ୍ ଧୁରୁଆ, ତ୍ରିନାଥ ଗୁଆଲ, ପର୍ଶୁରାମ ସାହୁ, ପାର୍ବତୀ ବେହେରା, ସୁରଭି ଛତ୍ରିଆ, ଲକ୍ଷ୍ମୀ ବେହେରା, ଠଣସୁନ୍ଦର ସାହୁ, ଅଖିଳ ସ୍ୱାଇଁ, ସୁବାସ ରାଏ, ସଞ୍ଜୀତ ପ୍ରଧାନ, ପ୍ରମୋଦ ଗଡତିଆ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ବିଜେତା ଭାଲୁଗାଡ୍ ଦଳକୁ ଚାମ୍ପିୟନ ଟ୍ରଫି ସହ ୧୦ହଜାର ଟଙ୍କା ଓ ଉପବିଜେତା ହୀରାକୁଦ ଦଳକୁ ରନର୍ସ ଟ୍ରଫି ସହ ୭ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟ ଖେଳାଳିମାନଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଞ୍ଚଳର ପୂର୍ବତନ ଖେଳାଳିମାନଙ୍କୁ ମଧ ପୁରସ୍କୃତ କରାଯାଇଛି। ସତ୍ୟାନାରାୟଣ ସା, ବିଜୟ ମଲ୍ଲିକ, ସୁବାସ ପାଣ୍ଡେ, ପରକ୍ଷିତ ସା, ସୁଜିତ ସେଠ୍, ତୁଷାରଚନ୍ଦ୍ର ସା, ଲକ୍ଷ୍ମଣ ଧୁରୁଆ, କମଳକାନ୍ତ ବିଶି, ଗିରିଶ୍‌ଚନ୍ଦ୍ର ସା, ଚିରଞ୍ଜିଲାଲ୍ ସା, ଦଶରଥ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

# ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ଝାରସୁଗୁଡା ଅଫିସ,୨।୧୦

ଝାରସୁଗୁଡା ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ସାଂସ୍କୃତିଭବନ ଠାରେ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତ୍ରିଲୋଚନ ମାଝି, ସମ୍ମାନୀତ ଅତିଥି ଭାବେ ପ୍ରଫେସର ଡ.ସ୍ୱର୍ଣ୍ଣମୟୀ ପୁରୋହିତ, ଡିସିପିଓ ସୁନନ୍ଦ ମହାରଣା, ପ୍ରଫେସର ଟହଲୁ ସାହୁ, ଲଳିତ ମୋହନ ଦାଶ, ତାପସ ରାୟଚୌଧୁରୀ ପ୍ରମୁଖ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନ, ସୁରଙ୍ଗ ପ୍ରଧାନ, ନିରଞ୍ଜନ ମାଳି ପ୍ରମୁଖ ଉପସ୍ଥିତ ଥିଲେ। ତେବେ ପୂର୍ବରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ କୁମାର ଜେନା ଜୟନ୍ତୀ ଉତ୍ସବ ଆୟୋଜନ ଓ ପରିଚାଳନା କରିଥିଲେ। ସେହିଭଳି ମନମୋହନ ସ୍କୁଲରେ ମଙ୍ଗଳବାର ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଅତିଥିଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି, ହରିଶ ଗଣତ୍ରା, ପ୍ରଶାନ୍ତ ଜେନା, ଶରତ ତ୍ରିପାଠୀ, ଅରୁଣ ଚଇନି, ଆନନ୍ଦ ସାହୁ, ତୁଳସି ପ୍ରସାଦ ଦାଶ, ଜୟପ୍ରକାଶ କୁଅଁର, ଶଶୀ ଭୂଷଣ ତିୱାରୀ ପ୍ରମୁଖ ଯୋଗ ଦେଇଥିଲେ। ଝାରସୁଗୁଡା ପଞ୍ଚପଡା ସ୍ଥିତ ଶିଶୁ ବିକାଶ ବିଦ୍ୟାମନ୍ଦିରରେ ମଧ ଗାନ୍ଧୀ ଜୟନ୍ତୀ ପାଳିତ ହୋଇ ଯାଇଛି। ଏହି ଅବସରରେ ବଡମାଲ ସ୍କୁଲର ପ୍ରଧାନ ଶିକ୍ଷକ ହେମସାଗର ଚୌଧୁରୀ ମୁଖ୍ୟଅତିଥି, ଅନ୍ନପୂର୍ଣ୍ଣା ପୂଜାରୀ, ଯୁଧିଷ୍ଠିର ଡିଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ମନ୍ଦିରର ସମ୍ପାଦକ ଦିଗାମ୍ବର ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୌତୁକ ବେଶ ପ୍ରତିଯୋଗିତା ହୋଇଥିଲା।

**କୋଲାବିରା,(ଡି.ଏନ.ଏ.)–** କୋଲାବିରା ଜମିଦାରପଡାର କୁନିକୁନି ପିଲାମାନେ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ କରିଛନ୍ତି। ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜନ୍ମେଜୟ ବହିଦାର, ୱାର୍ଡ ସଭ୍ୟା ମନିଷା ଟଣକାର ଯୋଗ ଦେଇଥିଲେ। ଏହି ଅବସରରେ ହୋଇଥିବା ସଙ୍ଗୀତ କାର୍ଯ୍ୟକ୍ରମରେ ଅଙ୍କିତ ବହିଦାର ସହଯୋଗ କରିଥିଲେ। ଅଶ୍ମିତା ବହିଦାର ମଞ୍ଚ ପରିଚାଳନା କରିଥିଲେ। ଅଦ୍ୟାଶା ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବଲେଶ୍ୱରୀ ସାହିତ୍ୟ ସଂସଦ କାର୍ଯ୍ୟାଳୟରେ ମଧ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଶୋଭାଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ତୁଲେଶ୍ୱର ପଟେଲ, ଅଭିମନ୍ୟୁ ପଟେଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ବେହେରା, ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପରିବେଶବିତ୍ ହରିବଂଶ ପଧାନ, ନବୀନ ଚନ୍ଦ୍ର ନାଏକ, ଗୌରହରି ସାହୁ, ସୁବାସଚନ୍ଦ୍ର ନାଏକ, ବୀରେନ୍ଦ୍ର ମହାପାତ୍ର, ପଣ୍ଡିତ ତ୍ରିଲୋକ୍ୟନାଥ ମହାପାତ୍ର, ବିରଞ୍ଚି ପଟେଲ, ତୁଲାରାମ ସେନାପତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ କୀର୍ତ୍ତିଚନ୍ଦ୍ର ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ। ସମାସିଂହା ପଞ୍ଚାୟତ ନୋଡାଲ ଉଚ୍ଚବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ପଟେଲ, ସତ୍ୟନାରାୟଣ ପଟେଲ, ଘନଶ୍ୟାମ ପଟେଲ, ପ୍ରମିଳା ବେହେରା, ଟଙ୍କଧର ପଶାୟତ, ଯୋଗେଶ୍ୱର ସେନାପତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୁରେନ୍ଦ୍ର ରଣା, ପୁଷ୍ପକ କିଶାନ, ପରମାନନ୍ଦ ପଧାନ, ନରେନ୍ଦ୍ର ସାହୁ, ଦୟାନିଧି ଜୟୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ରଘୁନାଥପାଲି ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷକ କୁବେର ଚୌଧୁରୀଙ୍କ ସଭାତିତ୍ୱରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ସରପଞ୍ଚ ନନ୍ଦିତା ସରାଫଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରି, ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ଗାଁ ଲୋକେ ଏକ ଶୋଭାଯାତ୍ରାରେ ବାହାରିଥିଲେ। ସମସ୍ତେ ଗ୍ରାମ ପରିକ୍ରମା କରିବା ସହିତ ସ୍ୱଚ୍ଛତାକୁ ନେଇ ସଚେତନ କରାଇ ଥିଲେ।



କୋଲାବିରା ଜମିଦାରପଡାରେ ଗାନ୍ଧୀ ଜୟନ୍ତୀ ପାଳନ କରାଯାଉଛି।

### ଜିଲା ଫୁଟବଲ ଲିଗ୍‌ରେ ବାଇଜାପାଲି ଚାମ୍ପିୟନ୍

ଝାରସୁଗୁଡା ଅଫିସ, ୨।୧୦

ଝାରସୁଗୁଡା ଜିଲା ଫୁଟବଲ ଲିଗ୍‌ର ଫାଇନାଲ୍ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ୍ ବାଇଜାପାଲି ଓ ସାରସମାଲ ମଧ୍ୟରେ ମୁକାବିଲା ହୋଇଥିଲା। ବାଇଜାପାଲି ଦଳ ୪-୧ ଗୋଲରେ ସାରସମାଲକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ମୁଖ୍ୟଅତିଥି ଓଏସ୍‌ଏପି କମାଣ୍ଡାଣ୍ଟ ମହମତମଦ ଜାହିଦ୍‌ଙ୍କ ସମେତ ଆଶିଷ ଦୁବେ, ତାପସ ରାୟ ଚୌଧୁରୀ, ଗଣେଶ ନାୟକ, ପ୍ରଜ୍ୱଳ ପଟେଲ, ବିଜୟ ବେହେରା, ସୁଶାନ୍ତ ମହାନ୍ତି, ଲକ୍ଷ୍ମଣ ସିଂ, ମାନ୍ଧାତା ସାଏ, ବାଲଗୋବିନ୍ଦ ମିଶ୍ର, ନରେନ୍ଦ୍ର ପଟେଲ, ମୋହନ ମିଶ୍ର, ଶରତ ମିଶ୍ର, ଶରତ ତ୍ରିପାଠୀ, ପିଣ୍ଟୁ ପାଢୀ, ଟହଲୁ ସାହୁ, ମେହେତାବ ଖାନଙ୍କ ସମେତ ଜିଲା କ୍ରୀଡା ସଂଘର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଚୋରି କରି ୪ ସୁରକ୍ଷା କର୍ମୀ ଗିରଫ

ଲଖନପୁର,୨।୧୦(ଡି.ଏନ୍.ଏ)

ବେଲପାହାଡ ଖୋଲାମୁହଁ କୋଇଲା ଖଣି ଅଞ୍ଚଳରେ ୪ଜଣ ଘରେଇ ସୁରକ୍ଷାକର୍ମୀ ଡିଜେଲ୍ ଚୋରି କରି ଗିରଫ ହୋଇଛନ୍ତି। ଏମାନେ ହେଲେ କେରୁଆଲବାହାଲ ଗ୍ରାମର ମୁନୁ ଓରାମ(୪୦), ପଣ୍ଡରୀ ଗ୍ରାମର ସୁରେନ୍ଦ୍ର ସାହୁ(୪୫), ଛର୍ଲା ଗ୍ରାମର ବିନୋଦ ନାୟକ(୨୧) ଓ ଯୁଗଳ କିଶୋର ପୂଜାରୀ (୨୯)।



ଝାରସୁଗୁଡା ଜିଲାପାଳଙ୍କ ଅଫିସ ସମ୍ମୁଖରେ ମିଳିତ ମଞ୍ଚର କର୍ମକର୍ତ୍ତା ଅନଶନରେ ବସିଛନ୍ତି।

# ଦାବି ହାସଲ ପାଇଁ ଅନଶନ

ଝାରସୁଗୁଡା ଅଫିସ,୨।୧୦

ରାଜ୍ୟ ସ୍କୁଲ, କଲେଜ ଓ କର୍ମଚାରୀ ମିଳିତ ମଞ୍ଚର ଝାରସୁଗୁଡା ଶାଖାର କର୍ମକର୍ତ୍ତା ମଙ୍ଗଳବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅନଶନ କରିଛନ୍ତି। ପୂର୍ଣ୍ଣ ଅନୁଦାନ ପ୍ରଦାନ କରିବା, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସହ ଅନୁଦାନ ପ୍ରଦାନ, ସପ୍ତମ ବେତନ କମିଶନ ଲାଗୁ କରିବା ଭଳି ଅନେକ ଦାବି ପୂରଣ ନେଇ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ଅନଶନ କରିଥିଲେ। ଦାବି ସମ୍ବଳିତ ସ୍ମାରକପତ୍ର ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ପ୍ରଦାନ କରିଥିଲେ। ଦୀର୍ଘ ଏକ ମାସରୁ ଅଧିକ ସମୟ ହେବ ଶିକ୍ଷକ ଅଧ୍ୟାପକ ଆନ୍ଦୋଳନରେ ବସିଥିଲେ ମଧ ସରକାର ସେମାନଙ୍କ ଦାବିପ୍ରତି କର୍ଣ୍ଣପାତ ନ କରିବା ଦୁଃଖଦାୟକ ବୋଲି ସଂଘ ତରଫରୁ କୁହାଯାଇଛି। ମିଳିତ ମଞ୍ଚର ବୀଣାପାଣି ତ୍ରିପାଠୀ, ସନ୍ତୋଷ ପଟେଲ, ମଧୁସୂଦନ ବଳବନ୍ତରାୟ, କିଶୋର ମହାନ୍ତି, ଉମାକାନ୍ତ ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ଅନଶନ କରିଥିବାବେଳେ ବିଭିନ୍ନ ସଙ୍ଗଠନ ତରଫରୁ ଆନଶନକାରୀଙ୍କୁ ସମର୍ଥନ କରାଯାଇଥିଲା।

# ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଡ ବିତରଣ

ଝାରସୁଗୁଡା ଅଫିସ,୨।୧୦

କେହି ମଧ ଭୋକରେ ନ ରୁହନ୍ତୁ, ଏହା ଗାନ୍ଧିଜୀଙ୍କ ସ୍ୱପ୍ନ ଥିଲା। ସେହି ସ୍ୱପ୍ନକୁ ସାକାର କରିବାକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗାନ୍ଧୀ ଜୟନ୍ତୀରେ ଆରମ୍ଭ କରିଛନ୍ତି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା। ଜାତୀୟ ଖାଦ୍ୟ ସୁରକ୍ଷା ଆଇନରୁ ବାଦ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ୧ଟଙ୍କାରେ ଚାଉଳ ପ୍ରଦାନ କରିବାକୁ ରାଜ୍ୟ ସରକାର ବଦ୍ଧପରିକର ବୋଲି ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି। ମଙ୍ଗଳବାର ଝାରସୁଗୁଡା ଓଏସ୍‌ଏପି ପଡିଆରେ ଆୟୋଜିତ ଖାଦ୍ୟ ରାଜ୍ୟ ସୁରକ୍ଷା ଯୋଜନାର କାର୍ଡ ବିତରଣ କରାଯାଇଛି। ଏହି ଅବସରରେ ଅତିଥି ଭାବେ ମନ୍ତ୍ରୀ ଛୁରିଆ, ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ପୌରାଧକ୍ଷ ହରିଶ ଗଣତ୍ରା, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, କମାଣ୍ଡାଣ୍ଟ ମହମ୍ମଦ ଜାହିଦ୍, ଯୋଗାଣ ଅଧିକାରୀ ଉଦିତ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରି ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ ବିତରଣ କରିଥିଲେ। ଜିଲାରେ ୩୦୫୪୬ ଜଣଙ୍କୁ କାର୍ଡ ପ୍ରଦାନ ପାଇଁ ସ୍ଥିର ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨୦୬୬୫ଟି କାର୍ଡ ପ୍ରସ୍ତୁତ କରାଯାଇଛି। ବିଭିନ୍ନ ତ୍ରୁଟି ବିଚ୍ୟୁତି ଯୋଗୁ ଅବଶିଷ୍ଟ କାର୍ଡ ପ୍ରସ୍ତୁତ ହୋଇପାରି ନାହିଁ। ଆବେଦନ କରିଥିବା ହିତାଧିକାରୀ ବ୍ଲକ୍ ଅଫିସ ଓ ପୌର କାର୍ଯ୍ୟାଳୟରୁ ତାଲିକା ମୁତାବକ କାର୍ଡ ସଂଗ୍ରହ କରିବାକୁ କୁହାଯାଇଛି।



ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଜଣେ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରୁଛନ୍ତି ।

# ବିମାନବନ୍ଦରରେ ସାନିଟାରୀ ନାପକିନ୍ ଭେଣ୍ଡିଂ ମେଶିନ୍

ଝାରସୁଗୁଡା ଅଫିସ,୨।୧୦

ଝାରସୁଗୁଡାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ପରିସରରେ ମହିଳାଙ୍କ ପାଇଁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସୁବିଧା। ବିମାନବନ୍ଦର ପରିସରରେ ସ୍ଥାପନ କରାଯାଇଛି ସାନିଟାରୀ ନାପକିନ୍‌ର ଏକ ଭେଣ୍ଡିଂ ମେସିନ୍। ୫ଟଙ୍କା ବ୍ୟୟରେ ମହିଳାମାନେ ସାନିଟାରୀ ନାପକିନ୍ ହାସଲ କରିପାରିବେ। ମାସିକ ଧର୍ମ ସମୟରେ ଯାତ୍ରା କରୁଥିବା ମହିଳା ବିମାନଯାତ୍ରୀଙ୍କ ପାଇଁ ଏହି ସୁବିଧା ବେଶ୍ ଉପାଦେୟ ସାବ୍ୟସ୍ତ ହେବ। ଝାରସୁଗୁଡାର ମହିଳା ସଙ୍ଗଠନ 'ସଙ୍ଗିନୀ' ତରଫରୁ ଏହି ନାପକିନ୍ ଭେଣ୍ଡିଂ ମେଶିନ୍ ପ୍ରଦାନ କରାଯାଇଛି। ମଙ୍ଗଳବାର ବିମାନବନ୍ଦର ନିର୍ଦ୍ଦେଶକ ଏସ୍.କେ ଚୌହାନ ଏହାର ଉଦ୍‌ଘାଟନ କରଛନ୍ତି। ସଙ୍ଗିନୀର ସଦସ୍ୟା ସରିତା ଅଗ୍ରୱାଲ, ପଦ୍ମା ନାଏକ, ପ୍ରେମଲତା ସାକୁନିଆ, ଅନୁପମା ଅଗ୍ରୱାଲ, ମୀରା ଗୋରେ, ରୂପା ଦାସ, କିଶୋରୀ ସାହୁ ସମେତ ବହୁ ମହିଳା ଉପସ୍ଥିତ ଥିଲେ।





ଝାରସୁଗୁଡା ବିମାନ ବନ୍ଦର ପରିସରରେ ନାପକିନ୍ ଭେଣ୍ଡିଂ ମେଶିନ ଉଦ୍‌ଘାଟନୀ ଅବସରରେ ସଙ୍ଗିନୀ ସଦସ୍ୟା ଓ ବିମାନବନ୍ଦର ଅଧିକାରୀ।

### ଯୋଜନା ବଖାଣିଲେ ନେତା

ଲଖନପୁର,୨।୧୦(ଡି.ଏନ୍.ଏ.)

ବିଜେଡି ପକ୍ଷରୁ ଏକ ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ଲଖନପୁରରୁ ଆରମ୍ଭ ହୋଇଛି । ଅଶୋକଚକ୍ର କ୍ଲବ୍ ସମ୍ମୁଖରେ ବିଜେଡି ଜିଲା ସମ୍ପାଦକ ପିତାମ୍ବର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଜନସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ରବି ପାଣି, ପୂର୍ବତନ ବିଧାୟକ ଅନୁପ ସାଏ, ଟିକେଶ୍ୱର ସେନାପତି, ଜୟନ୍ତ ଦୀକ୍ଷିତ, ରାଜେଶ ଭୋଇ, ପଦ୍ମଲୋଚନ ଭୋଇ, ସୁରଭି ଛତ୍ରିଆ, ପାର୍ବତୀ ବେହେରା, ସୁରେନ୍ଦ୍ର ଜୟସ୍ୱାଲ, ରଘୁମଣି ପ୍ରଧାନ, ଦୈତାରୀ ସେନାପତି, ସନ୍ତୋଷ ଭୋଇ, ଶ୍ରୀକାନ୍ତ ଭୋଇ, ଅମିନ ଖାନ, ଫକିର ଖାନ୍, ରାଜ କୁମାର ସାହୁ ପ୍ରମୁଖ ନେତା ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବଖାଣି ଥିଲେ।

### ସ୍କୁଲ୍ ଶ୍ରେଣୀଗୃହ, କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

ଲଖନପୁର,୨।୧୦(ଡି.ଏନ୍.ଏ.)

ଦଲଗାଁ ଆଞ୍ଚଳିକ ହାଇସ୍କୁଲ୍ ଅତିରିକ୍ତ ଗୃହ ଓ ଏହି ଗ୍ରାମରେ ଏକ କଲ୍ୟାଣ ମଣ୍ଡପକୁ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ କିଶୋର ମହାନ୍ତି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ଏକ ସଭାରେ ଶିକ୍ଷକ ଅଶୋକ ପାଢୀ, ଶମ୍ଭୁ ମହାନ୍ତି, ବିଶ୍ୱନାଥ ନାୟକ, ଗୁରୁଚରଣ ସା, କମଳ ପଟେଲ ପ୍ରମୁଖ ଯୋଗ ଦେଇଥିଲେ।

# ଗାନ୍ଧୀ ଜୟନ୍ତୀରୁ ପ୍ଲାଷ୍ଟିକକୁ ନା

ବେଲପାହାଡ଼,୨।୧୦(ଡି.ଏନ୍.ଏ.)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଶା ଓ ପୌରପରିଷଦ ମିଳିତ ସହଯୋଗରେ ମଙ୍ଗଳବାର ସକାଳେ ପ୍ଲାଷ୍ଟିକ ମୁକ୍ତ ସ୍ୱଚ୍ଛତା ପାଇଁ ଏକ ବାଇକ୍ ରାଲି ଆୟୋଜିତ ହୋଇଯାଇଛି। ଏହି ରାଲି ମାହାତ୍ମା ଗାନ୍ଧୀ ସ୍ମୃତି ସଦନରୁ ଆରମ୍ଭ ହୋଇ ସହରର ପରିକ୍ରମା କରିଥିଲା। ଉକ୍ତ କାର୍ଯ୍ୟକ୍ରମ ଶୁଭାରମ୍ଭରେ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ, ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ, କାଉନସିଲର କୈଳାସଚନ୍ଦ୍ର ନାୟକ, ଦିଲୀପ କୁର୍ମି, ନାଗରିକ ମଞ୍ଚର ସଭାପତି ଶ୍ୟାମସୁନ୍ଦର ଶତପଥୀ, ଯେଗେନ୍ଦ୍ର ରୋହିଦାସ ଓ ପ୍ରଚଣ୍ଡ ଜୟସ୍ୱାଲ ଯୋଗ ଦେଇଥିଲେ। ରାଲିରେ ଦିଶା ଅନୁଷ୍ଠାନର ସଭାପତି ଟିକେଶ୍ୱର ବାରିକ, ସମ୍ପାଦକ ବାବୁଲୁ ଖମାରୀ, ସଦସ୍ୟ ହେମସାଗର ସାହୁ, ଜଗନାଥ କିସାନ, ଶୁଭ୍ରଚନ୍ଦନ ବେହେରା, ସୁରଜ ପାଣିଗ୍ରାହୀ, ହିତେଶ ମେହେର, ପ୍ରକାଶ ମେହେର, ସିନୁ ରାଉତ, ପ୍ରମିଳା ପ୍ରଧାନ, କବିତା ସାହୁ, ରେଣୁକା ପାତ୍ର ଓ ପୁନମ ଦାସଙ୍କ ସମେତ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ହାତରେ ବ୍ୟାନର ଧରି ବାଇକ୍ ଯୋଗେ ସହର ପରିକ୍ରମା କରିଥିଲେ। ସହରକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ ମୁକ୍ତ କରିବା ସହିତ ବାହ୍ୟ ମଳମୁକ୍ତ ରଖିବା ପାଇଁ ସ୍ଲୋଗାନ ମାନ ଦେଇଥିଲେ। ସେହିପରି ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ମାନଙ୍କୁ ନେଇ 'ନୋ ପ୍ଲାଷ୍ଟିକ' ଶୀର୍ଷକ ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ଅବସରରେ ଏକ ବକ୍ତୃତା ପ୍ରତିଯୋଗିତା ମଧ ଆୟୋଜିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାର ଜୁନିୟର ବିଭାଗରେ ସମିରା କୁମାରୀ ପ୍ରଥମ, ଆଶୁତୋଷ ଗୋଚ୍ଛାୟତ ଦ୍ୱିତୀୟ ଓ କାବ୍ୟରଞ୍ଜନ ପଟ୍ଟନାୟକ ତୃତୀୟ ହୋଇଛନ୍ତି। ସିନିୟର ବିଭାଗରେ ପ୍ରିୟାଂଶୁ ଠାକୁର ପ୍ରଥମ, ବିରଞ୍ଚି ନାରାୟଣ ନାୟକ ଦ୍ୱିତୀୟ ଓ ରୁଦ୍ର କୁମାର ରାଉତ ତୃତୀୟ ହୋଇଛନ୍ତି। ଏହି କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଦାସ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ସୌରଭ ପାଣି, ଦୁଃଖନାଶନ ସରାପ, ଦେବେନ୍ଦ୍ର ବେହେରା, ଶିକ୍ଷୟିତ୍ରୀ ସୁଧା ଶର୍ମା ଓ ସୁଶୀଳା ଗୁପ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ଦିଶା ଅନୁଷ୍ଠାନ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଓ ବାହ୍ୟ ମଳମୁକ୍ତ ସ୍ୱଚ୍ଛତା ପାଇଁ ସଚେତନତା ରାଲିର ଶୁଭାରମ୍ଭ ହେଉଛି ।



ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟରେ ନୋ ପ୍ଲାଷ୍ଟିକ ଶୀର୍ଷକକୁ ନେଇ ଆୟୋଜିତ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ନିଜ ଅଙ୍କିତ ଚିତ୍ରାଙ୍କନ ପ୍ରଦର୍ଶନ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୩ ଅକ୍ଟୋବର, ୨୦୧୮



କୋମଳ ଉତ୍ତର କ୍ରୋଧକୁ ଦମନ କରେ,
ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- ଯୀଶୁଖ୍ରୀଷ୍ଟ



## ସଂକ୍ଷେପରେ



### ଗୁରୁକୁଳ ଯୁକ୍ତ୨ ମହାବିଦ୍ୟାଳୟରେ ସ୍ୱଚ୍ଛ ଭାରତ ଅଭିଯାନ

ସୁନ୍ଦରଗଡ଼,୨।୧୦ (ଡି.ଏନ୍.ଏ.)- ସ୍ଥାନୀୟ ଗୁରୁକୁଳ ମହାବିଦ୍ୟାଳୟ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ ହୋଇଛି। ମହାବିଦ୍ୟାଳୟର ସମ୍ପାଦକ ଗଣେଶ ଚନ୍ଦ୍ର ନାଏକଙ୍କ ତତ୍ତ୍ୱାବଧାନରେ ଶଙ୍କରା ଛକଠାରୁ ଷ୍ଟେଟବ୍ୟାଙ୍କ ଛକ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ବାହାରି ଥିଲା। ଜାତିରପିତା ମହାତ୍ମାଗାନ୍ଧୀଙ୍କ ସ୍ୱପ୍ନ ସ୍ୱଚ୍ଛ ଭାରତକୁ ସାକାର କରିବା ପାଇଁ ଛାତ୍ରୀଛାତ୍ର ହାତରେ ବ୍ୟାନର ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ସାଧାରଣ ଜନତାଙ୍କୁ ସଚେତନ କରିଥିଲେ। ସହର ପରିକ୍ରମା ସମୟରେ ରାସ୍ତାରେ ପଡିଥିବା ପଲିଥିନକୁ ଗୋଟାଇ ସଫା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ଅନ୍ୟ କର୍ମଚାରୀମାନେ ମଧ୍ୟ ସାମିଲ ହୋଇଥିଲେ। ପରେ ମହାବିଦ୍ୟାଳୟଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।

### ବିଭିନ୍ନ ସ୍ଥାନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

**କୁତ୍ରା/ ରାଜଗାଙ୍ଗପୁର/ଲେଫ୍ରିପଡ଼ା, ୨।୧୦ (ଡି.ଏନ.ଏ)**- ସୁନ୍ଦରଗଡ ଜିଲା କୁତ୍ରା ଓ ରାଜଗାଙ୍ଗପୁର ଅଞ୍ଚଳରେ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ସରକାରୀ ଓ ବେସରକାରୀ ତଥା ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପାଳିତ ହୋଇଯାଇଛି। କୁତ୍ରାର ୧୬ଟି ଗ୍ରାମ ପଞ୍ଚାୟତ ଓ ରାଜଗାଙ୍ଗପୁର ୨୦ଟି ଗ୍ରାମ ପଞ୍ଚାୟତ ଓ ରାଜଗାଙ୍ଗପୁର ପୌରପରିଷଦ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସ୍ୱତନ୍ତ୍ର ଗ୍ରାମସଭାମାନ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ ପକ୍ଷରୁ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜଗାଙ୍ଗପୁର ପୌରପରିଷଦରେ ଚୟନ କରାଯାଇଥିବା ହିତାଧିକାରୀଙ୍କୁ ଗାନ୍ଧୀ ଜୟନ୍ତୀରେ ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଦ୍ୱାରା କାର୍ଡ ବଣ୍ଟନ କରାଯାଇଥିଲା। କୁତ୍ରା ଠାରେ କୁତ୍ରା କଂଗ୍ରେସ ପାର୍ଟି ପକ୍ଷରୁ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରି ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଥିଲା। ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ବିଦ୍ୟାଳୟରେ ଗାନ୍ଧି ଏବଂ ଶାସ୍ତ୍ରୀ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ସ୍ଥାନୀୟ ଲେଫ୍ରିପଡା ଜୟରାମ ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ବୈଠକରେ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ସାଙ୍କ ସଭାପତିତ୍ୱରେ ବ୍ଲକ୍ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବୈଠକରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ବକ୍ତବ୍ୟ ପ୍ରଦାନ କରାଯାଇଥିଲା।

# ଫାଟି ଖଣ୍ଡଖଣ୍ଡ ହେଲା କଂକ୍ରିଟ ରାସ୍ତା

**ରାଜଗାଙ୍ଗପୁର, ୨।୧୦ (ଡି.ଏନ.ଏ)**



ରାଜଗାଙ୍ଗପୁରରେ ଏକ କଂକ୍ରିଟ ରାସ୍ତାର କାର୍ଯ୍ୟକୁ ମାସେ ନ ପୂରୁଣୁ ଫାଟିଯାଇଛି (ବାମ)। ବସାଯାଇଥିବା ନାମ ଫଳକ।

**ରାଜଗାଙ୍ଗପୁର ପୌରପାଳିକା**
- କାର୍ଯ୍ୟର ମାସେ ବି ପୂରିନି
- କାର୍ଯ୍ୟାନୁଷ୍ଠାନ ପାଇଁ ଦାବି
- ପୌରପରିଷଦରେ ନିମ୍ନମାନର କାମ
- ବିଭିନ୍ନ ଉନ୍ନୟନ କାମର ତଦନ୍ତ ଦାବି

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ପୌରପରିଷଦ ଅଧିନ ୭ନମ୍ବର ୱାର୍ଡରେ ଏକ କଂକ୍ରିଟ ରାସ୍ତାର କାର୍ଯ୍ୟକୁ ମାସେ ପୁରି ନ ଥିବାବେଳେ ତାହା ଶୋଚନୀୟ ହୋଇଛି। କଂକ୍ରିଟ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ରାଜଗାଙ୍ଗପୁର ପୌରପରିଷଦ ଅଧିନରେ ହେଉଥିବା କାର୍ଯ୍ୟଗୁଡିକରେ ମୋଟା ଅଙ୍କର ପିସି କାରବାର ହେଉଥିବାରୁ ଏଭଳି ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି। ରାଜଗାଙ୍ଗପୁର ପୌରାଞ୍ଚଳ ଅଧିନ ୭ନମ୍ବର ୱାର୍ଡର ଦୀପକ ସେନ ଘରଠାରୁ ବୁଦ୍ଧରାମ ଘର ଆଡକୁ ସିମେଣ୍ଟ କଂକ୍ରିଟ ରାସ୍ତା କାମ ଗତ ଅଗଷ୍ଟ ୯ରେ ଆରମ୍ଭ ହୋଇ ୧୮ ରେ ସମାପ୍ତ ହୋଇଥିଲା। ଏବାବଦରେ ଏକ ନାମଫଳକ ତିଆରି କରି ଏଥିରେ କାର୍ଯ୍ୟର ନାମ ଏବଂ ବ୍ୟୟ ଅଟକଳ ପରିମାଣ, କାର୍ଯ୍ୟ ଆରମ୍ଭ ଓ ସମାପ୍ତ ତାରିଖ ସାଙ୍ଗକୁ ନିର୍ବାହୀ ସଂସ୍ଥାର ନାମଲେଖା ଯାଇଥିଲା। ହେଲେ ଉକ୍ତ କଂକ୍ରିଟ କାମଟି ୧୮ ଅଗଷ୍ଟ, ୨୦୧୮ରେ ସମାପ୍ତ ହୋଇଥିବାବେଳେ କାର୍ଯ୍ୟକୁ ମାସେ ନ ପୁରୁଣୁ କଂକ୍ରିଟ ରାସ୍ତା ଖଣ୍ଡଖଣ୍ଡ ହୋଇଯିବା ସାଙ୍ଗକୁ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଯାଇଥିଲା। ପ୍ରକାଶଥାଉ ଯେ, ପୌରପାଳିକା ଅଧିନରେ ହେଉଥିବା ବିଭିନ୍ନ କାମ ଅତିନିମ୍ନମାନର ହେଉଥିବା ନେଇ ଅଭିଯୋଗ ହେଉଛି। ବସଷ୍ଟାଣ୍ଡଠାରେ ହୋଇଥିବା ବିଜୁ କଲ୍ୟାଣ ମଣ୍ଡପରେ ଫାଟ ହୋଇଥିବା ନେଇ ଅଭିଯୋଗ, ସୁବାଷ ଛକ ଠାରୁ ମାଟିଗେଟ ପର୍ଯ୍ୟନ୍ତ ରାସ୍ତାରେ ନିମ୍ନମାନର କାମ ଭଳି ବହୁ ଅଭିଯୋଗ ହେଉଥିଲେ ମଧ୍ୟ ଜିଲାପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ରାଜଗାଙ୍ଗପୁର ପୌରପରିଷଦରେ ବିଜେଡି ଶାସନ ଥିବାରୁ ନିମ୍ନମାନର କାମ ତଥା ଅନ୍ୟାନ୍ୟ ବିଭାଗରେ ହେଉଥିବା ଅନିୟମିତତା ବିରୋଧରେ ସହରବାସୀ ଅଭିଯୋଗ କରିଛନ୍ତି। ମାସେ ନ ପୁରୁଣୁ ୭ନମ୍ବର ୱାର୍ଡର କଂକ୍ରିଟ ରାସ୍ତା ଭାଙ୍ଗି ଯାଇଥିବାରୁ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ୱାର୍ଡବାସୀ ଦାବି କରିଛନ୍ତି।

### ତିନି ସ୍ଥାନରେ ଦୁର୍ଘଟଣା ଘଟାଇଲା ପିକଅପ୍ ଭ୍ୟାନ

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

**କୁତ୍ରା, ୨।୧୦ (ଡି.ଏନ.ଏ)**

ରାଜଗାଙ୍ଗପୁରର ଏକ ପିକଅପ୍ ଭ୍ୟାନ ଡ୍ରାଇଭର ମଙ୍ଗଳବାର ରାତ୍ରି ୮ଟାରେ ବେପରୁଆ ଭାବେ ଗାଡିଚଳାଉଥିବାବେଳେ ତିନୋଟି ସ୍ଥାନରେ ଦୁର୍ଘଟଣା ଘଟାଇଛି। ଏଥିରେ ୩ଜଣ ଗୁରୁତର ଓ ୪ ଆହତ ହୋଇଥିବା ଜଣାପଡିଛି। ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଛନ୍ତି। ରାଜଗାଙ୍ଗପୁର ଲିପଲୋଇଠାରେ ଗୋପାଳ ଦଲମିଆଙ୍କ ଏକ ସିମେଣ୍ଟ ଗୋଦାମ ରହିଛି। ସେଠାରେ ଗୋପାଳଙ୍କ ପିକଅପ୍ ଭ୍ୟାନକୁ କୁତ୍ରା ଖତରକୁରବାହାଲ ଅଞ୍ଚଳର ଜନୈକ ଡ୍ରାଇଭର ଚଳାଉଥାନ୍ତି। ମଙ୍ଗଳବାର ଗୋପାଳ ଦୋକାନରେ ନଥିବା ବେଳେ ଡ୍ରାଇଭର ଜଣକ ପାଣିନେଇ ରାଜଗାଙ୍ଗପୁରରୁ ନିଜ ଘର ଖତକୁରବାହାଲକୁ ଆସୁଥିଲେ। ସେ ପ୍ରଥମେ ରାଜଗାଙ୍ଗପୁର ବାଇପାସ ପାଖରେ ଦୁଇଜଣଙ୍କୁ ଧକ୍କା ଦେଇଥିଲେ। ସେଠାରେ ଶୀଘ୍ର ଗତିରେ କୁତ୍ର ଆସିଲା ପରେ କୁତ୍ରାରୁ ଖତକୁରବାହାଲ ଯିବା ଛକରେ ମୋହନ ବେଣୁ ଟପ୍ପୋ, ସୁରେନ୍ଦ୍ର ସାହୁ ଓ ଶ୍ୟାମ ସାହୁଙ୍କୁ ଧକ୍କା ଦେଇ ଦ୍ରୁତ ଗତିରେ ଖତକୁରବାହାଲ ପଟକୁ ଚାଲିଯାଇଥିଲା । କୁତ୍ରା ଜନକି କଲୋନୀ ପାଖରେ ଏକ ଠେଲା ଗାଡିକୁ ଧକ୍କା ଦେଇଥିଲା । ଠେଲା ଗାଡିକୁ ଠେଲି ଆଣୁଥିବା ରାଜୁ କୁଜୁର ଓ ତୁର୍ଙ୍ଗି କୁଜୁର ପିକଅପ୍ ଧକ୍କାରେ ଗୁରୁତର ହୋଇପଡିଥିଲେ। ଡ୍ରାଇଭର ଜଣକ ଠେଲାକୁ ଧକ୍କା ଦେବା ପରେ ରାସ୍ତା କଡରେ ଗାଡି ଛିଡା କରି ଫେରାର ହୋଇଯାଇଥିଲେ। ଦୁର୍ଘଟଣାରେ ଆହତ ହୋଇଥିବା ୫ଜଣଙ୍କୁ ପ୍ରଥମେ କୁତ୍ରା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଯାଇଥିଲେ। ଉତ୍ତ୍ୟକ୍ତ ଗ୍ରାମବାସୀ କୁତ୍ରା ଖତକୁରବାହାଲ ରାସ୍ତାକୁ ଅବରୋଧ କରିଥିବା ବେଳେ କୁତ୍ରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା।

## ଶୁଣ୍ଡି ସମାଜର ନୂଆଁଖାଇ ଭେଟ୍‌ଘାଟ୍

**ହେମଗିର,୨।୧୦ (ଡି.ଏନ.ଏ)**

ହେମଗିର ଶୁଣ୍ଡି ସମାଜ ପକ୍ଷରୁ ରତାଖଣ୍ଡିଠାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ସଭାପତି ଶିଶିର କୁମାର ନାଏକ ଯୋଗଦେଇଥିଲେ। ଏହି ଅବସରରେ ନାଏକ ନିଶାମୁକ୍ତ ସମାଜ, ଶିକ୍ଷା, ସମାଜର ରୀତିନୀତି ଉପରେ ଗୁରୁତ୍ୱ ଦେଇଥିଲେ। ସମାଜରୁ ଦୂରେଇ ଯାଉଥିବା ଭାଇମାନେ କିପରି ସଂଘବଦ୍ଧ ହୋଇ ରହିବେ ସେଥିପାଇଁ ମଧ୍ୟ ସମସ୍ତଙ୍କୁ ନିବେଦନ କରିଥିଲେ। ସମ୍ପାଦକ ସମାଜକୁ ଶୃଙ୍ଖଳିତ ରଖିବାକୁ ହେଲେ ନୀତି ନିୟମର ପରିବର୍ତ୍ତନ ସାଙ୍ଗକୁ କଡାକଡି ଭାବରେ ଲାଗୁ କରିବାକୁ ପଡିବ ବୋଲି କହିଥିଲେ। ନାରୀ ସୁରକ୍ଷା ଉପରେ ପ୍ରସ୍ତାବ ଦିଆଯାଇଥିଲା । ସମାଜର ଉପ ସଭାପତି ଉଦ୍ଧବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ସମାଜର ସଙ୍ଗଠକ ଅଯୋଧ୍ୟା ସାହୁ, କୋଷାଧ୍ୟକ୍ଷ ସୁରେନ୍ଦ୍ର ସାହୁ, ପ୍ରଦୀପ ସାହୁ, ବିଜୟ ନାଏକ, ଭାରତୀ ବେହେରା, ଲିଲାବତୀ ବେହେରା, ସୁଜାତା ନାଏକ, ମୀନକେତନ ନାଏକ, ବିଶ୍ୱ ନାଏକ, ଦୟାନନ୍ଦ ନାଏକ, ରିଙ୍କି ସାହୁ, ସୌଦାମିନୀ ସାହୁ, ଗଜପତି ସାହୁ, ବଲ୍ଲବ ସାହୁ ତଥା ସମାଜର ଭାଇ ଭଉଣୀ ଉପସ୍ଥିତ ଥିଲେ ।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ହେମଗିର ଶୁଣ୍ଡି ସମାଜର କର୍ମକର୍ତ୍ତା।

## କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ

**କୁଆଁରମୁଣ୍ଡା,୨।୧୦(ଡି.ଏନ.ଏ)**



କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମରେ ପରିବେଷିତ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ।

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଶିକ୍ଷା କାର୍ଯ୍ୟାଳୟ ଅଧିନ କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି -୨୦୧୮' ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟ, କୁମଝରିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଟୁଆବାହାଲ, ପାକେରଲଙ୍ଗର, ବିଜାବାହାଲ ଉ.ପ୍ରା ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ୧ରୁ ୧୦ମ ଶ୍ରେଣୀ ମଧ୍ୟରେ ଥିବା ପ୍ରତିଯୋଗୀମାନଙ୍କୁ ନେଇ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। ଏହି ପ୍ରତିଯୋଗିତାଗୁଡିକ ମଧ୍ୟରୁ ନୃତ୍ୟରେ କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟ ୧ମ, ଗୀତରେ କୁମଝରିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ୧ମ, ଚିତ୍ରାଙ୍କନରେ କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୋନାଲି କୁଲା ୧ମ ସ୍ଥାନ ହାସଲ କରିଛନ୍ତି। ଆଞ୍ଚଳିକସ୍ତରରେ ୧ମ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀମାନେ ଆଗାମୀ ବ୍ଲକସ୍ତରୀୟ ଶିଶୁ ମହୋତ୍ସବରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମଟି କୁମଝରିଆ ସିଆରସିସି ବିଦ୍ୟୁଲତା ରାଉତଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବରିଷ୍ଠ ଶିକ୍ଷକ ବ୍ରଜ କିଶୋର ଶୁକ୍ଳା, ଗୋପାଳ ଦାଶ ଓ ଅନ୍ୟ ଶିକ୍ଷୟିତ୍ରୀ/ଶିକ୍ଷକମାନେ ଉପସ୍ଥିତ ରହି ପ୍ରତିଯୋଗିତାର ମୂଲ୍ୟାୟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲ ପୌରୋହିତ୍ୟ କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ: ନୂଆଟୋଲି ଚାମ୍ପିୟନ

**କୁଆଁରମୁଣ୍ଡା,୨।୧୦ (ଡି.ଏନ.ଏ.)**

କୁଆଁରମୁଣ୍ଡା ବ୍ଲକ କୁମଝରିଆ ପଞ୍ଚାୟତର କାରିଛାପଲ ପଡିଆରେ ମଙ୍ଗଳବାର ଗାନ୍ଧୀ ଜୟନ୍ତୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ନୂଆଟୋଲି ଟିମ୍ ଓ ସାରୁବାହାଲ ଟିମ୍ ମଧ୍ୟରେ ମୁକାବିଲା ହୋଇଥିଲା। ଶେଷରେ ଉଭୟ ଦଳ ମଧ୍ୟରେ ପେନାଲ୍ଟି ସଟ୍ କରାଯାଇଥିଲା। ଏଥିରେ ନୂଆଟୋଲି ୫-୪ରେ ବିଜୟ ଲାଭ କରି ଚାମ୍ପିୟନ ଘୋଷିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୁଆଁରମୁଣ୍ଡା ଲ୍ୟାମ୍ପ୍ସ ପରିଚାଳନା ନିର୍ଦ୍ଦେଶକ ରଣଜିତ୍ ଲାକ୍ରା ଯୋଗଦେଇ ଚାମ୍ପିୟନ ଘୋଷିତ ନୂଆଟୋଲି ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ମନୋଜ ନାଏକ, ଭାଜପା ମହିଳା ମୋର୍ଚ୍ଚା କୁଆଁରମୁଣ୍ଡା ମଣ୍ଡଳ ସମ୍ପାଦିକା ରୀନା ମେହେର, ଝାରବେଡା ସରପଞ୍ଚ ମାଥିଆସ୍ ଲାକ୍ରା, ସାମାଜିକ କର୍ମୀ ନକୁଳ ରାଏ ମଞ୍ଚାସୀନ ଥିଲେ। ରେଫରି ଦାୟିତ୍ୱ ତୁଲାଇ ଥିଲେ ଯମିର ଏକ୍କା, ଅଜୟ ଖାଲଖୋ। ସଭାପତି ରାଜୁ ଓରାମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉପସଭାପତି ପ୍ରେମପ୍ରକାଶ ତିର୍କୀ, ସମ୍ପାଦକ ଅଜୟ ଓରାମ ଉପସ୍ଥିତ ରହିଥିଲେ।



ଫୁଟବଲ ଟୁର୍ନାମେଣ୍ଟର ଉଦଯାପନୀ ଦିବସରେ ଉପସ୍ଥିତ ଅତିଥିମାନେ।

## ବଡ଼ଗାଁ ଗ୍ରାମବାସୀ ୩ ଚୋରଙ୍କୁ ଧରିଲେ

**ବଡଗାଁ, ୨।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ବସ୍ତି ନିକଟ ଜଣେ ବ୍ୟକ୍ତିଙ୍କ ଘରେ ଚୋରି କରିବାକୁ ପଶିଥିବା ୪ଚୋରଙ୍କ ମଧ୍ୟରୁ ୩ଜଣଙ୍କୁ ଗ୍ରାମବାସୀ କାବୁ କରି ମଙ୍ଗଳବାର ଅପରାହ୍ନରେ ପୋଲିସ ଜିମା ଦେଇଛନ୍ତି। ୨ ଚୋର ଦୌଡି ପଳାଇବାକୁ ଉଦ୍ୟମ କଲାବେଳେ ଲୋକେ କାବୁ କରିଥିବାବେଳେ ଜଣକୁ ଗୋଡାଇ ଧରିଥିଲେ । ଜଣେ ପଳାଇଯାଇଥିଲେ। ଏହି ସମୟରେ ଜଣେ ଚୋର ରାଜଗାଙ୍ଗପୁରର ଜଣେ ଦୁର୍ଦ୍ଧାନ୍ତ ଅପରାଧୀଙ୍କ ନାଁ ନେଇ ଡରାଇବାକୁ ଚେଷ୍ଟା କରିଥିଲେ।

## ନିଶା ନିବାରଣ ସଚେତନତା ଶୋଭାଯାତ୍ରା

**ବେଦବ୍ୟାସ, ୨।୧୦ (ଡି.ଏନ.ଏ)**

ଲାଠିକଟା ବ୍ଲକ କଲୁଙ୍ଗା (ଖ) ଗ୍ରାମ ପଞ୍ଚାୟତ ବିଜୁ ବାହିନୀ ତରଫରୁ ଗାନ୍ଧୀ ଜୟନ୍ତୀ ଅବସରରେ ମଙ୍ଗଳବାର ନିଶା ନିବାରଣ ସଚେତନତା ଶୋଭଯାତ୍ରା ଅନୁଷ୍ଠିତ ହୋଇଯାଇଛି । କଲୁଙ୍ଗା ଗ୍ରାମ ପଞ୍ଚାୟତର ଆଦିବାସୀ ଓ ହରିଜନ ସେଲର ସଭାପତି ଶୁକଦେବ ନନ୍ଦୁହାରଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ସାଢ଼ ୧୦ଟାରୁ କଲୁଙ୍ଗା କରତକଲ ଛକ ଠାରୁ ବାହାରି ଲୋଟନ କେମିକାଲ୍ସ, ଗୋଲୁଭଙ୍ଗା, କଲୁଙ୍ଗା ବସ୍ତି ଓ କଲୁଙ୍ଗା ଗ୍ରାମ ପଞ୍ଚାୟତ (ଖ) କାର୍ଯ୍ୟାଳୟକୁ ପହଞ୍ଚିଥିଲା। କଲୁଙ୍ଗାର ବିଜୁବାହିନୀ ସଭାପତି ଲିବନ ଡୁଙ୍ଗଡୁଙ୍ଗ ଯୋଗଦେଇଥିଲେ ।

### ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

# ସର୍ବଧର୍ମ ପ୍ରାର୍ଥନା ସଭା ଆୟୋଜିତ

**ସୁନ୍ଦରଗଡ଼, ୨।୧୦ (ଡି.ଏନ୍.ଏ)**

ଜିଲା ପ୍ରଶାସନ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କର ଜିଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲାପାଳ ସୁରେନ୍ଦ୍ର କୁମାର ମୀନାଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଥିବା ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହା ପରେ ସେଠାରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା। ଏଥିରେ ହିନ୍ଦୁ, ମୁସଲିମ୍, ଶିଖ, ଖ୍ରୀଷ୍ଟିୟାନ ଆଦି ବିଭିନ୍ନ ଧର୍ମର ପଣ୍ଡିତମାନେ ଯୋଗଦେଇ ଗୀତା, ବାଇବେଲ, କୋରାନ୍, ଗ୍ରନ୍ଥସାହିବ ପାଠ କରିଥିଲେ। ଏଥି ସହିତ ଆଡଭୋକେଟ ସ୍ନେହଲତା ପଟେଲ ଗାନ୍ଧିଜୀଙ୍କ ପ୍ରିୟ ଭଜନ ଗାନ କରିଥିଲେ। ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁଗ, ଜିଲା ଶିକ୍ଷା ଅଧିକାରୀ, ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ଅଧିକାରୀ ଅମୂଲ୍ୟ ପ୍ରଧାନ, ଜିଲା କ୍ରୀଡା ଅଧିକାରୀ ତେଜକୁମାର ଖେସଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।



ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥି, ପ୍ରଶାସନିକ ଅଧିକାରୀ।

### ଜିଲା ରେଡକ୍ରସ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ

# ସ୍ୱଚ୍ଛତା ବିନା ଦେଶର ପ୍ରଗତି ଅସମ୍ଭବ

**ସୁନ୍ଦରଗଡ଼,୨।୧୦ (ଡି.ଏନ୍.ଏ)**




ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ସଚେତନତା ଶୋଭାଯାତ୍ରା ବାହାରୁଛି।

ଭାରତୀୟ ରେଡକ୍ରସ ସୋସାଇଟି ସୁନ୍ଦରଗଡ଼ ଜିଲା ଶାଖା ଏବଂ ଜୁନିୟର ରେଡକ୍ରସର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଜିଲାପାଳ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ବାହାରିଥିବା ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଜିଲାପାଳ ତାଙ୍କ ଅଭିଭାଷଣରେ ସ୍ୱଚ୍ଛତା ବିନା ଦେଶର ପ୍ରଗତି ଅସମ୍ଭବ ବୋଲି ପ୍ରକାଶ କରିଥିଲେ। ପ୍ରତ୍ୟେକ ସ୍ତରରେ ସ୍ୱଚ୍ଛ ପରିବେଶ ସୃଷ୍ଟିପାଇଁ ସମସ୍ତେ ସ୍ୱଇଚ୍ଛାରେ ଆଗେଇ ଆସିବା ଉଚିତ ବୋଲି ସେ ମତଦେଇଥିଲେ। ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁଗ, ସଦର ଉପଜିଲାପାଳ ବୀରସେନ ପ୍ରଧାନ ଯୋଗଦେଇ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ସଚେତନତା ଶୋଭାଯାତ୍ରା ହସ୍ପିଟାଲ ଛକ ଦେଇ ସହର ପରିକ୍ରମା କରିଥିଲା। ଏହି ଅବସରରେ ସହରବାସୀଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ସଚେତନତା ସୃଷ୍ଟି ନିମନ୍ତେ ସ୍ୱେଚ୍ଛାସେବୀମାନେ ରାସ୍ତା ସଫେଇ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି ଶୋଭାଯାତ୍ରା କାର୍ଯ୍ୟକ୍ରମରେ ଭବାନୀଶଙ୍କର ହାଇସ୍କୁଲ, ମ୍ୟୁନିସପାଲ ହାଇସ୍କୁଲ, ପୋଲିସ ହାଇସ୍କୁଲ ଓ ଟାଉନ ହାଇସ୍କୁଲର ଜୁନିୟର ରେଡକ୍ରସର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିକ୍ଷକ ବୀରେନ୍ଦ୍ର ପ୍ରତାପ କେଶରୀ, ଦାମୋଦର ସା, ଚନ୍ଦ୍ର ଶେଖର ସାହୁ, ଅର୍ଜୁନ ନାଏକ, ସୁଧାଂଶୁ କୁମାର ଚୌଧୁରୀ ଏବଂ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡକ୍ରସର ସମ୍ପାଦକ ବିଦ୍ୟାଧର ପ୍ରଦାନ, ରେଡକ୍ରସ ଉପସଭାପତି ଦୁର୍ଗାମାଧବ ପଟେଲ, ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ସାହୁ, ଆଜୀବନ ସଦସ୍ୟ ଅଜିତ୍ ପ୍ରସାଦ, ପ୍ରଭାକର ବାବୁ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର ମନୋରଞ୍ଜନ ଚୌଧୁରୀ, ବିବିଧ ବିଶ୍ୱ ଓ ସାବିତ୍ରୀ କେରକେଟ ପ୍ରମୁଖ ପରିଚାଳନା କରିଥିଲେ।